# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, June 17/2024 | Page 14 | ₹ 7.00

୫୦ଶ ଭାଗ ୨୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 203 | ମୂଲ୍ୟ ₹୭/-




**ଦର୍ଶକଙ୍କ ପ୍ରଶଂସା ସାଉଁଟୁଛି 'ଚନ୍ଦୁ ଚାମ୍ପିୟନ'**

କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମ 'ଚନ୍ଦୁ ଚାମ୍ପିୟନ' ରିଲିଜ୍ ହେବାର ପ୍ରଥମ ୨ ଦିନରେ ବକ୍ସ ଅଫିସରୁ ୧୩.୧ କୋଟି ଟଙ୍କାର ରୋଜଗାର କରିଛି।

୦୨

୧୪

**ସ୍ମୃତି ମନ୍ଧାନାଙ୍କ ଶତକ**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତର ସ୍ମୃତି ମନ୍ଧାନା ।



# ସନ୍ଦେହ ଘେରରେ ଇଭିଏମ୍

**ୱାଶିଂଟନ/ନୂଆଦିଲ୍ଲୀ,୧୬।୬**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତାକୁ ନେଇ ଭାରତ ସମେତ ବିଶ୍ୱରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଇଭିଏମ୍‌କୁ ମଣିଷ କିମ୍ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ହ୍ୟାକ୍ କରାଯାଇପାରିବ। ତେଣୁ ଏହାକୁ ନିର୍ବାଚନ ବେଳେ ବ୍ୟବହାର ନ କରି ହଟାଇ ଦିଆଯିବା ଉଚିତ ବୋଲି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ନିଜ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏହାପରେ ଇଣ୍ଡିଆନ୍ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ନେତାମାନେ ମଧ୍ୟ ଅନୁରୂପ ଇଭିଏମ୍‌ର ଦୁରୁପଯୋଗ ଅଭିଯୋଗ ଆଣି ଏହାକୁ ହଟାଯିବା ନେଇ ମତବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ଜୁନ୍ ୪ରେ ଲୋକ ସଭା ନିର୍ବାଚନର ଭୋଟ ଗଣତି ବେଳେ ମହାରାଷ୍ଟ୍ରର ଶାସକ ଦଳ ଶିବସେନା (ଶିନ୍ଦେ)ର ଜଣେ ଏମ୍‌ପିଙ୍କ ସମ୍ପର୍କୀୟ ମୋବାଇଲ୍ ଫୋନ୍‌ରୁ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଜେନେରେଟ୍ କରି ଫଳାଫଳକୁ ପ୍ରଭାବିତ କରିଥିବା ବିଷୟ ସାମ୍ନାକୁ ଆସିଛି। ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ନିର୍ବାଚନ ଫଳକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କ ପୁତୁରା ରବର୍ଟ ଏଫ୍. କେନେଡି ଜୁନିଅର ୨୦୨୪ ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। କେନେଡି ଜୁନିଅର ପୁର୍ଟୋ ରିକୋ ନିର୍ବାଚନ ବେଳେ ହୋଇଥିବା ଇଭିଏମ୍ ଅନିୟମିତତା ☞ପୃଷ୍ଠା-୪




Elon Musk @elonmusk · 1d

We should eliminate electronic voting machines. The risk of being hacked by humans or AI, while small, is still too high.

Robert F. Kennedy Jr @... · 1d

Puerto Rico's primary elections just experienced hundreds of voting irregularities related to electronic voting machines, according to the Associated Press....

❝ ଭାରତରେ ଇଭିଏମ୍‌ଗୁଡ଼ିକ ଏକ ବ୍ଲାକ୍ ବକ୍ସ (ରହସ୍ୟ)। ଏହାକୁ ଯାଞ୍ଚ କରିବା ପାଇଁ ଦେଶରେ କାହାକୁ ଅନୁମତି ଦିଆଯାଇ ନ ଥାଏ। ଆମ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗମ୍ଭୀର ଚିନ୍ତା ପ୍ରକଟ କରାଯାଉଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଉତ୍ତରଦାୟିତ୍ୱ ନ ରହିଲେ ଗଣତନ୍ତ୍ର ପ୍ରହସନ ପାଲଟିଯାଏ ଏବଂ ଫୋନ୍ ଜରିଆରେ ଜାଲିଆତି କରାଯାଇଥାଏ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

❝ ସାରା ବିଶ୍ୱରେ ଇଭିଏମ୍ ଟ୍ୟାମ୍ପରିଂକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଜଣାଶୁଣା କାରିଗରି ବିଶେଷଜ୍ଞମାନେ ଏହାର ବିପଜ୍ଜନକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଭାଜପା ଇଭିଏମ୍‌କୁ କାହିଁକି ଏତେ ଜୋର୍ ଦେଉଛି ଏହାର ନେତାମାନେ ସ୍ପଷ୍ଟ କରନ୍ତୁ। ଆଗାମୀ ନିର୍ବାଚନଗୁଡ଼ିକରେ ଇଭିଏମ୍ ପରିବର୍ତ୍ତେ ପୂର୍ବଭଳି ବାଲଟ୍ ପେପର ପଦ୍ଧତି ଆପଣାଯାଉ।

**-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**

## ମୋବାଇଲରେ ଇଭିଏମ୍ ଓଟିପି

### ୪୮ ଭୋଟରେ ଜିତିଛନ୍ତି ଶିନ୍ଦେ ସେନା ଏମ୍‌ପି

**ମୁମ୍ବାଇ,୧୬।୬**

ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଉଥିବା ବିରୋଧୀ ନେତାମାନଙ୍କୁ ସମାଲୋଚନା କରିଥିଲେ। ଏଥିସହ ସେ ଇଭିଏମ୍‌କୁ ଅତ୍ୟନ୍ତ ସୁରକ୍ଷିତ ବୋଲି କହିଥିଲେ, ଯାହାକି ଏବେ ମିଛ ପ୍ରମାଣିତ ହୋଇଛି। ମୁମ୍ବାଇ ନର୍ଥ ୱେଷ୍ଟ ଆସନରୁ ଶିବସେନା (ଶିନ୍ଦେ) ଟିକେଟରେ ରବୀନ୍ଦ୍ର ୱାଇକର ନିର୍ବାଚନ ଲଢ଼ୁଥିଲେ। ସେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶିବସେନା (ଉଦ୍ଧବ) ପ୍ରାର୍ଥୀ ଅମୋଲ ଗଜାନନଙ୍କୁ ମାତ୍ର ୪୮ ଭୋଟରେ ହରାଇଛନ୍ତି। ଫଳାଫଳ ଆସିବାର ୧୧ ଦିନ ପରେ ଜଣାପଡ଼ିଛି ଯେ, ଜୁନ୍ ୪ରେ ଗୋରେଗାଉଁସ୍ଥିତ ଭୋଟ ଗଣତି କେନ୍ଦ୍ରରେ ରବୀନ୍ଦ୍ରଙ୍କ ଶାଳକ ମଙ୍ଗେଶ ପାଣ୍ଡିଲକର ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀଙ୍କଠାରୁ ମୋବାଇଲ୍ ☞ପୃଷ୍ଠା-୪

# ଆଗଉନି ମୌସୁମୀ, କମୁନି ତାତି

**ଭୁବନେଶ୍ୱର, ୧୬।୬(ଅସମାପିକା ସାହୁ)**

ରାଜ୍ୟରେ ଅସମ୍ଭାଳ ହେଲାଣି ତାତି। ଓଡ଼ିଶାରେ ସାଧାରଣତଃ ଜୁନ୍ ୧୨ରୁ ୧୪ ତାରିଖ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥାଏ। ଏଥର କିନ୍ତୁ ୪ଦିନ ଆଗରୁ ମୌସୁମୀ ପ୍ରବେଶ କରିଥିଲା। ଏବେ ରଜ ସରିଯାଇଥିଲେ ବି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ରାଜ୍ୟକୁ ଅଗ୍ରସର ହୋଇପାରିନାହିଁ। ପ୍ରଥମେ ମାଲକାନଗିରି ଓ ପରେ ୩ଦିନ ତଳେ ରାୟଗଡ଼ାକୁ ମୌସୁମୀ ଛୁଇଁଥିଲା। ତେବେ ପାଗ ଅନୁକୂଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗୋଟିଏ ନିଯୁକ୍ତି ୩.୨ କୋଟି**

# ପୁନର୍ବାର ମମିତା

**ବଲାଙ୍ଗୀର/କଣ୍ଟାବାଞ୍ଜି,୧୬।୬ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**



ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ମମିତା ମେହେର ହତ୍ୟା ମାମଲା ପୁଣିଥରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ବୀଭତ୍ସ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ପୀଡ଼ିତ ପରିବାର ସଦସ୍ୟ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପୀଡ଼ିତ ପରିବାର ଲୋକେ ଏହି ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରିବା ପରେ ପୁନର୍ବାର ଏହି ହତ୍ୟା ମାମଲା ଚର୍ଚ୍ଚାକୁ ଆସିଛି। ରବିବାର କଣ୍ଟାବାଞ୍ଜି ବିଧାନସଭା ଆସନର ନବନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗ୍ ହତ୍ୟାର ଶିକାର ହୋଇଥିବା ମମିତା ମେହେରଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପାଇଁ ଝରଣୀ ଗାଁକୁ ଯାଇଥିଲେ। ମମିତାଙ୍କ ପିତା ସୁଚନ୍ଦ୍ର ମେହେର ଏବଂ ମାତା ତୁଳସୀ ମେହେରଙ୍କୁ ଭେଟି ସେ ସମବେଦନା ଜଣାଇଥିଲେ। ବିଧାୟକ ବାଗ ତାଙ୍କ ଘରକୁ ଆସି ଭେଟିବା ପରେ ପୁଣି ଥରେ ମମିତାଙ୍କ ସ୍ମୃତି ତାଜା ହୋଇଉଠିଥିଲା। ମମିତାଙ୍କ ପିତାମାତାଙ୍କ ଆଖି ଛଳଛଳ ହୋଇଉଠିଥିଲା। ସେମାନେ ଆଜି ବି ନ୍ୟାୟରୁ ବଞ୍ଚିତ ହୋଇଥିବା ଜଣାଇ ନ୍ୟାୟ ଭିକ୍ଷା ପାଇଁ ବିଧାୟକଙ୍କ ସହଯୋଗ କାମନା କରିଥିଲେ। ସିବିଆଇ ତଦନ୍ତ କରାଗଲେ ହତ୍ୟା ଘଟଣାର ସମ୍ପୂର୍ଣ୍ଣ ରହସ୍ୟ ଉପରୁ ପର୍ଦ୍ଦା ହଟିବ ଏବଂ ସମସ୍ତ ଦୋଷୀ ଧରାପଡିବେ ବୋଲି ସେମାନେ ଜଣାଇଥିଲେ।

ହତ୍ୟା ଘଟଣାକୁ ପ୍ରାୟ ୨ ବର୍ଷ ୮ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିନାହିଁ। ସିବିଆଇ ତଦନ୍ତ କଲେ ସବୁ ଘଟଣା ସ୍ପଷ୍ଟ ହୋଇଯିବ। ଏ ବିଷୟରେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରି କରିବେ ବୋଲି ମମିତାଙ୍କ ମାତାପିତା ବିଧାୟକ ବାଗଙ୍କୁ ନିବେଦନ କରିଥିଲେ। ବିଧାୟକ ବାଗ୍ ପୀଡ଼ିତ ପରିବାର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇ ମମିତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସମସ୍ତ ପଦକ୍ଷେପ ନିଆଯିବ, ଯେଉଁମାନେ ଦୋଷୀ ସେମାନଙ୍କୁ କିଭଳି ଉଚିତ୍ ☞ପୃଷ୍ଠା-୪

# ବିଜେଡି: ବିରୋଧୀ ପରିବର୍ତ୍ତେ ଡର

**ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)**

୨୦୦୦ ମସିହାରୁ ୨୪ ବର୍ଷ ଧରି ଓଡ଼ିଶାରେ ବିଜେଡି ସରକାର ଗଠନ କରିଆସୁଥିଲା। ହେଲେ ୨୦୨୪ ନିର୍ବାଚନରେ ଦଳ ପ୍ରଥମ ଥର ଲାଗି ମୋଟ୍ ୫୧ଟି ବିଧାନସଭା ଆସନରେ ଜିତି ଦୁଇ ନମ୍ବର ସ୍ଥାନକୁ ଖସିଆସିଛି। ଓଡ଼ିଶାରେ ପ୍ରଥମ ଥର ଲାଗି ଭାଜପା ସରକାର ଗଠନ କରିଥିବା ବେଳେ ବିଜେଡିକୁ ବିରୋଧୀ ଦଳ ଭୂମିକା ନେବାକୁ ପଡ଼ିଛି। ତେବେ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାରେ ରହିଆସୁଥିବା ବିଜେଡିକୁ କାହିଁକି ଲୋକମାନେ ଏଥର ପ୍ରତ୍ୟାଖ୍ୟାନ କଲେ ସେକଥା ନେଇ ବିଜେଡିର ଆଗଧାଡ଼ିର ନେତାମାନେ ଏଯାଏ ମୁହଁ ଖୋଲୁନାହାନ୍ତି। ଆଗରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ଦଳର ନେତାମାନେ ଦେଖା କରିପାରୁନାହାନ୍ତି ବୋଲି ପ୍ରତ୍ୟେକ ଦିନ ଆଲୋଚନାର ବିଷୟବସ୍ତୁ ପାଲଟୁଥିଲା। ଯେଉଁ ନେତାମାନେ ଦେଖାକରି କିଛି ନିଷ୍ପତ୍ତି ନେଉଥିଲେ ସେମାନଙ୍କୁ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶ ମାନିବାକୁ ପଡୁଥିଲା। ହେଲେ ନିର୍ବାଚନରେ ବିଜେଡି ପରାଜିତ ହେବା ପରେ ପ୍ରତ୍ୟେକ ଦିନ ନବୀନ ଦଳର ବରିଷ୍ଠ ନେତାମାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି। ନବୀନ ମଧ୍ୟ ଏହାରି ଭିତରେ ବହୁତ ଦୁର୍ବଳ ହୋଇଯାଇଥିବା ଭଳି ଦେଖିବାକୁ ମିଳୁଛନ୍ତି ବୋଲି ତାଙ୍କ ଦଳର ଲୋକ କହୁଛନ୍ତି। ଏଥିସହିତ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଭିଡିଓ ଦେଖିଲେ ଜଣାପଡୁଛି ନବୀନ ବହୁତ ଦୁର୍ବଳ ହୋଇପଡ଼ିଛନ୍ତି ଓ ତାଙ୍କ ହାତ ଥରୁନାହିଁ। ହେଲେ ଏଯାଏ ବିଜେଡି ବିରୋଧୀ ଦଳ ଭୂମିକା ନେଇ ନ ଥିବା ଦେଖିବାକୁ ମିଳିଛି। ଏ ପର୍ଯ୍ୟନ୍ତ ଭାଜପା ସରକାର ବିରୋଧରେ ପଦୁଟିଏ ହେଲେ ଦଳ ମୁହଁ ଖୋଲି ନାହିଁ। ଏପରିକି ଜାତୀୟ ପ୍ରସଙ୍ଗ ପାଲଟିଥିବା ଏନ୍‌ଇଇଟି ପରୀକ୍ଷା ଫଳାଫଳ ପ୍ରସଙ୍ଗ ଉପରେ ମଧ୍ୟ ବିଜେଡିର କୌଣସି ନେତା ପଦୁଟିଏ ମୁହଁ ଖୋଲିନାହାନ୍ତି। ଭାଜପା ସରକାର ଶପଥ ନେବା ପରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବାର କାର୍ଯ୍ୟ କରାସରିଛି। ଏହାପରେ ☞ପୃଷ୍ଠା-୪

# ଦଙ୍ଗା ଶିକ୍ଷା ଅନାବଶ୍ୟକ : ଏନ୍‌ସିଇଆର୍‌ଟି

**ନୂଆଦିଲ୍ଲୀ,୧୬।୬ (ପି.ଟି.)**

ସ୍କୁଲ୍ ପାଠ୍ୟପୁସ୍ତକରେ ଦଙ୍ଗା ଉପରେ ଶିକ୍ଷା ଦେବାର ଆବଶ୍ୟକତା ନାହିଁ ବୋଲି ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ନିର୍ଦ୍ଦେଶକ ଦିନେଶ ପ୍ରସାଦ ସାକ୍‌ଲାନି ରବିବାର କହିଛନ୍ତି। ସ୍କୁଲ ପାଠ୍ୟକ୍ରମର ନୂତନ ସଂସ୍କରଣରେ ଗୁଜରାଟ ଦଙ୍ଗା ଏବଂ ବାବ୍ରୀ ମସ୍‌ଜିଦ ଭଙ୍ଗ ବିଷୟକୁ ସଂଶୋଧନ କରାଯାଇଥିବାରୁ ଭାଜପା ନେତୃତ୍ୱାଧୀନ ସରକାରରେ ବିଦ୍ୟାଳୟ ପାଠ୍ୟକ୍ରମର ଗୈରିକୀକରଣ କରାଯାଉଥିବା ଅଭିଯୋଗ ପରେ ସାକ୍‌ଲାନି ଏଭଳି ସଫେଇ ଦେଇଛନ୍ତି। ସ୍କୁଲ୍ ପାଠ୍ୟପୁସ୍ତକରେ ଦଙ୍ଗା ବିଷୟ ପଢ଼ାଗଲେ ତାହା ନାଗରିକମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏହା ହିଂସ୍ର ଏବଂ ବିଚଳିତ ବ୍ୟକ୍ତିବିଶେଷଙ୍କୁ ସୃଷ୍ଟି କରିବ ବୋଲି ଦିନେଶ କହିଛନ୍ତି। ଆମେ ସକାରାତ୍ମକ ନାଗରିକ ସୃଷ୍ଟି କରିବାକୁ ଚାହୁଁ, ହିଂସ୍ର ଏବଂ ଉଦାସ ବ୍ୟକ୍ତି ନୁହେଁ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଏକ ସାକ୍ଷାତ୍କାରରେ କହିଛନ୍ତି। ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକର ସଦ୍ୟ ପ୍ରକାଶିତ ସଂସ୍କରଣରେ କେତେକ ବିଷୟକୁ ବାଦ୍ ଦିଆଯିବା ସହ ଅନ୍ୟ କେତେକରେ ପରିବର୍ତ୍ତନ କରାଯାଇଛି, ଯାହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ବାବ୍ରୀ ମସ୍‌ଜିଦ୍ ଭଙ୍ଗା ବିଷୟରେ ପରିବର୍ତ୍ତନ କରାଯାଇଛି। ବାବ୍ରୀ ମସ୍‌ଜିଦକୁ ପୁସ୍ତକରେ ଏକ 'ତିନି ଗମ୍ବୁଜ ବିଶିଷ୍ଟ ଢାଞ୍ଚା' ଭାବେ ବର୍ଣ୍ଣନା କରାଯାଇଥିବାବେଳେ ଅଯୋଧ୍ୟା ବିଷୟକୁ ୪ ପୃଷ୍ଠାରୁ ୨ ପୃଷ୍ଠାକୁ ହ୍ରାସ କରାଯାଇଛି। ପାଠ୍ୟପୁସ୍ତକର ପୂର୍ବ ସଂସ୍କରଣରେ ଥିବା କେତେକ ନିର୍ଦ୍ଦିଷ୍ଟ ବର୍ଣ୍ଣନା ଯଥା ଗୁଜରାଟର ସୋମନାଥରୁ ଅଯୋଧ୍ୟାକୁ ଭାଜପାର ରଥଯାତ୍ରା, ବାବ୍ରୀ ମସ୍‌ଜିଦ ଭଙ୍ଗରେ କରସେବକମାନଙ୍କ ସମ୍ପୃକ୍ତି, ଏହା ପରବର୍ତ୍ତୀ ସାମ୍ପ୍ରଦାୟିକ ଦଙ୍ଗା, ଭାଜପା ଶାସିତ ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତି ଶାସନ ଲାଗୁ, ଅଯୋଧ୍ୟା ଘଟଣାରେ ଭାଜପାର ଦୁଃଖ ପ୍ରକାଶ ବିବୃତିକୁ ନୂତନ ସଂସ୍କରଣରୁ ବାଦ୍ ଦିଆଯାଇଛି। ସେହିପରି ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକର ଗଣତାନ୍ତ୍ରିକ ଅଧିକାର ଅଧ୍ୟାୟରୁ ଗୁଜରାଟ ଦଙ୍ଗା ବିଷୟକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏହା ଉପରେ ସଫେଇ ଦେଇ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ କହିଛନ୍ତି, ଯଦି କୌଣସି ବିଷୟ ପୁରୁଣା ବା ଅପ୍ରାସଙ୍ଗିକ ହୋଇଗଲା, ତାହାକୁ ସଂଶୋଧନ କରାଯିବା ଆବଶ୍ୟକ। ଏଥିରେ ଗୈରିକୀକରଣ ହୋଇଥିବା ସେ ଦେଖୁନାହାନ୍ତି। ପିଲାମାନଙ୍କୁ ତଥ୍ୟଗତ ଜ୍ଞାନ ଦେବା ପାଇଁ ଇତିହାସ ପଢ଼ାଯାଉଛି, ଯୁଦ୍ଧକ୍ଷେତ୍ର ସୃଷ୍ଟି ପାଇଁ ନୁହେଁ। ସୁପ୍ରିମକୋର୍ଟ ରାମମନ୍ଦିର ସପକ୍ଷରେ ରାୟ ଦେଇଛନ୍ତି। ଏହା ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଉଚିତ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ପାଠ୍ୟପୁସ୍ତକର ଗୈରିକୀକରଣ ଉଦ୍ୟମ ହୋଇନାହିଁ, ସବୁକିଛି ତଥ୍ୟ ଏବଂ ପ୍ରମାଣ ଆଧାରରେ ହୋଇଥିବା ଦିନେଶ କହିଛନ୍ତି।







**ଅଂଶୁଘାତରେ ୧୯ ହଜ୍ ଯାତ୍ରୀଙ୍କ ମୃତ୍ୟୁ**

ହଜ୍ ଯାତ୍ରାରେ ସାଉଦି ଆରବ ଆସିଥିବା ୧୯ ତୀର୍ଥଯାତ୍ରୀଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜୋର୍ଡାନର ୧୪ ଜଣ ହୋଇଥିବାବେଳେ ଇରାନର ୫ ଜଣ। ୧୭ ଜଣ ନିଖୋଜ ଅଛନ୍ତି। ଏଥର ହଜ୍ ବେଳେ ସାଉଦି ଆରବରେ ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ତାପମାତ୍ରା ଅନୁଭୂତ ହୋଇଥିଲା।

## ସଂକ୍ଷେପରେ

### ଆମେରିକାରେ ଗୁଳି: ୨ ମୃତ, ୧୫ ଆହତ

ୱାଶିଂଟନ, ୧୬ା୬

ଆମେରିକାର ଟେକ୍ସାସ୍ ପ୍ରଦେଶର ରାଉଣ୍ଡ ରକ୍ ସହରସ୍ଥିତ ଓଲ୍ଡ ସେଟ୍ଲର୍ସ ପାର୍କରେ ଜୁନ୍‌ଟିନ୍ଥ ଉତ୍ସବ ଚାଲିଥିବା ସମୟରେ ଜଣେ ଆତତାୟୀଙ୍କ ଗୁଳିମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୨ ଶିଶୁଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ରବିବାର ଜୁନ୍‌ଟିନ୍ଥ ଉତ୍ସବ ଯୋଗୁ ଉକ୍ତ ପାର୍କ ଲୋକାରଣ୍ୟ ଥିବାବେଳେ ହଠାତ୍ ୨ ଗୋଷ୍ଠୀଙ୍କ ମଧ୍ୟରେ ଝଗଡ଼ାରୁ ଗୁଳିକାଣ୍ଡ ହୋଇଥିଲା। ଆହତ ୬ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଘଟଣାର ତଦନ୍ତ ଚାଲିଛି। ରବିବାର ଆମେରିକାର ମିଶିଗାନ ପ୍ରଦେଶ ଡେଟ୍ରୋଇଟ୍ ଅଞ୍ଚଳର ଏକ ଜଳକ୍ରୀଡ଼ା ପାର୍କରେ ଜଣେ ଆତତାୟୀଙ୍କ ଗୁଳିମାଡ଼ରେ ୨ ଶିଶୁଙ୍କ ସମେତ ୯ ଜଣ ଆହତ ହୋଇଛନ୍ତି। ଜଣେ ୮ ବର୍ଷୀୟ ବାଳକଙ୍କ ମୁଣ୍ଡରେ ଗୁଳି ବାଜିଥିବାରୁ ଅବସ୍ଥା ସଙ୍କଟାପନ୍ନ ରହିଛି।

### କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

ଚଳିତବର୍ଷର ୧୧ତମ ଆତ୍ମହତ୍ୟା

କୋଟା, ୧୬ା୬

ରାଜସ୍ଥାନର କୋଟା ସହରରେ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଆଇଆଇଟି-ଜେଇଇ) ପାଇଁ ପ୍ରସ୍ତୁତି କରୁଥିବା ଜଣେ ୧୭ ବର୍ଷୀୟ ଛାତ୍ର ଆୟୁଷ ଜୟସ୍ୱାଲ ରବିବାର ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ବିହାରର ମୋତିହାରୀ ନିବାସୀ ଆୟୁଷ ସ୍ଥାନୀୟ ମହାବୀର ନଗର ଅଞ୍ଚଳର ସମ୍ରାଟ ଛକସ୍ଥିତ ଏକ ଛାତ୍ରାବାସରେ ରହି ଜେଇଇ ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ଖବର ପାଇ ଘଟଣାସ୍ଥଳରେ କୋଟା ପୋଲିସ ପହଞ୍ଚି ଆୟୁଷଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳି ନ ଥିବା ପୋଲିସ ସୂଚନା ଦେଇଛି। ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଭାରତର କୋଚିଂ ହବ୍ ପାଲଟିଥିବା କୋଟା ସହରରେ ଏହା ଚଳିତ ବର୍ଷର ୧୧ତମ ଆତ୍ମହତ୍ୟା ମାମଲା।

### ଗଙ୍ଗାରେ ଡଙ୍ଗା ବୁଡ଼ି ୬ ନିଖୋଜ

ପାଟନା, ୧୬ା୬

ବିହାରର ପାଟନା ଜିଲା ଦେଇ ଯାଇଥିବା ଗଙ୍ଗା ନଦୀରେ ରବିବାର ଏକ ବୋଟ୍ ବୁଡ଼ିଯିବାରୁ ୬ ଜଣ ନିଖୋଜ ହୋଇଛନ୍ତି। ବୋଟ୍‌ରେ ୧୭ ଯାତ୍ରୀ ଥିବାବେଳେ ତାହା ଉମାନାଥ ଗଙ୍ଗାଘାଟ ନିକଟରେ ସକାଳ ୯ଟା ୧୫ ମିନିଟ୍ ସମୟରେ ଓଲଟି ପଡ଼ିଥିଲା। ଅଧିକାଂଶ ଯାତ୍ରୀ ଗୋଟିଏ ପରିବାରର। ୧୧ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬ ଜଣଙ୍କ ପତ୍ତା ମିଳି ନ ଥିବା ଏସ୍‌ଡିଏମ୍ ଶୁଭମ୍ କୁମାର କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲା ପ୍ରଶାସନ ଏବଂ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

# ଏନ୍‌ଟିଏର ସାଧୁତା ଉପରେ ପ୍ରଶ୍ନ

## ଏନ୍‌ଇଇଟି ଦୁର୍ନୀତି ନେଇ କେନ୍ଦ୍ର ଉପରେ ବର୍ଷିଲେ ବିରୋଧୀ

ନୂଆଦିଲ୍ଲୀ, ୧୬ା୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତାକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରେଜଲ୍ଟ ବିଭ୍ରାଟ ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବା ଏବଂ ସାନି ପରୀକ୍ଷା କରାଇବା ଦାବିରେ ଦେଶର ବିଭିନ୍ନ ଭାଗରେ ମେଡିକାଲ ଶିକ୍ଷା ଆଶାୟୀମାନେ ବିକ୍ଷୋଭ ଚଳାଇଥିବାବେଳେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସାଧୁତା ଉପରେ ବିରୋଧୀ ଦଳ କଂଗ୍ରେସ ଗମ୍ଭୀର ପ୍ରଶ୍ନ ଉଠାଇଛି। ପାର୍ଲାମେଣ୍ଟର ନୂଆ ସ୍ଥାୟୀ କମିଟି ଗଢ଼ାଯିବା ପରେ ଏନ୍‌ଇଇଟି ଏବଂ ଏନ୍‌ଟିଏ ସମେତ ଏନ୍‌ସିଇଆର୍‌ଟିର ସମୀକ୍ଷା କରାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ କରିବା ସହ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରିଛି। ସେହିପରି ଏନ୍‌ଇଇଟି ଆରମ୍ଭ ହେବା ଦିନରୁ ଏହାକୁ ବିରୋଧ କରିଆସୁଥିବା ଡିଏମ୍‌କେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏକୁ ସମାଲୋଚନା କରିଛି। ପରୀକ୍ଷାର ପବିତ୍ରତାକୁ ଏନ୍‌ଟିଏ ଧ୍ୱଂସ କରିଦେଇଛି। କେନ୍ଦ୍ର ସରକାର ନୀରବ ଦର୍ଶକ ସାଜି କୋଚିଂ ସେଣ୍ଟରଗୁଡ଼ିକୁ ସମର୍ଥନ କରୁଛନ୍ତି।




ଏନ୍‌ଇଇଟି ଦୁର୍ନୀତି ପାଇଁ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରର ଭବିଷ୍ୟତ ନଷ୍ଟ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଶିକ୍ଷାମନ୍ତ୍ରୀଙ୍କ ଅହଂକାର ଏଥିପାଇଁ ଦାୟୀ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ପ୍ରଶ୍ନପତ୍ର ଲିକ୍ ହୋଇଥିବାର କୌଣସି ପ୍ରମାଣ ନାହିଁ ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହୁଥିବାବେଳେ ପ୍ରଶ୍ନପତ୍ର ଲିକ୍ ଘଟଣାରେ ବିହାର ଓ ଗୁଜରାଟରୁ ୧୮ ଜଣ ଗିରଫ ହେଲେଣି। ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଗିରଫ ଅଭିଯୁକ୍ତମାନେ ସ୍ୱୀକାର ମଧ୍ୟ କରିଛନ୍ତି। ପରୀକ୍ଷା ଦୁର୍ନୀତିକୁ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି। ଭାଜପା କେନ୍ଦ୍ର ଏବଂ ରାଜ୍ୟରେ କ୍ଷମତାରେ ଥିବା ପର୍ଯ୍ୟନ୍ତ ପ୍ରଶ୍ନପତ୍ର ଲିକ୍ ଅନିବାର୍ଯ୍ୟ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ବ୍ରତ୍ୟା ବସୁ କହିଛନ୍ତି, ରାଜ୍ୟରେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗର ତଦନ୍ତକୁ କେନ୍ଦ୍ର ସରକାର ଜୋର୍‌ଦାର କରିଥିବାବେଳେ ଏନ୍‌ଇଇଟି ଅନିୟମିତତାର ତଦନ୍ତ ପ୍ରସଙ୍ଗରେ ଚୁପ୍ ରହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ନେତା ତଥା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏନ୍‌ଇଇଟି-ୟୁଜି ପରୀକ୍ଷା ଅନିୟମିତତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସାନି ପରୀକ୍ଷା ଦାବିରେ ଛାତ୍ରୀଛାତ୍ରଙ୍କୁ ସମର୍ଥନ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲ ଏନ୍‌ଇଇଟି ଅନିୟମିତତା ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀଙ୍କ ଜରିଆରେ କରାଇବାକୁ ଦାବି କରିଛନ୍ତି। ଯଦି ପରୀକ୍ଷା ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ ହୋଇଯାଏ, ତେବେ ଚୁପ୍ ରହିବା ପ୍ରଧାନମନ୍ତ୍ରୀଙ୍କ ପାଇଁ ବାସ୍ତବରେ ସ୍ୱଚ୍ଛତା ନୁହେଁ ବୋଲି ସିବଲ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୫ରେ ୨୪ ଲକ୍ଷ ଛାତ୍ରୀଛାତ୍ର ଦେଶର ୪,୭୫୦ ସେଣ୍ଟରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯାଇଥିବାବେଳେ ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। ଫଳରେ ପରୀକ୍ଷାରେ ଜାଲିଆତି ସାଙ୍ଗକୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଅଧିକ ଗ୍ରେସ୍‌ମାର୍କ ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଦୁର୍ନୀତି ଓ କୁପରିଚାଳନା ବିରୋଧରେ ଓ ସାନି ପରୀକ୍ଷା ଦାବିରେ ବାମପନ୍ଥୀ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ (ଏଆଇଏସ୍‌ଏ) ପକ୍ଷରୁ ୧୯ ଓ ୨୦ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି।

## ଭାଗବତ-ଯୋଗୀଙ୍କ ରୁଦ୍ଧଦ୍ୱାର ବୈଠକ

ଗୋରଖପୁର, ୧୬ା୬

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମଧ୍ୟରେ ଶନିବାର ଗୋରଖପୁରରେ ୨ ଥର ରୁଦ୍ଧଦ୍ୱାର ବୈଠକ ହୋଇଛି। ଅପରାହ୍ଣ ଓ ରାତିରେ ଦୁହେଁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିବା ଜଣାପଡ଼ିଛି। ଲୋକ ସଭା ନିର୍ବାଚନରେ ଭାଜପାର ପରାଜୟ ପରଠୁ ଶାସକ ଦଳ ଓ ଏହାର ବୈଚାରିକ ମାର୍ଗଦର୍ଶକ ମଧ୍ୟରେ ମତଭେଦ ଲାଗିରହିଥିବାରୁ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଲୋକ ସଭା ନିର୍ବାଚନରେ '୪୦୦ ପାର୍' ଆଶା ବାନ୍ଧିଥିବା ଭାଜପା ୨୪୦ରେ ସୀମିତ ରହିଯାଇଛି। ୟୁପିରେ ଭାଜପା ସମସ୍ତ ୮୦ ଆସନ ଦଖଲ ଲକ୍ଷ୍ୟ ରଖିଥିଲା। କିନ୍ତୁ ମାତ୍ର ୩୩ ଆସନ ଜିତିପାରିଛି। ବିରୋଧୀ ସମାଜବାଦୀ ପାର୍ଟି ୩୭ ଓ କଂଗ୍ରେସକୁ ୬ ଆସନରେ ସଫଳତା ମିଳିଛି। ଏହାକୁ ନେଇ ଗତ ସୋମବାର ଭାଗବତ ନାଗପୁରରେ କହିଥିଲେ, ପ୍ରକୃତ ସେବକ ଅହଂକାରୀ ହେବା ଅନୁଚିତ। ଏହା ପରେ ଆର୍‌ଏସ୍‌ଏସ୍‌ର ଇନ୍ଦ୍ରେଶ କୁମାର ଜୟପୁରରେ କହିଥିଲେ, ଅହଂକାରୀଙ୍କୁ ଭଗବାନ ରାମ ୨୪୦ରେ ଅଟକାଇଦେଲେ।

## କଶ୍ମୀର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ: ଶାହା

ନୂଆଦିଲ୍ଲୀ, ୧୬ା୬

ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଉପତ୍ୟକାରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଉଦ୍ଦିଷ୍ଟ 'ଜିରୋ ଟେରର୍ ପ୍ଲାନ୍'କୁ କାର୍ଯ୍ୟକାରୀ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱରାଷ୍ଟ୍ରମନ୍ତ୍ରୀ ଜୁନ୍ ୨୯ରେ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ପ୍ରସ୍ତୁତିର ମଧ୍ୟ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶାହା କହିଛନ୍ତି, ଜମ୍ମୁ-କଶ୍ମୀରରେ ଅଭିନବ ଉପାୟରେ ଆତଙ୍କବାଦ ଦମନ କରାଯାଉଛି। କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ବୈଠକରେ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ସେନାଧକ୍ଷ ଜେନେରାଲ ମନୋଜ ପାଣ୍ଡେ, ସେନା ଉପାଧକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭଲ୍ଲା,




ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା, ସିଆର୍‌ପିଏଫ୍ ଡିଜି ଅନୀଶ ଦୟାଲ ସିଂ, ବିଏସ୍‌ଏଫ୍ ଡିଜି ନୀତିନ ଅଗ୍ରୱାଲ, ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଆର୍.ଆର୍. ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କିଛିଦିନ ହେଲା ଉପତ୍ୟକାରେ ଆତଙ୍କବାଦୀଙ୍କ ଆକ୍ରମଣ ବଢ଼ିବାରେ ଲାଗିଥିବାରୁ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି।

## ମଦ କାରଖାନାରୁ ୬୦ ଶିଶୁ ଶ୍ରମିକ ଉଦ୍ଧାର

ରାଇସେନ୍, ୧୬ା୬

ମଧ୍ୟପ୍ରଦେଶର ରାଇସେନ୍ ଜିଲାର ଏକ ମଦ କାରଖାନାରୁ ୬୦ରୁ ଅଧିକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଅଚାନକ ସୋମ୍ ଡିଷ୍ଟିଲେରି ପରିଦର୍ଶନରେ ଯାଇ ପିଲାମାନଙ୍କୁ ସେଠାରେ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଦେଖିବାକୁ ପାଇଥିଲା। ଉଦ୍ଧାର ଶିଶୁଶ୍ରମିକଙ୍କ ମଧ୍ୟରୁ ୨୦ ଜଣ ଝିଅ। ସେମାନେ ଦୈନିକ ୧୫ରୁ ୧୬ ଘଣ୍ଟା କାମ କରୁଥିଲେ। ରାସାୟନିକ ପଦାର୍ଥର ପ୍ରତିକ୍ରିୟା ଯୋଗୁ ସେମାନଙ୍କ ହାତରୁ ଚର୍ମ ଛାଡିଥିବା ଦେଖାଯାଇଥିଲା। ଅନେକଙ୍କ ଦେହରେ ରାସାୟନିକ ପଦାର୍ଥ ପଡ଼ି ପୋଡ଼ିଯାଇଥିବା ଦେଖାଯାଇଥିଲା। ତେବେ କାରଖାନା କର୍ତ୍ତୃପକ୍ଷଙ୍କଠାରେ ଏଥିପାଇଁ ଅନୁତପ୍ତର ଲକ୍ଷଣ ଦେଖାଯାଇ ନ ଥିଲା ବୋଲି ଏନ୍‌ସିପିସିଆର୍ ଅଧ୍ୟକ୍ଷ ପ୍ରିୟଙ୍କା କାନୁନ୍‌ଗୋ କହିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଜିଲା ଅବକାରୀ ଅଧିକାରୀ, ୩ ସବ୍‌ଇନ୍ସପେକ୍ଟରଙ୍କ ସମେତ ଅନେକ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି।

## ଦିଲ୍ଲୀ ଜଳ ବୋର୍ଡ ଅଫିସ୍‌ରେ ଭଙ୍ଗାରୁଜା, ୩ ଆହତ

ନୂଆଦିଲ୍ଲୀ, ୧୬ା୬

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଦିଲ୍ଲୀରେ ଜଳ ସଙ୍କଟ ପରିସ୍ଥିତି ଦେଖାଦେଇଛି। ଫଳରେ ରାଜ୍ୟର ଆମ୍ ଆଦମୀ ପାର୍ଟି(ଆପ୍) ସରକାରଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିବା ସହ ଟ୍ୟାପ୍ ଯୋଗେ ଜଳ ମିଳୁ ନ ଥିବା ଅଭିଯୋଗ କରି ରବିବାର କିଛି ଲୋକ ଛତର୍‌ପୁରସ୍ଥିତ ଦିଲ୍ଲୀ ଜଳ ବୋର୍ଡର କାର୍ଯ୍ୟାଳୟକୁ ଘେରାଉ କରିବା ସହ ଭଙ୍ଗାରୁଜା କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ନିଜ ସହ ଆଣିଥିବା ମାଟି ହାଣ୍ଡିରେ କାର୍ଯ୍ୟାଳୟର ଝରକାକୁ ଭାଙ୍ଗିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଭଙ୍ଗାରୁଜାରେ ୩ ଜଣ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି। ତେବେ ଏହି ଭଙ୍ଗାରୁଜାକୁ ନେଇ ଦିଲ୍ଲୀରେ ଭାଜପା ଏବଂ ଆପ୍ ନେତାଙ୍କ



ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଛି। ଦିଲ୍ଲୀ ଜଳ ବୋର୍ଡ କାର୍ଯ୍ୟାଳୟରେ ଭଙ୍ଗାରୁଜା ପାଇଁ ଉତ୍ତ୍ୟକ୍ତ ଲୋକଙ୍କୁ ଭାଜପା ନେତା ଉସ୍‌କାଇଥିବା ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି। ସେପଟେ ଆପ୍ ସରକାରଙ୍କ ପ୍ରୋତ୍ସାହନରେ ଦିଲ୍ଲୀ ଜଳ ବୋର୍ଡରେ ବର୍ଷ ବର୍ଷ ଧରି ଦୁର୍ନୀତି ଚାଲି ଆସିଥିବା ପୂର୍ବତନ ଭାଜପା ଏମ୍‌ପି ରମେଶ ବିଧୁଡ଼ି ପାଲଟା ଅଭିଯୋଗ ଆଣିଛନ୍ତି।

## ଶାନ୍ତି ଦସ୍ତାବିଜ୍‌ରେ ସ୍ୱାକ୍ଷର କଲାନି ଭାରତ

### ୟୁକ୍ରେନ୍ ଉପରେ ସୁଇସ୍ ସମ୍ମିଳନୀ

ନୂଆଦିଲ୍ଲୀ, ୧୬ା୬

ସୁଇଜରଲାଣ୍ଡରେ ଅନୁଷ୍ଠିତ ଦୁଇଦିନିଆ ସମ୍ମିଳନୀ ଅବସରରେ ଶାନ୍ତି ଚୁକ୍ତିନାମା ଆଧାରରେ ରୁଷିଆ ଯୁଦ୍ଧର ଅବସାନ ପାଇଁ ରବିବାର 'ଆଞ୍ଚଳିକ ଅଖଣ୍ଡତା'ର ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଅଣାଯାଇଥିବା ଦସ୍ତାବିଜ୍‌ରେ ୮୦ଟି ଦେଶ ସ୍ୱାକ୍ଷର କରିଛନ୍ତି। ତେବେ ଭାରତ ସମେତ କେତେକ ବିକାଶଶୀଳ ଦେଶ ସମ୍ମିଳନୀରେ ଯୋଗ ଦେଇଥିଲେ ମଧ୍ୟ ଦସ୍ତାବିଜରେ ସ୍ୱାକ୍ଷରରୁ ବିରତ ରହିଛନ୍ତି। ଏହି ସମ୍ମିଳନୀକୁ ରୁଷିଆ ନିମନ୍ତ୍ରିତ ହୋଇ ନ ଥିଲାବେଳେ ଏହାର ମୁଖ୍ୟ ସହଯୋଗୀ



ସୁଇସ୍ ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡିମିର ଜେଲ୍‌ନସ୍କି ଓ ଅନ୍ୟ ରାଷ୍ଟ୍ର ନେତାମାନେ।

ଚାଇନା ଏବଂ ବ୍ରାଜିଲ ସମ୍ମିଳନୀରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ସାଉଦି ଆରବ, ଭାରତ, ଦକ୍ଷିଣ ଆଫ୍ରିକା, ଥାଇଲାଣ୍ଡ, ଇଣ୍ଡୋନେସିଆ, ମେକ୍ସିକୋ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ସମେତ ଅନେକ ଦେଶ ଯୋଗଦେଇଥିଲେ ମଧ୍ୟ ଚୂଡ଼ାନ୍ତ ଆନୁଷ୍ଠାନିକ ବିବୃତିରେ ସ୍ୱାକ୍ଷର କରି ନ ଥିଲେ। ସମିଟ୍‌ର କୌଣସି ଆନୁଷ୍ଠାନିକ ବିବୃତି ବା ଦସ୍ତାବିଜ୍‌ରେ ଭାରତ ସାମିଲ ହେବାକୁ ଚାହେଁନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ୨୫ ଫୁଟ୍ ୫ ଇଞ୍ଚ୍ ଉଚ୍ଚ ସାଇକେଲ

### ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ

ପ୍ୟାରିସ

ଫ୍ରାନ୍ସର ନିକୋଲାସ୍ ବାରିଓସ୍ ଓ ଡେଭିଡ୍ ପେରୋ ନାମକ ୨ ବନ୍ଧୁ ୫ ବର୍ଷ ତଳେ ଦେଇଥିବା ଏକ ନିଆରା ଏବଂ ଆହ୍ୱାନପୂର୍ଣ୍ଣ ସର୍ତ୍ତକୁ ପୂରଣ କରିଛନ୍ତି। ଉଭୟେ ମିଳିତ ଭାବେ ବିଶ୍ୱର ସବୁଠାରୁ ଉଚ୍ଚ ଚଳନଶୀଳ ସାଇକେଲ୍ ପ୍ରସ୍ତୁତ କରିଛନ୍ତି। ଏହି ସାଇକେଲର ଉଚ୍ଚତା ୨୫ ଫୁଟ୍ ୫ ଇଞ୍ଚ(୭.୭ ମିଟର) ରହିଛି। ଉଭୟେ ନିକୋଲାସ୍ ଓ ଡେଭିଡ୍ ଏହି ସାଇକେଲର ନାମ 'ଷ୍ଟାର ବାଇକ୍' ରଖିଥିବା ବେଳେ ଏହାକୁ ନିର୍ମାଣ କରିବାକୁ ସେମାନଙ୍କୁ ୨ ବର୍ଷ ସମୟ ଲାଗିଥିଲା। ଏକ ସାଧାରଣ ସାଇକେଲ୍ ପରି ଏହି ସାଇକେଲରେ ଗୋଟିଏ ସିଟ୍, ୨ଟି ଚକ, ୨ଟି ବ୍ରେକ୍ ଓ ଗୋଟିଏ ହ୍ୟାଣ୍ଡଲ୍ ରହିଛି। ଏହାସହ



ଉଚ୍ଚତମ ସାଇକେଲ ଭାବେ 'ଷ୍ଟାର ବାଇକ୍' ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ପଞ୍ଜୀକୃତ ହୋଇଛି। ଗିନିଜ ୱାର୍ଲ୍ଡ ରେକର୍ଡ୍ସର ରିପୋର୍ଟ ଅନୁଯାୟୀ, ୫ ବର୍ଷ ପୂର୍ବେ ଉଭୟ ନିକୋଲାସ ଏବଂ ଡେଭିଡ୍ ଏକ ପବ୍‌ରେ ପରସ୍ପର ସହ ଥଟ୍ଟାମଜା କରି ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିପାରୁଥିବା ଏକ ସାଇକେଲର ନିର୍ମାଣ ନେଇ ସର୍ତ୍ତ ଲଗାଇଥିଲେ। ପରେ ଉଭୟେ ଏହି ସର୍ତ୍ତକୁ ପୂରଣ କରିବାରେ ଲାଗି ପଡ଼ିଥିଲେ।

ନିକୋଲାସ୍ ଓ ଡେଭିଡ ଏହି ସାଇକେଲରେ ଏକ ବିଶାଳ ଫ୍ରେମ୍'ର ବ୍ୟବହାର କରିଛନ୍ତି, ଯେଉଁଥିରେ ସାଇକେଲର ଉଭୟ ପେଡାଲ ୫୩ ଫୁଟ ଲମ୍ବର ଶୃଙ୍ଖଳ ମାଧ୍ୟମରେ ପଛ ଚକ ସହ ସଂଯୁକ୍ତ ହୋଇ ରହିଛି। 'ଷ୍ଟାର ବାଇକ୍' ଅତି କମ୍‌ରେ ୧୫ରୁ ୨୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଯାଇ ପାରୁଥିବାବେଳେ ଏହାର ମୂଲ୍ୟ ୧୦୦୦ ୟୁରୋ (ପ୍ରାୟ ୯୦ ହଜାର ଟଙ୍କା) ରହିଛି। ମିସେଲିନ୍ ନାମକ ଏକ ଟାୟାର ଉତ୍ପାଦନକାରୀ କମ୍ପାନୀ ଏହି ପ୍ରକଳ୍ପ ପାଇଁ ମାଗଣା ଟାୟାର ଯୋଗାଇଥିବା ଡେଭିଡ୍ କହିଛନ୍ତି। ନିକଟରେ କ୍ଲର୍ମୋଣ୍ଟ-ଫେରେଣ୍ଡ ସହରରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ସାଇକେଲ ମହୋତ୍ସବରେ 'ଷ୍ଟାର ବାଇକ୍'କୁ ପ୍ରଦର୍ଶିତ କରାଯାଇଥିଲା, ଯାହାକୁ ଦେଖିବାକୁ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଥିଲା।

# ପ୍ରଶଂସା ସାଉଁଟୁଛି 'ଚନ୍ଦୁ ଚାମ୍ପିୟନ'

ମୁମ୍ବାଇ

କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମ 'ଚନ୍ଦୁ ଚାମ୍ପିୟନ' ଗତ ୧୪ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। କବୀର ଖାନ୍‌ଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ ନାଡିଆଡୱାଲାଙ୍କ ପ୍ରଯୋଜିତ ଏହି ଫିଲ୍ମରେ କାର୍ତ୍ତିକଙ୍କ ସହ ଭୁବନ ଆରୋରା, ଯଶପାଲ ଶର୍ମା, ରାଜପାଲ ଯାଦବ, ଶ୍ରେୟାସ ତଲପଡ଼େ ଏବଂ ଭାଗ୍ୟଶ୍ରୀ ବୋର୍ସେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଛନ୍ତି। ଏହି ବାୟୋପିକ ଫିଲ୍ମରେ କାର୍ତ୍ତିକ ଭାରତର ପ୍ରଥମ ପାରାଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମୁରଲିକାନ୍ତ ପେଟ୍‌କରଙ୍କ ଭୂମିକାରେ ଅଭିନୟ କରିଛନ୍ତି, ଯାହାକୁ ନେଇ ଦର୍ଶକ ଏବଂ ଫିଲ୍ମ ସମୀକ୍ଷକଙ୍କ ମଧ୍ୟରେ ସକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରିଲିଜ ହେବାର ପ୍ରଥମ ୨ ଦିନରେ ଏହି ଫିଲ୍ମ ଭଲ ବ୍ୟବସାୟ କରିଛି।

ଶନିବାର ରିଲିଜ୍ ହେବାର ଦ୍ୱିତୀୟ ଦିନରେ 'ଚନ୍ଦୁ ଚାମ୍ପିୟନ' ୭.୭ କୋଟି ଟଙ୍କାର ବ୍ୟବସାୟ କରିଛି। ସେହିପରି ଶୁକ୍ରବାର ଏହି ଫିଲ୍ମ ରିଲିଜ୍




ହୋଇଥିବା ବେଳେ ଏହା ୫.୪ କୋଟି ଟଙ୍କାର ବ୍ୟବସାୟ କରିଥିଲା। ରିଲିଜ୍ ହେବାର ପ୍ରଥମ ୨ ଦିନରେ ଏହି ଚଳଚ୍ଚିତ୍ର ମୋଟ୍ ୧୩.୧ କୋଟି ଟଙ୍କାର ରୋଜଗାର କରିଛି। ଆସନ୍ତା ସପ୍ତାହରେ ଏହାର ରୋଜଗାର ଆହୁରି ବୃଦ୍ଧି ପାଇବ ବୋଲି ଫିଲ୍ମ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଭାରତର ଭେଟେରାନ କ୍ରୀଡ଼ାବିତ ମୁରଲିକାନ୍ତ ପେଟ୍‌କର ୧୯୭୨ ହାଇଡେଲ୍‌ବର୍ଗ ସମର ପାରାଲିମ୍ପିକ୍ସର ୫୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୨୦୧୮ରେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ରାୟଗଡ଼ାରେ ଡିପ୍‌ଥେରିଆ ଆତଙ୍କ

ଭୁବନେଶ୍ୱର/ ରାୟଗଡ଼ା,୧୬।୬ (ଅସମାପିକା ସାହୁ/ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ମନୁଷପଦର ଗାଁରେ ଅଜଣା ରୋଗରେ ୫ ଶିଶୁଙ୍କ ମୃତ୍ୟୁ ପରେ କାରଣ ଖୋଜା ଆରମ୍ଭ ହୋଇଛି। ତେବେ ଡିପ୍‌ଥେରିଆ ରୋଗରେ ସମସ୍ତ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଯେଉଁ ପଞ୍ଚମ ସାମ୍ପଲ ନେଇଥିଲା, ସେଥିରୁ ରୋଗୀଙ୍କୁ ଡିପ୍‌ଥେରିଆ ହୋଇଥିବା ସନ୍ଦେହ କରାଯାଉଛି। ଏ ନେଇ ଅଧିକ ଯାଞ୍ଚ ଜାରି ରହିଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ଏହା ପୂର୍ବରୁ ସମସ୍ତ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ଠିକ କରିବା ସହ ଉପାନ୍ତ ଅଞ୍ଚଳର ରାସ୍ତା ମରାମତି ଲାଗି ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ଦେଇଛି।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅଜଣା ରୋଗର କାରଣ ଖୋଜିବା ଲାଗି ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ସେମାନଙ୍କ ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଟିମ୍ ମଧ୍ୟ ଉପାନ୍ତ ଅଞ୍ଚଳ ମନୁଷପଦର ଗସ୍ତ କରିଛି। ଡାକ୍ତରୀ ଟିମ୍ ଗାଁରେ ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛି। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ରହିଛି। ଅନ୍ୟପକ୍ଷରେ ମନୁଷପଦରରେ ଯେଉଁ ୪ଜଣଙ୍କ ମୃତ୍ୟୁ ଘଟିଥିଲା, ସେମାନଙ୍କ ମୃତଦେହକୁ ଆଦିବାସୀ ପରମ୍ପରା ଅନୁଯାୟୀ ମାଟି ତଳେ ପୋତି ଦିଆଯାଇଛି। ଏହି ମୃତକମାନଙ୍କୁ ଡିପ୍‌ଥେରିଆ ହୋଇଥିଲା ବୋଲି ସନ୍ଦେହ କରାଯାଉଛି।

ସେପଟେ ଡିପ୍‌ଥେରିଆ ରୋଗର ଚିକିତ୍ସା ପାଇଁ ରବିବାର ୬୦ ଆଣ୍ଟିଟକ୍ସିନ ଇଞ୍ଜେକ୍ସନ ପହଞ୍ଚିଛି। ୩୦ଟି ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗରେ ଗଚ୍ଛିତ ରଖାଯାଇଥିବାବେଳେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ରୋଗୀ ଚିକିତ୍ସାଧୀନ ଥିବାରୁ ସେଠାକୁ ୩୦ଟି ଇଞ୍ଜେକ୍ସନ ପଠାଯାଇଥିବା ସୂଚନା ମିଳିଛି। ରାୟଗଡ଼ା ମେଡିକାଲ ଏବଂ ଅନ୍ୟତ୍ର ଚିକିତ୍ସାଧୀନ ଥିବା ସମସ୍ତ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଇଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ହରି ମାଝି (୬୧), ବିଜୟ ମାଝି (୩) ଓ ମୋହନ ମାଝି (୫) ଚିକିତ୍ସିତ ହେଉଛନ୍ତି। ସେହିପରି ମହେନ୍ଦ୍ର ମାଝି (୫), ପବିତ୍ର ମାଝି (୮) ଓ ଜୟରାମ ମାଝି(୫)ଙ୍କର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଚିକିତ୍ସା ଚାଲିଛି। ଏହାବ୍ୟତୀତ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସିଡିଏମଓ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ସମସ୍ତ ରୋଗୀଙ୍କୁ ଇଞ୍ଜେକ୍ସନ ପ୍ରଦାନ କରାଯାଇଛି। ଏହାସହିତ ମୁନୁଷପଦର ଗ୍ରାମ ସମେତ କାଶୀପୁର ବ୍ଲକର ସମସ୍ତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ କ୍ୟାମ୍ପ କରାଯାଉଛି। ସୋମବାରଠାରୁ ଏହି ପ୍ରକ୍ରିୟା ଆହୁରି ବ୍ୟାପକ କରାଯିବ ବୋଲି ଡା ରାଉତରାୟ କହିଛନ୍ତି।



## ଡିପ୍‌ଥେରିଆ କ'ଣ

ଡିପ୍‌ଥେରିଆ ଏକ ଜୀବାଣୁବାହିତ ରୋଗ। ଟିକାକରଣ ଦ୍ୱାରା ଏହାର ନିରାକରଣ ସମ୍ଭବ ହୋଇପାରିବ ବୋଲି ପୂର୍ବତନ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଡିପ୍‌ଥେରିଆ ରୋଗ କେବଳ ମଣିଷ ଦେହରେ ଦେଖାଦେଇଥାଏ। ଏହି ରୋଗ ହେଲେ କାଶ, ଛିଙ୍କ, ଗଳା ଫୁଲିବା ଭଳି ଲକ୍ଷଣ ଦେଖାଦିଏ। ଆକ୍ରାନ୍ତଙ୍କ ସହ ମିଳାମିଶା କିମ୍ବା କପଡ଼ା ବ୍ୟବହାର କଲେ ରୋଗ ବ୍ୟାପିବାର ସମ୍ଭାବନା ଥାଏ ବୋଲି ମିଶ୍ର କହିଛନ୍ତି।

# ଭିଣୋଇ ଗୁଳିରେ ଶାଳକ ମୃତ

ମୋହନା,୧୬।୬(ମନ୍ମଥ ମିଶ୍ର)

ଶିକାର କରିବାକୁ ଯାଇଥିବା ବେଳେ ଭିଣୋଇ ଗୁଳିମାଡ଼ରେ ଶାଳକଙ୍କର ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଭାଲିଆଗଣି ଗାଁରେ। ମୃତକଙ୍କ ନାଁ କୈଳାସ ନାୟକ। ଶନିବାର ଅପରାହ୍ନରେ କୈଳାସ ଓ ତାଙ୍କ ଭିଣୋଇ ଉଦୟ ନାୟକ ଶିକାର କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଜଙ୍ଗଲରୁ ଗୁଳିମାଡ଼ ଶବ୍ଦ ଶୁଭିଥିଲା। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଦେଖିଲାବେଳକୁ କୈଳାସଙ୍କ ଦେହରେ ଗୁଳି ବାଜିଥିଲା ବେଳେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗ୍ରାମବାସୀ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି କୈଳାସଙ୍କ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରବିବାର ସକାଳେ ପୋଲିସ ମୃତଦେହ ହସ୍ତାନ୍ତର କରି କୈଳାସଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲା। ଉଦୟ ଓ କୈଳାସଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିବା ମୃତ କୈଳାସଙ୍କ ସ୍ତ୍ରୀ କହିଥିଲେ। ପ୍ରାଥମିକ ତଦନ୍ତ ପରେ ପୋଲିସ କେସ୍ ନଂ.୧୧୯/୨୪ରେ ମାମଲା ରୁଜୁ କରି ଉଦୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଉଦୟଙ୍କ ଗୁଳିରେ କୈଳାସଙ୍କ ମୃତ୍ୟୁ ଘଟିଥିବା ପୋଲିସ ଜାଣିବାକୁ ପାଇଛି।

# ଆଜି ସରିବ ଯୁକ୍ତ୩ ନାମଲେଖା ଆବେଦନ

ଭୁବନେଶ୍ୱର,୧୬।୬(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ନାମଲେଖା ନିମନ୍ତେ ଆବେଦନ ପ୍ରକ୍ରିୟା ସୋମବାର ଶେଷ ହେବ। ସୋମବାର ରାତି ୧୧ଟା ୪୫ ମିନିଟ୍ ଭିତରେ ଛାତ୍ରୀଛାତ୍ର samsodisha.gov.in ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ। ୧୮ରୁ ୧୯ ତାରିଖ ମଧ୍ୟରେ ଆବେଦନ ଫର୍ମରେ ତ୍ରୁଟି ସୁଧାରିପାରିବେ। ୨୫ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧାବୀ ତାଲିକା ପ୍ରକାଶ ପାଇବ। ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସ୍ଲାଇଡ ଅପ୍‌ସନ ଚୟନ କରିପାରିବେ। ୨୬ରୁ ୨୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ୫ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ। ୬ରୁ ୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୧୫ ତାରିଖ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ। ୧୬ରୁ ୧୯ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇପାରିବେ। ଅଗଷ୍ଟ ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ହେବ ଆରମ୍ଭ ହେବ। ସୂଚନାଯୋଗ୍ୟ, ରବିବାର ସୁଦ୍ଧା ୨ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୁକ୍ତ୩ ନାମଲେଖା ପାଇଁ ଆବେଦନ କରିଥିବା ଜଣାପଡ଼ିଛି।

# ୫ ଦିନରେ ଲକ୍ଷେ ଲୋକଙ୍କୁ ଭେଟିସାରିଲେଣି ନୂଆ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ଅନେକ ସଙ୍ଗଠନର କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଏବଂ ସାଧାରଣ ଲୋକ ଆସି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରତ୍ୟେକ ଦିନ ଭେଟୁଛନ୍ତି। ରବିବାର କେତେଜଣ ଛଟେଇ କମ୍ପ୍ୟୁଟର ଶିକ୍ଷକ ଆସି ଭେଟିଛନ୍ତି। ସେମାନଙ୍କ ଭିତରେ ଅର୍ଜୁନ ନାୟକ ନାମକ ଜଣେ ଭିନ୍ନକ୍ଷମ ଶିକ୍ଷକ ଥିଲେ। ଦୁର୍ଘଟଣାରେ ଅର୍ଜୁନ ଗୋଟିଏ ଗୋଡ଼ ହରାଇଥିଲେ। ତାଙ୍କୁ ଦେଖି ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ସମସ୍ୟା ବିଷୟରେ ଶୁଣିଛନ୍ତି। ତାଙ୍କୁ ନିଜ ହାତରେ ମୁଖ୍ୟମନ୍ତ୍ରୀ ପାଣି ପିଆଇ ଅଧୈର୍ଯ୍ୟ ନ ହେବା ପାଇଁ ସାନ୍ତ୍ୱନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ ଏଭଳି ଆଦର ପାଇ ସେ ଆଶା, ବିଶ୍ୱାସରେ ଫେରିଛନ୍ତି। ଗତ ୧୨ ତାରିଖରେ ଦାୟିତ୍ୱ ନେବା ପରଠାରୁ ରବିବାର ଯାଏ ୫ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାୟ ୧ ଲକ୍ଷ ଲୋକ ଭେଟିସାରିଲେଣି।

## ଭିନ୍ନକ୍ଷମ ଶିକ୍ଷକଙ୍କୁ ପାଣି ପିଆଇଲେ ମୋହନ ମାଝୀ

ନିଜ ବାସଗୃହଠାରୁ ଆରମ୍ଭକରି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ମିଳୁଛି।କୌଣସିଠାରେ କିଛି ପ୍ରତିବନ୍ଧକ ନାହିଁ। ପୂର୍ବ ସରକାରରେ ଜଣେ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ଏତେ ନିକଟତର ହେବା କଷ୍ଟକର ଥିଲା। ଏବେ ଯେକେହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଆସି ଶୁଭେଚ୍ଛା ଜଣାଇପାରୁଛନ୍ତି କିମ୍ବା ସେମାନଙ୍କ ସମସ୍ୟା ବିଷୟରେ କହିପାରୁଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମ ତଥା ସରକାରୀ ଅଧିକାରୀମାନଙ୍କୁ ଭେଟିବା ଭିତରେ ମଧ୍ୟ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ରହିଛି। ଏହାଦ୍ୱାରା ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ଥିବା ଦୂରତା ହଟିଯାଇଛି। ଲୋକଙ୍କ ଏହି ଭଲପାଇବା ବିଷୟରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୨୪ ବର୍ଷରେ ଲୋକମାନେ ସେମାନଙ୍କ ସୁବିଧା ଅସୁବିଧା ସରକାରଙ୍କୁ ଜଣାଇବାକୁ ସୁଯୋଗ ପାଉ ନ ଥିଲେ। ସେମାନଙ୍କୁ ଯେଉଁ ନ୍ୟାୟ ମିଳିବା କଥା ତାହା ମିଳୁ ନ ଥିଲା। ସେ ଗୋଟେ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତଳସ୍ତରର ସମସ୍ୟା କ'ଣ ରହିଛି ସେ ବିଷୟରେ ଭଲ ଭାବେ ଜାଣିଛନ୍ତି। ଲୋକଙ୍କ ସହ ଭଲରେ ମିଶିଲେ ଯାଇ ତଳସ୍ତରର ସମସ୍ୟାର ସମାଧାନ ପାଇଁ ବାଟ ଫିଟିବ। ତେଣୁ ଲୋକମାନେ ସ୍ୱଇଚ୍ଛାରେ ତାଙ୍କୁ ଭେଟିବା ପାଇଁ ଆସୁଛନ୍ତି। ଲୋକମାନେ ବିକାଶ ଓ ସେବା ଚାହୁଁଥିଲେ, ତେଣୁ ସେମାନେ ପରିବର୍ତ୍ତନ ଆଣିଲେ। ଲୋକମାନଙ୍କ ସହଯୋଗରେ ଆଗାମୀ ୫ ବର୍ଷରେ ୫୦ ବର୍ଷର ସମସ୍ୟାର ସମାଧାନ ସହିତ ଲୋକଙ୍କ ବିକାଶର ସ୍ୱପ୍ନ ମଧ୍ୟ ନିଶ୍ଚିତ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ପୂଣ୍ୟତିଥି, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ଦାବିରେ ଭୁବନେଶ୍ୱରରୁ ଦିଲ୍ଲୀ ସାଇକେଲ ଯାତ୍ରା, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟୁ ବ୍ରାଉଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- 'ଆଜିର ସୃଜନୀ'ର ସାହିତ୍ୟ ପତ୍ରିକା ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଦିବାକର ମିଶ୍ର ଗନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଇଦୁଲ୍ ଅଜିହା ନମାଜ ପାଠ, ସ୍ଥାନ: ମଙ୍ଗଳାବାଗସ୍ଥିତ ଅହମ୍ମଦୀୟା ମୁସ୍‌ଲିମ୍ ମିଶନ, ସମୟ: ସକାଳ ୮ଟା ୫୫ ମିନିଟ୍।
- ପଙ୍କାଳ ଜମାତ ଅହମ୍ମଦିୟା ତରଫରୁ ଇଦ୍ ଉଦ୍‌ଜୁହା ନମାଜ ପାଠ, ସ୍ଥାନ: ପଙ୍କାଳ ଇଦ୍‌ଗାହା, ତିଗିରିଆ ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସଂଘ ଶିକ୍ଷାବର୍ଗ ସମାରୋପ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଗତିରାଉତପାଟଣା, ସମୟ: ଅପରାହ୍ନ ୩ଟା।
- ରଜ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଗୋପମଥୁରା ପଡ଼ିଆ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଆନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱାରକା ନାଥ ଦାସଙ୍କ ପଞ୍ଚତ୍ରିଂଶ ସ୍ମୃତି ସଭା, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ରଜ ମହୋତ୍ସବ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର, ବେଗୁନିଆ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ, ସ୍ଥାନ: ବେଗୁନିଆ ଆମ୍ରକାନନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସୂଚନା ଅଧିକାର ଆଇନ କର୍ମଶାଳା, ସ୍ଥାନ: ଅନ୍ତିଆ, ସିମୁଳିଆ, ସମୟ: ସକାଳ ୯ଟା।

## ଭଦ୍ରକ
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଇଦ୍‌ଗା ପରିସର, ଭଦ୍ରକ, ସମୟ: ସକାଳ ୭ଟା।
- ଇଦ୍- ଉଲ୍-ଅଜହା ଅବସରରେ ସମୂହ ପ୍ରାର୍ଥନା, ସ୍ଥାନ: ଇଦ୍‌ଗା ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ଏକାଦଶତମ ଆର୍ଟ ଅଫ୍ ଗିଭିଂ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଇଦ୍ ଉଲ୍ ଜୁହା, ସ୍ଥାନ : ପାଟଣା ବ୍ଲକ ମୁଖ୍ୟାଳୟ ମସଜିଦ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ରଜ ମହୋତ୍ସବ, ସ୍ଥାନ: ପାଟଣା ବ୍ଲକ କୁଆପଶି ଦୋଳି ପଡ଼ିଆ ସମୟ: ସନ୍ଧ୍ୟା ୭ଟା।
- ଦେବସ୍ନାନ ପୂର୍ଣ୍ଣିମା ପାଇଁ ବୈଠକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ବାରିପଦା ସପିଂ ଫେଷ୍ଟିଭାଲ, ସ୍ଥାନ:ଛଉ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଆମ ଶରୀର ଆମେ ଡାକ୍ତର କାର୍ଯ୍ୟକ୍ରମ, ସ୍ଥାନ: ପିସିଏମ୍ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ଲେଖକ ସାମୁଖ୍ୟ ଓ ଲେଖିକା ସାମୁଖ୍ୟର କବିତା ପାଠୋତ୍ସବ, ସ୍ଥାନ:ଉତ୍କଳ ଆଶ୍ରମ ଭାଷା ଭବନ,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ଛେଦ୍ଧାଭୂମି, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ
- ରଜ ମହୋତ୍ସବ ଉଦଯାପନୀ ସମାରୋହ, ସ୍ଥାନ :ପାରିଜାତ କଲ୍ୟାଣ ମଣ୍ଡପ ଫୁଲବାଣୀ , ସମୟ :ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ଆର୍ଟ ଅଫ୍ ଗିଭିଙ୍ଗ୍ କାର୍ଯ୍ୟକ୍ରମ, ସ୍ଥାନ:ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ,
- ସମୟ:ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ନବନିର୍ବାଚିତ ଏମ୍‌ପି ଓ ପାରାଦୀପ ବିଧାୟକ ତଥା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ରଜ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଇଦ୍ ଉଲ ଜୁହା ଉପଲକ୍ଷେ ସମୁହ ନମାଜପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ରଣପଡାସ୍ଥିତ ନୁରୀ ମସଜିଦ୍, ରାଜା ମସଜିଦ୍, ରସୁଲାବାଦ ମସଜିଦ, ସଫିଆ ଇଦଗାହ, ସମୟ: ସଖାଳ ୭ଟା, ଫକୀରାବଦସ୍ଥିତ ମରକଜି ମସଜିଦ, ପୁରୁଣା ଇଦ୍‌ଗାହ, ସମୟ: ସକାଳ ୮ଟା, ନୂଆ ଇଦଗାହ, ସମୟ: ସକାଳ ସାଢେ ୬ଟା।
- ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାରତୀ ବିଦ୍ୟା ମନ୍ଦିର, କେନ୍ଦ୍ରାପଡା ସହର ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଓଡ଼ଗାଁ କ୍ରିକେଟ ଲିଗ୍‌ର ଫାଇନାଲ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଜ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଉମାଦେବୀ ପୀଠ ଖଣ୍ଡପଡ଼ା, ସମୟ: ସକାଳ ୮ଟା ।
- ଜଗନ୍ନାଥ ପ୍ରସାଦ ମହିଷାଶୁଣୀ ପୀଠରେ ରଜ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଦରଦା, ସମୟ: ସକାଳ ସାଢ଼େ ୭ଟା।
- ରୁକ୍ମଣୀ ବିବାହ ପାଇଁ ପ୍ରସ୍ତୁତି, ସ୍ଥାନ:କଣ୍ଟିଲୋ ନୀଳ ମାଧବ ପୀଠ, ସମୟ: ଅପରାହ୍ନ ୪ଟା।
- କୃତଜ୍ଞତା ଜ୍ଞାପନ ସଭା, ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ:ସକାଳ ୮ଟା।

## ରାୟଗଡ଼ା
- ଇଦ୍ ଉଲ ଜୁହା ପାଳନ, ସ୍ଥାନ: ଇଦଗା, ଜେକେପୁର, ସମୟ: ସକାଳ ୭ଟା ।
- ବାବା ବଳିଆଙ୍କ ଗଣତନ୍ତ୍ର ଓ ପରିବେଶ ସଚେତନତା ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ତେଜସ୍ୱୀ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳନ: ସ୍ଥାନ: ତେଜସ୍ୱୀ ହୋଟେଲ, ରାୟଗଡ଼ା,ସମୟ: ସନ୍ଧ୍ୟା ୫ଟା ୩୦।

## ନବରଙ୍ଗପୁର
- ଧନନ୍ତରି ଆୟୁର୍ବେଦିକ ଚିକିତ୍ସାଳୟର ନୂତନ କୋଠାଘର ଉଦଘାଟନ କରିବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ଥାନ: ଉମରକୋଟ ଏକଟାଗୁଡ଼ା ଗ୍ରାମ, ସମୟ: ସକାଳ ୮ଟା।

## କୋରାପୁଟ
କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ଗୌଡଗୁଡ଼ା ଗ୍ରାମ ପଞ୍ଚାୟତ ମଣ୍ଡପରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ, ସ୍ଥାନ: ପଞ୍ଚାୟତ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
ଜିଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ସମାରୋହ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
କିଟ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନୀତ, ସ୍ଥାନ– ଆଓମା ସମ୍ମିଳନୀ କକ୍ଷ, ମାଲକାନଗିରି , ସମୟ ଅପରାହ୍ନ ୫ ଟା

## ସମ୍ବଲପୁର
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଯୁବ ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜୁଡୋ ପ୍ରଶିକ୍ଷଣ ଶିବିର, ସ୍ଥାନ:ଜୁଡୋ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ସ୍ୱାସ୍ଥ୍ୟମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କୁ ସ୍ୱାଗତ ସମାରୋହ, ସ୍ଥାନ: ଲୋଇସିଂହା ରାମ ମନ୍ଦିର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର
- ବୃନ୍ଦାବନ ମିଶ୍ର ମେମୋରିଆଲ ଏକ ଦ୍ୱିବସୀୟ ଫ୍ଲଡ୍‌ଲାଇଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା
- ରଜ ରାଜକୁମାରୀ ସିଜନ-୩ ଗ୍ରାଣ୍ଡ ଫିନାଲେ,ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ,ସମୟ: ସଂନ୍ଧ୍ୟା ୬ଟା ୪୫।
- ରଜ ମହୋତ୍ସବ ନୃତ୍ୟ ପ୍ରତିଯୋଗୀତା ଉଦ୍‌ଯାପିତ,ସ୍ଥାନ:ଭଞ୍ଜଭବନ ପ୍ରେକ୍ଷାଳୟ,ସମୟ: ସକାଳ ୮ଟା।
- ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଉଦ୍‌ଯାପିତ,ସ୍ଥାନ: ଡିଏଭି ପଡିଆ, ସମୟ: ସକାଳ ୮ଟା।
- ମହରମ୍ କମିଟି ପକ୍ଷରୁ ଉଦ୍‌ଲୁଜୁହା ପାଳିତ,ସ୍ଥାନ: ମାଲଗୋଦାମ, ସମୟ: ସକାଳ ୯ଟା।
- ମାଧବ ଆଶ୍ରମରେ ଗୀତା ପାରାୟଣ,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବସଷ୍ଟାଣ୍ଡ, ବରଗଡ଼, ସମୟ: ସକାଳ ୭ଟା।
- ଜର୍ଜଗଡ଼ ଗ୍ରାମକୁ ପିଇବା ପାଣି ଯୋଗାଣ ଦାବିରେ ରାସ୍ତାରୋକୋ, ସ୍ଥାନ: ପାଇକମାଳ ତହସିଲ ଅଫିସ ନିକଟ, ସମୟ: ସକାଳ ୮ଟା।

## କଳାହାଣ୍ଡି
- ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ସମାରୋହ, ସ୍ଥାନ: ଜୁନାଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୯ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣା, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଖଡ଼ିଆଳ ବ୍ଲକଠାରେ ଉତ୍କଳ ବାଳାଶ୍ରମ ପରିସରରେ କିଟ୍, କିସ୍ ଓ କଳିଙ୍ଗ ଟିଭି ପକ୍ଷରୁ ଆର୍ଟ ଅଫ ଲିଭିଙ୍ଗ କାର୍ଯ୍ୟକ୍ରମ ଆୟୋଜନ, ସ୍ଥାନ: ଉତ୍କଳ ବାଳାଶ୍ରମ ପରିସର, ସମୟ: ସକାଳ ୯ଟା
- କୋମନା ବ୍ଲକ ନାଏକପଡ଼ାରେ ଅଷ୍ଟପ୍ରହରୀ ନାମଯଜ୍ଞର କଳସ ଯାତ୍ରା, ସ୍ଥାନ: ନାଏକପଡ଼ା, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଆର୍ଟ ଅଫ ଗିଭିଙ୍ଗ ସମାରୋହ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବୌଦ୍ଧ , ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ଝାରସୁଗୁଡା ସହରସ୍ଥିତ ଝାଡେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ପବିତ୍ର ଇଦ୍ ପାଇଁ ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ଇଦଗା, ସମୟ: ସକାଳ ୭ଟା।
- ଆର୍ଟ ଅଫ୍ ଗିଭିଂ ସମାରୋହ ପାଳିତ, ସ୍ଥାନ: ସହରସ୍ଥିତ କାପୁମାଲ ଗ୍ରାମ ଗୋଣ୍ଡୱାନା ଭବନ, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ସହର ପୁରୁଣା ବସ୍‌ଷ୍ଟାଣ୍ଡ ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟ ପରିସ୍ଥିତି ଭଲ ରହିଲେ ମଧ୍ୟ କ୍ରୋଧ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଶନି ପ୍ରଭାବରୁ କର୍ମକ୍ଷେତ୍ରରେ ମନୋବଳ ଖୁବ୍ ଟାଣ ରହିବ, ମାତ୍ର ନିଜ ଜିଦ୍‌ରେ ଅଟଳ ରହିପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବାର ସମ୍ଭାବନା ରହିଛି।

**ବୃଷ** ଧନ ସ୍ଥାନସ୍ଥ ଗ୍ରହମାନଙ୍କ ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି ସକାଶେ ଯୋଜନା କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ ଭୁଲ୍ ନିଷ୍ପତ୍ତି ନେଇ ସମାଲୋଚିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ନ ରହିବାରୁ କାମ ହାସଲରେ ଅନ୍ତରାୟ ସୃଷ୍ଟି କରିବ। ଶୁକ୍ରଙ୍କ ପ୍ରଭାବରୁ ବିଳାସପ୍ରିୟ ଓ ଭ୍ରମଣ ଇଚ୍ଛା ଜାଗ୍ରତ ହେବ।

**ମିଥୁନ** ବୁଧଗ୍ରହ ମଙ୍ଗଳଙ୍କ ନକ୍ଷତ୍ରରେ ଥିବାରୁ ଟିକିଏ କଥାରେ ରାଗି ପରିସ୍ଥିତିକୁ ବିଗାଡି ଦେଇ ପାରନ୍ତି। ଆଜି ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା କରି ଆଶ୍ୱସ୍ତି ଲାଭ କରିବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ। ସମ୍ପର୍କ ସ୍ଥାପନ କ୍ଷେତ୍ରରେ, ଚୁକ୍ତିପତ୍ରରେ, ବୈବାହିକ ସମ୍ପର୍କୀୟ ନିଷ୍ପତ୍ତିରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**କର୍କଟ** ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିରୁ ଆଜି ଅନ୍ୟମାନଙ୍କ କାର୍ଯ୍ୟ ହାସଲ ସକାଶେ ନିଜକୁ ସମର୍ପିତ କରି ପ୍ରଶଂସିତ ହେବେ। ସହକର୍ମୀ ଓ ବନ୍ଧୁଙ୍କଠାରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବଢ଼ିବ। ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଦୂର ହେବ। କରଜଦାତାଙ୍କ ଚାପରେ ଋଣ ପରିଶୋଧ କରିବାକୁ ବ୍ୟଗ୍ରତା ବୃଦ୍ଧି ପାଇବ।

**ସିଂହ** ଅନୁକୂଳ ଗ୍ରହସ୍ଥିତିରୁ ଆଜି ଯେଉଁ କାମରେ ହାତଦେବେ ସଫଳତା ପାଇବେ। ଆତ୍ମୀୟଙ୍କ ସକାଶେ ଦାନର ପ୍ରତିଦାନ ନ ପାଇ ଅନୁଶୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ନିଜ ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣାଜନିତ ଦ୍ୱନ୍ଦ୍ୱରେ ପଡି ପାରନ୍ତି। ଭ୍ରମଣ ରାଜନୀତି, ସଂଗଠନ, ପ୍ରକାଶନ ଓ ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**କନ୍ୟା** ଆଜି ଆର୍ଥିକ ଦିଗଟି ବହୁତ ଭଲ ରହିବ ଏବଂ କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ପ୍ରଶଂସିତ ହେବେ। କର୍ମସ୍ଥ ଶୁକ୍ରଙ୍କ ସ୍ଥିତି କାରଣରୁ ଶ୍ରୁତିରୋଚକ କଥା କହିଲେ ମଧ୍ୟ ବନ୍ଧୁଙ୍କୁ ତାହା ସୁହାଇ ନ ପାରେ। ସାୟାହ୍ନେ ଗୁରୁପାକ ଦ୍ରବ୍ୟ ଭୋଜନରୁ ଆମାଶୟ ଦେଖା ଦେଇପାରେ। ରାଶିରେ କେତୁଙ୍କ କୁପ୍ରଭାବରୁ କ୍ରନିକ୍ ରୋଗ କଷ୍ଟ ପାଇବେ।

**ତୁଳା** ରାଶିରେ ଚନ୍ଦ୍ର ଥିବାରୁ ମନ ପ୍ରଫୁଲ୍ଲ ରହିବ। ଶନିଙ୍କ ଶୁଭ ସଂସ୍ଥାନରୁ ପୂର୍ବ ପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହୋଇପାରିବେ। ଭଲ ସମ୍ପର୍କ ନ ଥିବା ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ନୀଚଜାତି ବିଶେଷଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ, ଏଣୁ ସତର୍କ ରହିବା ଭଲ।

**ବିଛା** ମଙ୍ଗଳ ଓ ଶନିଙ୍କ ସଂସ୍ଥିତିଜନିତ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ସ୍ୱାଭାବିକ ରହିବ। କର୍ମକ୍ଷେତ୍ରରେ ଯେତେ ସମସ୍ୟା ଆସୁନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ସଭାସମିତି, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ କରିବେ। ଖରୁଆ, ମିଛୁଆଙ୍କ ପ୍ରରୋଚନାରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ରୋଷର ଶିକାର ହୋଇପାରନ୍ତି।

**ଧନୁ** ଗୁରୁଙ୍କ କୃପାରୁ ସମସ୍ୟା ଅପସରି ଯାଇ ମନୋବଳ ବୃଦ୍ଧି ପାଇବ। ଆପୋସ ଆଲୋଚନାରୁ ପାରିବାରିକ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାଜନିତ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ହେତୁକ କୈଫିୟତ ଦେବାକୁ ପଡିପାରେ। ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଅନ୍ୟମାନଙ୍କୁ ନଜରହୀନ କରି ସମାଲୋଚିତ ହେବେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବ ନାହିଁ, ମାତ୍ର ଶତ୍ରୁକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ମନସ୍ତାପରେ ରହିବେ। କାମ ମନ୍ଥର ଗତିରେ ଚାଲିବା ହେତୁ କ୍ଷୋଭ ପ୍ରକାଶ କରିପାରନ୍ତି। ସମ୍ପର୍କୀୟମାନେ ମୁହଁରେ ମିଠାକଥା କହି ପଛରେ ଖାଲରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଗୃହକାର୍ଯ୍ୟ ଶେଷ ପୂର୍ବରୁ ସମସ୍ୟା ଦେଖାଦେଇପାରେ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତି ଚନ୍ଦ୍ରଙ୍କ ଅଷ୍ଟମସ୍ଥ ଯୋଗୁ ଅନିଶ୍ଚିତତା ପଛରେ ଆପଣଙ୍କୁ ଗୋଡାଇବାକୁ ପଡିପାରେ। ସାବଧାନତା ସହକାରେ କାମ ନ କଲେ ପରଉପରେ ନିର୍ଭର କରି ପଶ୍ଚାତ୍ତେ ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ଔଚିତ୍ୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ପଡୋଶୀଙ୍କ ସହ ଭୁଲ୍ ବୁଝାମଣା ହେତୁ ଚିନ୍ତିତ ରହିପାରନ୍ତି।

**ମୀନ** ଆପଣଙ୍କ କୃତି ଓ କୃତିତ୍ୱ କାରଣରୁ ବନ୍ଧୁବର୍ଗମାନେ ଆପଣଙ୍କୁ ନେଇ ଗର୍ବ ଅନୁଭବ କରିବେ। ସାମାଜିକ ସ୍ତରରେ ତଥା ଆନୁଷ୍ଠାନିକ କାମରୁ କିମ୍ବା ଶୁଭେଚ୍ଛୁଙ୍କ ନିକଟରୁ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ର, ମନୋରଞ୍ଜନ କାର୍ଯ୍ୟକ୍ରମରେ ସନ୍ତୋଷ ଲାଭ କରିବେ।

ଆଜି ଜୁନ୍ ୧୭ ତାରିଖ, ବସୁମତୀ ସ୍ନାନ, ଇଦ୍-ଉଲ୍-ଜୁହା, ବକ୍ରିଦ୍, ହଜ୍‌ଶେଷ, ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ସୋମବାର, ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦିବା ଘ. ୦୧।୨୯ ଗତେ, ସ୍ୱାତୀନକ୍ଷତ୍ର, ସକାଳ ଘ.୦୮।୪୨ ଗତେ, ଘ.୧୦।୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୫୦ ଗତେ, ଘ.୦୮।୨୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ସନ୍ଦେହ ଘେରରେ ...
ସମ୍ପର୍କରେ ଏକ୍ସ'ରେ ଉଲ୍ଲେଖ କରିଥିଲେ। ଏହା ପରେ ଟେସ୍‌ଲା ସିଇଓ ଏଲନ୍ ମସ୍କ ଇଭିଏମ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଭାରତରେ ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ୧୧ ଦିନ ପରେ ମସ୍କଙ୍କ ମନ୍ତବ୍ୟକୁ ବିରୋଧୀ ଦଳର ନେତାମାନେ ଶେୟାର କରିବାରେ ଲାଗିଥିବାବେଳେ ଭାଜପା ନେତା ତଥା ମୋଦି ୨.୦ରେ ଆଇଟି ମନ୍ତ୍ରୀ ଥିବା ରାଜୀବ ଚନ୍ଦ୍ରଶେଖର ଏହାକୁ ଖଣ୍ଡନ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ କହିଛନ୍ତି, କେତେକ ନିର୍ଦ୍ଦିଷ୍ଟ ଘଟଣାରୁ ସାଧାରଣ ସିଦ୍ଧାନ୍ତରେ ଉପନୀତ ହେବା ଅନୁଚିତ। ମସ୍କ ଯାହା କହିଛନ୍ତି ତାହା କେବଳ ଆମେରିକା ଓ ଅନ୍ୟ ଦେଶରେ ପ୍ରଯୁଜ୍ୟ, ଯେଉଁଠିରେ ରେଗୁଲାର କମ୍ପ୍ୟୁଟର ପ୍ଲାଟଫର୍ମ ଦ୍ୱାରା ନିର୍ମିତ ଇଣ୍ଟରନେଟ୍ କନେକ୍ଟେଡ୍ ଇଭିଏମ୍ ତିଆରି କରାଯାଇଥାଏ। ଭାରତରେ ଇଭିଏମ୍ ସୁରକ୍ଷିତ। କୌଣସି ନେଟ୍‌ୱର୍କ ସହ ଏହାର ସଂଯୋଗ ନାହିଁ। ଏଥିରେ କୌଣସି କନେକ୍ଟିଭିଟି, ବ୍ଲୁଟୁଥ, ୱାଇଫାଇ, ଇଣ୍ଟରନେଟ୍ ନାହିଁ। ଆମେ ମସ୍କଙ୍କୁ ଇଭିଏମ୍ ଉପରେ ଉପଯୁକ୍ତ ଶିକ୍ଷା ଦେଇପାରିବୁ ବୋଲି ରାଜୀବ କହିଛନ୍ତି। ଏହା ଉପରେ ମସ୍କ କହିଛନ୍ତି, ଯେକୌଣସି ବୈଦ୍ୟୁତିକ ଉପକରଣକୁ ହ୍ୟାକ୍ କରାଯାଇପାରିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମସ୍କଙ୍କ ମନ୍ତବ୍ୟକୁ ସମର୍ଥନ କରି କହିଛନ୍ତି, ଭାରତରେ ଇଭିଏମ୍‌ଗୁଡ଼ିକ ଏକ ବ୍ଲାକ୍ ବକ୍ସ (ରହସ୍ୟ)। ଏହାକୁ ଯାଞ୍ଚ କରିବା ପାଇଁ ଦେଶରେ କାହାକୁ ଅନୁମତି ଦିଆଯାଇ ନ ଥାଏ। ଶିବସେନା ୟୁବିଟି ପ୍ରାର୍ଥୀଙ୍କଠାରୁ ୪୮ ଭୋଟରେ ଜିତିଥିବା ରବିନ୍ଦ୍ର ୱାଇକରଙ୍କ ଶାଳକ ମଙ୍ଗେଶ ପାଣ୍ଡିଲକରଙ୍କ ଇଭିଏମ୍ ଜାଲିଆତି ଏବଂ ମସ୍କଙ୍କ ପୋଷ୍ଟକୁ ଶେୟାର କରି ରାହୁଲ ଆହୁରି କହିଛନ୍ତି, ଆମ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗମ୍ଭୀର ଚିନ୍ତା ପ୍ରକଟ କରାଯାଉଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଉତ୍ତରଦାୟିତ୍ୱ ନ ରହିଲେ ଗଣତନ୍ତ୍ର ପ୍ରହସନ ପାଲଟିଯାଏ ଏବଂ ଫୋନ୍ ଜରିଆରେ ଜାଲିଆତି କରାଯାଇଥାଏ। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ମସ୍କଙ୍କ ପୋଷ୍ଟକୁ ଶେୟାର କରିଛନ୍ତି। ଅଖିଳେଶ କହିଛନ୍ତି, ଟେକ୍ନୋଲୋଜି ସମସ୍ୟାଗୁଡ଼ିକୁ ଦୂର କରିଥାଏ। ଯଦି ତାହା ସମସ୍ୟା ସୃଷ୍ଟି କରେ ତେବେ ତାକୁ ହଟାଇ ଦିଆଯିବା ଉଚିତ। ସାରା ବିଶ୍ୱରେ ଇଭିଏମ୍ ଟ୍ୟାମ୍ପରିଂକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଜଣାଶୁଣା କାରିଗରି ବିଶେଷଜ୍ଞମାନେ ଏହାର ବିପଜ୍ଜନକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଭାଜପା ଇଭିଏମ୍‌କୁ କାହିଁକି ଏତେ ଜୋର୍ ଦେଉଛି ଏହାର ନେତାମାନେ ସ୍ପଷ୍ଟ କରନ୍ତୁ। ଆଗାମୀ ନିର୍ବାଚନଗୁଡ଼ିକରେ ଇଭିଏମ୍ ପରିବର୍ତ୍ତେ ପୂର୍ବଭଳି ବାଲଟ୍ ପେପର ପଦ୍ଧତି ଆପଣାଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

## ମୋବାଇଲରେ ଇଭିଏମ୍ ...
ଫୋନ୍ ନେଇଥିଲେ। ସେଥିରେ ସେ ୱାନ୍ ଟାଇମ୍ ପାସୱାର୍ଡ (ଓଟିପି) ବାହାର କରି ଇଭିଏମ୍‌କୁ ଖୋଲିଥିଲେ। ମଙ୍ଗେଶ ଇଭିଏମ୍‌ରେ ମତଦାନ ଏପଟସେପଟ କରିବାରୁ ତାଙ୍କ ଭିଣୋଇ ୪୮ ଭୋଟ ବ୍ୟବଧାନରେ ଜିତିପାରିଥିବା ଅଭିଯୋଗ ହୋଇଛି। ପୋଲିସ ମଙ୍ଗେଶଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହ ତାଙ୍କୁ ମୋବାଇଲ ଫୋନ୍ ଦେଇଥିବା ନିର୍ବାଚନ ଅଧିକାରୀ ଦୀନେଶ ଗୌରବଙ୍କ ବିରୋଧରେ ମଧ୍ୟ ମାମଲା ହୋଇଛି। ଉକ୍ତ ଫୋନକୁ ଜବତ କରାଯାଇଛି। ଗଣତି ଦିନ ମଙ୍ଗେଶ ସକାଳରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀଙ୍କ ଫୋନ୍‌କୁ ବ୍ୟବହାର କରିଥିବା ବିଷୟ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହାର ସମସ୍ତ କଲ୍ ରେକର୍ଡକୁ ବର୍ତ୍ତମାନ ଯାଞ୍ଚ କରାଯାଉଛି। ଶିବସେନା ୟୁବିଟି ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଏହା ସର୍ବୋଚ୍ଚ ସ୍ତରରେ ହୋଇଥିବା ଏକ ଜାଲିଆତି। କିନ୍ତୁ ଭାରତର ନିର୍ବାଚନ କମିଶନ ଏଯାଏ ଶୋଇଛନ୍ତି। ଅନ୍ୟପକ୍ଷେ ରିଟର୍ନିଂ ଅଫିସର ବନ୍ଦନା ସୂର୍ଯ୍ୟବଂଶୀ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ବୈଷୟିକ ଦୃଷ୍ଟିରୁ ଇଭିଏମ୍ ଏକ ସମ୍ପୂର୍ଣ୍ଣ ସୁରକ୍ଷିତ ଉପକରଣ। ଇଭିଏମ୍ ଖୋଲିବା ପାଇଁ ଓଟିପି ଆବଶ୍ୟକ ପଡ଼େନାହିଁ। ଏକ ନିର୍ଦ୍ଦିଷ୍ଟ ଖବରକାଗଜ ଏହି ମିଛ ବିସ୍ତାର କରିବାରେ ଲାଗିଛି ବୋଲି ବନ୍ଦନା କହିଛନ୍ତି।

## ଆଗଉନି ମୌସୁମୀ, ...
ନ ହେଉ ନ ଥିବାରୁ ମୌସୁମୀ ଆଉ ଆଗକୁ ଆଗେଇ ପାରୁନଥିବା ପାଣିପାଗ ବିଭାଗ ଆକଳନ କରିଛି। ମାଲକାନଗିରି, ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଏବେ ବର୍ଷା ହେଉଥିବାବେଳେ ପଶ୍ଚିମ ଏବଂ ଉପକୂଳ ଓଡ଼ିଶାରେ ଅତ୍ୟଧିକ ତାପମାତ୍ରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଯଦିଓ ପଶ୍ଚିମ ଓଡ଼ିଶା, ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେଉଛି, କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସକାଳ ୮ଟାରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି, ଦେହରୁ ଝାଳ ବୋହିବା ବନ୍ଦ ହେଉନାହିଁ। ୨୦ ତାରିଖ ପର୍ଯ୍ୟନ୍ତ ଏହିଭଳି ପାଗ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ରବିବାର ନୂଆପଡ଼ାରେ ସର୍ବାଧିକ ୪୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ବୌଦ୍ଧ ୪୨, ଭୁବନେଶ୍ୱର ୪୦.୮, ନୟାଗଡ଼ ୪୦.୭, ପାରଳାଖେମୁଣ୍ଡି ୪୦.୭, ଖୋର୍ଦ୍ଧା ୪୦.୫, ଜଗତସିଂହପୁର ୪୦.୩ ଏବଂ ଅନୁଗୋଳରେ ୪୦.୧ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସୋମବାରଠାରୁ ଗ୍ରୀଷ୍ମ ପ୍ରବାହ କମିବାକୁ ଥିବାବେଳେ ଗୁଳୁଗୁଳି କିନ୍ତୁ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଲାଗିରହିବ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲାକୁ ଉଷ୍ମ ଆର୍ଦ୍ର ପାଣିପାଗ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାବେଳେ ୨୦ତାରିଖରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ୨୦ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିବାବେଳେ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ପୁନର୍ବାର ମମିତା...
ଦଣ୍ଡବିଧାନ କରାଯିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମମିତାଙ୍କ ମାତାପିତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ଯେଉଁ ଇଚ୍ଛା ଜାହିର କରିଛନ୍ତି ତାକୁ ମଧ୍ୟ ପୂରଣ କରିବା ଦିଗରେ ସେ ଚେଷ୍ଟା କରିବେ ଏବଂ ସିବିଆଇ ତଦନ୍ତ ଦାବି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ବିଧାୟକ ବାଗ ଗଣମାଧ୍ୟମକୁ କହିଛନ୍ତି। ୨୦୨୧ ଅକ୍ଟୋବର ୮ ତାରିଖରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀରୁ ମମିତା ମେହେର କଳାହାଣ୍ଡି ଜିଲା ମହାଲିଙ୍ଗ ଅଭିମୁଖେ ବାହାରିଥିଲେ। ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲରେ ମମିତା ଅଧ୍ୟକ୍ଷାଭାବେ କାର୍ଯ୍ୟ କରୁଥିଲେ। ଝରଣୀରୁ ମହାଲିଙ୍ଗ ଯିବା ବାଟରେ ସେ ନିଖୋଜ ହୋଇଯାଇଥିଲେ। ଏନେଇ ମମିତାଙ୍କ ପରିବାର ଲୋକ ଅକ୍ଟୋବର ୧୩ ତାରିଖରେ ସିନ୍ଧେକେଲା ଥାନାରେ ଝିଅର ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ। ଏହାର ୨ ଦିନ ପରେ ସିନ୍ଧେକେଲା ପୋଲିସ ମହାଲିଙ୍ଗରୁ ସନ୍‌ସାଇନ ପବ୍ଲିକ୍ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲା। ଏହାପରେ ପୋଲିସ ମହାଲିଙ୍ଗ ଗାଁର ଏକ ନିର୍ମାଣାଧୀନ ଷ୍ଟାଡିୟମରୁ ଅସ୍ଥିକଙ୍କାଳ, ବିଭିନ୍ନ ସାମଗ୍ରୀ ବାହାରିଥିଲା। ଫୋରେନସିକ୍ ଯାଞ୍ଚ ପରେ ଏହା ମମିତାଙ୍କର ବୋଲି ଜଣାପଡିଥିଲା। ମମିତାଙ୍କୁ ଗୋବିନ୍ଦ ତାଙ୍କ ନିଜ କାରରେ ହତ୍ୟା କରିବା ପରେ ଏହି ଷ୍ଟାଡିୟମରେ ପୋଡି ପୋତି ଦେଇଥିବା ତଦନ୍ତକାରୀ ପୋଲିସ ଟିମ୍ କହିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ମମିତା ମେହେର ହତ୍ୟା ଘଟଣାରେ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନାଁରେ ମମିତାଙ୍କ ପିତା ଅଭିଯୋଗ ଆଣିଥିଲେ ହେଁ ପରେ ସେଥିରୁ ଓହରି ଯାଇଥିଲେ। ୨୦୨୨ ଡିସେମ୍ବର ୨୦ରେ କଣ୍ଟାବାଞ୍ଜି ଉପକାରାଗାରରେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ମମିତା ହତ୍ୟା ଘଟଣା ଫିକା ପଡିଯାଇଥିଲା।

## ବିଜେଡି: ବିରୋଧୀ ...
କିଛି ଶ୍ରଦ୍ଧାଳୁଙ୍କ କହିବାନୁଯାୟୀ ୪ ଦ୍ୱାର ଖୋଲାଯିବା ପରେ ସମସ୍ୟା ସୃଷ୍ଟି ହେଉଥିବା କଥା ଲକ୍ଷ୍ୟ କରାଯାଉଛି। ତଥାପି ମଧ୍ୟ ବିଜେଡି ସରକାରରେ ଥିବାବେଳେ କାହିଁକି ୪ ଦ୍ୱାର ଖୋଲି ନ ଥିଲା କିମ୍ବା ଭାଜପା ସରକାରର ନିଷ୍ପତ୍ତିରେ ସମସ୍ୟା ସୃଷ୍ଟି ହେବା ସତ୍ତ୍ୱେ ସେକଥା ନେଇ ମଧ୍ୟ ବିଜୁ ଜନତା ଦଳର ନେତା କିଛି କହୁନାହାନ୍ତି। କୁହାଯାଉଛି, ବିଜେଡି ଏହିଭଳି ନୀରବ ରହି ଲୋକମାନେ କେତେବେଳେ ଭାଜପା ସରକାର ବିରୋଧରେ ପାଟି ଖୋଲୁଛନ୍ତି ସେଯାଏ ଅପେକ୍ଷା କରିବ। ତାପରେ ବିଜେଡି ନେତାମାନେ ଭାଜପା ସରକାର ବିରୋଧରେ ମୁହଁ ଖୋଲିବେ ବୋଲି ଶୁଣିବାକୁ ମିଳୁଛି।

ଅନ୍ୟପଟେ ବିଜେଡି ନେତାମାନଙ୍କୁ ଏବେ ଇଡି, ସିବିଆଇର ଡର ପଶିଯାଇଛି। ଭାଜପା ସରକାର ରାଜ୍ୟରେ ଇଡି, ସିବିଆଇର ବ୍ୟବହାର କରି ବହୁ ନେତାଙ୍କୁ ବାନ୍ଧିପାରେ ବୋଲି ଭାବି ବହୁ ବିଜେଡି ନେତା ବି ଚୁପ୍ ବସୁଛନ୍ତି। ଏପରି ସ୍ଥିତିରେ କିଛି ସମୟ ଗଡ଼ିଯିବା ପରେ ପୁଣିଥରେ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଗୋଷ୍ଠୀ ଦଳ ଭିତରେ ସକ୍ରିୟ ହୋଇ ଆଗକୁ ନେତୃତ୍ୱ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଦଳୀୟ କର୍ମୀଙ୍କ ଭିତରେ ଆଲୋଚନା ହେଉଛି। ପୁରୀ ଜିଲାର ଅନେକ ବିଜେଡି ସମର୍ଥକ କହୁଛନ୍ତି, ପାଣ୍ଡିଆନ ଏବଂ ବବିଙ୍କ ପାଇଁ ଦଳ ବର୍ତ୍ତମାନ ରସାତଳଗାମୀ ହୋଇଛି। ତେଣୁ ଆଗକୁ ଯଦି ସେମାନଙ୍କ ଦ୍ୱାରା ଦଳ ପରିଚାଳନା କରାଯାଏ ତେବେ ଆମେ କଂଗ୍ରେସକୁ ଭୋଟ୍ ଦେବୁ ପଛେ ନବୀନଙ୍କୁ ଦେବୁ ନାହିଁ।

ଅନ୍ୟପଟେ ବିଜେଡି ନେତା ସଞ୍ଜୟ ଦାସ ବର୍ମା କହିଛନ୍ତି, ବିଜେଡି ଏକ ଆଞ୍ଚଳିକ ଦଳ ଭାବେ ଲମ୍ବା ସମୟ ଧରି କ୍ଷମତାରେ ରହିବା ଯୋଗୁ ଲୋକମାନଙ୍କ ଆଶା ଆକାଂକ୍ଷା ବହୁମାତ୍ରାରେ ବଢ଼ିଗଲା। ଯାହାକୁ ଫଳପ୍ରଦ କରିବାରେ ବୋଧହୁଏ ଆମେ ସକ୍ଷମ ହୋଇପାରିଲୁ ନାହିଁ। ଦଳ ଭିତରେ ଗଣତନ୍ତ୍ରର ଅଭାବ ଏବଂ ଠିକ୍ ଭୁଲ୍‌ର ବିଚାର କରିବାର ମାନସିକତା ନ ରଖି ଷଷ୍ଠ ଥର ଲାଗି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାର ନ୍ୟାରେଟିଭ ଯୋଗୁ ସରକାର କରିବାରେ ଦଳ ବିଫଳ ହେଲା। ସରକାର ଏବଂ ସଙ୍ଗଠନ ମଧ୍ୟରେ ମଧ୍ୟ ସମନ୍ୱୟର ଅଭାବ ରହିଲା। ନେତୃତ୍ୱ ପ୍ରତି ସମ୍ମାନବୋଧ ଏକ ସଙ୍କଟଜନକ ସ୍ଥିତିକୁ ନେଇଯାଉଛି ଏକଥା ବୁଝିବା ବେଳକୁ ସବୁ ଶେଷ ହୋଇସାରିଥିଲା। ଦଳର ଶୀର୍ଷ ନେତୃତ୍ୱ ଓଡ଼ିଶାରେ ନବୀନ ଏବଂ ଭାରତ ବର୍ଷରେ ମୋଦି ସରକାର ହେବ ବୋଲି ଯେଉଁ ମନ୍ତବ୍ୟ ଦେଲେ ବିଜେଡିକୁ ସେଥିଲାଗି ବିଶେଷ କ୍ଷତି ସହିବାକୁ ପଡିଲା। ଯେହେତୁ ରାଜ୍ୟବାସୀ ଗୋଟିଏ ନୂଆ ସରକାର ଉପରେ ଆସ୍ଥା ପ୍ରକଟ କରିଛନ୍ତି ଏଭଳି ସମୟରେ କୌଣସି ମନ୍ତବ୍ୟ ଦେବା ଠିକ୍ ନୁହେଁ। ହେଲେ ଭାଜପା ସରକାରକୁ ଆସିବା ପୂର୍ବରୁ ନିର୍ବାଚନୀ ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦେଇଛି ତାକୁ ଶତପ୍ରତିଶତ ପୂରଣ କରୁ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସଞ୍ଜୟ କହିଛନ୍ତି।

ନୟାଗଡ଼ ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ କମିଟି ଗଠନ କରାଯାଉଛି। ଉକ୍ତ କମିଟି ଦଳର ବିପର୍ଯ୍ୟୟର କାରଣ ସମ୍ପର୍କରେ ତର୍ଜମା କରିବା ପରେ ଖୁବଶୀଘ୍ର ରାଜ୍ୟର ଜନତାଙ୍କୁ ସବୁ ଜଣାଇ ଦିଆଯିବ। କିନ୍ତୁ ବ୍ୟକ୍ତିଗତ ଭାବେ କହିବାକୁ ଗଲେ ୩ଟି କାରଣ ପାଇଁ ଦଳର ବିଜୟ ଓ ପରାଜୟ ନିର୍ଭର କରେ। ଅରୁଣଙ୍କୁ ବିପର୍ଯ୍ୟୟର କାରଣ ଭାବେ ପାଣ୍ଡିଆନଙ୍କ ସମ୍ପର୍କରେ ପଚାରିବାରୁ କୌଣସି ମତାମତ ମିଳିଲା ନାହିଁ। ସେଥିପାଇଁ ୩ଟି କାରଣ କ'ଣ ସ୍ପଷ୍ଟ ବୁଝାପଡିଲା ନାହିଁ। ତେଣୁ ବିପର୍ଯ୍ୟୟର କାରଣ ତର୍ଜମା ପରେ ଯାହା କିଛି ନିଷ୍ପତ୍ତି ନିଆଯାଇପାରିବ କି, କେଉଁ କାରଣରୁ ଦଳର କ୍ଷତି ହେଲା ଏବଂ ଆଗକୁ କ'ଣ କରାଯିବ। ଦୀର୍ଘଦିନ ହେଲା ବିଜେଡି ଶାସନ କ୍ଷମତାରେ ରହିଥିଲା, ତେଣୁ ବିରୋଧୀ ଦଳକୁ ଆସି କେଉଁ ପଦକ୍ଷେପ ନେବାକୁ ପଡିବ ସେନେଇ ଅଭିଜ୍ଞତା ନାହିଁ। ତେଣୁ ପ୍ରଥମେ ଆମକୁ ଶିଖିବାକୁ ପଡିବ। ତାପରେ ଯାଇ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରାଯିବ ବୋଲି ଅରୁଣ କହିଛନ୍ତି।

ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ବିଜେଡିର ବିପର୍ଯ୍ୟୟ ହୋଇନାହିଁ। ଶକ୍ତିଶାଳୀ ବିରୋଧୀ ଭାବେ ବିଜେଡିକୁ ଲୋକମାନେ ଦାୟିତ୍ୱ ଦେଇଛନ୍ତି। ୨୪ ବର୍ଷର ଶାସନକୁ ଲୋକମାନେ ପରିବର୍ତ୍ତନ କଲେ। ପାଣ୍ଡିଆନଙ୍କ ଯୋଗୁ କ୍ଷତି ହେଲା କି କଣ ତାହା ସମୀକ୍ଷା ବୈଠକ ପରେ ଜଣାପଡିବ। ଆସନ୍ତା ୧୯ରେ ଦଳର ବିଧାୟକ ଦଳ ବୈଠକ ହେବା ନେଇ ପ୍ରସନ୍ନ କହିଛନ୍ତି। ଦଳର ଯେଉଁ ନେତାମାନେ ନିର୍ବାଚନ ଜିତିଛନ୍ତି ସେମାନଙ୍କ ମଧ୍ୟରୁ ସମସ୍ତେ ବିରୋଧୀ ଦଳ ନେତା ହେବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହି ଚେଷ୍ଟାରେ ବିଫଳ ହେବାର ସମ୍ଭାବନା ଉପୁଜିବ ଯଦି ନବୀନ ନିଜେ ବିରୋଧୀ ଦଳ ନେତା ହେବେ। ସେଥିଲାଗି ଦ୍ୱିତୀୟ ଲକ୍ଷ୍ୟ ଭାବେ ଉପନେତା ପଦବୀ ପାଇଁ ଦୌଡ ଆରମ୍ଭ ହୋଇଛି। ତେଣୁ ସମୀକ୍ଷା ବୈଠକରେ କେହି ବାସ୍ତବ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବେ ନାହିଁ ବୋଲି ଦଳର ଜଣେ ପରାଜିତ ବିଧାୟକ ପ୍ରାର୍ଥୀ ଧରିତ୍ରୀକୁ କହିଛନ୍ତି।

## ସଂକ୍ଷେପରେ

### ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୧୬।୬(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଜେଲରେ ଥିବା ଜଣେ ବିଚାରାଧୀନ ମହିଳା ବନ୍ଦୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ଘଟଗାଁ ଗ୍ରାମର ଶୁକୁଟି ନାୟକ (୫୫)। ଗତ ମେ ୧ ତାରିଖରେ ସେ ତାଙ୍କ ଜ୍ୱାଇଁ ବିଶୋଇ ଥାନା ଅଧୀନ ଜାମୁଝରୀ ଗ୍ରାମର ଦଶରଥ ନାୟକ (୩୫)ଙ୍କୁ ହତ୍ୟା ଅଭିଯୋଗରେ ଜେଲରେ ଥିଲେ। ଶନିବାର ହଠାତ ସେ ଗୁରୁତର ହୋଇପଡ଼ିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜେଲର କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ରାଇରଙ୍ଗପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମୃତ ଶୁକୁଟି ଏବଂ ତାଙ୍କ ସ୍ୱାମୀ ନଟବର ଜାମୁଝରୀ ଗ୍ରାମସ୍ଥିତ ଝିଅ କୋମଲ ନାୟକଙ୍କ ଶାଶୁ ଘରକୁ ବୁଲିବାକୁ ଆସିଥିଲେ। ତେବେ କୌଣସି କାରଣକୁ ନେଇ ଜ୍ୱାଇଁ ଦଶରଥଙ୍କୁ ସେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୮୩/୨୪) ରୁଜୁ କରି ଶୁକୁଟି, ତାଙ୍କ ସ୍ୱାମୀ ନଟବର ଓ ଝିଅ କୋମଲଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା।

### ସାପ କାମୁଡ଼ାରେ ୨ ମୃତ

**ରାଉରକେଲା, ୧୬।୬(ଦିନେଶ ମିଶ୍ର)**

ରାଉରକେଲାରେ ଶନିବାର ରାତିରେ ସାପ କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଡେଗା ଗ୍ରାମର ବିଷ୍ଣୁ ମିର୍ଦ୍ଧା(୧୨) ଓ ହାତୀବାରୀ କିଆମୁଣ୍ଡା ଗ୍ରାମର ବୁଦ୍ଧିଆ ଲୁଗୁନ୍(୩୦)। ସୂଚନାଯୋଗ୍ୟ, ବିଷ୍ଣୁ ଶନିବାର ରାତିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ହାତୀବାରି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଆରଜିଏଚକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବୁଦ୍ଧିଆ ରାତିରେ ଗୁହାଳଘରେ ଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭଡ଼ାଘରୁ ତହସିଲ ଅଫିସ କିରାଣିଙ୍କ ମୃତଦେହ ଜବତ

**ରେଢାଖୋଲ, ୧୬।୬ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ନାକଟୀଦେଉଳ ତହସିଲ ଅଫିସର ବରିଷ୍ଠ କିରାଣି କ୍ଷିରୋଦ କୁମାର ବଳ (୫୦)ଙ୍କ ମୃତଦେହ ରେଢାଖୋଲ ଏନ୍‌ଏସି ୱାର୍ଡ ନଂ ୮ ଗଣେଶନଗରସ୍ଥିତ ଭଡାଘରୁ ରବିବାର ପୋଲିସ ଜବତ କରିଛି। ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

କେନ୍ଦ୍ରାପଡା ଜିଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ବଡପଲି ଗ୍ରାମର ମୂଳବାସିନ୍ଦା କ୍ଷିରୋଦ କୁମାର ବଳ ନାକଟୀଦେଉଳ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିଲେ। ରେଢାଖୋଲ ସହରର ଗଣେଶନଗରରେ ସେ ଏକ ଭଡାଘରେ ରହୁଥିଲେ। ସେ ରବିବାର ସକାଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ପଡୋଶୀ ଲୋକେ କବାଟ ବାଡେଇ ଡାକିଥିଲେ। ହେଲେ ସେ କବାଟ ନ ଖୋଲିବାରୁ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ରେଢାଖୋଲ ପୋଲିସ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଅଜିତ ଦେହୁରୀଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା। ପରେ ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବା ପୋଲିସ କହିଛି। ପରିବାର ଲୋକେ ରେଢାଖୋଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମକୁ ନେଇଯାଇଛନ୍ତି। ମୃତକଙ୍କ ସ୍ତ୍ରୀ ଓ ଦୁଇପିଲା ନିଜ ଗାଁରେ ରହୁଥିଲେ।



ଶେଷ ରଜ ଏବଂ ଛୁଟିଦିନ ଥିବାରୁ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି। (ଫଟୋ ଯଜ୍ଞେଶ୍ୱର ମହାନ୍ତି)

# ରଥଯାତ୍ରା, ଦେବସ୍ନାନ ପୂର୍ଣ୍ଣିମାର ସୁପରିଚାଳନା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



- ଠିକଣା ଢଙ୍ଗରେ ଆୟୋଜନ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ: ଆଇନ ମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ୨ ବୈଠକ: ପ୍ରଦୀପ ଜେନା

**ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)**

ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଶ୍ରୀଜୀଉଙ୍କ ରଥଯାତ୍ରା ଏବଂ ଦେବସ୍ନାନ ପୂର୍ଣ୍ଣିମାର ପ୍ରକ୍ରିୟା, ସୁପରିଚାଳନା ଓ ଏହାର ସମନ୍ୱୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏହାସହ ଆଗକୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ନେଇ ସେବାୟତ ଓ ପରିଚାଳନା କମିଟି ସହ ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ଆଇନ ମନ୍ତ୍ରୀ ବୈଠକ ଶେଷରେ ଗଣମାଧ୍ୟମକୁ କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ସବୁ ବିଷୟ ସହିତ ରଥଯାତ୍ରା ବାବଦରେ ମଧ୍ୟ ଆଲୋଚନା କରାଯାଇଛି। ସ୍ନାନଯାତ୍ରାରେ କ'ଣ ସବୁ ହୋଇଥାଏ ସେନେଇ ନିଜ ଅଭିଜ୍ଞତା ଥିବା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲି। ଆସନ୍ତା ୭ ତାରିଖରେ ରଥଯାତ୍ରା ଥିବାରୁ ଏହା ପୂର୍ବରୁ ଦୁଇଟି ବୈଠକ କରିବାକୁ ହେବ। ପ୍ରଥମେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୈଠକ ହେବ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଉ ଏକ ବୈଠକ କରାଯିବ। ତେଣୁ ପୋଲିସ ଏବଂ ପ୍ରଶାସନିକ ବ୍ୟବସ୍ଥା ରଥଯାତ୍ରା ସମୟରେ କିପରି ହେବ ସେନେଇ ବିସ୍ତୃତ ଆଲୋଚନା ହେଲା ବୋଲି ମୁଖ୍ୟ ସଚିବ କହିଛନ୍ତି।

ଆଇନ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରଥଯାତ୍ରା ସୁରୁଖୁରୁରେ ହେବା ନେଇ କ'ଣ ସବୁ ପଦକ୍ଷେପ ନିଆଯିବ ତାହା ଆଗକୁ ଆଲୋଚନା କରାଯିବ। ସେବାୟତ ଏବଂ ଅନ୍ୟ ଯେଉଁମାନେ ଅଂଶବିଶେଷ ସେମାନଙ୍କ ସହିତ ଆଲୋଚନା ହେବ। ସମସ୍ତଙ୍କ ସହଯୋଗରେ ସବୁ କଥା ଯେପରି ଠିକଣା ଢଙ୍ଗରେ ସବୁ ହୋଇପାରିବ ସେନେଇ ଆଲୋଚନା କରାଯିବ। ବ୍ୟବସ୍ଥିତ ଢଙ୍ଗରେ ଯେପରି ଆୟୋଜନ ହୋଇପାରିବ ସେଥିଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପୃଥ୍ୱୀରାଜ କହିଛନ୍ତି।

# ଶ୍ରୀମନ୍ଦିରରେ ପ୍ରବଳ ଭିଡ଼

**ଛୁଟିଦିନ ଲାଗି ପ୍ରବଳ ଭିଡ଼ ହେଉଥିବା କହିଲେ ଆଇନ ମନ୍ତ୍ରୀ**

**ଆଇନଶୃଙ୍ଖଳା ଏଡିଜି ନିଜେ ସମୀକ୍ଷା କରୁଛନ୍ତି: ମୁଖ୍ୟ ଶାସନ ସଚିବ**

**ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)**

ରାଜ୍ୟରେ ଭାଜପା ସରକାରକୁ ଆସିବା ପୂର୍ବରୁ ଅନେକ ପ୍ରତିଶ୍ରୁତି ଲୋକଙ୍କ ଆଗରେ ରଖିଥିଲା। ଯେପରିକି ଦଳ ରାଜ୍ୟରେ ସରକାର ଗଠନ କରିବାର କିଛି ସମୟ ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାର ପ୍ରତିଶ୍ରୁତି ଦେଇଥିଲା। ସେହିକ୍ରମରେ ଦଳ ସରକାରକୁ ଆସିବା କ୍ଷଣି ପ୍ରଥମ ପଦକ୍ଷେପ ଭାବେ ଶ୍ରୀମନ୍ଦିର ଚାରିଦ୍ୱାର ମଧ୍ୟ ଖୋଲିଲା। ହେଲେ ପ୍ରବଳ ଭିଡ଼ କାରଣରୁ ଏବେ ଶ୍ରୀମନ୍ଦିରକୁ ଦର୍ଶନ କରିବା ଲାଗି ଯାଉଥିବା ଭକ୍ତମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଖବର ଦୃଷ୍ଟିକୁ ଆସିଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ପୁରୀରେ ଭକ୍ତଙ୍କ ଭିଡ଼ ବଢ଼ିଚାଲିଛି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି। ମନ୍ଦିର ବାହାରେ ଲାଗୁଥିବା ଲାଇନରୁ ଆଶ୍ୱସ୍ତି ମିଳିଛି। କିନ୍ତୁ ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ବିଶେଷ ବ୍ୟବସ୍ଥା ନ ଥିବାରୁ କେହି କେହି ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଛୁଟିଦିନ ଥିବାରୁ ଭକ୍ତଙ୍କ ଭିଡ଼ ଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନି। ଆଗକୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଆଜିଠୁ ଧୀରେ ଧୀରେ ଦର୍ଶନ ଶୃଙ୍ଖଳିତ ହୋଇଛି। ସମସ୍ତଙ୍କ ସହଯୋଗ ରହିଲେ ଦର୍ଶନ ଆହୁରି ବ୍ୟବସ୍ଥିତ ହୋଇପାରିବ। ଜଗନ୍ନାଥଙ୍କ କୃପାରୁ ସବୁ ଠିକ୍ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି, ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଆଇନଶୃଙ୍ଖଳା ଏଡିଜି ନିଜେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ମଧ୍ୟ ସେଠାକୁ ଯିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

### ବାବୁଲିଙ୍କ ଚିକିତ୍ସା ଲାଗି ୩୦ ହଜାର ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭଦ୍ରକ ଜିଲାର ବାବୁଲି ବାରିକଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଭଦ୍ରକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ମାଧପୁର ଗ୍ରାମର ୧୪ ବର୍ଷର ବାଳକ ବାବୁଲି ବାରିକ ସ୍ନାୟୁଗତ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି। ଗରିବ ପରିବାରର ବାବୁଲି ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସାମାଜିକ ଏବଂ ଅନ୍ୟ ଗଣମାଧ୍ୟମରୁ ଅବଗତ ହେବା ପରେ ଜିଲା ପ୍ରଶାସନକୁ ବାବୁଲିଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଡାକ୍ତରୀ ଦଳ ବାବୁଲିଙ୍କ ଗ୍ରାମରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ନେବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲା ପ୍ରଶାସନ ବାବୁଲିଙ୍କ ପରିବାରକୁ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବାକୁ ଯୋଗାଯୋଗରେ ଅଛନ୍ତି।

### ଗଞ୍ଜାମରେ ଡରାଇଲାଣି ଡେଙ୍ଗୁ

**ଏମ୍‌କେସିଜିରେ ୨ ଆକ୍ରାନ୍ତ**

**ବ୍ରହ୍ମପୁର, ୧୬।୬(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲାରେ ଦୁଇ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାର ଏହି ୨ ଯୁବକ ଡେଙ୍ଗୁ ରୋଗରେ ଗୁରୁତର ହେବାରୁ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଉଭୟେ ବାହାର ରାଜ୍ୟରେ ରହି କାମ କରୁଥିବା ବେଳେ ଜ୍ୱରରେ ପୀଡିତ ହେବାରୁ ଗଞ୍ଜାମକୁ ଫେରିଛନ୍ତି। ଡେଙ୍ଗୁ ଆକ୍ରାନ୍ତ ପାତ୍ରପୁର ବ୍ଲକର ୨୬ ବର୍ଷୀୟ ଯୁବକ ଗତ ଶୁକ୍ରବାରଠାରୁ ଏମ୍‌କେସିଜି ଭେଷଜ ବିଭାଗରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ପ୍ଲେଟଲେଟ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇଛି। ଆନ୍ଧ୍ରପ୍ରଦେଶରେ ରହି କାମ କରିବା ବେଳେ ଜ୍ୱରରେ ପୀଡିତ ହେବାରୁ ସେଠାକାର ଏକ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଜ୍ୱର ଭଲ ନ ହେବାରୁ ଶନିବାର ଗ୍ରାମକୁ ଆସିଥିଲେ। ସେହିପରି ବେଙ୍ଗାଲୁରୁରେ କାମ କରିବା ବେଳେ ଗଞ୍ଜାମର ଆଉ ଜଣେ ୨୪ ବର୍ଷୀୟ ଯୁବକ ଗତ ୭ ଦିନ ତଳେ ଜ୍ୱରରେ ପୀଡିତ ଥିଲେ। ସେଠାରୁ ସେ ନିଜ ଗ୍ରାମକୁ ଫେରି ଚିକିତ୍ସା ପାଇଁ ଏମକେସିଜିକୁ ଯାଇଥିଲେ। ତାଙ୍କୁ ପ୍ରଥମେ ଭେଷଜ ବିଭାଗ ଓ ପରେ ଅବସ୍ଥା ଗୁରୁତର ହେବାରୁ ସେଣ୍ଟ୍ରାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି।

# ବର୍ଷକରେ ଦେଶରେ ଲାଗିବ ୧୪୦ କୋଟି ଚାରା

**ପ୍ରାକୃତିକ ସମ୍ପଦ ସଂରକ୍ଷଣ ଚିନ୍ତା**

- 'ଗୋଟିଏ ଗଛ ମାଆର ନାମରେ' ଅଭିଯାନ
- ଓଡ଼ିଶାରେ ୬ କୋଟି ୫୦ ଲକ୍ଷ ଟାର୍ଗେଟ

**ଭୁବନେଶ୍ୱର, ୧୬।୬(ଅସମାପିକା ସାହୁ)**

ଜଳବାୟୁ ପରିବର୍ତ୍ତନ ଏବେ ବିଶ୍ୱ ପାଇଁ ବିପଦ ଆଣିଛି। ଏଭଳି ସ୍ଥିତିରେ ଆମର ସମସ୍ତ ପ୍ରାକୃତିକ ସମ୍ପଦକୁ କିପରି ସୁରକ୍ଷିତ ରଖିପାରିବା ତାହା ଏବେ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇଛି। ଏହାର ଗୁରୁତ୍ୱ ବହନ କରି ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ଜୁନ୍ ୫ ତାରିଖରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଥିଲା 'ଜମିର ପୁନରୁଦ୍ଧାର, ମରୁଭୂମି ଓ ମରୁଡ଼ିର ମୁକାବିଲା'। ଏହାକୁ ଦୃଷ୍ଟିରେ ରଖି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ ଅଭିନବ ପଦକ୍ଷେପ ସ୍ୱରୂପ 'ଗୋଟିଏ ଗଛ ମାଆର ନାମରେ' ବା 'ଏକ୍ ପେଡ୍ ମା କେ ନାମ' ଅଭିଯାନ ଆରମ୍ଭ କରିଛି। ଗତ ୫ ତାରିଖରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ସାରା ଦେଶରେ ୧୪୦ କୋଟି ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ ତଥା ଡିଜି ଫରେଷ୍ଟ ଜିତେନ୍ଦ୍ର କୁମାର ଏ ସଂକ୍ରାନ୍ତରେ ସବୁ ରାଜ୍ୟର ବନବାହିନୀ ମୁଖ୍ୟ ତଥା ପିସିସିଏଫ୍‌ଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ସୁଦ୍ଧା ୮୦ କୋଟି ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କେଉଁ ରାଜ୍ୟ କେତେ ସଂଖ୍ୟାରେ ଗଛ ଲଗାଇବ ସେ ନେଇ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ଜଣାଇ ଦିଆଯାଇଛି। ପଶ୍ଚିମବଙ୍ଗରେ ସର୍ବାଧିକ ୩୯୦୦ ଲକ୍ଷ ବା ୩୯ କୋଟି ଚାରା ରୋପଣ କରିବା ପାଇଁ କୁହାଯାଇଛି।



ଆସନ୍ତା ସେପ୍ଟେମ୍ବର ସୁଦ୍ଧା ୨,୫୨୫ ଲକ୍ଷ ବା ୨୫କୋଟି ୨୫ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଓଡ଼ିଶାରେ ୨୦୨୪-୨୫ ବର୍ଷରେ ମୋଟ ୬୫୦ ଲକ୍ଷ ବା ୬ କୋଟି ୫୦ଲକ୍ଷ ତଥା ସେପ୍ଟେମ୍ବର ସୁଦ୍ଧା ୪୦୦ ଲକ୍ଷ ବା ୪ କୋଟି ଚାରା ରୋପଣ କରିବା ପାଇଁ ଟାର୍ଗେଟ ଦିଆଯାଇଛି। ଏହି ଟାର୍ଗେଟକୁ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏନ୍‌ଏସ୍‌ଏସ୍, ଏନ୍‌ସିସି, ଗାଁ ସ୍ତରରେ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ ସହିତ ଅନ୍ୟାନ୍ୟ ଗୋଷ୍ଠୀଙ୍କୁ ଉକ୍ତ ଅଭିଯାନରେ ସାମିଲ କରି ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଏହି ଚାରାରୋପଣର ତଥ୍ୟ https://merilife.nic.in ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ସଂସ୍ଥା ସହିତ ବ୍ୟକ୍ତିବିଶେଷ/ସାମାଜିକ ଅନୁଷ୍ଠାନ/ଏନ୍‌ଜିଓଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ କୁହାଯାଇଛି। କୌଣସି ପ୍ରକାର ସହାୟତା ସକାଶେ ମନ୍ତ୍ରଣାଳୟର ସିନିୟର କନସଲଟାଣ୍ଟ(ଆଇଟି) ଡ. ଏସ୍. ଆନ୍ନାଦୁରାଇଙ୍କୁ ଯୋଗାଯୋଗ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି।

### ଜମି ପାଇଁ ସାନଭାଇଙ୍କୁ ଖଣ୍ଡାରେ ହାଣିଲେ

**ମୋରଡ଼ା, ୧୬।୫ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ପଞ୍ଚାୟତର ଲୁଣଚାଟି ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି ବଡ଼ ଭାଇ। ମୃତକ ହେଲେ ଜୟନ୍ତ ମାହାନା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ବଡ଼ଭାଇ ଅରୁଣ ମାହାନା ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୫୯/୨୪) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜୟନ୍ତ ଏବଂ ତାଙ୍କ ବଡ଼ ଭାଇ ଅରୁଣଙ୍କ ମଧ୍ୟରେ ଦୀର୍ଘଦିନ ହେଲା ଜମି ବିବାଦ ଲାଗି ରହିଥିଲା। ରବିବାର ସକାଳେ ଜୟନ୍ତ ଘର ସୀମାରେ ବାଡ଼ ଘେରାଉ ଥିବା ବେଳେ ବଡ଼ଭାଇ ଅରୁଣ ପ୍ରତିବାଦ କରିଥିଲେ। ଏନେଇ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଅରୁଣ ଉତ୍ତ୍ୟକ୍ତ ହୋଇ ଏକ ଖଣ୍ଡାରେ ଜୟନ୍ତଙ୍କ ବେକକୁ ହାଣି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରାସଗୋବିନ୍ଦପୁର ଥାନା ଅଧିକାରିଣୀ ସୁକାନ୍ତି କେରାଇ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଜାରି ରଖିଛନ୍ତି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

# ନାଳରେ ୧୩ ଘଣ୍ଟା ଫସିରହିଲେ ୩ ହାତୀ

**ବଡ଼ମ୍ବା, ୧୬।୬(ମାୟାଧର ମଲ୍ଲିକ)**

କଟକ ଜିଲା ବଡ଼ମ୍ବା ରେଞ୍ଜ ଅନ୍ତର୍ଗତ ବେଲିଆପାଳ ଗ୍ରାମ ନିକଟ ଖଲିଖାତ ନାଳରେ ରବିବାରେ ଭୋରରୁ ଫସିଥିବା ୩ ଟିକିଆ ଦନ୍ତା ହାତୀପଲ ପ୍ରାୟ ୧୩ ଘଣ୍ଟା ପରେ ସେଠାରୁ ବାହାରି ନିକଟରେ ଥିବା ଅମାନ୍ତିଆ ଜଙ୍ଗଲ ଆଡେ ଚାଲିଯାଇଛନ୍ତି। ବନ ବିଭାଗ କର୍ମଚାରୀ ପହଞ୍ଚି ସେମାନଙ୍କ ଉଦ୍ଧାର ପାଇଁ ବ୍ୟବସ୍ଥା କରିଥିଲେ। ପ୍ରକାଶ ଯେ, ଉକ୍ତ ୩ ଟିକିଆ ହାତୀପଲ ସକାଳ ପ୍ରାୟ ୭ଟା ବେଳେ ଜଙ୍ଗଲରୁ ଗ୍ରାମ ଆଡ଼କୁ ଆସୁଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପାଟି କରିଥିଲେ। ହାତୀପଲ ଭୟଭୀତ ହୋଇ ନିକଟରେ ଥିବା ନାଳ ଭିତରକୁ ପଶିଯାଇଥିଲେ। ସେଠାରେ ପଙ୍କରମାତ୍ରା ଅଧିକ ଥିବାରୁ ହାତୀପଲ ବାହାରକୁ ବାହାରି ପାରୁ ନ ଥିବା ସ୍ଥାନୀୟ ଲୋକେ କହିଥିଲେ। ଖବରପାଇ ବନ ବିଭାଗର ଏସ୍‌ଟିଏଫ ଡ. ଟିଁପିଲିପି ବିଶ୍ୱାଳ, ଆଠଗଡ଼ ଡିଏଫ୍‌ଓ ଯଜ୍ଞଦତ୍ତ ପତି, ବିଭାଗୀୟ କର୍ମଚାରୀ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀ ପହଞ୍ଚି ଫସି ରହିଥିବା ହାତୀଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯିବ ସେଥିପ୍ରତି ଧ୍ୟାନ ଦେଇଥିଲେ। ଢେଙ୍କାନାଳ ଓ କପିଳାସରୁ ମଧ୍ୟ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାତି ପ୍ରାୟ ୮ଟା ବେଳେ ଉକ୍ତ ହାତୀପଲ ନାଳରୁ ବାହାରିଥିଲେ। ଏ ସମ୍ପର୍କରେ ବଡ଼ମ୍ବା ରେଞ୍ଜ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କୃଷ୍ଣ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଦିନ ସାରା ଲୋକଙ୍କ ଗହଳି ଥିବାରୁ ହାତୀପଲ ନାଳରୁ ବାହାରକୁ ବାହାରି ନ ଥିଲେ। ଲୋକଙ୍କ ଗହଳି ଭାଙ୍ଗିବା ପରେ ଉକ୍ତ ହାତୀପଲ ଆପଣା ଛାଏଁ ବାହାରି ଜଙ୍ଗଲକୁ ଚାଲିଯାଇଛନ୍ତି।



**Government of Odisha**
**Sports & Youth Services Department**
**Request for Proposal**
Sports & Youth Services Department, Government of Odisha invites limited bids from empanelled agencies to the RFP No. : SYS-YS-YS-0011-2024/20828/SYS. The details of the document are available at the below mentioned website https://sports.odisha.gov.in/tenders-advertisement. Interested empanelled firms/parties/agencies are advised to study the RfP document carefully before submitting their bid.
**Important Dates and Information :**
Date of Publication of Bid : 15/06/2024
Last date and time for submission of Bid : 18/06/2024, at 4:00 PM
Opening of the Technical Bid : 18/06/2024, 05:00 PM
OIPR-
Sd./- Commissioner-cum-Secretary

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା

-ବସୁମତୀ ସ୍ନାନ ଓ ଇଦୁଲ୍ଜୁହା

# ଗୋଟିଏ ନିଯୁକ୍ତି ୩.୨ କୋଟି

୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରରେ ଭାଜପା ସରକାର ଗଢ଼ିଆସିଥିଲା। ନାମକୁମାତ୍ର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର କୁହାଯାଉଥିଲେ ମଧ୍ୟ ସହଯୋଗୀ ଦଳଗୁଡ଼ିକର କୌଣସି ଗୁରୁତ୍ୱ ରହୁ ନ ଥିଲା। ୨୦୨୪ ନିର୍ବାଚନରେ ଭାଜପାର '୪୦୦ ପାର୍' ଧ୍ୱନି ବିଫଳ ହେବା ଯୋଗୁ ଏବକାର ସ୍ଥିତି ବଦଳିଛି। ସହଯୋଗୀ ଦଳଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ତାହାର ଏକମାତ୍ର କାରଣ ହେଲା ଭାଜପା ୨୭୨ ଆସନ ଜିଣିପାରିନାହିଁ। ତେଣୁ ଏହାକୁ ମୋଦି ୩.୦ ସରକାର ପରିବର୍ତ୍ତେ ଏନ୍‌ଡିଏ ସରକାର କହିଲେ ବୋଧହୁଏ ସତ୍ୟର ଅଧିକ ନିକଟତର ହୋଇପାରିବ। ଏହାର ପ୍ରମାଣ ଆରମ୍ଭରୁ ମିଳିଲାଣି। ଉଦାହରଣ ସ୍ୱରୂପ, ଭାଜପାର ବୈଚାରିକ ଉପଦେଷ୍ଟା ଭାବେ ଜଣାଶୁଣା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ତୁଙ୍ଗ ନେତାମାନେ ସରକାର ବିରୋଧରେ କଠୋର ମନ୍ତବ୍ୟ ଦେବା ଆରମ୍ଭ କଲେଣି। ତାହାସହିତ ମନ୍ତ୍ରିମଣ୍ଡଳ ଭିତରୁ ମଧ୍ୟ ଏପାଖସେପାଖ ମନ୍ତବ୍ୟ ଶୁଣିବାକୁ ମିଳିଲାଣି। ଯଥା ବର୍ତ୍ତମାନ କେନ୍ଦ୍ର ଇସ୍ପାତ ଓ ଭାରି ଶିଳ୍ପ ମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍) ନେତା ଏଚ୍. ଡି. କୁମାରସ୍ୱାମୀ ସରକାରଙ୍କ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଆମେରିକୀୟ ସେମିକଣ୍ଡକ୍ଟର କମ୍ପାନୀ 'ମାଇକ୍ରନ୍ ଟେକ୍ନୋଲୋଜି' ଗୁଜରାଟରେ ୨.୫ ବିଲିୟନ ଡଲାର ପୁଞ୍ଜିନିବେଶରେ ଏକ କାରଖାନା ସ୍ଥାପନ କରିବାକୁ ଯାଉଛି। ଚୁକ୍ତି ଅନୁଯାୟୀ ଉକ୍ତ କାରଖାନାରେ ପ୍ରତ୍ୟେକଟି ନିଯୁକ୍ତି ସୃଷ୍ଟି ପାଇଁ କମ୍ପାନୀ ସରକାରଙ୍କଠାରୁ ୩.୨ କୋଟି ଟଙ୍କା ସବ୍‌ସିଡି ନେବାକୁ ଥିବାରୁ ତାହା ଉପରେ କୁମାରସ୍ୱାମୀ ଚିନ୍ତା ପ୍ରକଟ କରିଛନ୍ତି। ତାଙ୍କ ହିସାବ ଅନୁଯାୟୀ ଯଦି କମ୍ପାନୀ ୫,୦୦୦ ନିଯୁକ୍ତି ସୃଷ୍ଟି କରିବ, ତାହା ହେଲେ ଏଥିପାଇଁ ଭାରତକୁ ୨ ବିଲିୟନ ଡଲାର ଦେବାକୁ ପଡ଼ିବ, ଯାହାକି କମ୍ପାନୀ ନିବେଶର ୭୦ ପ୍ରତିଶତ। କୁମାରସ୍ୱାମୀଙ୍କ ଏହି କଥାରୁ ବୁଝାପଡୁଛି ଯେ 'ମାଛ ତେଲରେ ମାଛ ଭାଜିବା'ର ପ୍ରକ୍ରିୟା ଚାଲିଆସିଥିଲା। ଗୋଟିଏ କମ୍ପାନୀକୁ ଅତ୍ୟଧିକ ପରିମାଣର ପାଣ୍ଠି ଯୋଗାଇ ନିଯୁକ୍ତି ସୃଷ୍ଟି କରିବା ଯଥାର୍ଥ ନୁହେଁ ବୋଲି ସେ କହିବା ସହ ବେଙ୍ଗାଲୁରୁର ଛୋଟ ଶିଳ୍ପସଂସ୍ଥାଗୁଡ଼ିକରେ ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯାଇଥିବା ବେଳେ ସେମାନଙ୍କୁ କେତେ ସୁବିଧା ଦିଆଯାଇଛି ବୋଲି କୁମାରସ୍ୱାମୀ ମଧ୍ୟ ପ୍ରଶ୍ନ କରିଥିଲେ। ତାଙ୍କ ଏଭଳି ମନ୍ତବ୍ୟ ଦେଶରେ ଝଡ଼ ସୃଷ୍ଟି କରିବା ପରେ ସେ ବର୍ତ୍ତମାନ ସଫେଇ ଦେବାକୁ ଯାଇ କହିଛନ୍ତି ଯେ, ନିଯୁକ୍ତି ସୃଷ୍ଟି ସମ୍ବନ୍ଧୀୟ ଦିଆଯାଇଥିବା ମତକୁ ଭିନ୍ନ ଭାବେ ଉପସ୍ଥାପିତ କରାଯାଇଛି।

ସରକାରଙ୍କ ନୀତି ନେଇ କୁମାରସ୍ୱାମୀ ଏତେଗୁଡ଼ିଏ କଥା କହିବା ପରେ ଏବେ ସେଥିରୁ ଓହରିଯିବା ସମ୍ଭବତଃ ଦର୍ଶାଉଛି ଯେ, ତାଙ୍କ ଉପରେ ଚାପ ପଡ଼ିଛି। ଏଭଳି ସ୍ଥଳେ ସାଧାରଣରେ ଚିନ୍ତା କରାଗଲେ କୁମାରସ୍ୱାମୀ ପ୍ରଥମେ କରିଥିବା ଯୁକ୍ତିର ଅନେକ ଓଜନ ଅଛି। ସମସ୍ତେ ଜାଣନ୍ତି ଭାରତ ଘୋର ବେକାରି ସମସ୍ୟା ଦେଇ ଗତି କରୁଛି। ଏଠାରେ ବୈଦେଶିକ ପୁଞ୍ଜିନିବେଶର ଯଥେଷ୍ଟ ଆବଶ୍ୟକତା ରହିଛି, ଯେହେତୁ ଯୁବପିଢ଼ିଙ୍କ ମଧ୍ୟରୁ ଅନେକଙ୍କ ହାତରେ କାମ ନାହିଁ। କିନ୍ତୁ ଚାକିରି ସୃଷ୍ଟି କରିବା ନାମରେ କରଦାତାଙ୍କ ଅର୍ଥକୁ ତ୍ରୁଟିପୂର୍ଣ୍ଣ ଭାବେ ବିଦେଶୀ କମ୍ପାନୀଙ୍କୁ ଧରାଇଦେବା ସବୁଠୁ ବଡ଼ ଅପରାଧ। ଏଠି ଗୋଟିଏ ଘଟଣା କୁମାରସ୍ୱାମୀ ପଦାକୁ ଆଣିଲେ। ତାଙ୍କ ଉପରେ ତୁରନ୍ତ ଚାପ ପଡ଼ିଲା। ଚାପ ପଡ଼ିବା ମାତ୍ରକେ କୁମାରସ୍ୱାମୀ ସ୍ପଷ୍ଟୀକରଣ ଦେବା ପାଇଁ ବାଧ୍ୟ ହୋଇଥିବା ଭଳି ମନେହେଉଛି। ଅର୍ଥାତ୍ ଏଥିରୁ ଏତିକି ବୁଝିହେବ ଯେ ବିଗତ ଦଶନ୍ଧିରେ ଆହୁରି ଅନେକ ଏହିଭଳି ନିଷ୍ପତ୍ତି ଏବଂ କାର୍ଯ୍ୟ ନିଶ୍ଚିତ ଭାବେ କରାଯାଇଛି। ଏହି ଗୋଟିଏ ଘଟଣା ସଙ୍କୋଚ ସରକାରର ଧ୍ୱନିକୁ ପଙ୍କ୍ଚର କରିଦେଇଛି।

ଗତ ୧୦ ବର୍ଷର କେନ୍ଦ୍ର ସରକାରଙ୍କ ଶାସନ ଦେଖିଲେ ଜନସାଧାରଣ ବିଭିନ୍ନ କ୍ଷେତ୍ରରେ କ୍ଷତି ସହିଆସିଛନ୍ତି। ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ହାତଗଣତି ଶୀର୍ଷ ନେତା ବିନା କାହାରି ପରାମର୍ଶ, ଏପରିକି ମନ୍ତ୍ରିମଣ୍ଡଳର ସମ୍ପୃକ୍ତ ମନ୍ତ୍ରୀଙ୍କ ସହ ବିଚାରବିମର୍ଶ ନ କରି ଅନେକ ନିଷ୍ପତ୍ତି ନେଇଥିଲେ। ଏବେ ସରକାର ଗଢ଼ାଯିବା ପରେ କେତେକ ଘଟଣାକୁ ସେହିଭଳି ମୋଡ଼ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ସେଥିମଧ୍ୟରୁ ଲେଖିକା ଅରୁନ୍ଧତୀ ରାୟଙ୍କ ବିରୋଧରେ ୨୦୧୦ର ଏକ ମାମଲାରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଲାଗୁ କରିବା ସକାଶେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମଞ୍ଜୁରୀ ପ୍ରଦାନ କରିଥିବାରୁ ତାହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ୧୪ ବର୍ଷ ପରେ ଉକ୍ତ ମାମଲାର ବିଚାର ପାଇଁ ଅନୁମତି ଦିଆଯିବା ବିଷୟକୁ ତର୍ଜମା କରାଯିବା ଆବଶ୍ୟକ।

ଏଭଳି ପ୍ରଚ୍ଛଦପଟରେ ମେଣ୍ଟ ସରକାରର ଭାଗୁଆଳି ଦଳଗୁଡ଼ିକ ଏକ ସନ୍ତୁଳିତ ଶାସନ ପାଇଁ ଉଦ୍ୟମ କରିବା ଦରକାର। ତାଙ୍କ ନିଜ ରାଜ୍ୟରେ କିମ୍ବା ଆସନରେ ତିଷ୍ଠି ରହିବାକୁ ହେଲେ ସେମାନଙ୍କୁ ସ୍ୱର ଉଠାଇବାକୁ ପଡ଼ିବ। ନୀରବ ରହିଗଲେ ବିଜୁ ଜନତା ଦଳର ପରିଣତି ଭୋଗିବାକୁ ପଡ଼ିବ।

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | | | | 7 | | | 4 | |
| | | 1 | | | | | | |
| | | | 6 | | 2 | 9 | | |
| | | 9 | | 4 | | | | 3 |
| | | 3 | | | 5 | | | 1 |
| 1 | | | | 2 | | | | |
| | | | 7 | | 8 | | 5 | 6 |
| | | 8 | 2 | 1 | | | 9 | |
| | 3 | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 3 | 1 | 2 | 7 | 4 | 5 |
| 4 | 1 | 2 | 8 | 5 | 7 | 3 | 9 | 6 |
| 3 | 7 | 5 | 9 | 4 | 6 | 1 | 8 | 2 |
| 7 | 5 | 3 | 4 | 6 | 9 | 2 | 1 | 8 |
| 2 | 9 | 6 | 7 | 8 | 1 | 5 | 3 | 4 |
| 8 | 4 | 1 | 2 | 3 | 5 | 6 | 7 | 9 |
| 6 | 2 | 7 | 1 | 9 | 4 | 8 | 5 | 3 |
| 1 | 8 | 9 | 5 | 2 | 3 | 4 | 6 | 7 |
| 5 | 3 | 4 | 6 | 7 | 8 | 9 | 2 | 1 |

ଗତକାଲିର ଉତ୍ତର

# ଲିଙ୍ଗଗତ ନିରପେକ୍ଷତାର ବାର୍ତ୍ତା



ଡ. ସନ୍ତୋଷ କୁମାର ମହାପାତ୍ର

ଲିଙ୍ଗଗତ ବ୍ୟବଧାନ, ବିଭିନ୍ନ ଲିଙ୍ଗର ଲୋକଙ୍କ ମଧ୍ୟରେ ଆପେକ୍ଷିକ ପାର୍ଥକ୍ୟ, ଯାହା ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହୁଏ। ସାମାଜିକ, ରାଜନୈତିକ, ବୌଦ୍ଧିକ, ସାଂସ୍କୃତିକ, ବୈଜ୍ଞାନିକ ଏବଂ ଅର୍ଥନୈତିକ ସଫଳତା କିମ୍ବା ମନୋଭାବରେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ପାର୍ଥକ୍ୟ ଅଛି। ବିଶେଷ ଭାବେ ମହିଳାମାନେ ପୁରୁଷଙ୍କ ତୁଳନାରେ ଲିଙ୍ଗଗତ ଅସମାନତା ଓ ଲିଙ୍ଗଗତ ଭେଦଭାବର ବେଶି ଶିକାର ହୋଇଥାନ୍ତି। ୨୦୦୬ରୁ ପ୍ରକାଶିତ ବିଶ୍ୱ ଅର୍ଥନୈତିକ ମଞ୍ଚର ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ ବା ବିଶ୍ୱ ଲିଙ୍ଗ ପାର୍ଥକ୍ୟ ସୂଚକାଙ୍କରେ ଲିଙ୍ଗଜନିତ ବୈଷମ୍ୟ ଜଣାପଡ଼ିଥାଏ। ବିଶ୍ୱ ଅର୍ଥନୈତିକ ମଞ୍ଚର ୧୮ତମ ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ ୨୦୨୪ ଜୁନ୍ ୧୨ରେ ପ୍ରକାଶିତ ହୋଇଛି। ବିଶ୍ୱରେ ୨୦୨୩ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କ ଅନୁସାରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମକକ୍ଷ ହେବା ପାଇଁ ୧୩୧ ବର୍ଷ ଲାଗିବ ବୋଲି କୁହାଯାଉଥିଲାବେଳେ ୨୦୨୪ରେ ୧୩୪ବର୍ଷ ଲାଗିବ ବୋଲି କୁହାଯାଇଛି। ଅର୍ଥାତ୍ ୨୧୫୮ମସିହାରେ ଲିଙ୍ଗଗତ ପ୍ରଭେଦ ଦୂର ହୋଇପାରିବ।

ବିଶ୍ୱରେ ସାମଗ୍ରିକ ଭାବେ ଲିଙ୍ଗଗତ ସମାନତା ୨୦୨୩ରେ ୬୮.୪%ରେ ପହଞ୍ଚିଥିଲା ବେଳେ ୨୦୨୪ରେ ଏହା ୬୮.୫% କୁ ବୃଦ୍ଧି ପାଇଛି। ଏହାର ଅର୍ଥ ଲିଙ୍ଗଗତ ପ୍ରଭେଦ ଏବେ ଆହୁରି ୩୧.୬% ଅଛି। ଏହି ଲିଙ୍ଗଗତ ପାର୍ଥକ୍ୟ ବିଶ୍ୱ ହାରାହାରିଠାରୁ ଭାରତରେ ଅଧିକ ଗମ୍ଭୀର। ୨୦୨୩ରେ ଭାରତ ୬୪.୩% ଲିଙ୍ଗଗତ ସମାନତା ହାସଲ କରିଲାବେଳେ ୨୦୨୪ରେ ଏହା ୬୪.୧%କୁ ହ୍ରାସ ପାଇଛି। ଯଦିଓ କୌଣସି ଦେଶ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲିଙ୍ଗଗତ ସମାନତା ହାସଲ କରିନାହାନ୍ତି, ଶ୍ରେଷ୍ଠ ପାଞ୍ଚ ଦେଶ ହେଲେ ଆଇସଲ୍ୟାଣ୍ଡ, ଫିନଲ୍ୟାଣ୍ଡ, ନରୱେ, ନ୍ୟୁଜିଲାଣ୍ଡ, ସୁଇଡେନ। ଗ୍ରେଟ୍‌ବ୍ରିଟେନ ୧୪, ଡେନ୍‌ମାର୍କ ୧୫, ଦକ୍ଷିଣ ଆଫ୍ରିକା ୧୮, ଆମେରିକା ୪୩, ଇଟାଲୀ ୮୭, ଇସ୍ରାଏଲ ୯୧, ଦକ୍ଷିଣ କୋରିଆ ୯୪ ଏବଂ ବାଂଲାଦେଶ ୯୯ରେ ସ୍ଥାନ ପାଇଛି। ଆଫଗାନିସ୍ତାନ ଚଳିତ ବର୍ଷର ତଥ୍ୟରେ ସ୍ଥାନ ପାଇ ନ ଥିବାରୁ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ସୁଦାନ ଶେଷ ସ୍ଥାନରେ ରହିଛି। ମଲାୱି, ମ୍ୟାନମାର ଏବଂ ରୁଷିଆ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ନ ଥିଲେ। ୨୦୨୩ ସୂଚକାଙ୍କରେ ୧୪୬ ଟି ଦେଶ ମଧ୍ୟରୁ ଭାରତ ୧୨୭ ସ୍ଥାନରେ ଥିଲାବେଳେ ୨୦୨୪ରେ ୧୨୯ ସ୍ଥାନକୁ ଖସି ଆସିଛି। ଅର୍ଥାତ୍ ଲିଙ୍ଗଗତ ପ୍ରଭେଦ ଦୂର କରିବାରେ ଏବେ ବି ୧୨୬ଟି ଦେଶ ତଳେ ଭାରତ ରହିଛି। ୨୦୦୬ରେ ଭାରତ ଯେଉଁ



ସ୍ଥିତିରେ ଥିଲା ୨୦୨୪ରେ ୩୧ଟି ସ୍ଥାନ ନିମ୍ନଗାମୀ ହୋଇଛି। ଚିନ୍ତାଜନକ ବିଷୟ ହେଉଛି ୨୦୧୪ରେ ୧୪୨ଟି ଦେଶ ମଧ୍ୟରୁ ୧୧୪ ସ୍ଥାନରେ ଥିଲା। ଭାରତ ପଡୋଶୀ ଦେଶ ଯଥା ବାଂଲାଦେଶ(୯୯), ନେପାଳ (୧୧୧), ଭୁଟାନ (୧୨୪) ଏବଂ ଶ୍ରୀଲଙ୍କା (୧୨୫) ଠାରୁ ପଛରେ ରହିଛି ଏବଂ କେବଳ ପାକିସ୍ତାନ (୧୪୫ )ଠାରୁ ଉନ୍ନତ ସ୍ଥିତିରେ ରହିଛି।

ଏହା ସୂଚକାଙ୍କ ଚାରୋଟି ସବ୍-ଇଣ୍ଡେକ୍ସ ବା ଉପ ସୂଚକାଙ୍କ ଯଥା ମହିଳାମାନଙ୍କର ଅର୍ଥନୈତିକ ଅଂଶଗ୍ରହଣ ଏବଂ ସୁଯୋଗ ପ୍ରାପ୍ତି, ଶିକ୍ଷା ପ୍ରାପ୍ତି, ସ୍ୱାସ୍ଥ୍ୟ ଏବଂ ବଞ୍ଚିବାର ସମ୍ଭାବନା, ରାଜନୈତିକ ସଶକ୍ତୀକରଣ ଉପରେ ପର୍ଯ୍ୟବସିତ। ଭାରତ ନିମ୍ନଗାମୀ ହେବାର କାରଣ ହେଉଛି ଶିକ୍ଷାପ୍ରାପ୍ତି ଏବଂ ରାଜନୈତିକ ସଶକ୍ତୀକରଣରେ ଖରାପ ପ୍ରଦର୍ଶନ କରିଛି। ଆର୍ଥିକ ଅଂଶଗ୍ରହଣ ଏବଂ ସୁଯୋଗରେ ସୂଚକାଙ୍କରେ ପୂର୍ବବର୍ଷ ପରି ୧୪୨ତମ ସ୍ଥାନରେ ଥିଲାବେଳେ ଏଥର ସେହି ସ୍ଥାନରେ ରହିଛି। ଶ୍ରମ-ଶକ୍ତିରେ ଅଂଶଗ୍ରହଣ ହାରରେ ୧୩୪ତମ ଏବଂ ସମାନ କାର୍ଯ୍ୟ ପାଇଁ ମଜୁରି ସମାନତା ଉପରେ ୧୨୦ ତମ ସ୍ଥାନ ଅଧିକାର କରିଛି, ଯାହା ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ରୋଜଗାରରେ ଯଥେଷ୍ଟ ପାର୍ଥକ୍ୟ ଦର୍ଶାଉଛି। ଭାରତର ଆର୍ଥିକ ସମାନତା ୩୯.୮% ପହଞ୍ଚିଛି। ଏହାର ଅର୍ଥ ମଜୁରି ତାରତମ୍ୟ ବ୍ୟାପକ। ଭାରତରେ ମହିଳାମାନେ ପୁରୁଷମାନେ ରୋଜଗାର କରୁଥିବା ପ୍ରତ୍ୟେକ ୧୦୦ଟଙ୍କା ପାଇଁ ହାରାହାରି ୩୯.୮ ଟଙ୍କା ରୋଜଗାର କରନ୍ତି। ଏହା ଦର୍ଶାଏ ଯେ ଭାରତରେ ମହିଳାମାନେ କେତେ ଅବହେଳିତ ଓ ବଞ୍ଚିତ। ଶିକ୍ଷାପ୍ରାପ୍ତି ଦୃଷ୍ଟିରୁ ଭାରତ ପୂର୍ବବର୍ଷ ୨୬ତମ ସ୍ଥାନରେ ଥିଲାବେଳେ ୨୦୨୪ ସୂଚକାଙ୍କରେ ୧୧୨ ସ୍ଥାନକୁ ଖସିଆସିଛି। ଏହାର ମୁଖ୍ୟ କାରଣ ହେଉଛି ସାକ୍ଷରତା ହାର ଦୃଷ୍ଟିରୁ ପୁରୁଷଙ୍କଠାରୁ ମହିଳାଙ୍କ କ୍ଷେତ୍ରରେ ଏହା ୧୭.୨% କମ୍। ପ୍ରାଥମିକ ଶିକ୍ଷା ନାମଲେଖାରେ ୮୯ ତମ ସ୍ଥାନରେ ଥିବାବେଳେ ଉଚ୍ଚଶିକ୍ଷା ନାମଲେଖାରେ ୧୦୫ ତମ, ସାକ୍ଷରତା ହାରରେ ୧୨୪ ତମ ସ୍ଥାନରେ ରହିଛି।

ରାଜନୈତିକ ସଶକ୍ତୀକରଣରେ ଭାରତ ୨୦୨୩ ସୂଚକାଙ୍କରେ ୫୯ତମ ସ୍ଥାନରେ ଥିଲାବେଳେ ଏବର୍ଷ ୬୫ ଅଙ୍କକୁ ଖସି ଆସିଛି। ସଂସଦରେ ବିଶ୍ୱରେ ମହିଳାଙ୍କ ପ୍ରତିନିଧି ୨୭.୬% ହୋଇଥିଲାବେଳେ ଭାରତରେ ମହିଳାଙ୍କ ପ୍ରତିନିଧି ମାତ୍ର ୧୭.୨% ଏବଂ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ପଦରେ ମାତ୍ର ୬.୯% ଥିବାରୁ ଭାରତର ସ୍ଥିତିରେ ଅବନତି ଘଟିଛି। ଏହା ଆହୁରି ନିମ୍ନଗାମୀ ହେବ, କାରଣ ଗତ ଲୋକ ସଭାରେ ମହିଳାଙ୍କ ପ୍ରତିନିଧି ୧୪.୪% ଥିଲାବେଳେ ୨୦୨୪ରେ ୧୩.୬%କୁ ହ୍ରାସ ପାଇଛି। ଏହା ଅତ୍ୟନ୍ତ ଚିନ୍ତାର କାରଣ ଯେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ବଞ୍ଚିବାର ସମ୍ଭାବନା କ୍ଷେତ୍ରରେ ଭାରତ ୧୪୨ ସ୍ଥାନରେ ଅଛି।

ଭାରତରେ ମହିଳାଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୮%ରୁ ଅଧିକ, କିନ୍ତୁ ଶ୍ରମଶକ୍ତିରେ ଅଂଶଗ୍ରହଣ ମାତ୍ର ୨୪% ଓ ଜିଡିପିକୁ ଅବଦାନ ମାତ୍ର ୧୭%। ମହିଳାମାନେ ମଜୁରି ମିଳୁ ନ ଥିବା ଘରୋଇ କାର୍ଯ୍ୟ ପ୍ରାୟ ୮୦% କରନ୍ତି, ଏଣୁ ଜିଡିପିରେ ଅବଦାନ କମ୍ ରହୁଛି। ଯଦି ପୁରୁଷଙ୍କ ପରି ମହିଳାଙ୍କୁ ସମାନ ସୁବିଧା ସୁଯୋଗ ଓ ସୁବିଧା ମିଳେ, ତେବେ ଜିଡିପି ଅଧିକ ବୃଦ୍ଧିପାଇବ। ଏଣୁ ଲିଙ୍ଗଗତ ସମାନତା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏଣୁ ଲିଙ୍ଗଗତ ସମାନତା ପରେ ବା ଲିଙ୍ଗଭିତ୍ତିକ ଇକ୍ୱିଟି ଉପରେ ପ୍ରାଧାନ୍ୟ ଦିଆଯାଇଛି। ଲିଙ୍ଗଗତ ସମାନତା ଅର୍ଥ ଲିଙ୍ଗ ବା ଜେଣ୍ଡରକୁ ଭିତ୍ତିକରି କୌଣସି ସୁବିଧା ସୁଯୋଗରୁ ବଞ୍ଚିତ ନ କରି ସମାନ ସୁଯୋଗ, ସୁବିଧା ଉଭୟ ପୁରୁଷ ମହିଳାଙ୍କୁ ଯୋଗାଇ ଦେବା। କିନ୍ତୁ ସବୁ ମହିଳା ସମାନ ସ୍ଥିତିରେ ନାହାନ୍ତି। କିଛି ମହିଳା ପ୍ରାଚୁର୍ଯ୍ୟ, ଉନ୍ନତ ତଥା ସାଧୀନ ଜୀବନ ବିତେଇଲା ବେଳେ ଅନେକେ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଦୁଃଖମୟ ଜୀବନ ବିତାଉଛନ୍ତି। ଏଣୁ ସବୁ ମହିଳାଙ୍କୁ ସମାନ ସୁବିଧା, ସୁଯୋଗ ନ ଦେଇ ଯିଏ ଅଧିକ ଦୁର୍ବଳ, ନିଷ୍ପେଷିତ, ଅବହେଳିତ ତାଙ୍କୁ ଅନ୍ୟମାନଙ୍କ ସହିତ ସମକକ୍ଷ ହେବାପାଇଁ ଅଧିକ ସୁବିଧା, ସୁଯୋଗ ଓ ରିହାତି ଯୋଗାଇଦେବା ଆବଶ୍ୟକ, ଯାହାକୁ ଲିଙ୍ଗଭିତ୍ତିକ ମୌଳିକ ନ୍ୟାୟ ବା ଇକ୍ୱିଟି କୁହାଯାଏ। ଏଥିପାଇଁ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନିବେଶ ଆବଶ୍ୟକ। ସମ୍ପ୍ରତି କେରଳ ସରକାରଙ୍କ ନୂତନ ପଦକ୍ଷେପ ସ୍ୱରୂପ ସ୍କୁଲ ପାଠ୍ୟପୁସ୍ତକରେ ଲିଙ୍ଗ ନିରପେକ୍ଷ ତଥ୍ୟ ଉପସ୍ଥାପନ କରାଯାଉଛି। ଅର୍ଥାତ୍ ଆଗରୁ ଜଣେ ମହିଳା ରୋଷେଇ କରିବାର ଦେଖିବାକୁ ମିଳୁଥିଲା ଏବଂ ଏବେ ଉଭୟ ମହିଳା କିମ୍ବା ପୁରୁଷଙ୍କୁ ଦେଖିବାକୁ ମିଳିବ। କର୍ତ୍ତୃପକ୍ଷଙ୍କ କହିବାନୁସାରେ, ସେମାନଙ୍କର ଉଦ୍ୟମର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କର ମନରେ ଲିଙ୍ଗ ନିରପେକ୍ଷତାର ବାର୍ତ୍ତା ପ୍ରଚାର କରିବା।

ମୋ: ୯୪୩୭୨୦୮୭୬୨

# ସୀମା ଭିତରେ ଜିଇବା



ବିପ୍ଲବ

ମଣିଷ ଗୋଟିଏ ସାମାଜିକ ପ୍ରାଣୀ। ତେଣୁ ସାମାଜିକ ବିଧି ବ୍ୟବସ୍ଥା ଭିତରେ ଏକ ଶୃଙ୍ଖଳିତ ଜୀବନଯାପନ ପାଇଁ ଅନେକ ସୀମାରେଖା ତା' ପାଇଁ ରହିଛି। କିଛି ସୀମାରେଖା ସମ୍ବିଧାନ ଟାଣିଚି, କିଛି ସୀମାରେଖା ସମାଜ ଟାଣିଚି। କିଛି ସୀମାରେଖା ସେ କାର୍ଯ୍ୟ କରୁଥିବା କ୍ଷେତ୍ର ଟାଣିଛି। ବିଚାରବନ୍ତ ବ୍ୟକ୍ତିବିଶେଷ ନିଜର ମଙ୍ଗଳ ପାଇଁ ବା ଦେଶ, ଜାତି ଅଥବା ଅନ୍ୟର ମଙ୍ଗଳ ପାଇଁ କେତେକ ସୀମାରେଖା ନିଜ ପାଇଁ ଟାଣି ଥାଆନ୍ତି। ଏହିସବୁ ସୀମାରେଖା ଟପି ଯାଉଥିବା ଲୋକଙ୍କୁ ସମାଜ ଅସାମାଜିକ ଆଖ୍ୟା ଦିଏ ଆଉ ତା'ର ବିଚାରକରି ଉପଯୁକ୍ତ ଦଣ୍ଡବିଧାନ କରିଥାଏ। ଏ ତ ଗଲା ସୂକ୍ଷ୍ମ ବିଚାରର ସୀମାରେଖା। ସ୍ଥୂଳ ରୂପରେ ଦେଖିଲେ ଅନେକ ସୀମାରେଖା ମଣିଷ ପାଇଁ ରହିଛି ବା ସେ ନିଜେ ସୃଷ୍ଟି କରିଛି। ଏଇ ଯେମିତି କ୍ଷେତ ମଝିରେ ହିଡ଼, ଘର ମଝିରେ ବାଡ଼, କ୍ଷେତ୍ରର ପରିସୀମା ନିର୍ଦ୍ଧାରଣ ପାଇଁ ପାଚେରି, ଦେଶର ପରିସୀମା ନିର୍ଦ୍ଧାରଣ ପାଇଁ ଏଲ୍‌ଓସି ଇତ୍ୟାଦି। ଏଇ ହିଡ଼, ବାଡ଼, ପାଚେରି ଅଥବା ଏଲ୍‌ଓସି ଯିଏ ଡେଇଁଚି ତା' ପାଇଁ ବିପଦ ଘନେଇ ଆସିଛି। ସେମିତି ମଣିଷ ଜୀବନଶୃଙ୍ଖଳାର ସୀମାରେଖାରେ ବନ୍ଧା। ତାକୁ ଯେତେବେଳେ ମଣିଷ ଅତିକ୍ରମ କରିଯିବାର ପ୍ରୟାସ କରିଛି, ନିଜ ପାଇଁ ବିପଦ ଟାଣିଆଣିଚି। ଦୁଃଖ, ଯନ୍ତ୍ରଣା, ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଛି। ବେଳେବେଳେ ମୃତ୍ୟୁକୁ ବି କୋଳେଇ ନେବାକୁ ବାଧ୍ୟ ହୋଇଛି।

ସୀମାରେଖା ଡେଇଁଯିବାର କୁପରିଣାମ ବିଷୟରେ ଆମର ପୁରାଣ, ଶାସ୍ତ୍ର, ଇତିହାସର ପର୍ଯ୍ୟାପ୍ତ ଉଦାହରଣ ରହିଛି। ସୁବର୍ଣ୍ଣ ହରିଣୀ ଏକ ଅବାସ୍ତବ ସୃଷ୍ଟି ଜାଣି ମଧ୍ୟ ପ୍ରଭୁ ଶ୍ରୀରାମ ତା'ର ପଶ୍ଚାଧାବନ କରିଥିଲେ। ଅନୁଜ ଲକ୍ଷ୍ମଣ ମାତା ଜାନକୀଙ୍କ ପାଇଁ ତିନି ସୀମାରେଖା ଟାଣିଥିଲେ। କିନ୍ତୁ ମାତା ତାକୁ ଟପି ଯାଇଥିଲେ। ଫଳ କ'ଣ ହେଲା ? ରାକ୍ଷସ ରାବଣ ଆଉ ବାନର ରାଜା ବାଳୀ ଅନ୍ୟର ପତ୍ନୀ ହରଣ କରିଥିଲେ। ସୀମାରେଖା ଟପିଯିବାର ଦଣ୍ଡ ସ୍ୱରୂପ ଉଭୟଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା। ଏ ତ ଗଲା ରାମାୟଣର କଥା। ମହାଭାରତରେ ବି ସୀମା ଟପିଯିବାର ଅସଂଖ୍ୟ ଉଦାହରଣ ରହିଛି। ଦୁର୍ଯ୍ୟୋଧନ ପ୍ରତି ଅନ୍ଧପୁତ୍ର ଅନ୍ଧ ଭଳି କଟୁ ମନ୍ତବ୍ୟ ଦେଇ ପାଞ୍ଚାଳୀ ନିଜ ପାଇଁ ବିପଦ ଆହ୍ୱାନ କରିଥିଲେ। ଫଳ ସ୍ୱରୂପ ଦିନେ ଦୁର୍ଯ୍ୟୋଧନ ଆଉ ଦୁଃଶାସନ ଦୁଇ ଭାଇ କୁରୁସଭାରେ ତାଙ୍କୁ ବିବସ୍ତ୍ର କରିବାର ପ୍ରୟାସ କରିଥିଲେ। ତା'ର ଅନ୍ତିମ ପରିଣାମ କେତେ ଭୟଙ୍କର ସଭିଙ୍କୁ ଜଣା। କଂସ ସୀମା ଡେଇଁ ନିଜ ଭଉଣୀ, ଭିଣୋଇଙ୍କୁ ବନ୍ଦୀରଖି ତାଙ୍କର ସାତୋଟି ଶିଶୁର ହତ୍ୟାକାରୀ ସାଜି ଅକାଳେ ନାଶ ଯାଇଥିଲା। ଆମ ଧର୍ମଶାସ୍ତ୍ରର ପ୍ରତିଟି ପୃଷ୍ଠାରେ ସୀମା ଟପିଯିବାର ଅସଂଖ୍ୟ ଉଦାହରଣରେ ପରିପୂର୍ଣ୍ଣ।

ଆମ ଦେଶ ଭାରତ ସହିତ ଚାଇନା ଆଉ ପାକିସ୍ତାନର ସୀମା ବିବାଦ ଦୀର୍ଘ ବର୍ଷ ଧରି ରହିଆସିଛି। ପାକିସ୍ତାନର ସୀମା ପାର ଆତଙ୍କବାଦ ପାଇଁ ଦୁଇ ଦେଶ ମଧ୍ୟରେ ଅନେକ ଥର ଯୁଦ୍ଧ ହୋଇ ଧନ ଜୀବନ ହାନି ହୋଇଛି। ଭାରତ ଆଉ ଚାଇନା ମଧ୍ୟରେ ମଧ୍ୟ ଯୁଦ୍ଧ ହୋଉଛି। ନିଜକୁ ଶକ୍ତିଶାଳୀ



କରିବା ପାଇଁ ଭାରତ ତା'ର ପ୍ରତିରକ୍ଷା ବଜେଟ ମଧ୍ୟ ବୃଦ୍ଧି କରିଛି। ହୁଏତ ଏ ସୀମା ବିବାଦ ନ ଥିଲେ ଏ ପ୍ରତିରକ୍ଷା ବଜେଟକୁ ଭାରତ ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ କରିପାରିଥାନ୍ତା! ଏବେ ରୁଷ୍-ୟୁକ୍ରେନ ଅଥବା ଇସ୍ରାଇଲ- ପାଲେଷ୍ଟାଇନ ମଧ୍ୟରେ ଯେଉଁ ଭୟଙ୍କର ଯୁଦ୍ଧ ହୋଇ ଧନ ଜୀବନ ନଷ୍ଟ ହେଉଚି ତା' ବି ଅହଂକାରର ଲଢ଼େଇ। ବିବେକକୁ ଟପିଯିବାର ଲଢ଼େଇ। କିଛି ମାସ ତଳେ ମଧ୍ୟପ୍ରାଚ୍ୟର ୟୁଏଇରେ କିଛି ଘଣ୍ଟାରେ ୧୨୭ ସେମି ବର୍ଷା ହୋଇଥିଲା, ଯାହା ସମ୍ପୃକ୍ତ ଅଞ୍ଚଳର ଦେଢ଼ ବର୍ଷର ବର୍ଷା ସହିତ ସମାନ। ଫଳ ସ୍ୱରୂପ ଦୁବାଇରେ ଭୟଙ୍କର ବନ୍ୟା ହୋଇ ସମଗ୍ର ବିଶ୍ୱକୁ ଥରାଇଦେଲା। ତା'ର ମୁଖ୍ୟ କାରଣ ଥିଲା ପାଣିର ଆବଶ୍ୟକତାକୁ ପୂରଣ ପାଇଁ କୃତ୍ରିମ ବର୍ଷା ବା କ୍ଲାଉଡ୍ ସେଡିଂର ସାହାଯ୍ୟ ନେବା। ବର୍ଷା ଏକ ପ୍ରାକୃତିକ ପ୍ରକ୍ରିୟା। ଋତୁ ଅନୁସାରେ ସେ ବର୍ଷି ଜୀବ ଜଗତର ମଙ୍ଗଳ କରିଥାଏ। ମାତ୍ର ଅତ୍ୟାଧୁନିକ ଜ୍ଞାନ କୌଶଳରେ ଅନ୍ଧ ଅହଂକାରୀ ମଣିଷ ନିଜର ଜ୍ଞାନ କୌଶଳରେ ବର୍ଷା କରିଦେଲା ସିନା, ତାକୁ ସମ୍ଭାଳିବା କ୍ଷମତା ତା'ର ସୀମା ବାହାର।

ଏବେ ଚାଇନାକୁ ନେଇ ଆଉ ଗୋଟିଏ ଖବର ଚର୍ଚ୍ଚିତ ହୋଇଛି। ଆଉ ମାତ୍ର ଶହେ ବର୍ଷ ପରେ ଚାଇନାର ଏକାଧିକ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଭଳି ଆଶଙ୍କା ସୃଷ୍ଟି ହୋଇଛି। ତା' ଭିତରେ ତା'ର ସବୁଠୁଁ ବିକଶିତ ସହର ସାଂଘାଇ ଏବଂ ବେଜିଂ ମଧ୍ୟ ରହିଛି। ଏହାର କାରଣ ହେଉଛି ଚାଇନାର ଅଧିକାଂଶ ସହରର ଭୂମି ୪୫% ତଳକୁ ଦବିଯାଇଛି। ଦବିଯିବାର କାରଣ ଭିତ୍ତିଭୂମିର ବିକାଶ ଆଳରେ ଭୂଗର୍ଭର ବ୍ୟାପକ ଖନନ, ମାତ୍ରାଧିକ ନିର୍ମାଣ ଆଉ ବ୍ୟାପକ ବୃକ୍ଷଛେଦନ। ତା'ର କୁପରିଣାମ ନିଜେ ଭୋଗିବାକୁ ହୁଏ ନହେଲେ ପରବର୍ତ୍ତୀ ପିଢ଼ି ଭୋଗ କରେ, ଏ କଥା ସେ ଭୁଲିଯାଏ। ବିଶ୍ୱର ଅନ୍ୟତମ ଜଣାଶୁଣା ଦେଶ ଥାଇଲାଣ୍ଡ ଏବେ ତା'ର ରାଜଧାନୀ ବ୍ୟାଙ୍କକକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବ ବୋଲି ଚର୍ଚ୍ଚା ହେଉଚି। ତା'ର ମୁଖ୍ୟ କାରଣ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ। ସହରର ତାପମାତ୍ରା ଭୟଙ୍କର ଭାବରେ ବୃଦ୍ଧି ଘଟୁଛି ଆଉ ବରଫ ତରଳି କିଛି ବର୍ଷ ମଧ୍ୟରେ ସମୁଦ୍ରରେ ଲୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସବୁର ମୂଳ କାରଣ ପ୍ରକୃତି ଉପରେ ମାନବର ସୀମା ପାର ଅତ୍ୟାଚାର।

ମନୁଷ୍ୟ ତା'ର ବ୍ୟକ୍ତିଗତ ଜୀବନରେ ପ୍ରତି ମୁହୂର୍ତ୍ତରେ ନିଜ ପାଇଁ ନିଜେ ଟାଣିଥିବା ସୀମାରେଖା ଟପିଥାଏ, ଆଉ ନିଜ ପାଇଁ ଦୁଃଖ ଯନ୍ତ୍ରଣାକୁ ନିମନ୍ତ୍ରଣ କରିବା ସହିତ ସମାଜର ବ୍ୟାପକ କ୍ଷତି କରିଥାଏ। ଓଠରୁ ଛୁ ଠୁଁ ଭାଷା ଯେତେବେଳେ ଶାଳୀନତାର ସୀମା ଡିଏଁ ସେତେବେଳେ ଦୁଇଟି ବ୍ୟକ୍ତି, ଗୋଷ୍ଠୀ, ଜାତି ଅଥବା ସମ୍ପ୍ରଦାୟ ମଧ୍ୟରେ ରକ୍ତପାତ ଘଟେ। ଲୋଭରେ ହେଉ, ଲାଭରେ ହେଉ ଅଥବା କ୍ରୋଧରେ ହେଉ ସୀମା ଡେଇଁଯିବା ସହଜ। ମାତ୍ର ତା'ର ଭୟଙ୍କର ପରିଣାମ ଆମକୁ ଜଣା ନଥାଏ, ଆଉ ତାକୁ ଭୋଗିବାକୁ ହୁଏ। ଜୀବନର ଏଇ ନିଷ୍ଠୁର ସତ୍ୟ ବିଷୟରେ ଆମେ ସାମାନ୍ୟ ସତର୍କ ହୋଇ ଚିନ୍ତା କଲେ ଅନେକ ଦୁଃଖ ଯନ୍ତ୍ରଣାରୁ ମୁକ୍ତିମିଳେ। ସୀମା ଭିତର ଜୀବନ ସଦାବେଳେ ସୁଖକର ଆଉ ଶାନ୍ତିପ୍ରଦ।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ଡାକ୍ତରଖାନାରେ ବାହାଘର! ଯେଉଁଠି ସମସ୍ତେ ରୋଗରୁ ମୁକ୍ତି ପାଇବା ପାଇଁ ଆସନ୍ତି ସେଠି ପୁଣି ବିବାହ ଭଳି ଏକ କାର୍ଯ୍ୟ। କଥାଟି ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇପାରେ। ମାତ୍ର ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଲକ୍ଷ୍ନୌରେ। ଏଠାରେ ଏକ ହସ୍ପିଟାଲର ଆଇସିୟୁ ୱାର୍ଡରେ ରୋଗୀଙ୍କ ସାମ୍ନାରେ ହୋଇଛି ବିବାହ। ଲକ୍ଷ୍ନୌରେ ରହୁଥିବା ୫୧ ବର୍ଷୀୟ ସୟେଦ ଜୁନେଦ ଇକବାଲ୍ ୧୫ ଦିନ ପୂର୍ବରୁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟ ଆହୁରି ଅଧିକ ଖରାପ ହୋଇଯାଇଥିଲା ଓ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କର ଦୁଇ ଝିଅଙ୍କ ବିବାହ ସେହି ମାସରେ ହେବା ପାଇଁ ସ୍ଥିର ହୋଇଥିଲା। ସୟେଦ ଚାହୁଁଥିଲେ ଝିଅଙ୍କ ବିବାହ ନିଜ ଆଖିରେ ଦେଖିବେ। ତାଙ୍କର ଏହି ଇଚ୍ଛା ପୂରଣ କରିବା ପାଇଁ ଘରଲୋକେ ଡାକ୍ତରଙ୍କ ସହ କଥାବାର୍ତ୍ତା କରିଥିଲେ। ଶେଷରେ ଡାକ୍ତରଖାନା ପକ୍ଷରୁ ସମ୍ମତି ମିଳିବା ପରେ ଆଇସିୟୁରେ ଦୁଇଝିଅଙ୍କ ବିବାହ ନିମନ୍ତେ ସମସ୍ତ ଆୟୋଜନ କରାଯାଇଥିଲା। ଆଇସିୟୁର ନିୟମ ଅନୁସାରେ ଉଭୟ ପକ୍ଷର ଲୋକେ ଉପସ୍ଥିତ ହୋଇ ନିକାହ ଶେଷ କରିଥିଲେ। ଡାକ୍ତରଖାନାର ପରିବେଶରେ ଏଭଳି ଏକ ଭିନ୍ନ ଉତ୍ସବ ଦେଖି ସୟଦଙ୍କ ସହିତ ସେଠାରେ ଥିବା ରୋଗୀମାନଙ୍କ ମୁହଁରେ ହସ ଫୁଟି ଉଠିଥିଲା। ତେବେ ଆଇସିୟୁ ଭିତରେ ଅଧିକ ଲୋକଙ୍କ ପ୍ରବେଶ ନେଇ କଟକଣା ଥିବାରୁ ବନ୍ଧୁବାନ୍ଧବ ସମସ୍ତେ ଉପସ୍ଥିତ ହୋଇପାରି ନ ଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୭୫

- କୋରେଗାଓଁ ରେଲଷ୍ଟେସନ ନିକଟରେ ନାଗପୁର-କୋହ୍ଲାପୁର ମହାରାଷ୍ଟ୍ର ଏକ୍ସପ୍ରେସ୍ ବରଯାତ୍ରୀ ଦଳକୁ ନେଇ ଯାଉଥିବା ଏକ ଟ୍ରକ୍‌କୁ ଧକ୍କା ଦେବାରୁ ୧୯ ଜଣଙ୍କ ମୃତ୍ୟୁ।
- ମୃଣାଳ ସେନଙ୍କ ନିର୍ଦ୍ଦେଶିତ ବଙ୍ଗଳା ଚଳଚ୍ଚିତ୍ର 'କୋରସ' ଜାତୀୟ ପୁରସ୍କାର ଲାଭ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସମୃଦ୍ଧିର ଜାଗ୍ରତ ପ୍ରହରୀ

ମହାଶୟ,
ଭାରତବର୍ଷର ମହାନ୍ ଗଣତନ୍ତ୍ରର ମାନ୍ୟତା ଓ ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱର ସୁରକ୍ଷାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସତ୍ୟ, ଶାନ୍ତି, ଅହିଂସା ବାର୍ତ୍ତାର ମୂଳମନ୍ତ୍ରରେ ସୁରକ୍ଷିତ ରଖିବା ଲାଗି ସମସ୍ତ ରାଜନୈତିକ ଦଳର ନେତାଙ୍କ ସୁଶାସନ ବ୍ୟବସ୍ଥାରେ ସୁସଙ୍ଗଠିତ ପ୍ରଶାସନିକ ଦକ୍ଷତା ପ୍ରଦର୍ଶନ ଏକାନ୍ତ କାମ୍ୟ । ସମସ୍ତ ନିର୍ବାଚିତ ଜନପ୍ରତିନିଧିମାନେ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ବିକାଶ ସମୃଦ୍ଧିର ୧୪୦ କୋଟି ଜନତାଙ୍କ ଜାଗ୍ରତ ପ୍ରହରୀ। ନିର୍ବାଚନ ପ୍ରଚାର ସମୟରେ ସାଧାରଣ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଯଥା ବିଜ୍ଞାନ, ଶିକ୍ଷା, କୃଷି, ଜଳସେଚନ, ଶିଳ୍ପାୟନ ଓ ନିଯୁକ୍ତି ସୁଯୋଗର ପ୍ରାଧାନ୍ୟକୁ କର୍ତ୍ତବ୍ୟର ଆଭିମୁଖ୍ୟ ରୂପେ ଅକ୍ଷରେ ଅକ୍ଷରେ ପାଳନ କରିବାର ସମୟ ଉପନୀତ । ଭାରତବର୍ଷରେ ନେତାମାନଙ୍କର ପ୍ରଶାସନିକ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାରେ ଉତ୍ସର୍ଗୀତ ମନୋଭାବ ସହ ସ୍ୱଦେଶପ୍ରାଣତା, ଶୃଙ୍ଖଳା, ସାଧୁତା, ନିଷ୍ଠା ଓ କର୍ତ୍ତବ୍ୟବୋଧତାରେ ସ୍ୱଚ୍ଛତା ଓ ଆନ୍ତରିକତା ଯେ ନିବିଡ଼ ଭାବେ ଜଡ଼ିତ ତାହା ହୃଦୟଙ୍ଗମ କରିବାର ଆବଶ୍ୟକତା ରହିଛି।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

କ୍ଲିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା।
-(ଫଗୁଣ ଜ୍ୟୋସ୍ନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମଜୁରି ବୃଦ୍ଧି ଯୋଗୁ ଚାଷୀ ଅଣନିଃଶ୍ୱାସୀ

- ମୌସୁମୀ ବିଳମ୍ବ ଧାନଚାଷକୁ ପ୍ରଭାବିତ କରିବ
- କିସମ ପରିବର୍ତ୍ତନ ଯୋଗୁ ଜମି ପଡିଆ ପଡୁଛି

ପଟ୍ଟାମୁଣ୍ଡାଇ,୧୬।୬ (କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇରେ ଜମି କିସମ ପରିବର୍ତ୍ତନ କରି ଘର ତିଆରି ଚାଲିଛି।


ନୟନଯୋରି ବନ୍ଧ ଥିବାରୁ ଜମିକୁ ପାଣି ମାଡ଼ି ପାରୁନି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଏବଂ ଚାଷଖର୍ଚ୍ଚ ବୃଦ୍ଧିକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏପରିକି ଅନେକ ଚାଷୀ ଚାଷକାର୍ଯ୍ୟରୁ ନିଜକୁ ଦୂରେଇ ନେଲେଣି। ଗୋଟିଏ ପଟେ ପ୍ରାକୃତିକ ବିପର୍ଯ୍ୟୟ, ଅନ୍ୟପକ୍ଷେ ଚାଷ କାର୍ଯ୍ୟରେ ହେଉଥିବା ଖର୍ଚ୍ଚ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ ଆଉ ସେଭଳି ଦେଖାଯାଉ ନ ଥିବା ବେଳେ ଚଳିତବର୍ଷ ଭାଜପା ସରକାର ପ୍ରଥମ କ୍ୟାବିନେଟ୍ ବୈଠକରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝି ସୂଚନା ଦେବା ପରେ କୃଷକମାନଙ୍କ ମଧ୍ୟରେ ଆଗ୍ରହ ଦେଖାଦେଇଛି। ହେଲେ ଚଳିତବର୍ଷ ମୌସୁମୀ ଆସିବାରେ ବିଳମ୍ବ ଯୋଗୁ ବର୍ଷା ଅଭାବରୁ ଧାନବୁଣା କିମ୍ବା ତଳିପକା କାମ ହୋଇ ପାରୁ ନ ଥିବା ବେଳେ ମଜୁରି ବୃଦ୍ଧି ଯୋଗୁ ଚାଷୀମାନେ ବେଳକୁ ବେଳ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

କୃଷକ ନେତା ରଞ୍ଜିତ ପ୍ରଧାନ କହିଛନ୍ତି, ଖରିଫ ଋତୁରେ ଭଲ ବର୍ଷା ହେବା ସହ କେନାଲରେ ପାଣି ଆସିଲେ ଚାଷୀମାନେ ଅକ୍ଷୟତୃତୀୟାଠାରୁ ଧାନ ବୁଣିବା ଓ ତଳି ପକାଇବା କାମ ଆରମ୍ଭ କରିଥାନ୍ତି। ମାତ୍ର ଚଳିତ ଆଷାଢ଼ ମାସରେ ଭଲ ବର୍ଷା ନ ହେବାରୁ ଧାନବୁଣା କି ତଳିପକା କାମ ଆରମ୍ଭ ହୋଇନାହିଁ। ଏଥିସହ କେନାଲରେ ଏ ପର୍ଯ୍ୟନ୍ତ ପାଣି ଆସୁ ନ ଥିବାରୁ ଏହା ଉପରେ ନିର୍ଭରଶୀଳ ଚାଷଜମି ମଧ୍ୟ ସେପରି ପଡ଼ିଛି। ମୋଟାମୋଟି ଭାବେ ମୌସୁମୀ ଧାନଚାଷକୁ ପ୍ରଭାବିତ କରିବା ନେଇ ଚାଷୀମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। କୃଷି କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨୦୨୩ରେ ପାଖାପାଖି ୧୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଚଳିତବର୍ଷ ୧୦,୪୦୦ ହେକ୍ଟର ଜମିରେ ଖରିଫ ଫସଲ ହେବା ଲକ୍ଷ୍ୟ ରଖାଯାଇଛି। ୨୦୦ ହେକ୍ଟର ଜମିରେ ଧାନ ବୁଣା ହେବ। ୭୦୦ ହେକ୍ଟର ଜମିରେ ତଳି ପଡ଼ିବାକୁ ଥିବାବେଳେ ପାଣି ଯୋଗୁ ଚାଷ କାମରେ ବାଧା ଉପୁଜିଛି ବୋଲି ପଟ୍ଟାମୁଣ୍ଡାଇ କୃଷି ବିଭାଗ ଅତିରିକ୍ତ କୃଷି ଅଧିକାରୀ ଶରତ ନାୟକ କହିଛନ୍ତି। କୃଷକ ପ୍ରଦୀପ ନାୟକ, ସନ୍ତୋଷ ଭୋଳ, ପାରେଶ୍ୱର ସେଠୀ, ଅଭୟ ବଳ, ସୁଧୀର ଦାସ, ଭିକାରୀ ବାଇ ପ୍ରମୁଖ କହିଛନ୍ତି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ପ୍ରତିବର୍ଷ ବ୍ଲକର ବିଭିନ୍ନ ରାଜସ୍ୱ ମୌଜାରେ ପ୍ରାୟତଃ ହଜାର ହଜାର ହେକ୍ଟର ଜମିରେ ଖରିଫ ଫସଲ ହୋଇଥାଏ। କିନ୍ତୁ ଚଳିତବର୍ଷ ବର୍ଷା ହେବାରେ ବିଳମ୍ବ, କେନାଲରେ ପାଣି ନ ଆସିବା ଓ କିସମ ପରିବର୍ତ୍ତନ ହେବା କାରଣରୁ ୧,୬୦୦ ହେକ୍ଟର ଜମିରେ ଆଉ ଧାନଚାଷ ହେବ ନାହିଁ ବୋଲି ଆକଳନ କରାଯାଇଛି। ଅଧିକାଂଶ ଗ୍ରାମରେ ଜଳସେଚନର ସୁବିଧା ହୋଇ ନ ଥିବାରୁ ଚାଷ ପାଇଁ ବର୍ଷା ଜଳ ଉପରେ ଚାଷୀ ନିର୍ଭର କରିବାକୁ ପଡୁଛି। ଚଳିତବର୍ଷ ମୌସୁମୀଜନିତ ଭଲ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ବହୁ ଚାଷୀ ଚାଷ ପାଇଁ ମନ ବଳାଇଥିଲେ। ହେଲେ ଜୁନ୍ ଶେଷ ହେବାକୁ ବସିଥିଲେ ମଧ୍ୟ ମୌସୁମୀ ବର୍ଷା ହୋଇପାରିନାହିଁ। ସାଧାରଣତଃ ରଜପର୍ବ ପରେ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ହେଲେ ଚଳିତବର୍ଷ ବର୍ଷା ଅଭାବରୁ ଅଧିକାଂଶ ଜମି ହଳ ହୋଇ ପଡିଛି। ଅପରପକ୍ଷେ କେତେଜଣ ଚାଷୀ କାଳବୈଶାଖୀ ଜନିତ ବର୍ଷା ପରେ ଜମିରେ ଧାନ ବୁଣିଥିଲାବେଳେ ତାହା ଏବେ ବର୍ଷା ଅଭାବରୁ ଭୂଇଁରୁ ଉଠି ପାରୁନାହିଁ। ଯଦି ଆସନ୍ତା ସପ୍ତାହ ମଧ୍ୟରେ ବର୍ଷା ନ ହୁଏ, ତେବେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଧାନବୁଣା ଓ ରୁଆ ସମୟ ହୋଇଥିଲେ ମଧ୍ୟ ମୌସୁମୀ ନ ଆସିବା ନେଇ ଖରିଫ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଜୁନ୍ ଆରମ୍ଭରୁ ଧାନଚାଷ ପାଇଁ ଯେତିକି ବର୍ଷା ଦରକାର ତାହା ହୋଇନାହିଁ। ଚଳିତ ମାସରେ ଆବଶ୍ୟକ ବର୍ଷା ନ ହେଲେ ବେଳକୁ ବେଳ ପରିସ୍ଥିତି ସଙ୍ଗିନ ହେବାକୁ ଯାଉଛି। ମଜୁରି ବୃଦ୍ଧି ଏବଂ କୃଷି ଶ୍ରମିକ ମିଳୁ ନ ଥିବାରୁ ଚାଷ ବେଳକୁ ବେଳ ମହଙ୍ଗା ହେବାରେ ଲାଗିଛି। ଫଳରେ ଅନେକ ଚାଷୀ ଅଳ୍ପ ବହୁତ ଜମିରେ ନିଜ ଗୁଜରାଣ ମେଣ୍ଟେଇବା ପାଇଁ ଚାଷ କରି ବାକି ପଡିଆ ଛାଡି ଦେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୪-୧୫ରେ ଧାନ ଉତ୍ପାଦନ ପାଇଁ ଏକର ପିଛା ୩୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨୦୨୩-୨୪ରେ ଏହା ୧୪ ହଜାର ଉପର ଟଙ୍କାକୁ ବୃଦ୍ଧି ପାଇଛି।

# ଶର୍ଟସର୍କିଟରୁ ଜଳିଗଲା ୪ ବଖରା

ଆଳି, ୧୬।୬ (ବନମାଳୀ ସେନାପତି)

ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡରେ ନିମିଷକ ମଧ୍ୟରେ ୪ ବଖରା ନଡ଼ାଛପର ଜଳି ପୋଡି ପାଉଁଶ ହୋଇଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଳି ଥାନା ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତ ବଡ଼ମାନପୁର ଗ୍ରାମରେ। ଗ୍ରାମର ସଞ୍ଜୟ ମହାପାତ୍ରଙ୍କ ଘରେ ରବିବାର ମଧ୍ୟାହ୍ନ ୧ଟାରେ ହଠାତ୍ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହିତ ଦମକଳ ବାହିନୀଙ୍କୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦମକଳ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ସାମଗ୍ରୀ ଉଦ୍ଧାର କରି ପାରି ନ ଥିଲେ। ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସଞ୍ଜୟଙ୍କ ଘର ଜଳିଯିବା ପରେ ପରିବାର ଲୋକ ବେସାହାରା ହୋଇ ପଡିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବରପାଇ ଘଟଣା ସ୍ଥଳରେ ତହସିଲ ପକ୍ଷରୁ ରାଜସ୍ୱ ଅଧିକାରୀ ପହଞ୍ଚିବା ବେଳେ ଭୂଇଁପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି। ସରକାରୀ ସ୍ତରରେ କିପରି ପରିବାର ଲୋକଙ୍କୁ କ୍ଷତି ମିଳିପାରିବ ସେ ନେଇ ଗ୍ରାମବାସୀ ଦାବି କରିଛନ୍ତି।


ଦମକଳ ବାହିନୀ ସହ ଗ୍ରାମବାସୀ ନିଆଁ ଲିଭାଉଛନ୍ତି।

# ଆଳି ଗାନ୍ଧୀ ସହଦେବଙ୍କ ଶ୍ରାଦ୍ଧ ଦିବସ


ଆଳି ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥି।

ଆଳି,୧୬।୬ ( ବନମାଳୀ ସେନାପତି)

ଆଳି ଗାନ୍ଧୀ, ଆଳିର ପୂର୍ବତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସହଦେବ ଦାସଙ୍କ ୬୩ତମ ଶ୍ରାଦ୍ଧ ଦିବସ ତାଙ୍କର ଜନ୍ମସ୍ଥାନ ନମୋଜା ଅଞ୍ଚଳରେ ପାଳିତ ହୋଇଯାଇଛି। ପବିତ୍ର ରଜ ସଂକ୍ରାନ୍ତି ଅବସରରେ ସ୍ୱର୍ଗତ ସହଦେବ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ନୂଆଗାଁ ସିନିୟର ବେସିକ ସ୍କୁଲ ନିକଟରେ ନିର୍ମିତ ହୋଇଥିବା ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତିରେ ସହଦେବ ଦାସ ସ୍ମୃତି କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବିଦ୍ୟାଳୟ ସନ୍ନିକଟ ତାଙ୍କ ସମାଧି ପୀଠରେ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କର ପ୍ରିୟ ଗୀତ ରାମଧୁନ ଗାନ କରାଯାଇଥିଲା। ନୂଆଗାଁ ସିନିୟର ବେସିକ ସ୍କୁଲ ପରିସରରେ ଥିବା ଅନ୍ୟ ମହାପୁରୁଷଙ୍କର ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ କଟକ-ଚାନ୍ଦବାଲି ରାସ୍ତା କଡ଼ରେ ନିଆଳ ଛକରେ ଥିବା ସ୍ୱର୍ଗତ ଦାସଙ୍କ ପୂର୍ଣ୍ଣ ଅବୟବ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ନନ୍ଦ, ବୀରେନ୍ଦ୍ର କୁମାର ପଣ୍ଡା, ମଧୁସୂଦନ ଦାସ, ପ୍ରଦ୍ୟୁମ୍ନ କୁମାର ଦାଶ, ବିଜୟ କୁମାର ମହୀ, ବାମନ ଚରଣ ଦାସ, ତ୍ରୈଲୋକ୍ୟ ପଣ୍ଡା, ବିଦ୍ୟାଧର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଲକ୍ଷାଧିକ ଟଙ୍କାର ଚୋରି, ୫ ଦିନ ପରେ ପୋଲିସ ହାତ ଖାଲି

ରାଜକନିକା,୧୬।୬ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳରେ ଦିନକୁ ଦିନ ଦୁର୍ବୃତ୍ତମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ପୋଲିସ ପ୍ରଶାସନର ନିଷ୍କ୍ରିୟତାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିବାରେ ସକ୍ଷମ ହେଉଛନ୍ତି। ଏମିତି ଏକ ଚୋରି ଘଟଣା ଘଟିଛି ଥାନାଠାରୁ ଅଳ୍ପ ଦୂର ବାଘବୁଦା ନୂଆସାହି ଗ୍ରାମରେ। ଗତ ୧୧ତାରିଖ ରାତିରେ ନୂଆସାହି ଗାଁର ପ୍ରକାଶ ପାଣିଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ଆସବାବପତ୍ର ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଚୋରି ପରେ ସିସିଟିଭି ହାଡଡିସ୍କକୁ ମଧ୍ୟ ନେଇ ଯାଇଥିବା ନେଇ ଘର ଦାୟିତ୍ୱରେ ଥିବା ସନାତନ ରାଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରକାଶ ପାଣି ପରିବାର ସହ ବାହାରେ ରହୁଥିବାରୁ ଘରର ସମସ୍ତ ଦାୟିତ୍ୱ ସେହି ଗାଁର ପଡୋଶୀ ସନାତନଙ୍କୁ ଦେଇଛନ୍ତି ବୋଲି ଏତଲାକାରୀ ଏତଲାରେ ଦର୍ଶାଇଛନ୍ତି। ଏହି ଚୋରିକୁ ୫ ଦିନ ବିତିଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କ କୌଣସି ପତ୍ତା ପାଇନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ



ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବରେ ପିଲାମାନେ ପୁଚି ଖେଳୁଛନ୍ତି।

ରାଜନଗର, ୧୬।୬ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କେରେଡାଗଡ଼ ପଞ୍ଚାୟତ ବରୁଣେଶ୍ୱର ମନ୍ଦିର ପରିସରରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଦୁଇଦିନ ଧରି ପାଳନ କରାଯାଇଛି। ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ପ୍ରଥମଦିନ କାର୍ଯ୍ୟକ୍ରମରେ ଡ. ଅଭୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବାବାଜୀ ଧଳ ଯୋଗଦେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଅକ୍ଷୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅନିଲ କୁମାର ବଳ, ଦିଲୀପ କୁମାର ବିଶ୍ୱାଳ, ରଶ୍ମି ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପୁଚି, ଝୋଟି, ଦଉଡିଡିଆଁ, ମ୍ୟୁଜିକଚେୟାର, ଗୀତ, ନୃତ୍ୟ ପ୍ରତିଯୋଗିତାରେ ବାଳିକାମାନେ ଭାଗ ନେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିବା ବେଳେ ବିଶ୍ୱଜିତ କୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚିନ ଦାସ, ବିନୋରୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।

# ଦୋକାନରେ ଟଳିପଡ଼ିଲେ ବ୍ୟବସାୟୀ

ଅସୁରାଳି,୧୬।୬ (ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକର ଶହୀଦନଗରଠାରେ ଜଣେ ବ୍ୟବସାୟୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ରବୀନ୍ଦ୍ର ସାହୁ(୪୫)। କଟସାହି ପଞ୍ଚାୟତ ପାଟଣା ଗ୍ରାମର ଅନାମ ସାହୁଙ୍କ ପୁଅ ରବୀନ୍ଦ୍ର ଶନିବାର ଅପରାହ୍ନରେ ଶହୀଦନଗରସ୍ଥିତ ତାଙ୍କ ଫେବ୍ରିକେସନ ଦୋକାନରେ ଥିବାବେଳେ କୌଣସି କାରଣରୁ ଟଳି ପଡ଼ିଥିଲେ। ଅନ୍ୟ ଦୋକାନୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ କିମ୍ବା ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ବାବୁଲିଙ୍କ ପାଖରେ ପହଞ୍ଚିଲା ଡାକ୍ତରୀ ଟିମ୍


ଚାନ୍ଦବାଲି ବ୍ଲକ ମାଧପୁର ଗ୍ରାମର ବାବୁଲିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତର ଘରକୁ ଆସିଛନ୍ତି।

ଭଦ୍ରକ,୧୬।୬ (ସନାତନ ରାଉତ)

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ତତ୍ପର**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମାଧପୁର ଗ୍ରାମର ସ୍ନାୟୁଗତ ଜଟିଳ ରୋଗରେ ପୀଡ଼ିତ ୧୪ ବର୍ଷୀୟ ବାବୁଲି ବାରିକଙ୍କ ପାଖରେ ରବିବାର ପହଞ୍ଚିଛି ଡାକ୍ତରୀ ଟିମ୍। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ତତ୍ପର ହୋଇଥିବା ବେଳେ ତ୍ୱରିତ ପଦକ୍ଷେପ ସ୍ୱରୂପ ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ବାବୁଲିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି।

ମାଧପୁର ଗ୍ରାମର ଚିନ୍ତାମଣି ବାରିକ ଏବଂ ଝରଣା ବାରିକଙ୍କ ପୁଅ ବାବୁଲି ଶୈଶବରୁ ଆରମ୍ଭରୁ ସ୍ନାୟୁଜନିତ ବିରଳ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗି ଆସୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ବ୍ୟୟବହୁଳ ଚିକିତ୍ସା ପାଇଁ ଅସମର୍ଥ। ବାବୁଲିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡିଆ ଓ ଗଣମାଧ୍ୟମରୁ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାବୁଲିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ଏକ ଡାକ୍ତରୀ ଦଳ ମାଧପୁରସ୍ଥିତ ବାବୁଲିଙ୍କ ଘରକୁ ପଠାଯାଇଥିଲା। ସେଠାରେ ତାଙ୍କ ରୋଗର ପରୀକ୍ଷା ନିରୀକ୍ଷା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେବା ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ଅନୁସାରେ ସାହାଯ୍ୟ ସହଯୋଗ ପ୍ରଦାନ ପାଇଁ ଉକ୍ତ ପରିବାର ସହ ଜିଲା ପ୍ରଶାସନ ଯୋଗାଯୋଗରେ ରହିଥିବା ଜିଲାପାଳ କହିଛନ୍ତି।

# ମହିଳାରେ କିଟ୍, ପୁରୁଷରେ ଦକ୍ଷିଣ ପୂର୍ବ ରେଳୱେ ଚାମ୍ପିୟନ

ରସୁଲପୁର,୧୬।୬(ରଞ୍ଜିତ ରାଉତ)





**ସର୍ବଭାରତୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର କବାଡି ଷ୍ଟାଡିୟମଠାରେ ଯାଜପୁର କବାଡ଼ି ଆସୋସିଏଶନ ପକ୍ଷରୁ ଆୟୋଜିତ ୬୯ତମ ସର୍ବଭାରତୀୟ ଏ-ଗ୍ରେଡ୍ କବାଡି ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ମହିଳା ବିଭାଗରେ ଓଡ଼ିଶାର କିଟ୍ ମହିଳା କବାଡ଼ି ଦଳ ଛତିଶଗଡ଼ର ରାଜନନ୍ଦ ଗାଁଓକୁ ୩୩-୨୯ ପଏଣ୍ଟ ବ୍ୟବଧାନରେ ହରାଇ ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗରେ ଦକ୍ଷିଣ ପୂର୍ବ ରେଲୱେ ଦଳ ପ୍ରତିପକ୍ଷ ନାଗପୁର ଦଳକୁ ୪୭-୪୦ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଠାରେ ଅନୁଷ୍ଠିତ ମହିଳା ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ରାଜନନ୍ଦ ଗାଁଓ ଦଳ ରାଇପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କିଟ୍ ଦଳ ବିପକ୍ଷ କଳିଙ୍ଗ କବାଡି ଏକାଡେମୀକୁ ହରାଇ ଫାଇନାଲରେ ପ୍ରତିପକ୍ଷ ରାଜନନ୍ଦ ଗାଁଓକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରୁଷ ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଦକ୍ଷିଣ ପୂର୍ବ ରେଲ୍‌ୱେ ଦଳ ବିପକ୍ଷ ପୂର୍ବ ରେଲ୍‌ୱେକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ନାଗପୁର ଦଳ ଓଡ଼ିଶାର ଶ୍ରୀଜଗନ୍ନାଥ ପୁରୀ ଦଳକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା।

ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଯାଜପୁର କବାଡ଼ି ଆସୋସିଏଶନ ସଭାପତି ପ୍ରଦୀପ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତାଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଓଡ଼ିଶା କବାଡି ଆସୋସିଏଶନ ସମ୍ପାଦକ ଅଜୟ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ୧ ଲକ୍ଷ ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଅପଦଳକୁ ୬୦ ହଜାର, ତୃତୀୟ ଦଳ ଭାବରେ ପୂର୍ବ ରେଳବାଇକୁ ୩୦ହଜାର ଟଙ୍କା ଅର୍ଥରାଶି ସହ ଉପହାର ପ୍ରଦାନ କରାଯାଇଥିଲା। ମହିଳା ଚାମ୍ପିୟନ ଦଳକୁ ୨୫ ହଜାର ଓ ରନର୍ସଅପକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ତୃତୀୟ ଦଳ ଭାବରେ କଳିଙ୍ଗ କବାଡ଼ି ଏକାଡେମୀ ଓ ରାଇପୁର ଉଭୟ ଦଳକୁ ୧୦ ହଜାର ଟଙ୍କା ସହ ଉପହାର ପ୍ରଦାନ କରାଯାଇଥିଲା। ମହିଳା ବିଭାଗର ଶ୍ରେଷ୍ଠ ଖେଳାଳି ଭାବେ କିଟ୍ ଦଳର ୩ନଂ. ଜର୍ସିଧାରୀ ଖେଳାଳି ସୁଶୀଳା ବାତ୍ରାଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳିଭାବରେ ନାଗପୁର ଦଳର ଖେଳାଳି ସୋନୁଙ୍କୁ ପୁରସ୍କୃତ କରାଯାଇଥିଲା।

ଏଠାରେ ୪ଦିନ ବ୍ୟାପୀ ଅନୁଷ୍ଠିତ ଖେଳକୁ ଅଫିସିଆଲଭାବେ ପହଲି ଚରଣ ପ୍ରଧାନ, ସଦାଶିବ ସାହୁ, ସସ୍ମିତା ଦାସ, ସତ୍ୟପ୍ରକାଶ ଦାସ, ପ୍ରଦୀପ ସାହୁ, ଅନାଦି ସାହୁ, କୃଷ୍ଣକାନ୍ତ ପଣ୍ଡା, ସୁରେଶ ସାହୁ, ସ୍କୋରର ବିଭୁ ଭୂଷଣ ପାଳ, ସ୍ୱପ୍ନାରାଣୀ ପ୍ରଧାନ, ବିଶ୍ୱପ୍ରକାଶ ସାହୁ, ଅନିଲ କୁମାର ସ୍ୱାଇଁ, ବିନମାଳୀ ଦାସ, ପ୍ରଭାକର ରାଉତ, ମୁକେଶ ସାହୁ, ପୁପୁନ ମଲିକ, ମଳୟ ରାଉତ, ମୁକେଶ କୁମାର ପାଲଟା ସିଂ, ପ୍ରକାଶ ସାହୁ, ଦିଲୀପ ନାୟକ, ଭଗବାନ ଦାସ, ରାମ ପ୍ରକାଶ ସାହୁ, ବିଶ୍ୱପ୍ରକାଶ ସାହୁ, ନରେନ୍ଦ୍ର ବାରିକ, ଅଭୟ ମହାନ୍ତି ଓ ଫାଲଗୁନି ବିଭୁ କଲ୍ୟାଣ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗ୍ୟାସ ନିଆଁ ଲାଗି ଜଣେ ଗୁରୁତର

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ)

ସୋରଡ଼ା ଥାନା ଅନ୍ତର୍ଗତ କମା ବାଖରା ଗ୍ରାମରେ ରବିବାର ରନ୍ଧନ ଗ୍ୟାସ ଲିକ ହୋଇ ନିଆଁ ଲାଗିବାରୁ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ସେ ହେଲେ ବାଲ୍ମିକୀ ଗୌଡ। ଆହତ ବାଲ୍ମିକୀଙ୍କୁ ପ୍ରଥମେ ସୋରଡ଼ା ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରଯାଇଥିଲା। ଏହାପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ବାଲ୍ମିକୀ ଗ୍ୟାସରେ ରୋଷେଇ କରିବା ପାଇଁ ହାଣ୍ଡିରେ ରେଗୁଲେଟର ଲଗାଇଥିଲେ। ଏହାପରେ ରୋଷେଇ ଆରମ୍ଭ କରିବା ବେଳକୁ ଗ୍ୟାସ ଲିକ ଯୋଗୁଁ ବାଲ୍ମିକୀ ପୋଡିଯାଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବାଲ୍ମିକୀଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ।

### ମା' ରାମଚଣ୍ଡୀ ଓ ଶୀତଳାଙ୍କ ଯାତ୍ରା

ଶେରଗଡ଼,୧୬।୬(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ରମୁଣିସାହିରେ ମା' ରାମଚଣ୍ଡୀ ଓ ଶୀତଳାଙ୍କ ଯାତ୍ରା ଆରମ୍ଭ ହୋଇଛି। ଶୁକ୍ରବାର ମଧ୍ୟରାତିରେ ବ୍ୟାପକ ସାଜସଜ୍ଜା ସାଙ୍ଗକୁ ବିରାଟ ପଟୁଆରରେ ମା' ରାମଚଣ୍ଡୀଙ୍କୁ ମନ୍ଦିରରୁ ଆବାହନ ପରେ ନଗର ପରିକ୍ରମା କରାଯାଇଥିଲା। ପରେ ମା' ଶୀତଳାଙ୍କ ପାଖକୁ ଯିବା ପରେ ମା'ଙ୍କ ଆଜ୍ଞାମାଳ ଅଣାଯାଇ ବଡଦାଣ୍ଡ ସାହି ହୋଇ ରମୁଣିସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ବିରାଜମାନ କରାଯାଇଥିଲା। ତୋଟାସାହି, ବାଇପାସ, ଡାକରଡା ବାଇପାସରେ ବିଭିନ୍ନ ପ୍ରକାର କଳାକୁଞ୍ଜ ଲଗାଯାଇଛି। ସନ୍ଧ୍ୟା ନଇଁଲେ ରମୁଣିସାହି, ବାଇପାସ, ବାଲିସାହି, ଖଣ୍ଡିଆସାହି, ତୋଟାସାହି ଚଳଚଞ୍ଚଳ ହେଉଛି। ବିଶେଷ କରି ପ୍ରତି ଛକରେ ଉଜ୍ଜ୍ୱଳ ତାରାକାମାଳ ସାଙ୍ଗକୁ ଝିଲିମିଲ ଆଲୋକର ତୋରଣ ଯାତ୍ରାର ଶୋଭାକୁ ବର୍ଦ୍ଧନ କରୁଛି। ମୀନାବଜାର ସାଙ୍ଗକୁ ରାମ ଦୋଳି ଯାତ୍ରାର ଶୋଭାକୁ ଦିଗୁଣିତ କରୁଛି। ଗତ ଦୁଇ ଦିନ ହେଲା ପୌରାଣିକ ନାଟକ ପରିବେଷଣ ହେଉଥିବା ବେଳେ ପ୍ରବଳ ଜନସମାଗମ ମଧ୍ୟ ହେଉଛି।

### ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

ବୁଗୁଡା,୧୬।୬(କାଳିଚରଣ ଦାଶ)

ଜୁନ୍ ମାସରୁ ଅଧା ସରିଲାଣି, ମୌସୁମୀ ବର୍ଷାର ଦେଖାନାହିଁ। ଏପଟେ ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ବୁଗୁଡା ଅଞ୍ଚଳରେ ପୂର୍ବାହ୍ନ ୧୦ଟା ବେଳକୁ ପ୍ରଚଣ୍ଡ ଖରା ହେଉଛି। ଖରା ଯୋଗୁ ମଧ୍ୟାହ୍ନବେଳକୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। କେଉଁଦିନ ପାଗ ମେଘୁଆ ରହୁଥିଲେ ସୁଦ୍ଧା ଗୁଳୁଗୁଳିରୁ ନିସ୍ତାର ମିଳୁନି। ଅନ୍ୟପକ୍ଷରେ ମେଘ ପବନ ଆଳରେ ବିଦ୍ୟୁତ କାଟ ଯୋଗୁ ଲୋକେ ଗୁଳୁଗୁଳି ଓ ଗରମରେ ଛଟପଟ ହେଉଛନ୍ତି। ମୌସୁମୀର ଆଗମନ ନିକଟତର ହେଲାଣି ବୋଲି ପାଣିପାଗ ବିଭାଗର ସୂଚନା ରହିଥିଲେ ସୁଦ୍ଧା ମୌସୁମୀର ଲୁଚକାଳି ଖେଳ ଯୋଗୁ ଗରମ ଓ ଗୁଳୁଗୁଳିରେ ବୁଗୁଡା ଅଞ୍ଚଳବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି।

## ଦିଲୀପ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

# ଗେମ୍‌ଚେଞ୍ଜର ଚାମ୍ପିୟନ

ଖଲ୍ଲିକୋଟ,୧୬।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଲୋଙ୍ଗର ଗ୍ରାମ ଶକଳେଶ୍ୱର ପଡ଼ିଆରେ ଦିଲୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦିଲୀପ ପାହାନ ଜଣେ ଭଲ କ୍ରିକେଟପ୍ରେମୀ ଥିଲେ। ଗ୍ରାମର ଯୁବକମାନଙ୍କ ପ୍ରିୟପାତ୍ର ଥିଲେ। ଗତ ମେ' ୧୫ ତାରିଖରେ ରାଜନୈତିକ ହିଂସାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ମୃତିରେ ଜୁନ୍ ୧୫ରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ୪ଟି ଟିମ୍ ଭାଗ ନେଇଥିଲେ। ଦୁଇ ଦିନ ଧରି ଏହି ଖେଳ ଜାରି ରହିଥିଲା। ରବିବାର ଫାଇନାଲ୍‌ରେ ଗେମଚେଞ୍ଜର ଏବଂ କ୍ରିକେଟ ଓରିୟର ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଜିଲା ଭାଜପା ସମ୍ପାଦକ ଅନିଲ କୁମାର ପଣ୍ଡା, ଦିଲୀପଙ୍କ ବାପା ରାମଚନ୍ଦ୍ର ପାହାନ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଥମେ



ଚାମ୍ପିୟନ ଦଳକୁ ସିଲ୍‌ଡ ପ୍ରଦାନ କରୁଛନ୍ତି ଅତିଥି।

ଦିଲୀପଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଟସ୍ ଜିତି ଗେମଚେଞ୍ଜର ଟିମ ନିର୍ଦ୍ଧାରିତ ୧୦ ଓଭରରେ ୧୧୪ ରନ କରିଥିଲା। ପରେ କ୍ରିକେଟ ଓରିୟର ଟିମ ୫୮ ରନରେ ଅଲ୍‌ଆଉଟ ହୋଇଥିଲେ। ୱିନର ଟିମ ୭ ହଜାର ଟଙ୍କା ସହ କପ୍ ପାଇଥିବା ବେଳେ ରନର୍ସ ଟିମ୍‌କୁ ୫ ହଜାର ସହ କପ୍ ପ୍ରଦାନ କରାଯାଇଥିଲା। ଉତ୍ତମ ପାହାନ, କାହ୍ନା ପରିଡ଼ା, ଦୀପକ ସାହୁ, ଅଭୟ ପାହାନ ପ୍ରମୁଖ ଟିମର ଦାୟିତ୍ୱ ନେଇଥିବା ବେଳେ ଅଭିମନ୍ୟୁ ପାହାନ, ବିରାଟ ପାହାନ, ସୈରି ନାହାକଙ୍କ ସମେତ ଗ୍ରାମର ସମସ୍ତ ଯୁବକ ପରିଚାଳନା କରିଥିଲେ।

# ସମସ୍ୟା ପ୍ରତି ଦୃଷ୍ଟି ଦେଉନି ଜଳ ସମ୍ପଦ ବିଭାଗ

- ଜଳକଷ୍ଟ ଦୂର ପାଇଁ ପଦକ୍ଷେପ ନାହିଁ
- ପଞ୍ଚାୟତ ପକ୍ଷରୁ କ୍ରସ ବନ୍ଧ ନିର୍ମାଣ ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୧୬।୬
(ଅଜୟ କୁମାର ମହାରଣା)

ବର୍ଷ ସାରା ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅନ୍ତର୍ଗତ ଧାନଚେଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ଜଳକଷ୍ଟର ସମ୍ମୁଖୀନ ହୋଇଥାଆନ୍ତି। ଏହାର ନିରାକରଣ ପାଇଁ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଏହି ସମସ୍ୟାର ସମାଧାନ ହେଉନାହିଁ। ଗ୍ରୀଷ୍ମ ପ୍ରବାହ ଯୋଗୁ ନଦୀ ନାଳ ତଥା ସମସ୍ତ ଜଳ ଉତ୍ସ ଶୁଖିଯାଇଛି। ଜଳକଷ୍ଟ ସମସ୍ୟା ତୀବ୍ରତର ହେବାରେ ଲାଗିଛି। ନଦୀ କୂଳରେ ବସବାସ କରୁଥିବା ଲୋକେ ମଧ୍ୟ ଜଳକଷ୍ଟରେ ରହୁଛନ୍ତି। ପାଣି ବାଲ୍‌ଟିଏ ପାଇଁ ସେମାନଙ୍କୁ ୨କି.ମି.ଦୂରକୁ ଯିବାକୁ ପଡୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଧାନଚେଙ୍ଗଡା ପଞ୍ଚାୟତର ୧,୨ ଓ ୩ ନମ୍ବର ୱାର୍ଡର ୧୨ଶହ ଲୋକଙ୍କୁ ନେଇ ଲକ୍ଷ୍ମୀ ପ୍ରସାଦ ଗ୍ରାମ ଗଠିତ। ଉକ୍ତ ଗ୍ରାମରେ ୫ଟି ନଳକୂପ ରହିଛି। ସେଥିମଧ୍ୟରୁ ୩ ନଳକୂପର ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨ଟି କୂପ ଥିଲେ ମଧ୍ୟ ତାହା ଅଳିଆ ଆବର୍ଜନାରେ ଭରି ରହିଛି। କମେଇ ନଦୀରୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଉକ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ହେଲେ ପାଣି ନିୟମିତ ଭାବେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ପାଣି ମିଳୁ ନ ଥିବାରୁ ଅଧିକାଂଶ ସମୟରେ ମହିଳାମାନେ ନଦୀରେ ଚୁଆଖୋଳି ପାଣି ସଂଗ୍ରହ କରୁଥିବା ପରିଲକ୍ଷିତ ହୋଇଛି। ଏଣୁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହରେ ଏବେ କମେଇ ନଦୀ ଶୁଖିବାରେ ଲାଗିଛି। ଲୋକମାନେ ୧ କି.ମି.ଦୂର ନଦୀର ବାଲୁକା ଶଯ୍ୟାରେ ଚୁଆଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଅପରପକ୍ଷେ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ଲକ୍ଷ୍ମୀପ୍ରସାଦ, ଧାନଚେଙ୍ଗଡା, କଳଟାଙ୍ଗି ଓ କାଳିଆପଲ୍ଲୀ ବାସିନ୍ଦା ନିଜ ଗୃହପାଳିତ ପଶୁ ଗାଧୋଇବା



ମହିଳାମାନେ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି।

ଓ ନିତ୍ୟ ବ୍ୟବହାର ତଥା ପିଇବା ପାଣି ପାଇଁ କମେଇ ନଦୀ ଉପରେ ନିର୍ଭର କରିଥାଆନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ତାହା ସମ୍ଭବ ହୋଇପାରୁନାହିଁ। କମେଇ ନଦୀରେ କ୍ରସ ବନ୍ଧ ପକାଇ ଜଳ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରି ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଲୋକଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଧାନଚେଙ୍ଗଡା ପଞ୍ଚାୟତ କର୍ତ୍ତୃପକ୍ଷ ୨୦୨୨ରେ ଏ ଦିଗରେ ପଦକ୍ଷେପ ନେଇଥିଲେ। ନଦୀ ବାଲିରେ କ୍ରସ ବନ୍ଧ ନିର୍ମାଣ କରି ଜଳ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିବା ତତ୍କାଳୀନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଅତୀତରେ ଏହି ସଂରକ୍ଷିତ ଜଳରେ ଗୃହ ପାଳିତ ପଶୁ, ଜନସାଧାରଣ ସ୍ନାନ ଶୌଚାଦି କରୁଥିବା ବେଳେ କ୍ରସ ବନ୍ଧ ପଡିଥିବା ତଳ ଭାଗ ବାଲୁକା ଶଯ୍ୟାରେ ଚୁଆ ଖୋଳି ସେଥିରୁ ପାନୀୟ ଜଳ ସଂଗ୍ରହ କରୁଥିଲେ। ଏହି କ୍ରସବନ୍ଧ ଫଳରେ ସ୍ଥାନୀୟ ଲୋକଙ୍କ ସମସ୍ୟା କିଛି ପରିମାଣରେ ସମାଧାନ ହେଉଥିଲା। ତେବେ ଏହାର ସ୍ଥାୟୀ ସମାଧାନ ତଥା ନଦୀ ତଟବର୍ତ୍ତୀ ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା ପାଇଁ କମେଇ ନଦୀରେ ଜଳ ସମ୍ପଦ ବିଭାଗ ପକ୍ଷରୁ ସ୍ଥାୟୀ କ୍ରସବନ୍ଧ ବା ଏସ୍‌କେପ୍ ନିର୍ମାଣ କରିବାକୁ ଦାବି ହୋଇ ଆସୁଛି। ଏ ଦିଗରେ ଜିଲା ପ୍ରଶାସନ, ଜଳ ସମ୍ପଦ ବିଭାଗ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି।

ସଂପୃକ୍ତ ନଦୀରେ ବିଭିନ୍ନ ସ୍ଥାନରେ ୪ଟି କ୍ରସବନ୍ଧ ନିର୍ମାଣ ପାଇଁ ଧାନଚେଙ୍ଗଡା ପଞ୍ଚାୟତର ସାଧାରଣ ସଭାରେ ଆଲୋଚନା କରାଯାଇ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସରପଞ୍ଚ ଶୁଭସ୍ୱପ୍ନା ବିଶ୍ୱାଳ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା କହିଛନ୍ତି, ନଦୀରେ ଏପରି କ୍ରସ୍ ବନ୍ଧ ନିର୍ମାଣ କରିବା ପାଇଁ କୌଣସି ଯୋଜନା ହୋଇନାହିଁ। ତେବେ ଏ ସମ୍ପର୍କରେ ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ସୁମନ୍ତ କୁମାର ଦାସ କହିଛନ୍ତି, ପଞ୍ଚାୟତ ପକ୍ଷରୁ ଏ ସମ୍ପର୍କରେ ଲିଖିତ ଭାବେ ଆମକୁ ଅବଗତ କଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ସେମିରେ ସ୍ମାଇଲ ଇଲେଭେନ, ଏକ୍ସଟ୍ରିମ ବ୍ଲାଷ୍ଟରର୍ସ, ଡବ୍ଲ୍ୟୁଟିଆର

## ୧୫ତମ ଓଡ଼ଗାଁ କ୍ରିକେଟ ଲିଗ୍

ଓଡ଼ଗାଁ,୧୬।୬
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ମିନିଷ୍ଟାଡିୟମରେ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୫ତମ ଓଡ଼ଗାଁ କ୍ରିକେଟ ଲିଗ୍(ଓସିଏଲ)ର ରବିବାର ୬ଷ୍ଠ ଦିବସର ପ୍ରଥମ ମ୍ୟାଚରେ ଓଡ଼ଗାଁ ପଲଟନ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୭୬ ରନ କରିଥିବା ବେଳେ ପ୍ରତିପକ୍ଷ ଲିଜେଣ୍ଡ ଏମ୍ପୋରର ୭.୫ ଓଭରରେ ୨ ଉଇକେଟ ବିନିମୟରେ ୭୭ ରନ କରି ବିଜୟ ହାସଲ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲା। ଅଂଶୁମୋହନ ସ୍ୱାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ସ୍ମାଇଲ ଇଲେଭେନ ୧୦ ଓଭରରେ ୬ ଉଇକେଟ ହରାଇ ୧୦୮ ରନ କରିଥିବା ବେଳେ ପ୍ରତିପକ୍ଷ ରୟାଲ କିଙ୍ଗ ୭ ଉଇକେଟ ହରାଇ ୮୧ ରନ କରିଥିଲା। ବିଜୟୀ ଦଳ ସ୍ମାଇଲ ଇଲେଭେନ ସେମିଫାଇନାଲକୁ ଉନ୍ନିତ ହୋଇଥିବା ବେଳେ ନିତ୍ୟାନନ୍ଦ ଶ୍ରେଷ୍ଠ



ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳୀ।

ଖେଳାଳି ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ ଏକ୍ସଟ୍ରିମ ବ୍ଲାଷ୍ଟରର୍ସ ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୪୦ ରନ କରିଥିବା ବେଳେ ପ୍ରତିପକ୍ଷ ସ୍କାଏ ୱାଲକର୍ସ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ କରି ପରାଜୟ ବରଣ କରିଥିଲା। ବିଜୟୀ ଦଳ ଏକ୍ସଟ୍ରିମ ବ୍ଲାଷ୍ଟରର୍ସ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ କାହ୍ନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଆଜିର ୪ର୍ଥ ମ୍ୟାଚ ଡବ୍ଲ୍ୟୁଟିଆର ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୦ ରନ କରିଥିବା ବେଳେ ପ୍ରତିପକ୍ଷ ଲିଜେଣ୍ଡ ଏମ୍ପୋରର ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଖେଳି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୦୭ ରନ କରି ପରାଜୟ ବରଣ କରିଥିଲେ। ବିଜୟୀ ଦଳ ଡବ୍ଲ୍ୟୁଟିଆର ସେମିଫାଇନାଲକୁ ପ୍ରବେଶ କରିଥିବା ବେଳେ ପ୍ରଦୀପ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥିଙ୍କ ଦ୍ୱାରା ୪ ମ୍ୟାଚର ଶ୍ରେଷ୍ଠ ବିବେଚିତ ହୋଇଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରଘୁନାଥ ଆଥ୍ଲେଟିକ ଆସୋସିଏଶନ ସମ୍ପାଦକ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଶ୍ମି, ଗୋପାଳ, ବାଦଲ, ଅମି,ଶୁଭମ, ଗୁଡ୍ଡୁ, ପ୍ରବୀର ଖେଳ ପରିଚାଳନା କରିଥିଲେ। ୧୭ ତାରିଖ ସକାଳେ ପ୍ରଥମ ସେମି ଫାଇନାଲରେ ଇଲେଭେନ ଏମ୍ପୋରିୟର ଏକ୍ସଟ୍ରିମ ବ୍ଲାଷ୍ଟରସକୁ ଭେଟିବ। ଏବଂ ଦ୍ୱିତୀୟ ସେମିଫାଇନାଲରେ ସ୍ମାଇଲ ଇଲେଭେନ ୱାରକେଟ ଡାଙ୍ଗସନ ରୟାଲ (ଡବ୍ଲ୍ୟୁଟିଆର) ମଧ୍ୟରେ ଅନୁଷ୍ଠିତ ହେବ। ଅପରାହ୍ନରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିବା ପରିଚାଳକ ସୂଚନା ପ୍ରଦାନ କରିଛନ୍ତି।

# ୩୦ରେ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସର ଦଶପଲ୍ଲା ଅଡିଶନ

ଦଶପଲ୍ଲା,୧୬।୬(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲାରେ ପ୍ରଥମ ଥର ପାଇଁ ସୃଜନିକା ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ପରିଷଦ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ନାମରେ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରୁଛି। ଏଥିପାଇଁ ଦଶପଲ୍ଲାର ମହାବୀର ବଣିକ ମହାସଂଘଠାରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଚିବ ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ, ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ ଏବଂ ସାମାଜିକ କର୍ମୀ ଦାମୋଦର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ଗାଁ ବ୍ଲକରୁ ଆରମ୍ଭ ହୋଇ ଆସନ୍ତା ୩୦ ତାରିଖ ରବିବାର ଦିନ ଦଶପଲ୍ଲାର ସୀତାରାମ ୟୁଥ କ୍ଲବରେ ପ୍ରତିଯୋଗିତା ପାଇଁ ଅଡିଶନ କରାଯିବ। ନୟାଗଡ଼ ଜିଲାର ପ୍ରତ୍ୟେକ ବ୍ଲକରେ ଏହାର ଅଡିସନ ଶେଷ ହେବା ପରେ ନୟାଗଡ଼ ସଦର ମହକୁମାରେ ଏହାର ସେମି-ଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରତିଯୋଗୀମାନଙ୍କ ବୟସ ୮ରୁ ୧୮ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରତିଯୋଗୀ ସମସ୍ତ ପ୍ରକାର ନୃତ୍ୟ ପରିବେଷଣ କରିପାରିବେ। ପ୍ରତିଯୋଗୀମାନେ ଆସନ୍ତା ୩୦ ତାରିଖ ରବିବାର ସକାଳ ୯ଟା ସମୟରେ ସୀତାରାମ ୟୁଥ କ୍ଲବଠାରେ ନିଜର ନାମକୁ ପଞ୍ଜୀକୃତ କରାଇ ପାରିବେ। ଅଧିକ ତଥ୍ୟ ପାଇଁ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।




ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ କର୍ମକର୍ତ୍ତା ସୂଚନା ପ୍ରଦାନ କରିଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡ଼ା,୧୬।୬
(ଅଜୟ କୁମାର ମହାରଣା)

ଗତ ୧ ସପ୍ତାହ ଧରି ପ୍ରଚଣ୍ଡ ରୌଦ୍ରତାପ ଓ ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି। ତାତିରୁ ନିସ୍ତାର ମିଳୁ ନ ଥିବା ବେଳେ ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଘନଘନ ବିଦ୍ୟୁତକାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଶନିବାର ରାତିରେ ୬ ଘଣ୍ଟା ବିଦ୍ୟୁତକାଟ ଯୋଗୁ ଖଣ୍ଡପଡ଼ା ଅଞ୍ଚଳବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗିଥିଲେ। ଉପଭୋକ୍ତାମାନଙ୍କୁ ଠିକ୍ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବାରେ ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ(ଟିପିସିଓଡିଏଲ) ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ଖଣ୍ଡପଡ଼ାଠାରେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଦୀର୍ଘବର୍ଷ ଧରି ଦାବି କରି ଆସୁଥିଲେ ହେଁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି ବହୁ ଉପଭୋକ୍ତା କହିଛନ୍ତି। ତେଣୁ ଖଣ୍ଡପଡ଼ାଠାରେ ଏକ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଗ୍ରୀଡ୍ ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏଥିପ୍ରତି ନୟାଗଡ଼ ଜିଲାପାଳ, ବିଦ୍ୟୁତ ବିତରଣ କମ୍ପାନୀ କର୍ତ୍ତୃପକ୍ଷ, ବିଭାଗୀୟ ଯନ୍ତ୍ରୀ ଓ ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅଂଶୁଘାତରେ ବ୍ୟବସାୟୀଙ୍କ ମୃତ୍ୟୁ ଅଭିଯୋଗ

ଖଣ୍ଡପଡ଼ା,୧୬।୬
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବୋଦସା ପଞ୍ଚାୟତ ଗୋଲାସାହିର ବ୍ୟବସାୟୀ ଦିବ୍ୟଲୋଚନ ବାରିକ(୪୯)ଙ୍କ ରବିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଦିବ୍ୟଲୋଚନ ଏକ ତେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ରବିବାର ମଧ୍ୟାହ୍ନ ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଯିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଚେତାଶୂନ୍ୟ ହୋଇପଡିଥିଲେ। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦିବ୍ୟଲୋଚନଙ୍କ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ପରିବାର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# କାଳବୈଶାଖୀ ବର୍ଷାରେ ଧୋଇଗଲା ପୋଲ

ଫିରିଙ୍ଗିଆ,୧୬।୬(ବିକ୍ରମ ଦିଗାଲ)

କାଳବୈଶାଖୀ ବର୍ଷା ପ୍ରଭାବରେ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତର ସରୁକୋଇରୁ ବିଲାବାଡ଼ି ଗାଁକୁ ସଂଯୋଗ କରୁଥିବା ରାସ୍ତା ଗତ କିଛିଦିନ ତଳେ ଧୋଇ ହୋଇଯାଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଯାତାୟାତ ଲାଗି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଉପରେ ଥିବା ପୋଲଟି ଆଗରୁ ଭାଙ୍ଗି ଯାଇଥିଲା। ଏ ନେଇ ଗାଁ ଲୋକେ ବାରମ୍ବାର ପ୍ରଶାସନକୁ ପୋଲ ନିର୍ମାଣ କରିବାକୁ ଦାବି କରି ଆସୁଥିଲେ। ଚଳିତ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ପଞ୍ଚାୟତ ତରଫରୁ ପୋଲଟିର ମରାମତି କରାଯାଇଥିଲା। ପୋଲ ମରାମତି ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ଗାଁ ସାଥୀ ରମାକାନ୍ତ କହଁର କରିଥିଲେ। ତେବେ ପୋଲ ତିଆରିରେ କିଛି ମାଟି



ଧୋଇ ହୋଇଯାଇଥିବା ପୋଲ।

ପକେଇ ଦେଇ କାମ ସାରିଦେଇଥିବା ବେଳେ କାମଟି ଅତି ନିମ୍ନମାନର ହୋଇଥିବାରୁ ରାସ୍ତାଟି ସାମାନ୍ୟ ବର୍ଷାରେ ଧୋଇ ହୋଇଯାଇଛି। ପୂର୍ବରୁ ରାସ୍ତାର ଅବସ୍ଥା ଯେମିତି ଥିଲା ବର୍ତ୍ତମାନ ମଧ୍ୟ ସେମିତି ହୋଇଯାଇଛି। ଏକ ଗାତରେ ମାଟି ପକାଇ ତାକୁ ସମତୁଲ କରିଥିଲେ। ହେଲେ କାଳବୈଶାଖୀ ବର୍ଷାରେ ସବୁ ଧୋଇଯାଇ ବଡ଼ ଗାତରେ ପରିଣତ ହୋଇଛି । ଆଗକୁ ବର୍ଷାଦିନ ଥିବାରୁ ରୋଗୀ ଓ ଗର୍ଭବତୀମାନଙ୍କୁ ମେଡିକାଲ ନେବା ଆଣିବାରେ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଉକ୍ତ ରାସ୍ତାରେ ଏକ କଲଭର୍ଟ ତିଆରି କରିବା ସହିତ ରାସ୍ତାର ମରାମତି କରାଗଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଦାବି କରିଛନ୍ତି।

# ବିଦ୍ୟୁତ୍ ସେବା ବ୍ୟାହତ, ଜଳଯୋଗାଣ ଠପ୍

## କାଳବୈଶାଖୀ ପ୍ରଭାବ

**ଯାଜପୁରରୋଡ୍, ୧୬।୬ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ରୋଡ୍ ସହରରେ ଶନିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ନାହିଁ ନ ଥିବା କ୍ଷତି ହୋଇଛି। ବର୍ଷା ସହ ପବନ ବହିବାରୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଫଳରେ ପାନୀୟ ଜଳ ଯୋଗାଣ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହେବ ଠପ୍ ହୋଇଯାଇଛି। ପବନର ବେଗ ଏତେ ଥିଲା ଯେ ଗଛ ଉପୁଡ଼ିବା ସହ ଗଛଡାଳ ଭାଙ୍ଗି ବିଦ୍ୟୁତ ତାର ଛିଡ଼ିପଡ଼ିଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡି ପଡ଼ିଛି। ବିଭିନ୍ନ ୱାର୍ଡରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ବହୁ ସ୍ଥାନରେ ଘର ଉପରେ ଗଛ ପଡ଼ିବା ସହ ବଡ଼ ବଡ଼ ହୋର୍ଡିଂଗୁଡିକ ରାସ୍ତା ଉପରକୁ ଝୁଲି ରହିଛି। କେତେକ ସ୍ଥାନରେ ଘରର କର୍କଟ ଛପର ଉଡ଼ିଯାଇଛି। ୱାଟକୋ ପକ୍ଷରୁ ବିଭିନ୍ନ ୱାର୍ଡକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି।


ପବନରେ ଗଛଡାଳ ଭାଙ୍ଗିପଡ଼ିଛି ।


ପବନରେ ଆଜବେଷ୍ଟସ୍ ଘରର ଛପର ଉଡ଼ିଯାଇଛି ।


କାଳବୈଶାଖୀ ପ୍ରଭାବରେ ଗଛ ଉପୁଡ଼ି ଏକ ଘର ଉପରେ ପଡ଼ିଛି ।

# କଳାକାର ନିର୍ଦ୍ଦେଶକ, ପରିଚାଳନା କମିଟି ସଦସ୍ୟଙ୍କ ବୈଠକ

**ଛତିଆ, ୧୬।୬ (ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଅମରାବତୀ ମଠ ପରିସରରେ ରବିବାର ଶେଷ ରଜ ଉପଲକ୍ଷେ ରାଜ୍ୟ କଳାକାର ନିର୍ଦ୍ଦେଶକ ଓ ପରିଚାଳନା କମିଟି ସଦସ୍ୟଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ଶତାଧିକ କଳାକାର ଓ ବହୁ ନିର୍ଦ୍ଦେଶକ ଯୋଗଦେଇଥିଲେ। ଡ୍ରାମା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଗ୍ରାମାଞ୍ଚଳ କଳାର କିଭଳି ଅଗ୍ରଗତି ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବହୁ କଳାକାର ଓ ନିର୍ଦ୍ଦେଶକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଦ୍ୟୁମ୍ନ ରାଉତ, ଅମର ନାଥ, ଦୀପକ ସାହୁ, ବିଭୁ ପ୍ରସାଦ ମହାରଣା, ଚନ୍ଦ୍ରକାନ୍ତ କର ଓ ଆକାଶ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଭଳି କାର୍ଯ୍ୟକ୍ରମ କଳାସଂସ୍କୃତିକୁ ଆଗକୁ ନେବା ସହ କଳାକାରମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଆନନ୍ଦ ଉଲ୍ଲାସରେ ସହ ସରିଲା ରଜ

**ଯାଜପୁରରୋଡ୍, ୧୬।୬ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହର ସତକାଣିଆ ୩ନଂ. ୱାର୍ଡରେ ରଜ ପର୍ବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ରବିବାର ଥିଲା ରଜ ଉତ୍ସବର ଶେଷ ଦିନ। ଏହି ଅବସରରେ ଯୁବତୀ ଓ ମହିଳାମାନେ ଏକତ୍ରିତ ହୋଇ ରଜ ପର୍ବକୁ ଧୁମ ଧାମରେ ପାଳନ କରିଛନ୍ତି। ସେମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ଦୋଳିଖେଳି, ପୋଡ଼ ପିଠା ଖାଇ ଓ ରଜ ଗୀତ ଗାଇ ଖୁସି ମନାଇଛନ୍ତି। ସେହିପରି ସହରର କୋପଣ୍ଡ, ମୁଣ୍ଡମାଳ, ଦଳା, ଚୋରଦା, ଧବଳଗିରି, ଯୋଡ଼ାବାର ଓ କୁସୁନପୁର ଆଦି ସ୍ଥାନରେ ରଜ ଉତ୍ସବ ପାଳିତ ହୋଇଛି। ଶେଷ ରଜଥିବାରୁ ସମସ୍ତଙ୍କ ମନରେ ହର୍ଷ ଉଲ୍ଲାସ ଭରି ରହିଥିଲା।


ରଜରେ ମହିଳାମାନେ ଦୋଳି ଖେଳୁଛନ୍ତି ।

# ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା


ବିଧାୟକ ଶୋଭାଯାତ୍ରାରେ ଯାଉଛନ୍ତି ।

**ଚଣ୍ଡିଖୋଲ, ୧୬।୬ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ପକ୍ଷରୁ ନବନିର୍ବାଚିତ ବିଧାୟକ ଅମର ନାୟକଙ୍କୁ ବିଭିନ୍ନ ସ୍ଥାନରେ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଧାୟକ ନାୟକ ପ୍ରଥମେ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବାଲିଚନ୍ଦ୍ରପୁର, ନାନପୁର, ପାଟଣା, ରୁକୁଟିପାଟ ଓ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରିଥିଲେ। ପ୍ରତ୍ୟେକ ସ୍ଥାନରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଯୁବକ ଓ ମହିଳାମାନେ ତାଙ୍କୁ ସ୍ୱାଗତ କରିଥିଲେ। ଦଳୀୟ କର୍ମୀମାନେ ଏକ ବାଇକ୍ ରାଲିରେ ଅଞ୍ଚଳ ପରିକ୍ରମା କରାଇଥିଲେ। ଏଥିରେ ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ, ଯୁବନେତା ଅମୀୟ ସାହାଣୀ, ଅନନ୍ତ ଦାସ, ରାଇଚରଣ ସେଠୀ, ଗଣପତି ଦାସ ଓ ହିମାଂଶୁ ସାହୁ ପ୍ରମୁଖ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# କଦମପାଳ ଗ୍ରାମରେ ରଜ ମହୋତ୍ସବ

**କାଏମା, ୧୬।୬ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମରେ ରଜମହୋତ୍ସବ ପାଳିତ ହୋଇଯାଇଛି। ଏଠାରେ ଦୋଳି ଖେଳ ସାଙ୍ଗକୁ ପାନ ଓ ପୋଡ଼ ପିଠା ଖିଆ ସହିତ ମୀନାବଜାର ଆଦିର ଆୟୋଜନ କରାଯାଇଥିଲା। ଝିଅମାନଙ୍କ ଦ୍ୱାରା ପୁଚିଖେଳ, ମ୍ୟୁଜିକଚେୟାର, ଝୋଟି, ଲୁଡୁ, ମେହେନ୍ଦୀ ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ପୁଅମାନଙ୍କ ଦ୍ୱାରା ତାସ ଖେଳ ଅନୁଷ୍ଠିତ ହୋଇଥିଲା। ସ୍କୁଲ୍ ଏବଂ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କୁଇଜ, ବକ୍ତୃତା, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ସାଜସଜ୍ଜା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ରଜଚ ମହୋତ୍ସବରେ ସାମିଲ ହୋଇଥିବା ମହିଳା ଓ ଯୁବତୀମାନେ ।

# ସରିଲା କାଏମା ବିଶ୍ୱଶାନ୍ତି ମହାଯଜ୍ଞ

**କାଏମା, ୧୬।୬ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତର ଗୋଗଳ ପାହାଡ଼ ଶୀର୍ଷରେ ଶ୍ରୀହରିଅବଧୂତ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଆନୁକୂଲ୍ୟରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ରାତିରେ ଉଦ୍ୟାପିତ ହୋଇଯାଇଛି। ପୂଜକ ଆଲୋକ ଚନ୍ଦ୍ର ପଣ୍ଡା ଓ ତାଙ୍କ ସହଯୋଗୀ ରଜ ତିନି ଦିନ ଧରି ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପ କର୍ତ୍ତାଭାବେ ଜ୍ଞାନେନ୍ଦ୍ରୀୟ ଦାସ ଓ ସ୍ତ୍ରୀ ଅନିତା ଦାସ ଦାୟିତ୍ୱ ତୁଲାଇଥିଲେ। ଅରୁଣ ମହାରଣା, ଶୁକାନ୍ତ ମହାରଣା, ଭରତ ସାହାଣୀ, ମନୋଜ ମହାରଣା, ଅଶୋକ ମହାନ୍ତି, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍, ୪ ଆହତ

**ବଡ଼ବିଲ, ୧୬।୬ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳର ଠାକୁରାଣୀଠାରେ ପାଣି ଭାଲ୍‌ଭ କନେକ୍‌ସନକୁ ନେଇ ଶନିବାର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଏଥିରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ବଡ଼ବିଲ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଠାକୁରାଣୀଠାରେ ଏକ ଘରୋଇ କମ୍ପାନୀ ଦ୍ୱାରା ଗଭୀର ନଳକୂପ ଖୋଳାଯାଇ କେତେକ ଘରକୁ ପାଇପ୍ ଲାଇନ ବିଛାଯାଇ ପାଣି ସଂଯୋଗ ଦିଆଯାଇଛି। ଶନିବାର ଅପରାହ୍ନରେ ସେହି ପାଇପ୍ ଲାଇନରୁ ଅନଧିକାର ଭାବେ ଏକ ଗୋଷ୍ଠୀ ଆସି ମୁଖ୍ୟ ପାଇପ୍‌ରୁ ଭାଲ୍‌ଭ କନେକ୍‌ସନ କରୁଥିବା ବେଳେ ଅନ୍ୟପକ୍ଷ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ଆରମ୍ଭ ହୋଇଯାଇଥିଲା। ଅଭିଯୋଗ ଆଧାରରେ ବଡ଼ବିଲ ଥାନା ପୋଲିସ ୨ଟି ମାମଲା (ନଂ. ୧୯୮/୨୪ ଓ ୧୯୯/୨୪) ରୁଜୁ କରି ତଦନ୍ତ ଚଳାଇଛି।

# ଚଣ୍ଡିଖୋଲଠାରେ ରଜ ଉତ୍ସବ

**ବଡ଼ଚଣା, ୧୬।୬ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ତରଫରୁ ଦଳୀୟ କର୍ମୀମାନଙ୍କୁ ନେଇ ଚଣ୍ଡିଖୋଲଠାରେ ରଜ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଯୋଗଦେଇ ରଜ ପାନ, ପୋଡ଼ପିଠା ଓ ଭୋଜି ଖାଇ ରଜ ଉତ୍ସବକୁ ପାଳନ କରିଥିଲେ। ରାଜନାରାୟଣ ସମସ୍ତ କର୍ମୀଙ୍କୁ ରଜ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଆଶିଷ ରଞ୍ଜନ ଚୌଧୁରୀ, ନିରଞ୍ଜନ ବିଶ୍ୱାଳ, ପୂଜାରିଣୀ ବଳ, ବିନୋଦିନୀ ସାହୁ, ଜଗନ୍ନାଥ ମୁଦୁଲି, ପ୍ରିୟବତ ଖିଲାର, ଅଶ୍ୱିନୀ ବଳ, ବୈକୁଣ୍ଠ ବରାଳ, ସୁଲତାନ ସଇଫୁଲା, ନିରଞ୍ଜନ ମଲିକ, ତ୍ରିଲୋକ ଜେନା, ସଞ୍ଜୀବ ସାମଲ, ବିବେକ ରଞ୍ଜନ ସୁବୁଦ୍ଧି, ମାନସ ପଣ୍ଡା ଓ ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ମୃତି ମନେପକାଇଲେ ପୁରାତନ ଛାତ୍ରୀଛାତ୍ର


ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ।

**ଝୁମ୍ପୁରୀ, ୧୬।୬ (ସରୋଜ ନାୟକ):**

ଦଶରଥପୁର ବ୍ଲକ ଥାଲୁକୁଡ଼ି ପଞ୍ଚାୟତ ଦକ୍ଷିଣବନ୍ଧସ୍ଥିତ ଉତ୍କଳ ଗୌରବ ଉଚ୍ଚ ବିଦ୍ୟାଳୟ ୧୯୮୩ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ବନ୍ଧୁଷ୍ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ଶ୍ରୀନାଥ ଚରଣ ପରିଡ଼ା, ବଳରାମ ତ୍ରିପାଠୀ, ପରିକ୍ଷିତ ଷଡ଼ଙ୍ଗୀ, ଲାଲବିହାରୀ ସାହୁ, ଶରତ ଚନ୍ଦ ନାୟକ, ବିଭୂତିଭୁଷଣ ନାୟକ, ବୈଦ୍ୟନାଥ ନାୟକ ଓ ରବୀନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ର ଗୁରୁ ପୂଜା କରିବା ସହ ଆମ୍ବଚାରା ବଣ୍ଟନ କରିଥିଲେ। ପିଲାଦିନର ସ୍ମୃତି ସବୁ ମନେ ପକାଇଥିଲେ। ଛାତ୍ର ସଂସଦ ପକ୍ଷରୁ ରାଜକିଶୋର ମଲ୍ଲିକ, ପ୍ରିୟରଞ୍ଜନ ନାୟକ, ଜଗନ୍ନାଥ ଦାସ, ସନାତନ ସେଠୀ, ଅନ୍ନଦା କୁମାର ପାଣ୍ଡବ, ବିଜୟ କୁମାର ମାହୁନ୍ତ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ଜଗନ୍ନାଥ ଦାସ ଧନ୍ୟବାଦ ଦେଇଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍


ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥି ଓ ଖେଳାଳିମାନେ ।

**ଯାଜପୁର ଟାଉନ, ୧୬।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ମ୍ୟୁନିସିପାଲିଟି ଗ୍ରାଉଣ୍ଡରେ ଭେଟ୍‌ରାନ୍-୧୧ ତରଫରୁ ରଜ ଉପଲକ୍ଷେ ଏକ ବନ୍ଧୁପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚକୁ ଡା. ସୁପ୍ରକାଶ ଶତପଥୀ ଏବଂ ରଞ୍ଜନ ସିଂହ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଭେଟ୍‌ରାନ୍-୧୧ର ଅଧିନାୟକ କୁନା ଦାଶ ଟସ୍ ଜିତି ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୫ ଓଭରରେ ଭେଟ୍‌ରାନ୍-୧୧ ସମସ୍ତ ଉଇକେଟ୍ ହରାଇ ୭୨ ରନ୍ କରିଥିଲା। ପ୍ରତିବଦଳରେ ବ୍ୟାଟିଙ୍ଗ୍ କରି ଜୁନିୟର ଟିମ୍ ନିର୍ଦ୍ଧାରିତ ଓଭରର ୭ ବଲ୍ ବାକି ଥାଇ ମ୍ୟାଚ୍ ଜିତିଥିଲା। ଏହି ମ୍ୟାଚ୍‌ରେ କୁନା ଦାଶ, ବୁନା ଦାସ, ସାରସ ପଣ୍ଡା, ବୁଲୁ ସିଂ ପ୍ରମୁଖ ଖେଳାଳି ଅଂଶଗ୍ରହଣ କରିଥିଲେ।

# ୬୮ ତୀର୍ଥ ପଣ୍ଡାଙ୍କ ବୈତରଣୀ ଆଳତି

**ଯାଜପୁର ଟାଉନ, ୧୬।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ପ୍ରସିଦ୍ଧ ଦଶାଶ୍ୱମେଧ ଘାଟଠାରେ ରବିବାର ସନ୍ଧ୍ୟାରେ ବୈତରଣୀଙ୍କ ଜନ୍ମତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବରାହ-ବିରଜା-ବୈତରଣୀ-ନାଭିଗୟା ୬୮ତୀର୍ଥ ପଣ୍ଡାଙ୍କ ଦ୍ୱାରା ବୈତରଣୀ ନଦୀ ତଟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ବୈତରଣୀ ଆଳତି କରାଯାଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ୬୮ତୀର୍ଥ ପଣ୍ଡା ସମିତି ପକ୍ଷରୁ ମଧୁସୁଦନ ମିଶ୍ର, କୃପାସିନ୍ଧୁ ସାମନ୍ତ, କାଶୀନାଥ କର, ଦାମୋଦର ସାମନ୍ତ, ନିରଞ୍ଜନ ପଣ୍ଡା, ରାକେଶ କୁମାର ମିଶ୍ର, ବିଷ୍ଣୁପ୍ରସାଦ ସାମନ୍ତ, ସୁଧାଂଶୁ ଶେଖର ସାମନ୍ତ, ନିତ୍ୟାନନ୍ଦ ପଣ୍ଡା, ସୁଶାନ୍ତ ସନ୍ଧିବିଗ୍ରହ, ଅକ୍ଷୟ ମିଶ୍ର, ବାଇଧର କର, ରବିନାରାୟଣ କର ଓ ବଳରାମ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ସଞ୍ଚାଳନ କରାଯାଇଥିଲା। ସ୍ଥାନୀୟ ଶ୍ୟାମ ଶ୍ୟାମା ସତ୍‌ସଙ୍ଗ ଓ ଇସ୍କନ ପକ୍ଷରୁ ଭକ୍ତ ଉପସ୍ଥିତ ରହି ଭଜନ କୀର୍ତ୍ତନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ସମିତି ପକ୍ଷରୁ ପ୍ରସାଦ ସେବନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବୈତରଣୀ ନଦୀ ତଟରେ ଆଳତି କରାଯାଉଛି ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୧୬।୬(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର ଅସନବଣି ନିକଟରେ ଶନିବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଚଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତ ପାଡ଼ିଆର ସାହିର ରାମଚନ୍ଦ୍ର ଗଗରାଇଙ୍କ ପୁଅ ରାଜୁ (୨୫)। ସୂଚନା ଅନୁଯାୟୀ କରଞ୍ଜିଆରୁ କାମ ସାରି ବାଇକ୍ ଯୋଗେ ରାଜୁ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୦ଟା ସମୟରେ ଅସନବଣି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୧୬।୬(ରବିନାରାୟଣ ପାତ୍ର)

ଜଳେଶର ବ୍ଲକ ଅଧୀନ ଧାନଘେରା ମେଳା ପଡ଼ିଆ ନିକଟରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ବରଡିହା ପଞ୍ଚାୟତ ଭୋଳ ଗ୍ରାମର ଗୌରାଙ୍ଗ ମହାନ୍ତ କାଲାଯୋଡ଼ି ଗ୍ରାମସ୍ଥିତ ଶ୍ୱଶୁର ଘରେ ରହୁଥିଲେ। ଗତ ୧୫ ତାରିଖ ସନ୍ଧ୍ୟାରେ ଧାନଘେରା ମେଳା ପଡ଼ିଆ ନିକଟରେ ଗୌରାଙ୍ଗ ପଡିଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଇବଣିଆ ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରଛନ୍ତି।

# ସହରରେ ଡ୍ରେନ୍ ସମସ୍ୟା ଉତ୍କଟ

- ଜବରଦଖଲ ଉଚ୍ଛେଦ ନ ହେବା ମୁଖ୍ୟ କାରଣ
- ବର୍ଷା ଆସିଲେ ସଫେଇ କଥା ମନେପଡୁଛି

ଜଗତ୍‌ସିଂହପୁର,୧୬।୬
(ପ୍ରମୋଦ କୁମାର ନାୟକ)

ପ୍ରାକୃତିକ ନାଳ କିମ୍ବା ଡ୍ରେନ୍ ରୋକାଯାଇ ପାରିବ ନାହିଁ କି ଏହାର ଗତି ମଧ୍ୟ ବଦଳା ଯାଇପାରିବନ ନାହିଁ ବୋଲି ନିୟମ ରହିଛି। କେହି ଜବରଦଖଲ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ନିର୍ଦ୍ଦେଶ ପାଳନ ପାଇଁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ବିଭିନ୍ନ ସମୟରେ ନାଳ କିମ୍ବା ଡ୍ରେନ୍‌ରେ ଯେପରି ଜଳ ନିଷ୍କାସନରେ ବାଧା ନ ଉପୁଜେ, ସେଥିନେଇ ପ୍ରତି ଜିଲା ପ୍ରଶାସନକୁ ଚିଠି କରିଛନ୍ତି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ସମେତ ରାଜ୍ୟର ଅନ୍ୟ ପୌର ପରିଷଦ ଓ ଏନ୍‌ଏସି ଆଦିକୁ ଏ ସଂକ୍ରାନ୍ତୀୟ ଚିଠି ହୋଇଛି। କିନ୍ତୁ ଦୁଃଖର କଥା, ଜଗତ୍‌ସିଂହପୁର ସହରରେ ସରକାରଙ୍କ ଏହି ନିର୍ଦ୍ଦେଶ ପାଣିରେ ଗାର ହୋଇଛି। ଫଳରେ ଡ୍ରେନ୍ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ବିଗିଡିବାରେ ଲାଗିଛି। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ସମସ୍ୟାର ସମାଧାନ ପାଇଁ ସମୀକ୍ଷା ହେଉଛି। ଯେଉଁସବୁ ସ୍ଥାନରେ ସମସ୍ୟା ଅଛି, ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ଏହା କେବଳ ବୈଠକରେ ସୀମିତ ରହିଛି। ବର୍ଷା ଲାଗି ରହିଲେ ସହର ଓ ବସ୍ତି ଆଦିରେ ଅଳିଆ ଆବର୍ଜନା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ନଗର ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ଚିଠିରେ, ଡ୍ରେନ୍‌ଗୁଡ଼ିକର ଯେଉଁସବୁ ସ୍ଥାନରେ ପାଣି ଜମି ରହୁଛି, ସେଗୁଡ଼ିକୁ ସଫା କରି ଜଳ ନିଷ୍କାସନକୁ ସ୍ୱାଭାବିକ କରିବାକୁ ଉଲ୍ଲେଖ ଅଛି। ଏହାଛଡ଼ା ଜବରଦଖଲ ହୋଇଥିଲେ ଡ୍ରେନ୍ ବା ନାଳଗୁଡିକ ଯେଉଁ ବିଭାଗ ଅଧୀନରେ ଯାଉଛି, ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଉଚ୍ଛେଦ ପାଇଁ ଆବଶ୍ୟକପଦକ୍ଷେପନେବାକୁଦର୍ଶାଯାଇଛି। ଏପରିକି ପୋଲିସର ସହାୟତା ନେଇ ଏହି କାମ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଅଛି। ଏହି ଚିଠି ପାଇଲା ପରେ ଅତୀତରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ବୈଠକ କରାଯିବା ସହ ସହରରେ ଯାଇଥିବା ୩ଟି ଡ୍ରେନେଜ୍ କଟ୍‌କୁ ଜବରଦଖଲମୁକ୍ତ ଓ ସଫା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ।

ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ସହର ଦେଇ ନାଗପୁର, ପାଣିଶାଳିଆ ଓ ମାଧପୁର ଡ୍ରେନ୍ ଯାଇଛି। ନାଗପୁର ଡେନ୍ ଜଗତ୍‌ସିଂହପୁରରୁ ନାଗପୁର ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ସେଥିରୁ ୩ କିଲୋମିଟର ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି। ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତାର ଅପରପାର୍ଶ୍ୱରୁ ବାହାରି ଟାଉନ ହଲ୍ ଛକ-ସିପି-ଖେରସ ମୌଜା ଦେଇ ପୁରୋହିତପୁର ପାଖ ନାଳରେ ପଡ଼ିଛି। ଜଗତ୍‌ସିଂହପୁର ସହରରେ ଏହି ଡ୍ରେନ୍‌ର ଓସାର ପାଖାପାଖି ୩୦ ଫୁଟ ହେବ ବୋଲି କୁହାଯାଉଥିବା ବେଳେ ବାସ୍ତବରେ କିନ୍ତୁ ଏହା ଜବରଦଖଲ କାରଣରୁ ସଙ୍କୁଚିତ ହୋଇଯାଇଛି। ଏବେ ଏହାର ଓସାର ମାତ୍ର ୫/୬ ଫୁଟ ଭିତରେ ଥିବା କୁହାଯାଉଛି। ସେହିପରି ପାଣିଶାଳିଆ ଡ୍ରେନ୍‌ର ଦୈର୍ଘ୍ୟ ପାଖାପାଖି ୧.୫ କିଲୋମିଟର ହେବ। ଏହା ସହରରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ବାହାରି ବସ୍‌ଷ୍ଟାଣ୍ଡ, ଟାଉନ ହଲ୍ ଛକ ଦେଇ ପାଣିଶାଳିଆ ଅମୁହାଁଦଣ୍ଡା ପର୍ଯ୍ୟନ୍ତ ଲମ୍ବିଛି। ଏହି ଡ୍ରେନ୍ ମଧ୍ୟ ଜବରଦଖଲ ହୋଇଛି। ମାଧପୁର ଡ୍ରେନ୍‌ର ଲମ୍ବ ପାଖାପାଖି ୨ କିଲୋମିଟର ହେବ। ଏହି ଡ୍ରେନ୍‌ର କମ୍ ସ୍ଥାନ ଜବରଦଖଲ ହୋଇଥିଲେ ସୁଦ୍ଧା ଆପାତତଃ ଭଲ ସ୍ଥିତିରେ ଅଛି। ଏସବୁ ଡ୍ରେନ୍ ଦୀର୍ଘ ବର୍ଷ ଧରି ଜବରଦଖଲ ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ନାଗପୁର ଡ୍ରେନ୍‌ଟି ସବୁଠାରୁ ଅଧିକ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ଜବରଦଖଲ ସାଙ୍ଗକୁ ବ୍ୟବସାୟୀମାନେ ଏଥିରେ ଅଳିଆ ଆବର୍ଜନା ପକାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମଧ୍ୟ ସଫେଇ ଠିକ୍‌ଭାବେ ହେଉନାହିଁ। ସହରର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବାରୁ ପରିଷଦ କ'ଣ, ପ୍ରଶାସନ ବି ପଦକ୍ଷେପ ନେବାକୁ ଆଗପଛ ହେଉଥିଲା। ଦୀର୍ଘ ବର୍ଷ ପରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିବାରୁ ଜଗତ୍‌ସିଂହପୁରରେ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ମୁକୁଳା ଡ୍ରେନ୍ ଉପରେ ଛାତ ପକାଯାଉଛି। କିନ୍ତୁ ଯେଉଁସବୁ ସ୍ଥାନରେ ଜବରଦଖଲ ଅଛି, ସେଗୁଡିକ ଡ୍ରେନେଜ୍ ଡିଭିଜନ ଅଧୀନରେ ଥିବାରୁ ବିଭାଗ ଦାୟିତ୍ୱବାନ ହେବାକୁ କୁହାଯାଇଛି ବୋଲି ପୌରାଧ୍ୟକ୍ଷା କହିଛନ୍ତି ।



ପରିତ୍ୟକ୍ତ ଅବସ୍ଥାରେ ଥିବା ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଡ୍ରେନ।

### ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍, ୪ ଆହତ

ବଡ଼ବିଲ, ୧୬।୬ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳର ଠାକୁରାଣୀଠାରେ ପାଣି ଭାଲ୍‌ଭ କନେକ୍‌ସନକୁ ନେଇ ଶନିବାର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଏଥିରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ବଡ଼ବିଲ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଠାକୁରାଣୀଠାରେ ଏକ ଘରୋଇ କମ୍ପାନୀ ଦ୍ୱାରା ଗଭୀର ନଳକୂପ ଖୋଳାଯାଇ କେତେକ ଘରକୁ ପାଇପ୍ ଲାଇନ ବିଛାଯାଇ ପାଣି ସଂଯୋଗ ଦିଆଯାଇଛି। ଶନିବାର ଅପରାହ୍ନରେ ସେହି ପାଇପ୍ ଲାଇନରୁ ଅନଧିକାର ଭାବେ ଏକ ଗୋଷ୍ଠୀ ଆସି ମୁଖ୍ୟ ପାଇପ୍‌ରୁ ଭାଲ୍‌ଭ କନେକ୍‌ସନ କରୁଥିବା ବେଳେ ଅନ୍ୟପକ୍ଷ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ଆରମ୍ଭ ହୋଇଯାଇଥିଲା। ଅଭିଯୋଗ ଆଧାରରେ ବଡ଼ବିଲ ଥାନା ପୋଲିସ ୨ଟି ମାମଲା (ନଂ. ୧୯୮/୨୪ ଓ ୧୯୯/୨୪) ରୁଜୁ କରି ତଦନ୍ତ ଚଳାଇଛି।

# ବିଦ୍ୟୁତ୍ ସେବା ବ୍ୟାହତ, ଜଳଯୋଗାଣ ଠପ୍

## କାଳବୈଶାଖୀ ପ୍ରଭାବ

ଯାଜପୁରରୋଡ୍,୧୬।୬ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ସହରରେ ଶନିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ନାହିଁ ନ ଥିବା କ୍ଷତି ହୋଇଛି। ବର୍ଷା ସହ ପବନ ବହିବାରୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଫଳରେ ପାନୀୟ ଜଳ ଯୋଗାଣ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହେବ ଠପ୍ ହୋଇଯାଇଛି। ପବନର ବେଗ ଏତେ ଥିଲା ଯେ ଗଛ ଉପୁଡ଼ିବା ସହ ଗଛଡାଳ ଭାଙ୍ଗି ବିଦ୍ୟୁତ ତାର ଛିଡ଼ିପଡ଼ିଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡି ପଡ଼ିଛି। ବିଭିନ୍ନ ୱାର୍ଡରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ବହୁ ସ୍ଥାନରେ ଘର ଉପରେ ଗଛ ପଡ଼ିବା ସହ ବଡ଼ ବଡ଼ ହୋର୍ଡିଂଗୁଡିକ ରାସ୍ତା ଉପରକୁ ଝୁଲି ରହିଛି। କେତେକ ସ୍ଥାନରେ ଘରର କର୍କଟ ଛପର ଉଡ଼ିଯାଇଛି। ୱାଟକୋ ପକ୍ଷରୁ ବିଭିନ୍ନ ୱାର୍ଡକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି।

# ନୃତ୍ୟ ମାଧ୍ୟମରେ ଉତ୍କଳ ରଜ ସଂସ୍କୃତିର ଦର୍ଶନ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପାରାଦୀପ,୧୬।୬(ଶରତ ରାଉତ)

ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ରଜ ମହୋତ୍ସବର ରବିବାର ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ, ଗୀତ ଅନୁଷ୍ଠିତ ହୋଇଥିଲା। ସାଗରିକା କଳା ନିକେତନ ପକ୍ଷରୁ କଳାକାରମାନେ ନନ୍ଦସୁତ କଳାକହ୍ନେଇ, ଆମ ଓଡ଼ିଶା, ଉତ୍କଳ ଉଠେ ଚେଇଁ ଭଳି କାର୍ଯ୍ୟକ୍ରମ କରିଥିଲେ। ନୃତ୍ୟଗୁରୁ ବ୍ରଜକିଶୋର ମଲ୍ଲିକଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଉତ୍କୃଷ୍ଟ କଳା ପ୍ରଦର୍ଶନ କରିଥିଲେ। ନୃତ୍ୟ ଟିମ୍‌ରେ ଶୁଭଶ୍ରୀ ବେହେରା, ସ୍ମୃତି ଶର୍ମା, ମିଲି ବିଶ୍ୱାଳ, ସନ୍ଧ୍ୟା ଦାସ ପ୍ରମୁଖ କଳାକାର ଥିଲେ। ଅନୁଷ୍ଠାନ ସମ୍ପାଦକ ନୀରୋଜ କୁମାର ପଟ୍ଟନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ :ଅଭିଯୁକ୍ତ ଗିରଫ

ରଘୁନାଥପୁର.୧୬।୬
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅଞ୍ଚଳର ଏକ ସାଢ଼େ ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ ହୋଇଛି। ଏହି ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ଉକ୍ତ ଅଞ୍ଚଳର ବିକ୍ରମ ବିଶ୍ୱାଳ। ଶିଶୁକନ୍ୟାର ମା'ଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୧୪୨/୨୪) ରୁଜୁ ହୋଇଛି। ଜଗତ୍‌ସିଂହପୁରରୁ ସ୍ୱତନ୍ତ୍ର ଅଧିକାରୀ ଡିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟ ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବିକ୍ରମ ଶୁକ୍ରବାର ଖରାବେଳେ ଶିଶୁକନ୍ୟାକୁ ପ୍ରଲୋଭିତ କରି ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଶିଶୁ କନ୍ୟାଟି କାନ୍ଦିବାରୁ ଅଭିଯୁକ୍ତ ବିକ୍ରମ ତାକୁ ଘରେ ଛାଡ଼ି ଚାଲିଯାଇଥିଲେ। ଏ ସମ୍ପର୍କରେ ପୀଡ଼ିତା ତାଙ୍କ ମା'ଙ୍କୁ କହିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ୧୭ ଛେଳି, ଗାଈ ମୃତ

ଜଗତ୍‌ସିଂହପୁର, ୧୬।୬
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ପିତେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବାନପୁର ଗ୍ରାମର ନାରଣ ସେଠୀଙ୍କ ଗୁହାଳରେ କୌଣସି କାରଣରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨ଟି ଗାଈ ଓ ୧୫ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିଲେ। ଖବରପାଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଅଗ୍ନିବିପନ୍ନ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



ବିପନ୍ନ ପରିବାରକୁ ବିଧାୟକ ଅମରେନ୍ଦ୍ର ଦାସ ଭେଟୁଛନ୍ତି।

# ଚଟୁଆ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ



କୁଜଙ୍ଗ,୧୬।୬ (ମନୋଜ ପ୍ରଧାନ)

୧୯୬୧ରେ ସ୍ଥାପିତ ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପ୍ରାକ୍ତନ ଛାତ୍ର ଗୋଲେଖ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ପୁରାତନ ଛାତ୍ର ଯୋଗଦେଇ ଥିଲେ। ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ ନିମନ୍ତେ ବୈଠକରେ ଏକ କମିଟି ଗଠନ କରାଯାଇଥିଲା।

# ଦେବୀ ଆଳତି, ବରୁଣ ପୂଜା

ବାଲିକୁଦା,୧୬।୬(ତାପସ ସ୍ୱାଇଁ)

ମାଛଗାଁ ଶ୍ରୀରାମ ଚରିତ ମାନସ ସେବା ସଂସ୍ଥାନ ପକ୍ଷରୁ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଦ୍ୱିତୀୟ ବାର୍ଷିକ ଦେବୀ ଆଳତି ଓ ବରୁଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ମାଛଗାଁ ବଜାରସ୍ଥିତ ବାସୁଦେବ ଗାଦିଙ୍କ ପୀଠରୁ ଭଜନ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି ଦେବୀ ନଦୀ ଘାଟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ସଦସ୍ୟ ସାମିଲ ହୋଇଥିଲେ। ପୂଜକ ଭାବେ ପଣ୍ଡିତ ନବ କିଶୋର ମିଶ୍ର ଦେବୀ ଆଳତି ଓ ବରୁଣ ଆବାହନ କରିଥିବା ବେଳେ କର୍ତ୍ତା ଓ କର୍ତ୍ତ୍ରୀଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ପୁଷ୍ପାଞ୍ଜଳି ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଗତ ଗୋଟିଏ ବର୍ଷ ପୂର୍ବେ ଏହି ଦେବୀ ନଦୀ ଘାଟରେ ବିଭିନ୍ନ ସମୟରେ ପାଣିରେ ବୁଡି ପ୍ରାୟ ୮ ଯୁବତୀ, ଯୁବକଙ୍କ ଜୀବନ ଯାଇଛି। ଏହାର ନିବାରଣ ପାଇଁ ଦେବୀମାତାଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ ପଣ୍ଡିତ ଓ ବିଦ୍ୱାନଙ୍କ ପରାମର୍ଶକ୍ରମେ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ଅନୁଷ୍ଠାନର ସଭାପତି ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଅରୁଣ ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସୁବାସ ଚନ୍ଦ୍ର ଦାସ, ଉଲ୍ଲାସ ବିଶ୍ୱାଳ, ସିଲୁ ରାଉତ, ଅକ୍ଷୟ ମହାନ୍ତି, ସମିତି ସଭ୍ୟ ନିରଞ୍ଜନ ଦାସ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ଜ୍ଞାନ ରଞ୍ଜନ ସ୍ୱାଇଁ, କୈଳାସ ପାଳ, ସପନି ବେହେରା, ଅଶୋକ ପରିଡା, ଛବି ଦାସ, ଫକୀର ମହାନ୍ତି, ତାପସ ମହାନ୍ତି, ରଞ୍ଜିତ ରାଉତ ଓ ଶ୍ରୀଧର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ମହୋତ୍ସବରେ ରଜ କବିତା ଆସର

ତିର୍ତ୍ତୋଲ,୧୬।୬ (ଗୌରାଙ୍ଗ ଚରଣ ସ୍ୱାଇଁ)




କବିତା ଆସରରେ ଯୋଗଦେଇଥିବା ଅତିଥିମାନେ।

ଶ୍ରୀରାମପୁର ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ରେଡିଓ ଆଉଟ ରିଚ୍ ଓ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ପକ୍ଷରୁ ୩ ଦିନ ଧରି ରଜ ମହୋତ୍ସବ ପାଳିତ ହୋଇଯାଇଛି। ତୃତୀୟ ଦିନରେ ସୁଶ୍ରୀ ଶୁଭଶ୍ରୀ ପକ୍ଷରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଶିକ୍ଷାବିତ୍ ବସନ୍ତ ମଞ୍ଜରୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ନାଗୁ ଚରଣ ଦେବତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ଦେବଦତ୍ତ ସାମନ୍ତରାୟ, ମୁଖ୍ୟବକ୍ତା ହାସ୍ୟ କୁମୁଦ ସମ୍ପଦ କୁମାର ରଥ, ବିଶିଷ୍ଟ ଅତିଥି ଆଇନଜୀବୀ ମଞ୍ଜୁଲତା ରାଉତ, ବରେଣ୍ୟ ଅତିଥି ପ୍ରକାଶ ଚନ୍ଦ୍ର ସାହୁ, ରେଡିଓ ଆଉଟରିଚ୍ କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ ପତି, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ରାଜ୍ୟ ସଙ୍ଗଠକ ନଗେନ୍ଦ୍ର ନାଥ ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ହେମନ୍ତ କୁମାର ନାୟକ, କୈଳାସ ଚନ୍ଦ୍ର ପ୍ରଧାନ, ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ରଜ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଗଡେଶ୍ୱର ଯୁବ ପରିଷଦ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ହୃଷୀକେଶ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ତାସ, ଲୁଡୁ ଖେଳ ସହ ରଜ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ୫୦ରୁ ଊର୍ଦ୍ଧ୍ୱ କବି ଏଥିରେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ମଞ୍ଜରୀ ନୃତ୍ୟ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁଚିନ୍ତା ଅଧ୍ୟକ୍ଷ ଶିବ ପ୍ରସାଦ ସାହୁ, ମାନସ ରଞ୍ଜନ ସାହୁ, ସନ୍ତୋଷ ସାହୁ, ଦେବସ୍ମିତା ମହାପାତ୍ର, ବରଦା ପ୍ରସାଦ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶିକ୍ଷାବିତ୍ ଦିଗମ୍ବର ରାଉତ କବିତା ସଂଯୋଜନା କରିଥିଲେ। କବି ବୈଦ୍ୟନାଥ ସାହୁବିଶାଳ, ପଦ୍ମାବତୀ ମିଶ୍ର, ଆଇନଜୀବୀ ପ୍ରଶାନ୍ତ ଦାସ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଆଞ୍ଚଳିକ ପୂଜ୍ୟପୂଜା ସଂସଦ ସମ୍ପାଦକ ଯଯାତି କେଶରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ମା' ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା

- ସମୁଦ୍ର ପ୍ରବେଶ ପାଇଁ ମତ୍ସ୍ୟଜୀବୀଙ୍କ ସଜବାଜ
- ହଟିଲା ସାମୁଦ୍ରିକ ପ୍ରବେଶ କଟକଣା

ମହାକାଳପଡ଼ା,୧୬।୬
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କ ପାଇଁ ସାମୁଦ୍ରିକ ପ୍ରବେଶ କଟକଣା ପ୍ରଶାସନ ପକ୍ଷରୁ ହଟିଛି। ନଭେମ୍ବରଠାରୁ ଜୁନ୍ ମାସ ୧୪ ତାରିଖ ପର୍ଯ୍ୟନ୍ତ ସାଢ଼େ ୭ ମାସ ପ୍ରଶାସନ ପକ୍ଷରୁ କଟକଣା ଲାଗୁ କରାଯାଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ୧୦ ହଜାରରୁ ଅଧିକ ମତ୍ସ୍ୟଜୀବୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଥିଲେ ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି। ଏହି ଅବସରରେ ଦୁଇଦିନ ପୂର୍ବେ ସାମୁଦ୍ରିକ ପ୍ରବେଶ କଟକଣା ହଟିଲା ପରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଖରିନାସୀସ୍ଥିତ ମା' ରାମଚଣ୍ଡୀ ବୋଟ୍ ମାଲିକ ସଂଘ ପକ୍ଷରୁ ମତ୍ସ୍ୟ ଜେଠିଠାରେ ଦଶମ ବାର୍ଷିକ ମା' ଗଙ୍ଗାଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ରବିବାର ପୂର୍ବାହ୍ନରେ ସମାପନ ହୋଇଯାଇଛି। ପରେ ଏହି ଅଞ୍ଚଳର ବହୁ ସଂଖ୍ୟାରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ଜାଲ, ଯନ୍ତ୍ରଚାଳିତ ବୋଟ୍ ଓ ଅନ୍ୟ ସାଜ ସରଞ୍ଜାମ ପ୍ରସ୍ତୁତ କରି ଶୁଭ ଅନୁକୂଳରେ କୂଳରୁ ସମୁଦ୍ର ଭିତରକୁ ପ୍ରବେଶ କରିବେ ବୋଲି କହିଛନ୍ତି। ବୋଟ୍ ସଂଘ ସଭାପତି ଗୋପୀ ରକ୍ଷିତ, ତୁଷାର ସର୍ଦ୍ଦାର, ଭକ୍ତ ରଞ୍ଜନ ମାହାଳି, ମାଣିକ ମଜୁମଦାର, ବିକାଶ ଦାସ, କୃଷ୍ଣବନ୍ଧୁ ଦାସଙ୍କ ବହୁ ସଂଖ୍ୟାରେ ମତ୍ସ୍ୟଜୀବୀ ମତ ପ୍ରକାଶ କରିଛନ୍ତି। ସମୁଦ୍ର ପ୍ରବେଶ ପୂର୍ବରୁ ସ୍ଥାନୀୟ ମତ୍ସ୍ୟଜୀବୀ ମା' ଗଙ୍ଗାଦେବୀଙ୍କ ପୂଜାର୍ଚ୍ଚନା କଲେ ସମୁଦ୍ରରେ ବାତ୍ୟା ଭୟ ରହେ ନାହିଁ ବୋଲି କହିଛନ୍ତି।





ବ୍ଲକ ଅଧୀନ ସ୍ଥାନୀୟ ଖରିନାସୀ ମତ୍ସ୍ୟ ଜେଠିଠାରେ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଦଶମ ବାର୍ଷିକ ଗଙ୍ଗାଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା। ମତ୍ସ୍ୟଜୀବୀମାନେ ସମୁଦ୍ର ପ୍ରବେଶ ପାଇଁ ଜାଲ ସଜାଡୁଛନ୍ତି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକ ମୃତ

ଚକାପାଦ,୧୬।୬(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ କୁସୁମେଣ୍ଡି ଗ୍ରାମ ପଞ୍ଚାୟତର ଖୁଡୁତେନ୍ତୁଳି ଗ୍ରାମର ଅଭିରାମ ରଣା (୨୮)ଙ୍କ ରବିବାର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ନିକଟ ପୋଖରୀରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି ପରେ ପୋଖରୀରୁ ମୃତଦେହ ବାହାର କରିଥିଲେ। ଟିକାବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶେଷ ରଜ, ସମୁଦ୍ର ବେଳାଭୂମିରେ ମଜା ନେଲେ କୁଆଁରୀ

ଗଞ୍ଜାମ,୧୬।୬(ବିଦ୍ୟାଧର ସାହୁ)

ରବିବାର ଥିଲା ଚଳିତବର୍ଷ ଶେଷ ତଥା ତୃତୀୟ ରଜ। ଏହି ଅବସରରେ ପିଲାଠାରୁ ବୁଢ଼ା ତଥା କୁଆଁରୀ ଯୁବତୀ ଯୁବକମାନେ ସମୁଦ୍ର ବେଳାଭୂମିରେ ମଜା ଉଠାଇଥିବା ଦେଖିବାକୁ ମିଳିଛି। ଝାଉଁ ଜଙ୍ଗଲରେ ବଣଭୋଜି କରିବା ସହ ନାଚ ଗୀତରେ ଧୁମ୍‌ଧାମରେ ରଜ ପାଳନ କରିଛନ୍ତି। ଘରେ ପିଠାପଣା ଓ ରଜପାନ ଖାଇବା ପାଇଁ ବିଭିନ୍ନ ପାନ ଦୋକାନରେ କୁଆଁରୀଙ୍କ ଭିଡ଼ ଜମିଥିଲା। ପ୍ରଥମ ଓ ଦ୍ୱିତୀୟ ରଜରେ ନିଜ ନିଜ ଘର ଆଗରେ ଦୋଳି ଖେଳିଥିବା ବେଳେ ଶେଷ ରଜରେ ସମୁଦ୍ରରେ ଗାଧୋଇ ମଜା ଉଠାଉଥିବା ଦେଖିବାକୁ ମିଳିଛି।

### ରାମଚରିତ ମାନସ ପାରାୟଣ, ପ୍ରବଚନ ସରିଲା



କ.ନୂଆଗାଁ,୧୬।୬(କାଳୀ ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକ ଅନ୍ତର୍ଗତ କ.ନୂଆଗାଁ ମାନସ ପଡ଼ିଆଠାରେ ଗତ ୮ ତାରିଖରୁ ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ରବିବାର ଉଦ୍‌ଯାପିତ ହୋଇଯାଇଛି। ତୁଳସୀ ଦାସଙ୍କ ରଚିତ ଗ୍ରନ୍ଥକୁ ପ୍ରକାଶ ଚନ୍ଦ୍ର ମିଶ୍ର ପାରାୟଣ କରୁଥିବା ବେଳେ ପ୍ରବକ୍ତା ବିଜୟ ରାଘବେନ୍ଦ୍ର ଦାସ ପ୍ରବଚନ ଦେଉଥିଲେ। ବାଦ୍ୟଯନ୍ତ୍ର ଓ ଭଜନ କୀର୍ତ୍ତନରେ କିଶୋର କୁମାର ପତି ଓ ଖଗେଶ୍ୱର ମହାନ୍ତି ସହାୟତା କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ମାନସ ପରିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ପୁରୋହିତ କମଳ କୁମାର ଦାସଙ୍କ ଦ୍ୱାରା ପୂଜା କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନସ ଯଜ୍ଞକର୍ତ୍ତା ଭାବେ ଗୋପୀନାଥ ପାତ୍ର ରହିଥିବା ବେଳେ ଦିବ୍ୟ ଜୀବନ ସଂଘ ସଂପାଦକ ଶ୍ୟାମଘନ ସାହୁ, ମାନସ ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ପଣ୍ଡା, ଉପସଭାପତି ସୁଶିଲ କୁମାର ପାତ୍ର, ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଭାତ କୁମାର ପାଣିଗ୍ରାହୀ, ଉପଦେଷ୍ଟା ପଣ୍ଡିତ କୁମାର ବିଶିମାଝି, ବିଜୟ କୁମାର ସାହୁ, ଚିତ୍ତରଞ୍ଜନ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ସୋରଡ଼ା ବିଧାୟକ

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ)

**୧୮ରେ ପିଏମ୍ କିଷାନ ଯୋଜନାର ପ୍ରଚାର ପାଇଁ ପ୍ରସ୍ତୁତି ଚାଲିଛି**

ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ରବିବାର ସନ୍ଧ୍ୟାରେ ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ନିଜ ନିର୍ବାଚନ ମଣ୍ଡଳୀରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗ ସମ୍ପର୍କରେ କହିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନୂଆ ଯୋଜନା ଲୋକଙ୍କ ପାଖରେ କିଭଳି ଠିକ ଭାବେ ପହଞ୍ଚିପାରିବ ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ବିଷୋୟୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ସଂସଦୀୟ କ୍ଷେତ୍ର ବାରାଣସୀରୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ୧୭ତମ କିସ୍ତିର ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବେ। ଏଥିପାଇଁ ଦେଶସାରା ବିଭିନ୍ନ ସ୍ଥାନରେ ଉକ୍ତ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ଉକ୍ତ ସଭାକୁ ଚାଷୀମାନଙ୍କୁ ନିମନ୍ତ୍ରଣ କରାଯିବ। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବା ଯୋଗୁଁ ଉକ୍ତ ଯୋଜନାର ପ୍ରଚାର ପ୍ରସାର ଏତେଟା ହୋଇ ପାରୁନଥିଲା। କିନ୍ତୁ ଇତିମଧ୍ୟରେ ରାଜ୍ୟରେ ଭାଜପା ସରକାର ଆସିଛି। ତେଣୁ କେନ୍ଦ୍ରର ଭାଜପା ମେଣ୍ଟ (ଏନଡିଏ) ସରକାରଙ୍କ ସମସ୍ତ ଯୋଜନାକୁ ଭଲଭାବେ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏନେଇ ଆସନ୍ତା ୧୮ ତାରିଖ ଦିନ ଭଞ୍ଜନଗର ଅଞ୍ଚଳରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ହେବ। ଏଥିରେ ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ସମେତ କିଛି ବରିଷ୍ଠ ଅଧିକାରୀ ଯୋଗଦେବା ସମ୍ଭାବନା ରହିଛି। ଏଥିପାଇଁ କୃଷି ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

# ଗାଁ ସାଥୀ ସଙ୍ଗଠନର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ଗାଁ ସାଥୀମାନେ।।

ଫୁଲବାଣୀ,୧୬।୬
(ରାକେଶ କୁମାର ରାଉତ)

ଜିଲା ଗାଁ ସାଥୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବହୁ ଦିନରୁ ଗାଁ ସାଥୀମାନଙ୍କ ଦାବି ପୂରଣ କରାଯାଉନାହିଁ। ଏବେ ରାଜ୍ୟରେ ନୂଆ ସରକାର ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ଦାବି ପୂରଣ କରିବେ ବୋଲି ସଂଗଠନ କର୍ମକର୍ତ୍ତା ଆଶା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇ ଶାସନ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଗାଁ ସାଥୀଙ୍କ ଦାବି ପୂରଣ ହୋଇପାରିଲା ନାହିଁ। ଏଥର ରାଜ୍ୟରେ ସରକାର ବଦଳିଛି। ଆମ ଦାବି ଏଥର ନିଶ୍ଚିତ ପୂରଣ ହେବ ବୋଲି ସଙ୍ଗଠନ ସଭାପତି ବିରୂପାକ୍ଷ ମଲିକ, କୋଷାଧ୍ୟକ୍ଷ ଗଙ୍ଗାଧର ମଲିକ, ସଂଯୋଜକ ପ୍ରଦୀପ କହଁର, ସଂପାଦକ ବିଚିତ୍ରବୀର୍ଯ୍ୟ ପ୍ରଧାନ, ଅନନ୍ତ ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ଜୟକ୍ରିଷ୍ଣ ପ୍ରଧାନ, ଅନାମ ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି।

# ବ୍ଲକ କୃଷି କାର୍ଯ୍ୟାଳୟ ହସ୍ତାନ୍ତରରେ ବିଳମ୍ୱ ନେଇ ଅସନ୍ତୋଷ

- ବର୍ଷେ ହେଲା ନିର୍ମାଣ ସରିଛି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର
- ପାଚେରି ନିର୍ମାଣକୁ ଗୁରୁତ୍ୱ ଦେଉନାହାନ୍ତି ଠିକାଦାର
- ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ହେଉଛି ଦାବି

ଚିତ୍ରକୋଣ୍ଡା,୧୬।୬(କ୍ଷୀରୋଦ ବେହେରା)



ଚିତ୍ରକୋଣ୍ଡାରେ ନବନିର୍ମିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ମାତ୍ର ଏଯାବତ୍ ଏହା ବ୍ଲକ କୃଷି କାର୍ଯ୍ୟାଳୟକୁ ହସ୍ତାନ୍ତର ହେଇନାହିଁ। ବ୍ଲକ କୃଷି କାର୍ଯ୍ୟାଳୟ ଅସ୍ଥାୟୀ ଭାବରେ ପୂର୍ବରୁ ଚାଲିଥିବା ଦୂରଦର୍ଶନ କେନ୍ଦ୍ରଠାରେ ଅଦ୍ୟାବଧି ଚାଲିଛି। ଫଳରେ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂରଦର୍ଶନ କେନ୍ଦ୍ର ପଛ ପାର୍ଶ୍ୱରେ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନିର୍ମାଣ ହୋଇଛି। ତେବେ ଏହାର ଚତୁଃପାର୍ଶ୍ୱରେ ଏଯାଏ ପାଚେରି ନିର୍ମାଣ କାର୍ଯ୍ୟ ସରିନାହିଁ। ଅଧାପନ୍ତରିଆ ଅବସ୍ଥାରେ ପାଚେରି ନିର୍ମାଣ କାର୍ଯ୍ୟ ରହିଥିବା ବେଳେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଫଳରେ କେବେ ଚିତ୍ରକୋଣ୍ଡା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ବ୍ଲକ କୃଷି କାର୍ଯ୍ୟାଳୟକୁ ନବନିର୍ମିତ ଏହି ଗୃହ ହସ୍ତାନ୍ତର ଓ ଏହାର କାର୍ଯ୍ୟକ୍ଷମ ନେଇ ଦିନ ଗଡିଚାଲିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

ଜୟପୁର, ୧୬।୬ (ପବନ ପାଣିଗ୍ରାହୀ)

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିବା ପରେ ତାଙ୍କୁ ପ୍ରତାରଣା କରିବା ନେଇ ରବିବାର ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ବି.ସିଂପୁର ଅଞ୍ଚଳର ଗୋକୁଳ ହରିଜନ ଜଣେ ଯୁବତୀଙ୍କୁ ପ୍ରଥମେ ଭଲପାଇ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏବେ ସେ ତାଙ୍କୁ ବିବାହ କରିବାକୁ ମନା କରି ଦେବାରୁ ପ୍ରତାରିତା ଯୁବତୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

### ଜିଲା ଭାଜପା ସଭାପତିଙ୍କ କାର ଧକ୍କାରେ ଜଣେ ମୃତ

ନବରଙ୍ଗପୁର,୧୬।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇଙ୍କ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜଟାବାଲ ଗାଁର ମାନସ ବାଘ (୩୫)। ମୃତକଙ୍କ ପରିବାର ପକ୍ଷରୁ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏ ନେଇ କେଶ ନମ୍ବର (୧୩୪/୨୪)ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସନ୍ତୋଶ ମାଝୀ କହିଛନ୍ତି । ଜିଲା ଭାଜପା ସଭାପତି ବିଶୋଇଙ୍କ କାର ଶନିବାର ରାତିରେ ଡାବୁଗାଁ ଆଡୁ ଫେରୁଥିବା ସମୟରେ ୨୬ ନମ୍ବର ଜାତୀୟ ରାଜପଥର ଟିକିଲି ନିକଟବର୍ତ୍ତୀ ଟସର ବୋର୍ଡ ପାଖରେ ଏକ ବାଇକ୍ ନମ୍ବର (ଓଡ଼ି ୨୪ସି୮୬୫୦)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ମାନସ ଙ୍କ ମୁଣ୍ଡ ଜୋରରେ ଆଘାତ ହେବା ସହ ଡାହାଣ ହାତ ଛିଣ୍ଡି ଯାଇଥିଲା। ମାନସଙ୍କୁ ୧୦୮ ଆମ୍ବୁଲାନ୍ସରେ ନବରଙ୍ଗପୁର ଜିଲା ସଦର ମହାକୁମ୍ଭା ଡାକ୍ତରଖାନାକୁ ଆଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବିଶାଖାପାଟଣା ନେବାବେଳେ ପଟାଙ୍ଗି ନିକଟରେ ମାନସଙ୍କ ମୃତ୍ୟୁ ହୋଇଥିଲା । ରବିବାର ମାନସଙ୍କ ସ୍ତ୍ରୀ ବିନନ୍ତି ଗରଡା ଥାନାରେ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ସୃଜନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର



କବିତା ଆସର ବୈଠକରେ ଅତିଥିମାନେ।

ଛତ୍ରପୁର, ୧୬।୬
(ଦିଲ୍ଲୀପ ସାମଲ/ ସନ୍ତୋଷ ପାଢ଼ୀ)

ପବିତ୍ର ରଜପର୍ବ ଉପଲକ୍ଷେ ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପରିବାର ପକ୍ଷରୁ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ କବିତା ଆସର ତଥା ରଜ ପର୍ବର ମହତ୍ତ୍ୱ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ ସୋମନାଥ ସାହୁ, ଉପଦେଷ୍ଟା ନିରଞ୍ଜନ ତ୍ରିପାଠୀ ମଞ୍ଚାସୀନ ରହି ଓଡ଼ିଆ ସଂସ୍କୃତି, ଓଡ଼ିଆ ପରମ୍ପରା ସହ ଓଡ଼ିଆ ଗଣପର୍ବ ରଜପର୍ବର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ବଳରାମ ପଲେଇ, ଜତିରାଜ ନାୟକ, ମାଧବ ମହାପାତ୍ର, ନରେନ୍ଦ୍ର ପଣ୍ଡା, ରାମାନୁଜ ଦାସ, ରାମଚନ୍ଦ୍ର ନନ୍ଦ, ଗାୟତ୍ରୀ ମହାନ୍ତି, ତ୍ରିନାଥ ସାହୁ, ବିଜୟ ରାଉଳ, ଦୁର୍ଗା ପଲେଇ ରଜପର୍ବ କବିତା ପାଠ କରିଥିଲେ ।

## କନ୍ଧମାଳ ସାଂସଦଙ୍କୁ ସମ୍ବର୍ଦ୍ଧନା



କ.ନୂଆଗାଁ,୧୬।୬(କାଳୀ ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ହାଇସ୍କୁଲଠାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ନୂଆଗାଁ ମଣ୍ଡଳ ଭାଜପା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସେଠାରୁ ସେ ଏକ ବିରାଟ ଶୋଭାଯାତ୍ରାରେ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ବରିଷ୍ଠ ଭାଜପା ନେତା ପଣ୍ଡିତ କୁମାର ବିଶି ମାଝୀ, ଗୁରୁରାମ ପାତ୍ର, ଭାଜପା ଜିଲା ଅଧ୍ୟକ୍ଷ ବିଜୟ କୁମାର ସାହୁ, ମଣ୍ଡଳ ସଭାପତି ଲାମ୍ବୁରା ପ୍ରଧାନ,ଏସ୍.ଟି. ମୋର୍ଚ୍ଚାର ଜିଲା ସଭାପତି ବିଶିକେଶନ ପ୍ରଧାନ, ଯୁବ ନେତା କାର୍ତ୍ତିକ ପ୍ରଧାନ, ମଣ୍ଡଳ ଉପସଭାପତି ଜୟକୃଷ୍ଣ ପୂଜାରୀ, ନିଗମାନନ୍ଦ ପୂଜାରୀ, ହେମନ୍ତ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ଭାଜପା କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ କେରଳ ଦମ୍ପତି



ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତି ଓ ଅନ୍ୟ ଅଧିକାରୀମାନେ।

ପାରଳାଖେମୁଣ୍ଡି, ୧୬।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୫୩ତମ ଶିଶୁଙ୍କୁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ରବିବାର ପୋଷ୍ୟ ସନ୍ତାନ ଭାବେ କେରଳ ରାଜ୍ୟର କୋଲ୍ଲମ ଅଞ୍ଚଳର ଜନୈକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଚାରି ବର୍ଷ ଧରି ଅନଲାଇନ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା କେରଳର ଏକ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବା ପାଇଁ ସ୍ଥିର କରିଥିଲେ। ତା'ପରେ ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ ଏବଂ ଅତିରିକ୍ତ ଜିଲାପାଳ ଆଇନତଃ ଅନୁମୋଦନ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଯାଞ୍ଚ କରିବା ପରେ ଶିଶୁଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ।

# ବିଶ୍ୱ ସାମୁଦ୍ରିକ କଇଁଛ ଦିବସ ପାଳିତ

ଗଞ୍ଜାମ, ୧୬।୬ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ କଣ୍ଟିଆଗଡ଼ ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଗୋପାଳପୁର ଟାଟା ପ୍ରକଳ୍ପ ଦ୍ୱାରା ବିଶ୍ୱ ସାମୁଦ୍ରିକ ଦିବସ ପାଳିତ ହୋଇଯାଇଛି । ପ୍ରକଳ୍ପର ବନ୍ୟପ୍ରାଣୀ ବୈଜ୍ଞାନିକ ଡ଼. ସୁବ୍ରତ ଦେବତାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଟା ପ୍ରକଳ୍ପ ମୁଖ୍ୟ ରକି ମାର୍ଟିନ ଯୋଗଦେଇ ସାମୁଦ୍ରିକ କଇଁଛଙ୍କ ସୁରକ୍ଷାରେ କଣ୍ଟିଆଗଡ଼, ଗୋଖରକୁଦା, ପୁରୁଣାବନ୍ଧ, ପୁରୁଣାବନ୍ଧ, ପାଳିବନ୍ଧ ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବନ ସଂରକ୍ଷକ ଦିବ୍ୟଶଙ୍କର ବେହେରା ଯୋଗଦେଇ ପରିସଂସ୍ଥାରେ ସାମୁଦ୍ରିକ କଇଁଛ ଗୁରୁତ୍ୱ ଏବଂ ଏହି କଇଁଛମାନଙ୍କ ସୁରକ୍ଷା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ଼ଃ. ଶଙ୍କର ନାରାୟଣ ବେଜ ମଞ୍ଚାସିନ ଥିଲେ । ସ୍ଥାନୀୟ ଚାରି ଗ୍ରାମର ବିଦ୍ୟାର୍ଥୀମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମର ସ୍ୱୟଂ ସହାୟିକା ମହିଳାମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରଷିକୁଲ୍ୟା କଇଁଛ ସୁରକ୍ଷା ସମ୍ପାଦକ ରବିନ୍ଦ୍ର ନାଥ ସାହୁ ଓ ରାଜେଶ୍ୱରୀ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ ।



କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଉଛି।

### ଚୋରି ମାମଲାରେ ୪ ଗିରଫ

ସୁନାବେଡା/ସେମିଳିଗୁଡା,୧୬।୬
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

କୋରାପୁଟ ଜିଲା ସେମିଳିଗୁଡ଼ା ପୋଲିସ ଏକ ଚୋରି ମାମଲାରେ ରବିବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୮ ତାରିଖରେ ସେମିଳିଗୁଡା ମହାଲକ୍ଷ୍ମୀ ଗେଷ୍ଟ ହାଉସ ମାଲିକ ରମାରମଣ ପଣ୍ଡାଙ୍କ ଘର ପଛପଟ ରୁମରୁ ଦିନ ବେଳେ ଲ୍ୟାପଟପ, ମୋବାଇଲ, ହାର୍ଡ ଡିସ୍କ ଏବଂ ମନିପର୍ସ ଚୋରି ହୋଇଥିଲା। ଏନେଇ ସେ ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ କେସ୍ ନଂ. ୭୫/୨୪ରେ ମାମଲା ରୁଜୁ କରିଥିଲେ। ଏହାର ତଦନ୍ତ ଏଏସ୍‌ଆଇ ଦିଗନ୍ତ ପ୍ରଭୁ ସହାୟ କରୁଥିଲେ। ସେହି ଘଟଣାରେ ରବିବାର ପୋଲିସ ୨ ନାବାଳକଙ୍କ ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋଟପାଡ଼ ଭନସୁଲି ଗ୍ରାମର ଡି. ସମସୁଙ୍ଗଙ୍କ ପୁଅ ଡି. ଉଇଲସନ (୨୧) ଓ ସେମିଳିଗୁଡା ଉପର ସାହିର ସ୍ୱର୍ଗତ ପାତ୍ର ଟାକ୍ରିଙ୍କ ପୁଅ କାହ୍ନୁ ଟାକ୍ରି ଓରଫ ପିଟର(୨୦) । ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ପାଖରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏଥିରେ ଅନ୍ୟ ସମ୍ପୃକ୍ତ ୨ ନାବାଳକଙ୍କୁ ମାଲକାନଗିରିସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

# ମିନା ବଜାର, ରାମଦୋଳି ଉଦ୍‌ଘାଟିତ



ମିନାବଜାର ଓ ରାମଦୋଳି ଉଦଘାଟନ କରାଯାଉଛି।

ଛତ୍ରପୁର, ୧୬।୬ (ଦିଲ୍ଲୀପ ସାମଲ)

**୨୧ ଦିନରେ ମା' ରାମାୟାଣାମ୍ମାଙ୍କ ଯାତ୍ରା**

ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ରବିବାର ୨୧ ଦିନରେ ପହଞ୍ଚିଛି । ମା'ଙ୍କ ଯାତ୍ରା ଲାଗି ଛତ୍ରପୁର ସହର ଉତ୍ସବମୁଖର ହୋଇପଡିଛି । ରଜର ତୃତୀୟ ଦିନରେ ମା'ଙ୍କ ଘଟ ପରିକ୍ରମା ବନ୍ଦ ରହିଛି । ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା'ଙ୍କ ଅସ୍ଥାୟୀ ମନ୍ଦିରଠାରେ ମା'ଙ୍କୁ ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଉଥିବା ଦେଖିବାକୁ ମିଳିଛି। ଲୋକଙ୍କ ମନୋରଞ୍ଜନ ନିମନ୍ତେ ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ପରିସରରେ ମିନାବଜାର ଓ ରାମଦୋଳି ଶୁଭାରମ୍ଭ କରାଯାଇଛି। ଯାତ୍ରା କମିଟିର ମ୍ୟାନେଜର ସି.ଏଚ. ଦୟାନନ ରେଡ୍ଡୀ ଉଦଘାଟନ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଏମ ସମରେନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପି. ରାଜୁ ରେଡ୍ଡୀ, ଚୈନ ବାବୁଙ୍କ ସମେତ ଯାତ୍ରା କମିଟି ସମସ୍ତ ସଦସ୍ୟ ଏବଂ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସମ୍ପାଦକ ସରୋଜ ସାମଲ, ଉପସଭାପତି ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ କେ. ସତ୍ୟନାରାୟଣ ରେଡ୍ଡୀ, ସହ ସମ୍ପାଦକ ଦେବବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା' ରକ୍ଷାକାଳୀଙ୍କ ବାର୍ଷିକ ଉତ୍ସବ

ଯାଜପୁର ସଦର, ୧୬।୬ (ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର କବିରପୁର ଦଶହରା ପଡ଼ିଆରେ ମା' ରକ୍ଷାକାଳୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରଜ ସଂକ୍ରାନ୍ତିରେ ମା'ଙ୍କ ବାର୍ଷିକ ପୂଜା ନିମନ୍ତେ ଖରସ୍ରୋତା ନଦୀର ରାଜଘାଟ ନିକଟରୁ ଜଳସଂଗ୍ରହ କରାଯାଇଥିଲା। ରବିବାର ମନ୍ଦିରର ମୁଖ୍ୟ ପୂଜକ ପ୍ରମୋଦ କୁମାର ମିଶ୍ରଙ୍କ ଦ୍ୱାରା ପ୍ରତ୍ୟୁଷରୁ ମା'ଙ୍କ ସ୍ନାନ କରାଯାଇ ବିଭିନ୍ନ ଅଳଙ୍କାର ଲାଗି ସହ ବଡ଼ସିଂହାର ବେଶ କରାଯାଇଥିଲା। ଗୋପୂଜା, ସୂର୍ଯ୍ୟ ପୂଜା ଓ ପୀଠ ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ମୃତ୍ୟୁଞ୍ଜୟ ପାଢ଼ୀ, ମଧୁସ୍ମିତା ପାଢ଼ୀ ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ ପଣ୍ଡା, ପଣ୍ଡିତ ନିତ୍ୟାନନ୍ଦ ପତି, ଅନାମ ପତି, ଅରୁଣ ପଣ୍ଡା ଓ ସହଯୋଗୀ



ଭାବେ ବନମାଳୀ ବାରିକ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ପରିସରରେ ଭଜନ ଓ ପ୍ରବଚନ ଆଦି ପରିବେଷଣ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ପରମ୍ପରା ଅନୁଯାୟୀ ବର୍ଷରେ ଥରେ ମା'ଙ୍କୁ ମାଛ ଭୋଗ ଲାଗି କରାଯାଇଥିଲା। ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଗଜାମରୁଡ଼ି ଆଶଙ୍କା, ବିହନ ଚିନ୍ତାରେ ଚାଷୀ



ଗରଦପୁର ବ୍ଲକର ପାଖଡ଼ା ଗ୍ରାମରେ ତଳିପଡ଼ିଥିବା ଜମି ପାଣି ଅଭାବରୁ ଶୁଖିଲା ପଡ଼ିଛି।

- ୧୫ ହଜାରରୁ ଆସିଛି ୫୦୦ କୁଇଣ୍ଟାଲ ବିହନ
- କେନାଲରେ ପାଣି ଛାଡ଼ିବା ପାଇଁ ଦାବି

କେନ୍ଦ୍ରାପଡ଼ା, ୧୬।୬ (ଜଗନ୍ନାଥ ଧଳ)

ଓଡ଼ିଶାକୁ ମୌସୁମୀ ଆସିବାରେ ବିଳମ୍ବ ହୋଇଥିବା ପାଣିପାଗ ବିଶେଷଜ୍ଞ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଖରିଫ ଚାଷ ପାଇଁ ଆଶାନୁରୂପକ ବର୍ଷା ହୋଇନାହିଁ। ଆଗାମୀଦିନରେ ଲଗାତାର ବର୍ଷା ନ ହେଲେ ଖରିଫ ଚାଷ ପ୍ରଭାବିତ ହେବ। ଏହାଛଡା ଜିଲା କୃଷି ବିଭାଗ ପକ୍ଷରୁ ଉତ୍ପାଦନକ୍ଷମ ଓ ପାଣି ସହଣି କିସମର ଧାନ ବିହନ ଯୋଗାଣ ହୋଇ ପାରୁନାହିଁ। ଜିଲା ପାଇଁ ୧୫ ହଜାର କୁଇଣ୍ଟାଲ ବିହନ ଆବଶ୍ୟକତା ଥିବାବେଳେ ମାତ୍ର ୫୦୦ କୁଇଣ୍ଟାଲ ବିଭିନ୍ନ ସୋସାଇଟି ମାଧ୍ୟମରେ ବିକ୍ରୟ ହେଉଛି। ବିହନ ସମସ୍ୟା ସହିତ ଗଜା ମରୁଡ଼ିରୁ ଚାଷକୁ ବଞ୍ଚାଇବା ପାଇଁ କେନାଲରେ ଏବେଠାରୁ ପାଣି ଛାଡିବାକୁ ଚାଷୀମାନେ ଦାବି ଆରମ୍ଭ କରିଛନ୍ତି।

କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଅଧୀନ ବିଭିନ୍ନ ବ୍ଲକର ୧ ଲକ୍ଷ ୨୪ ହଜାର ହେକ୍ଟର କ୍ଷେତରେ ଖରିଫ ଚାଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ପାରମ୍ପରିକ ବିହନ ବାଦ ପ୍ରାୟ ୧୫ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ। ମାତ୍ର ଜିଲାକୁ ୫୦୦ କୁଇଣ୍ଟାଲ ବିହନ ଯୋଗାଣ ହୋଇଛି। ଅଧିକ ଅମଳକ୍ଷମ କନକ ପ୍ଲସ, ୧୦୭୫, ଧଳା ସ୍ୱର୍ଣ୍ଣ, ଶାରଳା, ସାଧନା, ଖୁସିଆନି ଆଦି ବିହନ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ। ସେହିପରି ଅକ୍ଷୟତୃତୀୟାଠାରୁ କ୍ଷେତରେ ହଳ ବେଉଷଣ ଆରମ୍ଭ କରି ଚାଷୀ ରଜ ପୂର୍ବରୁ ପାଟ ବା ତଳୁଆ ଅଞ୍ଚଳ କ୍ଷେତରେ ପାରମ୍ପରିକ ବିହନ ବୁଣିଥିଲେ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚାଷୀ କ୍ଷେତରେ ଧାନ ବୁଣିଥିଲେ ମଧ୍ୟ ପ୍ରବଳ ଖରା ଯୋଗୁ ଏହି ବିହନ ଗଜା ହେବା ସମ୍ଭାବନା କମିଛି। କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, ଚଳିତବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ଘନୀଭୂତ ହେବାରେ ଲାଗିଛି। ମେ' ଶେଷ ସପ୍ତାହରେ ଖରିଫ ଚାଷ ପାଇଁ କେତେଜଣ ଚାଷୀ କ୍ଷେତକୁ ପାଣି ବୋହି ଧାନ ତଳି ପକାଇଥିଲେ। ଅଦ୍ୟାବଧି ବର୍ଷା ନ ଥିବାରୁ ତଳିଜମି ଫାଟି ଗଲାଣି। ନଦୀ ଓ କେନାଲ ବନ୍ଧ ନଷ୍ଟ ହୋଇଥିବା ସରକାରୀ ରିପୋର୍ଟ କହୁଛି। ଏସବୁର ମରାମତି ପାଇଁ ଜଳ ସମ୍ପଦ ବିଭାଗ ଆଗଭର ହେଉନାହିଁ। ବିହନ ଓ ସାର ସମସ୍ୟା ଏହି ଜିଲାରେ ଲାଗି ରହିଛି। କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ କୁହନ୍ତି, ଉପର ଓ ତଳୁଆ ଅଞ୍ଚଳର ପ୍ରାୟ ୧୫ ଏକର ଜମିରେ ଖରିଫ ଚାଷ ପ୍ରତିବର୍ଷ କରିଥାନ୍ତି। ଚଳିତବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା କେନାଲ ମରାମତି କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ଏହାକୁ ଆଳ କରି କେନାଲକୁ ପାଣି ଛଡ଼ା ଯାଇନାହିଁ। ସେହିପରି ମୌସୁମୀ ବର୍ଷାକୁ ପୂର୍ବାନୁମାନ କରି ଚାଷୀ ପାଟ ଅଞ୍ଚଳରେ ରଜ ପୂର୍ବରୁ ବିହନ ବୁଣାବୁଣି ସାରିଛନ୍ତି। ବର୍ଷା ଓ କେନାଲ ପାଣି ଅଭାବରୁ ଏହା ନିଶ୍ଚିତ ଭାବେ ଗଜା ମରୁଡ଼ି ହେବ। ସେହିପରି ଧାନରୁଆ ପାଇଁ ଏବେ ତଳି ସମସ୍ୟା ଦେଖାଦେଇଛି। ବିହନ ଯୋଗାଣ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ବଗଡ଼ା କୃଷି ସମବାୟ ସମିତି ସଭାପତି ଅକ୍ଷୟ କୁମାର ପାଣି କହିଛନ୍ତି, ଜିଲା କୃଷି ବିଭାଗ ପକ୍ଷରୁ ପାକ୍ସ ଓ ରିଟେଲ ପଏଣ୍ଟକୁ ଚାଷୀଙ୍କ ଖରିଫ ବିହନ ଯୋଗାଣ ହୋଇଛି ବୋଲି କୁହାଯାଉଛି। ତେବେ ମାତ୍ର ଅଳ୍ପ କେତୋଟି କିସମ ବିହନ ବ୍ୟତୀତ ଅଧିକ ଅମଳକ୍ଷମ ବିହନ ଯୋଗାଣ ହୋଇନାହିଁ। ଫଳରେ ଚାଷୀ ବିହନ ପାଇଁ ବିକ୍ରୟ କେନ୍ଦ୍ରରୁ ବାରମ୍ବାର ଯାଇ ଫେରୁଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ ଚାନ୍ଦଙ୍କୁ ପଚାରିବାରେ ସ୍ୱାଭାବିକ ବର୍ଷା ବିଳମ୍ବିତ ହୋଇଛି। ତେବେ ଚାଷ ପାଇଁ ଏହା ବାଧକ ହେବ ନାହିଁ। ବିହନ ଯୋଗାଣକୁ ତ୍ୱରାନ୍ୱିତ ପାଇଁ ବିଭିନ୍ନ ପ୍ରକ୍ରିୟାକରଣ କେନ୍ଦ୍ର ଓ ବିହନ ନିଗମ ସହିତ ଯୋଗାଯୋଗ ଚାଲିଛି ବୋଲି ସେ କହିଛନ୍ତି।

## ଆକର୍ଷଣ ପାଲଟିଛି ରଜ ମହୋତ୍ସବ



ଛତିଆ ଇଚ୍ଛାନଗର ପାଟଣା ଗ୍ରାମରେ ପିଲାମାନେ ଦୋଳି ଖେଳୁଛନ୍ତି।

ଛତିଆ, ୧୬।୬(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଇଚ୍ଛାନଗର ପାଟଣା ଗ୍ରାମର ଗୌରୀଶଙ୍କର ଯୁବକ ସଂଘ ପକ୍ଷରୁ ଚାରି ଦିନ ଧରି ଆୟୋଜିତ ହୋଇଥିବା ରଜ ମହୋତ୍ସବ ଆକର୍ଷଣର କେନ୍ଦ୍ର ପାଲଟିଛି। ଏଠାରେ ପ୍ରତ୍ୟେକ ଦିନ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକ ଆସି ଦୋଳିଖେଳର ମଜା ନେଉଛନ୍ତି। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେଉଛନ୍ତି। ଯୁବକ ସଂଘର କର୍ମକର୍ତ୍ତା ହଜି ଯାଉଥିବା ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମେହେନ୍ଦୀ, ଲୁଡୁ, ତାସ, ମ୍ୟୁଜିକ ଚେୟାର, ସାଧାରଣ ଜ୍ଞାନ, ପିଠା, ମିଠା ଆଦି ସହ ନୂଆନୂଆ ଖେଳର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି।

## ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

ମାର୍ଶାଘାଇ, ୧୬।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସାନଗାଁର ବୁଲୁ ଦାସଙ୍କୁ ଶନିବାର ରାତିରେ କେତେଜଣ ଯୁବକ ଗାଁ ଦାଣ୍ଡରେ ପିଟି ହତ୍ୟା କରିଥିବା ତାଙ୍କ ବାପା ଗଜେନ୍ଦ୍ର ଦାସ ଅଭିଯୋଗ କରିଛନ୍ତି। ଗଜେନ୍ଦ୍ର ପ୍ରଥମେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ମୃତଦେହ ଗାଁ ନିକଟ ରେଳଧାରଣା ପାଖରୁ ମିଳିଥିବାରୁ ମାର୍ଶାଘାଇ ପୋଲିସ ତାଙ୍କୁ ସରକାରୀ ରେଲୱେ ପୋଲିସ(ଜିଆର୍‌ପି) ଥାନାରେ ଅଭିଯୋଗ କରିବାକୁ କହିଥିଲା। ଏହାପରେ ଗଜେନ୍ଦ୍ର କଟକ ଜିଆରପିରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବୁଲୁ ଶନିବାର ରାତିରେ ଗ୍ରାମର ହନୁମାନ ମନ୍ଦିରକୁ ପ୍ରସାଦ ସେବନ କରିବାକୁ ଯାଇଥିଲେ। ପ୍ରସାଦ ଖାଇ ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିବା ବେଳେ ତାଙ୍କୁ ସେହି ଗ୍ରାମର ଜଣେ ଯୁବକ ଓ ତାଙ୍କ ଭଣଜା (କରଞ୍ଜୀ ଗ୍ରାମର ଅନ୍ୟ ଜଣେ ଯୁବକ) ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। କେତେଜଣ ଲୋକ ଅଟକାଇବାକୁ ଆସିବାରୁ ସେମାନେ ବୁଲୁଙ୍କୁ ଛାଡ଼ି ପଳାଇଥିଲେ। ରକ୍ତ





ଜୁଡୁବୁଡୁ ଅବସ୍ଥାରେ ବୁଲୁଙ୍କୁ କେତେଜଣ ଲୋକ ସ୍କୁଲ ବାରଣ୍ଡାରେ ବସାଇ ପାଣି ଛାଟିଥିଲେ। ଖବର ପାଇ ଘରଲୋକ ପହଞ୍ଚି ବୁଲୁଙ୍କୁ ଡାକ୍ତରଖାନା ନେବା ଲାଗି ଗାଡ଼ି ଯୋଗାଡ଼ କରିବାକୁ ଯାଇଥିଲେ। ଗାଡ଼ି ଆସିବା ପରେ ଉକ୍ତ ଜାଗାରେ ବୁଲୁ ନ ଥିବା ଦେଖି ସେମାନେ ତାଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ସକାଳୁ ଗାଁ ଶ୍ମଶାନ ମଇଁଷିଗୋଠ ନିକଟରେ ବୁଲୁ ମୃତ ଅବସ୍ଥାରେ ପଡ଼ିଥିବା ଗଜେନ୍ଦ୍ର ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ପହଞ୍ଚି ଦେଖିଲାବେଳକୁ ମୃତଦେହ ରେଳଧାରଣା ନିକଟରେ ପଡ଼ିଥିଲା। ଫଳରେ ପୋଲିସ ମାମଲା ରୁଜୁ ନ କରି ଜିଆର୍‌ପି ଥାନାକୁ ଯିବାକୁ କହିଥିଲା। ଏହି ଘଟଣା ରହସ୍ୟ ଘେରରେ ରହିଛି। ଗାଁର କେତେଜଣ ଲୋକ ନାମ ଗୋପନ ସର୍ତ୍ତରେ କହିଛନ୍ତି, ବୁଲୁଙ୍କ ସେହି ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ପରକୀୟା ପ୍ରୀତି ଥିଲା। ତାଙ୍କ ସ୍ୱାମୀ ରାତିରେ ବୁଲୁଙ୍କୁ ଧରିଥିଲେ। ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଉ କେତେଜଣ କହୁଛନ୍ତି ଯେ, ମୃତକ ଓ ଅଭିଯୁକ୍ତଙ୍କ ମଧ୍ୟରେ ଟଙ୍କା ପଇସା ନେଣଦେଣକୁ ନେଇ ଶତ୍ରୁତା ଥିଲା। ଏ ସମ୍ପର୍କରେ ମାର୍ଶାଘାଇ ଥାନା ଅଧିକାରିଣୀ ପ୍ରଜ୍ଞା ପରମିତା ଜେନାଙ୍କୁ ପଚାରିବାରେ ରେଳଧାରଣା ପାଖରୁ ମୃତଦେହ ମିଳିଥିବାରୁ ସେହି ସ୍ଥାନ ଆମ ଥାନା ଅଧୀନରେ ଯାଉନାହିଁ। ତେଣୁ ତାଙ୍କ ବାପା କଟକ ଜିଆରପି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଏହି ମାମଲା ମାର୍ଶାଘାଇ ଥାନା ଅଞ୍ଚଳରେ ଯାଉଥିବାରୁ ରେଲୱେ ପୋଲିସ ମାମଲାକୁ ଆମ ଥାନାକୁ ଫରୱାର୍ଡ କରିଛି ବୋଲି ସେ କହିଛନ୍ତି। ଏ ନେଇ କଟକ ରେଲୱେ ପୋଲିସ ୪୬/୨୪ ନମ୍ବରରେ ଏକ ମାମଲା ରୁଜୁ କରିଛି।

ସେଲ୍‌ଫି କର୍ନରେ ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆରାଧ୍ୟା



@ କ୍ଷୀରୋଦ



@ ନୀଳକଣ୍ଠ



@ ସୁବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟାଏକୋଣ୍ଡୋରେ ଧର୍ମଶାଳାକୁ ୧୨ ପଦକ



ଟାଏକୋଣ୍ଡୋ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ।

ଧର୍ମଶାଳା/କାଏମା, ୧୬।୬ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଚଳିତ ମାସ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଉଜ୍ଜୈନଠାରେ ଆୟୋଜିତ ୧୫ ତମ ଓପନ୍ ନ୍ୟାଶନାଲ ଟାଏକୋଣ୍ଡୋ ଚାମ୍ପିୟନଶିପରେ ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀର ଖେଳାଳିମାନେ ୧୨ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ଓଡ଼ିଶାରୁ ୨୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୧୫ ଜଣ ପଦକ ହାସଲ କରିଛନ୍ତି। ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଯାଜପୁର ଜିଲାର ୧୫ ବାଳିକା ଏବଂ ବାଳକ ରହିଛନ୍ତି। ସେଥିମଧ୍ୟରେ ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀର ୧୨ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ କ୍ୟୁରୋଗୀ ବିଭାଗରୁ ସିନିୟର୍ ମହିଳା ୭୩ କେଜିରେ ନୀହାରିକା ପଣ୍ଡା ସ୍ୱର୍ଣ୍ଣ, କ୍ୟାଡେଟ ବାଳକ ୩୩ କେଜିରେ ଆଦିତ୍ୟ କୁମାର ନାୟକ ସ୍ୱର୍ଣ୍ଣ, ସ୍ୱୟଂପ୍ରଜ୍ଞା ଦାସ କାଂସ୍ୟ, ଜୁନିୟର ବାଳକ ୭୮ କେଜିରେ ଆଶୁତୋଷ ସାମଲ ରୌପ୍ୟ, ୫୧ କେଜିରେ ଓମ୍‌ପ୍ରକାଶ ସାମଲ କାଂସ୍ୟ, ସବଜୁନିୟର ବାଳକ ୩୫ କେଜିରେ ଦିଶାନ୍ତ ରଞ୍ଜନ ସାମଲ, ୨୩ କେଜିରେ ନୀତେଶ ସାହୁ ଓ ୩୫ କେଜିରେ ଦିବ୍ୟଜ୍ୟୋତି ସାନ୍ତ୍ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁମ୍ସି ବିଭାଗରୁ ଜୁନିୟର ବାଳକ ଶୁଭ୍ରାଂଶୁ ସାହୁ, କ୍ୟାଡେଟ ବାଳକ ଆଦିତ୍ୟ କୁମାର ନାୟକ, ସବ୍‌ଜୁନିୟର ବାଳକ ଦିବ୍ୟଜ୍ୟୋତି ସାନ୍ତ, ନୀତେଶ ସାହୁ କାଂସ୍ୟ ପଦକ ହାସଲ କରି ଯାଜପୁର ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଯାଜପୁର ଜିଲା ଟାଏକୋଣ୍ଡୋ ଅସୋସିଏଶନ ସାଧାରଣ ସମ୍ପାଦକ ଯଯାତ କେଶରୀ ଧଳ, ଧର୍ମଶାଳା ଟାଏକୋଣ୍ଡୋ ଏକାଡେମୀ ମ୍ୟାନେଜର ସନ୍ତୋଷ ସାହୁ ଓ ମୁଖ୍ୟ କୋଚ ସମର ସିଂହ ପ୍ରମୁଖ ପଦକ ହାସଲ କରିଥିବା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଶିଆଳି ବେଳାଭୂମିରୁ ଯୁବକଙ୍କ ମୃତଦେହ ଜବତ

ଏରସମା, ୧୬।୬ ( ଦୀପ୍ତି ଖଣ୍ଡୁଆଳ )

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଭୁବନେଶ୍ୱର ଆଚାର୍ଯ୍ୟ ବିହାର, ପ୍ଲଟ ନଂ ୪୦୧ରେ ରହୁଥିବା ସାତ୍ୱକୀ ସାର୍ଥକ (୪୪)। ପୋଲିସ ସୂଚନା ଅନୁଯାୟୀ, ସାର୍ଥକ ଶନିବାର ୪ ଜଣ ବନ୍ଧୁଙ୍କ ସହ ବାଲିକୁଦା ଥାନା ଅନ୍ତର୍ଗତ ମରିଚପୁର ବନ୍ଦର ନିକଟକୁ ବୁଲି ଆସିଥିଲେ। ସେଠାରେ ଗାଧୋଇବା ସମୟରେ ସେ ବୁଡ଼ି ନିଖୋଜ ହୋଇଯାଇଥିଲେ। ରବିବାର ଶିଆଳି ସନ୍ନିକଟ କଳାବେଦୀ ସମୁଦ୍ର ବେଳାଭୂମିରୁ ସାର୍ଥକଙ୍କ ମୃତଦେହ ଜବତ କରାଯାଇଛି। ସେ କେବଳ ହାଫ୍‌ପ୍ୟାଣ୍ଟ ପିନ୍ଧି ଥିଲେ। ପରିବାର ଲୋକେ ତାଙ୍କ ମୃତଦେହ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ପରିବାର ପକ୍ଷରୁ ଏରସମା ଥାନାରେ ଏତେଲା ଦିଆଯିବା ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ. ୧୬/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି।

## ଧର୍ମଶାଳା ସାହିତ୍ୟ ସମାଜର ରଜ ଉତ୍ସବ

ଧର୍ମଶାଳା, ୧୬।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲସ୍ଥିତ ପତିତପାବନ ହାଇସ୍କୁଲ ପରିସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରଜ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବି ବିଜୟ କୁମାର ଦେବତା, ଗଣେଶ୍ୱର ବେହେରା, ସବିତା ମିଶ୍ର ଓ ସରୋଜିନୀ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଯାଜପୁର ଲୋକ ସଭା ସଦସ୍ୟ ଡ. ରବିନାରାୟଣ ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଓଡ଼ିଆ ଭାଷା, ସାହିତ୍ୟ ବଞ୍ଚିରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ତାଙ୍କୁ ସାହିତ୍ୟ ସମାଜ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢ୍ୱୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସ୍ତ୍ରୀ ଡ. ଶର୍ମିଳା ବେହେରାଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି ଓ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ରାଧାଶ୍ୟାମ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଗ୍ରନ୍ଥକାର ନବଘନ ଜେନା, କବି ବିଜୟ କୁମାର ଦେବତା, ଶୁଭକାନ୍ତ ନାୟକ, ବେଣୁଧର ଦାସ, ଗୋଲକ ଚନ୍ଦ୍ର ପଲେଇ, ସତ୍ୟାନନ୍ଦ ପ୍ରଧାନ ଓ ଆଦିକନ୍ଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଉପସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।





ଧର୍ମଶାଳା ସାହିତ୍ୟ ସମାଜର ରଜ ଉତ୍ସବରେ ମଞ୍ଚାସୀନ ଅତିଥି।

# ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

## ବାପା, ସାନଭାଇ ଗୁରୁତର

ନୟାଗଡ଼,୧୬।୬(ଲୋକନାଥ ମିଶ୍ର)

ଶେଷ ରଜ ଅର୍ଥାତ୍ ରବିବାର ଅପରାହ୍ନରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କ ବାପା ଓ ସାନଭାଇ ଗୁରୁତର ହୋଇଛନ୍ତି। ନୟାଗଡ଼ ପୋଲିସ ଜିଲା ଇଟାମାଟି ଥାନା ଭୂତଡିହି ଗହୀରରେ ଘଟିଥିବା ଏହି ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ଲାଠିପଡା ପାଇକସାହିର ଦଣ୍ଡପାଣି ପରିଡ଼ା(୪୦)। ତାଙ୍କ ବାପା ଜଗଦେବ ପରିଡ଼ା ଓ ସାନଭାଇ ପ୍ରମୋଦ ପରିଡା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗ୍ରାମବାସୀ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ପରେ ଲାଠିପଡା ଓ ଭୂତଡିହିରେ ଉତ୍ତେଜନା ପ୍ରକାଶ ପାଇଛି।

ଲାଠିପଡା ପାଇକସାହିର ଜଗଦେବ ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ, ମୋ ବଡ଼ପୁଅକୁ ପୂର୍ବ ଯୋଜନା ମୁତାବକ ହତ୍ୟା କରାଯାଇଛି। ଏହା ରାଜନୈତିକ ବିବାଦ ହୋଇ ନ ଥିଲେ ହେଁ ଆକ୍ରମଣକାରୀ ନିଜକୁ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ କହି ଆମ ଉପରେ ଅତ୍ୟାଚାର କରିଆସୁଥିଲେ। ଜମିବାଡ଼ି ବିବାଦରୁ ଏହି ଗଣ୍ଡଗୋଳ ବଢ଼ିଥିଲା। ଭୂତଡିହିର ୨ ଭାଇ କାବୁ ରାଉତ ଓ ଜଗୁ ରାଉତ ମୋ ଜମିର କିଛି ଅଂଶ ମାଡ଼ି ବସିଥିଲେ। ଏହାକୁ ନେଇ ଗତ କିଛିମାସରୁ ବିବାଦ ଲାଗି ରହିଥିଲା। ସୋମବାର ଏହି ବିବାଦର ସମାଧାନ ହେବାର ଥିଲା। ରବିବାର ଅପରାହ୍ନରେ ମୁଁ ଓ ମୋର ଦୁଇପୁଅଙ୍କୁ ନେଇ ଆଖୁଜମିରେ ଏଲ୍ଆଇ ପଏଣ୍ଟ ସାହାଯ୍ୟରେ ପାଣି ମଡାଉଥିଲି। ହେଲେ କାବୁ ରାଉତ ଓ ଜଗୁ ରାଉତଙ୍କ ପରିବାର ଲୋକେ ପାଣିକୁ ବନ୍ଧାଇ ନିଜ ଜମିକୁ ନେଇ ମଡାଇଥିଲେ। ଏ ସଂକ୍ରାନ୍ତରେ ବଡ଼ପୁଅ ଦଣ୍ଡପାଣି ସେମାନଙ୍କୁ ପଚାରିବାକୁ ଯାଉଥିଲା। ହେଲେ କାବୁ ଓ ଜଗୁଙ୍କ ସମେତ ଉଭୟଙ୍କ ଦୁଇ ପୁଅ ମିଳିତ ହୋଇ ତାଙ୍କୁ ଗୋଡେଇ ଗୋଡେଇ ହାଣିଥିଲେ। ଏଥିରେ ଦଣ୍ଡପାଣିଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଫଳରେ ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ଘଟିଥିଲା। ଗଣ୍ଡଗୋଳ ଦେଖି ମୁଁ ଓ ମୋ ସାନପୁଅ ପ୍ରମୋଦ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲୁ। ଆକ୍ରମଣକାରୀ ମୋତେ ଓ ସାନ ପୁଅଙ୍କୁ ମଧ୍ୟ ହାଣିଥିଲେ। ଗଣ୍ଡଗୋଳ ଦେଖି ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚିବାରୁ ଆକ୍ରମଣକାରୀ ଫେରାର ହୋଇ ଯାଇଥିଲେ। ପରେ ଗ୍ରାମବାସୀ ଆମକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାର ଡାକ୍ତର ଦଣ୍ଡପାଣିଙ୍କୁ ମୃତ ଘୋଷଣା କରିଥିଲେ।

ଏନେଇ ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, ଭୂତଡିହିରେ ଜମିବାଡି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ତେବେ ରାତି ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନାହିଁ। ତଥାପି ପୋଲିସ ନିଜଆଡୁ ଘଟଣାର ତଦନ୍ତ କରୁଛି। ଏହି ଘଟଣା ପରେ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି।




ଡାକ୍ତରଖାନାରେ ଆହତ ପୁଅ ଓ ବାପା।

# ବିଟ୍ ହାଉସରେ ଖତ ଖାଉଛି ଜବତ ଗାଡ଼ି,ସାଇକେଲ




ଜବତ ହୋଇଥିବା ଗାଡ଼ି ଓ ସାଇକେଲ ବିଟ୍ ହାଉସ୍ ପରିସରରେ ପଡି ରହିଛି।

ଖଣ୍ଡପଡ଼ା,୧୬।୬
ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଖଣ୍ଡପଡ଼ା ବିଟ୍ ହାଉସ ପରିସରରେ ବହୁ ମୂଲ୍ୟବାନ କାଠ, ଯନ୍ତ୍ରପାତି ଓ ବିଭିନ୍ନ ସମୟରେ ଜବତ ହୋଇଥିବା ଅନେକ ଗାଡ଼ି ବର୍ଷବର୍ଷ ଧରି ପଡି ରହି ଖତ ଖାଉଛି। ବର୍ଷା ଓ ଖରାରେ ପଡି ମୂଲ୍ୟବାନ ସାମଗ୍ରୀଗୁଡିକ ନଷ୍ଟ ହେଉଥିଲେ ହେଁ ସେଗୁଡିକୁ ନିଲାମ ସୂତ୍ରରେ ବିକ୍ରି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ନୟାଗଡ଼ ବନଖଣ୍ଡ ଅଧିକାରୀ କେହି ଧ୍ୟାନ ଦେଉନାହାନ୍ତି। ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଜବତ ହୋଇଥିବା କାଠ ଓ ପଟ୍ଟା ମଧ୍ୟ ଦିର୍ଘଦିନ ଧରି ପଡି ରହିବା ଯୋଗୁ ଉଇ ଖାଇ ନଷ୍ଟ ହେବାରେ ଲାଗିଛି। ଯଦି ଠିକଣା ସମୟରେ ଜବତ ସାମଗ୍ରୀଗୁଡିକ ସର୍ବସାଧାରଣରେ ନିଲାମ କରାଯାଇ ପାରନ୍ତା ତା'ହେଲେ ଏବାବଦରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ପାଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଆବଶ୍ୟକ ପ୍ରମାଣପତ୍ର ଅଭାବରୁ ଯାନବାହନଗୁଡିକ ଖଲାସ ହୋଇ ପାରୁ ନାହିଁ। ବହୁ ବର୍ଷ ଧରି ସେ ସମ୍ପର୍କୀତ ମାମଲା ଫାଇଲ ତଳେ ପଡି ରହିଛି। ଠିକଣା ସମୟରେ ମାମଲାଗୁଡିକର ଯଦି ବିଚାର ହୋଇ ପାରନ୍ତା ତା'ହେଲେ ମାଲିକମାନେ ଯାନବାହନ ଫେରି ପାଇବା ସହ ସରକାର ଏ ବାବଦରେ ରାଜସ୍ୱ ସଂଗ୍ରହ କରିପାରନ୍ତେ। ନଚେତ ମାମଲା ଗୁଡିକ ରଫାଦଫା କରାଯାଇ ଜବତ ଯାନବାହନ ଗୁଡିକ ଠିକଣା ସମୟରେ ନିଲାମ କରାଯାଇ ପାରିଲେ ରାଜ୍ୟ ସରକାର ମୋଟା ଅଙ୍କର ରାଜସ୍ୱ ପାଇ ପାରିବେ ବୋଲି ଲୋକମାନେ କହିଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ସରକାର ରାଜସ୍ୱ ହରାଉଛନ୍ତି। ସେହିପରି ସିଂଘାପଡା ସ୍ଥିତ ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ଜବତ କାଠ, ପଟ୍ଟା ଓ ଗାଡ଼ି ପଡିରହି ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ ସେ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

# ଲିଜେଣ୍ଡ ୱାରିୟର୍ସ ଚାମ୍ପିୟନ

## ମାନପୁର ପ୍ରିମିୟର ଲିଗ୍ ଉଦ୍ଯାପିତ

ଶରଣକୁଳ,୧୬।୬(ଦୀପକ କର)

ରଜ ଉପଲକ୍ଷେ ଲୋକ ନୋଡାଲ ବିଦ୍ୟାପୀଠ, ପଞ୍ଚିରି ଖେଳ ପଡ଼ିରେ ଗତ ୩ ଦିନ ଧରି ଚାଲିଥିବା ରଜ ଧମକା କ୍ରିକେଟ ଟୁର୍ନାମେଣ୍ଟ – ୨୦୨୪, ମାନପୁର ପ୍ରିମିୟମ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଲିଜେଣ୍ଡ ୱାରିୟର୍ସ, ପାଟନା ଲାୟନ୍ସକୁ ହରାଇ ଚାମ୍ପିୟନ କପ୍ ହାସଲ କରିଛି। ୩ ମ୍ୟାଚ ବିଶିଷ୍ଟ ଫାଇନାଲର ପ୍ରଥମ ମ୍ୟାଚ୍‌ରେ ପାଟନା ଲାୟନ୍ସ ୯ ଓଭର ଖେଳି ୪ ଉଇକେଟ ବିନିମୟରେ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ଲିଜେଣ୍ଡ ୱାରିୟର୍ସ ୯ ଓଭର ଖେଳି ୧ ଉଇକେଟ ବିନିମୟରେ ୧୩୧ ରନ କରି ପରାଜୟ ହୋଇଥିଲା। ୬ ଓଭର ବିଶିଷ୍ଟ ୨ୟ ମ୍ୟାଚରେ ଲିଜେଣ୍ଡ ୱାରିୟର୍ସ ପ୍ରଥମ ଖେଳି ୨ ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରିଥିଲା ବେଳେ ପାଟନା ଲାୟନ୍ସ ଆବଶ୍ୟକ ରନ ସଂଗ୍ରହ କରି ନ ପାରି ପରାଜୟ ହୋଇଥିଲା। ଅନ୍ତିମ ତଥା ନିର୍ଣ୍ଣାୟକ ୩ ଓଭର ବିଶିଷ୍ଟ ତୃତୀୟ ମ୍ୟାଚରେ ପାଟନା ୱାରିୟର୍ସ ପ୍ରଥମ ବ୍ୟାଟିଂ କରି ୫ଟି ଉଇକେଟ ବିନିମୟରେ ୨୨ ରନ ସଂଗ୍ରହ କରିଥିଲାବେଳ ଜବାବ୍‌ରେ ଲିଜେଣ୍ଡ ୱାରିୟର୍ସ ୨ ଓଭର ୩ ବଲରେ ଆବଶ୍ୟକ ୨୩ ରନ ସଂଗ୍ରହ କରି ମ୍ୟାଚ୍ ଜିତି ଚାମ୍ପିୟନ କପ୍ ହାସଲ କରିଥିଲା। ଆଜିର ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ରଞ୍ଜନ ମହାରଣା, ସମ୍ବିତ କୁମାର ଓତା, ଆଶୁତୋଷ ପ୍ରଧାନ, ନୃସିଂହ ନାରାୟଣ ସ୍ୱାଇଁ, ସାମାଜିକକର୍ମୀ ପ୍ରଭାତ କୁମାର କର, ଜଗା ପରିଡ଼ା, ଚନ୍ଦନ ସ୍ୱାଇଁ, ପ୍ରତାପ ସ୍ୱାଇଁ, ମିଟୁ ରାଉତ ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ କମଳ ଲୋଚନ ସାହୁ ଓ ଅଜିତ୍ କୁମାର ନାୟକ ପରିଚାଳନା କରିଥିଲେ। ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳୀ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆରାଧ୍ୟା



@ କ୍ଷୀରୋଦ



@ ନୀଳକଣ୍ଠ



@ ସୁବାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏନ୍ଏଚ୍ ୫୭ ଇଗଲ୍‌ସ ଚାମ୍ପିୟନ

## ଖମାରସାହି ପ୍ରିମିୟର୍ ଲିଗ୍ ଉଦ୍ଯାପିତ

ଦଶପଲ୍ଲା,୧୬।୬(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଖମାରସାହି ପଞ୍ଚାୟତ ଖେଳ ପଡ଼ିଆଠାରେ ଆୟୋଜିତ ଖମାରସାହି ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ୍ ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାଲାଜୀ ବ୍ଲାଷ୍ଟର ଓ ଏନ୍ଏଚ୍ ୫୭ ଇଗଲସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲାଜୀ ବ୍ଲାଷ୍ଟର ଟିମ୍ ଟସ୍ ଜିତି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୨୩ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଏନ୍ଏଚ୍ ୫୭ ଇଗଲସ ୧୫ ଓଭରରେ ୪ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଶୁଭମ ମଲିକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ରଞ୍ଜନ କୁମାର ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ପୂର୍ବତନ ଦଶପଲ୍ଲା ବ୍ଲକ ଉପାଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଦଶପଲ୍ଲା ବିଜେଡି ସଭାପତି ସୁଦାମ ଚରଣ ନାୟକ, ଖମାରସାହି ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ଆନନ୍ଦ ମଙ୍ଗଳଙ୍କ ସମେତ ଏନଏସିର ସମସ୍ତ ବିଜେଡି କାଉନସିଲର ଉପସ୍ଥିତ ଥିଲେ।



ଟ୍ରଫି ସହ ଉଭୟ ଦଳର ଖେଳାଳି।

# ରଥଯାତ୍ରା ପ୍ରସ୍ତୁତି ବୈଠକକୁ ଖବରଦାତାଙ୍କୁ ବାରଣ



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଜିଲାପାଳ, ଏମ୍‌ପି ଓ ବିଧାୟକଙ୍କ ସହ ପ୍ରଶାସନିକ ଅଧିକାରୀ।



ଜରୁରୀ ବୈଠକରେ ସାମିଲ ହୋଇଥିବା ଖବରଦାତାମାନେ।

- ଡିଆଇପିଆରଓ ଡାକିଥିଲେ ଜିଲାପାଳ ତଡିଦେଲେ
- ପୁରୀ ଏମ୍‌ପି ଓ ରଣପୁର ବିଧାୟକଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ
- ମଣିନାଗପୀଠରେ ଖବରଦାତା ବୈଠକରେ ଉଦ୍‌ବେଗ
- ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍

ନୟାଗଡ଼/ରଣପୁର,୧୬।୬
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରବିବାର ଅପରାହ୍ନରେ ନୟାଗଡ଼ ଜିଲା ରଣପୁର ରଥଯାତ୍ରାର ପ୍ରସ୍ତୁତି ବୈଠକକୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ(ଡିଆଇପିଆରଓ) ଉପସ୍ଥିତ ରହିବା ପାଇଁ ନିମନ୍ତ୍ରଣ କରିଥିଲେ। ଖବରଦାତାମାନେ ବି ଠିକ୍ ସମୟରେ ସେହି ବୈଠକରେ ଯୋଗଦେଇଥିଲେ। ହେଲେ ଜିଲାପାଳ ସ୍ୱାଧାଦେବ ସିଂ ଖବରଦାତାମାନଙ୍କୁ ସେହି ବୈଠକରୁ ବିଦା କରିବା ଘଟଣା ଜିଲାସାରା ଆଲୋଡନ ସୃଷ୍ଟି କରିଛି। ପ୍ରସ୍ତୁତି ବୈଠକରେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ ରଣପୁର ବିଧାୟକ ସୁରମା ପାଢ଼ୀ ଉପସ୍ଥିତ ଥିଲେ ମଧ୍ୟ ସେମାନେ ଏ ସଂକ୍ରାନ୍ତରେ ମୁହଁ ଖୋଲି ନ ଥିଲେ। ଜନପ୍ରତିନିଧିଙ୍କ ନୀରବତାକୁ ନେଇ ଖବରଦାତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ଖବରଦାତାଙ୍କୁ ଜିଲାପାଳ ବୈଠକରୁ ତଡିଦେବା ପରେ ରଣପୁରର ମଣିନାଗ ପୀଠରେ ଏକ ଜରୁରୀ ବୈଠକ କରାଯାଇ ପ୍ରସ୍ତୁତି ବୈଠକରେ ଖବରଦାତାଙ୍କୁ ଅପମାନ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଛି। ଅନ୍ୟପକ୍ଷେ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରଣପୁରର ଖବରଦାତାମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି। ସେହିଭଳି ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ସଂଘ ସଭାପତି ପ୍ରସନ୍ନ ମହାନ୍ତି ଉକ୍ତ ଘଟଣାକୁ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଛନ୍ତି। ପୁଣି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ରଣପୁର ବ୍ଲକ୍‌ର ସଭାଗୃହରେ ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ରଣପୁର ଶ୍ରୀଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରସ୍ତୁତି ବୈଠକକୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିମନ୍ତ୍ରଣ କରିଥିଲେ। ସେହିଭଳି ଜଗନ୍ନାଥ ମନ୍ଦିର ପରିଚାଳକ ରମେଶ ଚନ୍ଦ୍ର ପ୍ରଧାନ ଅନୁରୂପ ଭାବେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଗଣମାଧ୍ୟମର ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ। ରଥଯାତ୍ରା କିପରି ସୁରଖୁରୁରେ ହେବ, ରଥ ନିର୍ମାଣ କିଭଳି କରାଯିବ, ପ୍ରଚାର ଓ ପ୍ରସାର ଠିକରେ କରାଯିବା ନେଇ ଆଲୋଚନା ହୋଇଥାଏ। ସଭାରେ ସରକାରୀ ଓ ବେସରକାରୀସ୍ତରରେ ମତାମତ ଗ୍ରହଣ କରାଯାଏ। ରବିବାର ସଭାକାର୍ଯ୍ୟ ଆରମ୍ଭ ହେବା ପରେ ଜିଲାପାଳ ସମସ୍ତଙ୍କ ପରିଚୟ ଦେବା ପାଇଁ କହିଥିଲେ। ପରିଚୟ ପର୍ବ ଶେଷ ପରେ ସଭାଗୃହରୁ ଗଣମାଧ୍ୟମର ସମସ୍ତ ପ୍ରତିନିଧିମାନଙ୍କୁ ବାହାରିଯିବାକୁ କହିଥିଲେ। ଗଣମାଧ୍ୟମର ପ୍ରତିନିଧିମାନେ ଏହାର ପ୍ରତିବାଦ କରିବାରୁ ପରେ ତୁମକୁ ସୂଚନା ଦିଆଯିବ କହି ଏଡାଇ ଯାଇଥିଲେ।

# ହାଇକୋର୍ଟ ବେଞ୍ଚ ହେଲେ ସମ୍ବଲପୁରରେ ହେବ: ଧର୍ମେନ୍ଦ୍ର

ସମ୍ବଲପୁର,୧୬।୬
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସୁଧୁରିବା ପାଇଁ ଦୀର୍ଘମିଆଦୀ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଲାଗି ଜିଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଅଞ୍ଚଳର ମୌଳିକ ସମସ୍ୟା ଦୂରୀକରଣ ସହ ଲୋକଙ୍କ ଆକାଂକ୍ଷା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ରବିବାର ଜିଲା ପ୍ରଶାସନିକ ଅଧିକାରୀଙ୍କ ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଥିଲେ ଯେ, ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ହେଲେ ସମ୍ବଲପୁରରେ ହେବ। କାରଣ ଏହା ପଶ୍ଚିମାଞ୍ଚଳର କେନ୍ଦ୍ରସ୍ଥଳ। ଗମନାଗମନ ଦୃଷ୍ଟିରୁ ପଶ୍ଚିମାଞ୍ଚଳର ସବୁ ଅଞ୍ଚଳକୁ ଯୋଗାଯୋଗର ସୁବିଧା ରହିଛି। ସେଥିପାଇଁ ସମ୍ବଲପୁରର ଜନପ୍ରତିନିଧି ଭାବେ ସେ ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ଦାବିକୁ ସମର୍ଥନ କରୁଥିବା କହିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ଜନ ଆଶୀର୍ବାଦ କାରଣରୁ ଭାଜପା ସରକାର ଗଠନ ହୋଇଛି। ସରକାର ଗଠନର ସ୍ୱଳ୍ପ ସମୟ ମଧ୍ୟରେ ଭାଜପା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ଆଗକୁ ନେବା ପାଇଁ ମଧ୍ୟ ଦଳ ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ବର୍ଷାଋତୁକୁ ଦୃଷ୍ଟିରେ ରଖି ସମ୍ବଲପୁରର ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଲୋକଙ୍କୁ ସବୁ ସୁବିଧା ସହ କ୍ରୀଡ଼ାକୁ ପ୍ରୋତ୍ସାହନ, କଳା ଓ ସଂସ୍କୃତିକୁ ଆଗକୁ ନେବା ପାଇଁ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି ନାଗରିକଙ୍କ ଥିବା ଅପେକ୍ଷା ଉପରେ ମହାନଗର ନିଗମ ଅଧିକାରୀଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଥିବା ସେ ସୂଚନା ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ସିନ୍ଦୁରପଙ୍କରୁ ନକ୍ସାପାଲି ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥ ଏବେ ସ୍ୱାଭାବିକ ହୋଇଛି। ଖୁବ୍‌ଶୀଘ୍ର ଆନୁଷଙ୍ଗିକ କାମ ସମ୍ପୂର୍ଣ୍ଣ କରାଯିବ। ସରଲା ଓଭରବ୍ରିଜଠାରୁ ଆଗକୁ ଥିବା ରାସ୍ତାକୁ ୬ ଲେନ୍ କରାଯିବା କାମ ଆରମ୍ଭ ହୋଇଛି। ପଡ଼ିଆବାହାଲରୁ ଗୋଶାଳା ପର୍ଯ୍ୟନ୍ତ ୧୮ କିମି ଜାତୀୟ ରାଜପଥ ସମ୍ବଲପୁରର ମୁଖଶାଳା ହେବ। ଏହି ରାଜପଥରେ ସ୍ୱାସ୍ଥ୍ୟ ସୁବିଧା ଓ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସର କାମ ଉପରେ ଗୁରୁତ୍ୱ ଦିଆଯିବ। ଏହି ଜାତୀୟ ରାଜପଥ ନୂଆ ସମ୍ବଲପୁର ଅର୍ଥନୀତିର ଶ୍ରୀବୃଦ୍ଧିର ନମୁନା ହେବ। ସମ୍ବଲପୁରରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯିବା ସହ ସମସ୍ତ ଶିକ୍ଷାନୁଷ୍ଠାନ ସହଯୋଗରେ ଜ୍ଞାନ ଆଧାରିତ ଅର୍ଥନୀତି ଗତିଶୀଳ ହେବ। ଦକ୍ଷତା, ଉଦ୍ୟମିତା ଓ ରୋଜଗାର ଉପରେ ଗୁରୁତ୍ୱ ଦେଇ ସମ୍ବଲପୁରକୁ ଏକ ଶ୍ରୀମନ୍ତ ସହର କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ରହିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ସମ୍ବଲପୁରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ନିର୍ବାଚନ ସମୟ ଏବଂ ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ଭାଜପା ସଭାପତି ଗିରୀଶ ପଟେଲ, ବରିଷ୍ଠ ଭାଜପା ନେତା ଡ.ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲ ଓ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ନେତୃବର୍ଗ।

# ଖାର୍ଗେଙ୍କୁ ଭେଟିଲେ ରିଜିଜୁ

ନୂଆଦିଲ୍ଲୀ,୧୬।୬

ନୂଆ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବାର ସପ୍ତାହେ ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ତାଙ୍କ ୧୦ ରାଜାଜୀ ମାର୍ଗ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ସଂଖ୍ୟାବଳକୁ ନେଇ ସରକାର କିମ୍ବା ବିରୋଧୀ ପରସ୍ପରକୁ ଟାଣିବା ଆବଶ୍ୟକ ନାହିଁ। ପାର୍ଲାମେଣ୍ଟର ସୁପରିଚାଳନା ପାଇଁ ରିଜିଜୁ ପ୍ରତ୍ୟେକଙ୍କୁ ଭେଟିବେ ବୋଲି କହିଛନ୍ତି। ଆସନ୍ତା ୨୪ରୁ ଲୋକ ସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେଉଥିବାବେଳେ ୨୭ରେ ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ।

# ପାର୍ଲାମେଣ୍ଟ ପରିସରରେ ପ୍ରତିମୂର୍ତ୍ତି ସ୍ଥାନାନ୍ତରକୁ କଂଗ୍ରେସର ନିନ୍ଦା

ନୂଆଦିଲ୍ଲୀ,
୧୬।୬(ପି.ଟି.)

ପାର୍ଲାମେଣ୍ଟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଘଟଣାକୁ କଂଗ୍ରେସ ନିନ୍ଦା କରିଛି। କେନ୍ଦ୍ର ସରକାର ଏକତରଫା ଭାବେ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛନ୍ତି। ପାର୍ଲାମେଣ୍ଟକୁ ଲାଗି ରହିଥିବା ଗଣତାନ୍ତ୍ରିକ ବିକ୍ଷୋଭ ଅଧିକାରର ପାରମ୍ପରିକ ସ୍ଥଳରେ ମହାତ୍ମା ଗାନ୍ଧୀ ଏବଂ ବି.ଆର୍. ଆମ୍ବେଦ୍କରଙ୍କ ପ୍ରତିମୂର୍ତ୍ତି ନ ରଖିବା ସରକାରଙ୍କ ଲକ୍ଷ୍ୟ ବୋଲି କଂଗ୍ରେସ କହିଛି। ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଅନ୍ୟାନ୍ୟ ନେତାମାନଙ୍କ ପ୍ରତିମୂର୍ତ୍ତିକୁ ଗୋଟିଏ ସ୍ଥାନରେ ଏକତ୍ର ସ୍ଥାପନ କରାଯାଇ ଏହାକୁ 'ପ୍ରେରଣା ସ୍ଥଳ' ଭାବେ ନାମିତ କରାଯାଇଛି। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଉକ୍ତ ପ୍ରେରଣା ସ୍ଥଳକୁ ଉଦ୍‌ଘାଟନ କରିବାକୁ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ସମାଲୋଚନା କରିଛି। ଅନ୍ୟପକ୍ଷରେ ଦର୍ଶକଙ୍କ ସୁବିଧା ପାଇଁ ସେଗୁଡ଼ିକୁ ଗୋଟିଏ ସ୍ଥାନରେ ରଖାଗଲା ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି।


ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ମନ୍ତ୍ରୀ ରବି ନାୟକଙ୍କୁ ଭେଟିଲେ ବିଭାଗୀୟ ପ୍ରମୁଖ ସଚିବ

ଭୁବନେଶ୍ୱର,୧୬।୬
(ଅନୁରାଧା ମହାରଣା)

ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନବନିଯୁକ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରବିବାର ଭୁବନେଶ୍ୱରରେ ପ୍ରମୁଖ ଶାସନ ସଚିବ ସିଂହ ପୁଷ୍ପଗୁଚ୍ଛ ଦେଇ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଗ୍ରାମ୍ୟ ଉନ୍ନୟନ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଧାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ରଣନୀତିକ ପଦକ୍ଷେପ ଉପରେ ମନ୍ତ୍ରୀଙ୍କୁ ସମ୍ୟକ ସୂଚନା ଦେଇଥିଲେ। ଏଥିସହ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି ଉଦ୍ଦେଶ୍ୟରେ ନୂତନ ନୀତିଗତ ପଦକ୍ଷେପ ଓ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଅଂଶୀଦାରଙ୍କ ସହଭାଗିତାକୁ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ। ସୂଚନା ଥାଉକି, ମନ୍ତ୍ରୀ ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ପଞ୍ଚାୟତିରାଜ, ପାନୀୟଜଳ ବିଭାଗ ଦାୟିତ୍ୱରେ ମଧ୍ୟ ରହିଛନ୍ତି।

# ଅନ୍ତର୍ଦ୍ୱନ୍ଦ୍ୱ, ଆତ୍ମଘାତୀ କାର୍ଯ୍ୟ ପରାଜୟର କାରଣ


ସମୀକ୍ଷା ବୈଠକରେ ବିଜେଡିର ନେତୃବର୍ଗ।

## ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ

ବାଲେଶ୍ୱର,୧୬।୬(ମାନସ ବିଶ୍ୱାଳ)

ବାଲେଶ୍ୱର ବିଧାନସଭା କ୍ଷେତ୍ରରେ ବିଜେଡିର ପରାଜୟ ପରେ ଦଳ ପକ୍ଷରୁ ରବିବାର ସ୍ଥାନୀୟ ଷ୍ଟେଶନ କ୍ଲବଠାରେ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏଥିରେ ସହର ଓ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ଅଧ୍ୟକ୍ଷତା କରି ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ସଦର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ଏବଂ ଏମ୍‌ପି ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ପରାଜୟର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ୨୬ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ସଭାପତି ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇ ପରାଜୟର କାରଣ ସମ୍ପର୍କରେ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରି ଦଳ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବଂ କେତେକ ଦଳୀୟ ନେତାଙ୍କ ଆତ୍ମଘାତୀ କାର୍ଯ୍ୟ ପାଇଁ ବିଜେଡିକୁ ପରାଜୟ ବରଣ କରିବାକୁ ପଡ଼ିଲା ବୋଲି କହିଥିଲେ। ଏହାର ପ୍ରତିକାର କରା ନ ଗଲେ ଦଳ ଆହୁରି ଦୁର୍ବଳ ହେବ ବୋଲି ମତ ପ୍ରକାଶ ପାଇଥିଲା। ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀସାମନ୍ତ ସିଂହାର ଏବଂ ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ୍, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପ୍ରାକ୍ତନ ପୌର ଉପାଧ୍ୟକ୍ଷ ତଥା ଜିଲା ସମ୍ପାଦକ ମନୋଜ କୁମାର ରାଉତ, ଜିଲାପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ ପ୍ରମୁଖ ଏହି ସମୀକ୍ଷା ବୈଠକରେ ଯୋଗଦେଇ ପରାଜୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଦଳକୁ ଅଧିକ ଶୃଙ୍ଖଳିତ ଏବଂ ସୁଦୃଢ଼ କରିବା ପାଇଁ ସମସ୍ତ ନେତୃମଣ୍ଡଳୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ଯୁବନେତା ତଥା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ଜଗଦୀଶ ବେହେରା, ଲକ୍ଷ୍ମୀକାନ୍ତ ଜେନା, ବରିଷ୍ଠ ନେତା ଗୌରୀ ବାରିକ, ଜିଲା ସମ୍ପାଦକ ସଞ୍ଜୀବ ମଣ୍ଡଳ, ବରେନ୍ଦ୍ର ସେଠୀ, ଅଜିତ ମହାପାତ୍ର, ଦୀପକ ଜେନା, ରାଜକିଶୋର ମହାଳିକ, ଗଣେଶ ଜେନା, ମମତା ଜେନା, ମନୋରଞ୍ଜନ ଦଳେଇ, ରାଜୀବଲୋଚନ ବେହେରା, ଅକ୍ରୁର ତରେଇ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାୟିତ୍ୱ ଗ୍ରହଣ ପରେ ବିଭାଗର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୬।୬
(ସୁନିତ୍ ମିଶ୍ର)

ଓଡ଼ିଶାର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯିବ। ବାତ୍ୟା, ବର୍ଷା, ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମୋଦି ସରକାର ଅମଳରେ ଗତ ୧୦ ବର୍ଷରେ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଓ ସହାୟତା ଓଡ଼ିଶାକୁ ଆସିଛି। ଶନିବାର ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଦାୟିତ୍ୱ ମିଳିବା ପରେ ବିଭାଗୀୟ କ୍ୟାବିନେଟ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ସହ ବାସ୍ତବ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହିତ ସମୀକ୍ଷା କରିଛନ୍ତି। ରାଜ୍ୟରେ ମୌସୁମୀ ଦ୍ୱାରଦେଶରେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବା ସହିତ ଭିତ୍ତିଭୂମିକୁ ଆହୁରି ଅଧିକ ସୁଦୃଢ଼ କରାଯିବା ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




# ଉପବାଚସ୍ପତି ପଦ ନ ମିଳିଲେ ବାଚସ୍ପତି ନିର୍ବାଚନରେ ପ୍ରାର୍ଥୀ ଦେବ ବିରୋଧୀ ମେଣ୍ଟ

ନୂଆଦିଲ୍ଲୀ,୧୬।୬

ଅଷ୍ଟାଦଶ ଲୋକ ସଭାର ବାଚସ୍ପତି ପଦ ଲାଗି ଆସନ୍ତା ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବିରୋଧୀ ଇଣ୍ଡିଆ ବ୍ଲକ୍ ଉପବାଚସ୍ପତି ପଦ ଉପରେ ନଜର ରଖିଛି। ଯଦି ଏହାକୁ ଉପବାଚସ୍ପତି ପଦ ନ ମିଳେ ତେବେ ବିରୋଧୀ ଦଳଗୁଡ଼ିକ ବାଚସ୍ପତି ନିର୍ବାଚନରେ ପ୍ରାର୍ଥୀ ଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅଷ୍ଟାଦଶ ଲୋକ ସଭାର ସ୍ୱତନ୍ତ୍ର ଅଧିବେଶନ ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୩ ପର୍ଯ୍ୟନ୍ତ ଚାଲିବ। ସପ୍ତଦଶ ଲୋକ ସଭାରେ ଭାଜପାର ଓମ୍ ବିର୍ଲା ବାଚସ୍ପତି ଥିବାବେଳେ ଉପବାଚସ୍ପତି ପଦ ଖାଲିପଡ଼ିଥିଲା। ଏଥର ଇଣ୍ଡିଆ ବ୍ଲକ୍ ୨୩୩ ଆସନରେ ଜିତି ଏକ ସୁଦୃଢ଼ ବିରୋଧୀ ମେଣ୍ଟର ଭୂମିକା ନେବାକୁ ଯାଉଛି। ଭାଜପା ଅନ୍ୟ ସହଯୋଗୀ ଦଳମାନଙ୍କ ସହଯୋଗରେ ତୃତୀୟ ଥର ସରକାର ଗଢ଼ିବାକୁ ସମର୍ଥ ହୋଇଛି।



ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଡେପୁଟି ସ୍ପିକର ଏକ ନିରପେକ୍ଷ କାର୍ଯ୍ୟାଳୟ। ସେ ବାଚସ୍ପତିଙ୍କ ଅଧୀନ ନୁହନ୍ତି। ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ନିକଟରେ ଇଣ୍ଡିଆ ବ୍ଲକ୍‌ର ଯୋଜନା ସମ୍ପର୍କରେ ଶେୟାର କରିଥିଲେ। ଯଦି ଚନ୍ଦ୍ରାବାବୁ ନାଇଡୁଙ୍କ ଟିଡିପିକୁ ବାଚସ୍ପତି ପଦ ନ ମିଳେ, ତେବେ ଏହି ପଦବୀ ପାଇଁ ଟିଡିପି ପ୍ରାର୍ଥୀଙ୍କୁ ଇଣ୍ଡିଆ ବ୍ଲକ୍ ପୂରା ସମର୍ଥନ ଯୋଗାଇଦେବ ବୋଲି ରାଉତ କହିଛନ୍ତି। ଚନ୍ଦ୍ରାବାବୁ ମଧ୍ୟ ବାଚସ୍ପତି ପଦ ପାଇଁ ପୂର୍ବରୁ ଦାବି ଜଣାଇଥିଲେ।

# ଗଞ୍ଜାମରୁ ବିଭୂତି ୪ର୍ଥ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ

ବ୍ରହ୍ମପୁର,୧୬।୬(ନରସିଂହ ସାହୁ)

ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ଭାଜପା ସରକାରରେ ଗଞ୍ଜାମ ଜିଲା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗ ଦାୟିତ୍ୱ ଦିଆଯାଇଛି। ଜିଲାରୁ ବିଭୂତି ହେଉଛନ୍ତି ୪ର୍ଥ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ।

୧୯୬୧ରେ ଗଠନ ହୋଇଥିବା ଡୁରା ନିର୍ବାଚନମଣ୍ଡଳୀ ପରବର୍ତ୍ତୀ ପର୍ଯ୍ୟାୟରେ ଗୋପାଳପୁର ନାମରେ ନାମିତ ହୋଇଛି। ଏହି ଆସନରୁ ବର୍ତ୍ତମାନ ସୁଦ୍ଧା ୩ ଜଣ ମନ୍ତ୍ରୀ ପଦ ପାଇଛନ୍ତି। ୧୯୬୧ ନିର୍ବାଚନରେ ଜିତିଥିବା କଂଗ୍ରେସ ବିଧାୟକ ପି. ଭି. ଜଗନ୍ନାଥ ରାଓ କ୍ୟାବିନେଟ ମନ୍ତ୍ରୀ ହୋଇ ସ୍ୱାସ୍ଥ୍ୟ ବିଭାଗ ପାଇଥିଲେ। ତାଙ୍କ ଅମଳରେ ଏମ୍‌କେସିଜି ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। ୨୦୧୪ ନିର୍ବାଚନରେ ଜିତିଥିବା ବିଜେଡି ବିଧାୟକ ପ୍ରଦୀପ ପାଣିଗ୍ରାହୀ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପଦ ପାଇ ଉଚ୍ଚଶିକ୍ଷା ସମେତ ଅନ୍ୟ ବିଭାଗ ସମ୍ଭାଳିଥିଲେ। ୨୦୧୭ ପର୍ଯ୍ୟନ୍ତ ସେ ମନ୍ତ୍ରୀ ଥିଲେ। ୨୦୨୪ ନିର୍ବାଚନରେ ବିଭୂତି ହୋଇଛନ୍ତି କ୍ୟାବିନେଟ ମନ୍ତ୍ରୀ।

ତଥ୍ୟାନୁସାରେ, ୧୯୭୭ ନିର୍ବାଚନରେ ଆସିକାର ତତ୍କାଳୀନ ଜନତା ପାର୍ଟି ବିଧାୟକ ହରିହର ସ୍ୱାଇଁ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ତାଙ୍କ ଅମଳରେ ଆର୍ଯ୍ୟପଲ୍ଲୀଠାରେ ଗୋପାଳପୁର କ୍ଷୁଦ୍ର ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୯୮୦ ନିର୍ବାଚନରେ ବ୍ରହ୍ମପୁରରୁ କଂଗ୍ରେସ ବିଧାୟକ ହୋଇଥିଲେ କୃଷ୍ଣଚରଣ ପଟ୍ଟନାୟକ। ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରଥମ ସରକାରରେ ସେ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ହୋଇଥିଲେ। ଏହା ସହ ଆଇନ ବିଭାଗ ମଧ୍ୟ ପାଇଥିଲେ। ୧୯୮୫ ନିର୍ବାଚନରେ ସୋରଡ଼ା ଆସନରୁ କଂଗ୍ରେସରୁ ଶରତ ଚନ୍ଦ୍ର ପଣ୍ଡା ନିର୍ବାଚିତ ହୋଇଥିଲେ। ଜାନକୀ ପଟ୍ଟନାୟକଙ୍କ ଦ୍ୱିତୀୟ ପାଳି ସରକାରରେ ସେ ହୋଇଥିଲେ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ। ୧୯୮୭ରେ ଗୋପାଳପୁର ବନ୍ଦର ଉଦ୍‌ଘାଟନ ହୋଇଥିଲା। ରାଜ୍ୟ ରାଜକୋଷରୁ ସେତେବେଳେ ୧୪୦ କୋଟି ଟଙ୍କା ବ୍ୟୟରେ ହୋଇଥିବା ଗୋପାଳପୁର ସାମୟିକ କ୍ଷୁଦ୍ର ବନ୍ଦରରେ କିଛିବର୍ଷ ନୌବାଣିଜ୍ୟ କାରବାର ଆଶାନୁରୂପ ହୋଇଥିଲା। ୧୯୯୯ ମହାବାତ୍ୟାରେ ବନ୍ଦର ଧ୍ୱଂସ ହୋଇଯାଇଥିଲା। ୬ ବର୍ଷ ଅଚଳ ଅବସ୍ଥାରେ ଥିବା ବନ୍ଦରକୁ ୨୦୦୬ରେ ବିଜେଡି ସରକାର ଘରୋଇ ମାଲିକାନାକୁ ଟେକିଦେଲେ। ସର୍ତ୍ତ ଥିଲା ବନ୍ଦରକୁ ସବୁଦିନିଆ ବୃହତ୍ ବନ୍ଦର କରାଯିବ। ଇତିମଧ୍ୟରେ ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ଯଥା ପୂର୍ବଂ ତଥା ପରଂ ରହିଛି। ଘରୋଇ ମାଲିକାନାରେ ଥିବା ବନ୍ଦର ଇତିମଧ୍ୟରେ ଦେଶର ଜଣେ ବଡ଼ ଉଦ୍ୟୋଗୀଙ୍କ ହାତକୁ ଯାଇଛି। ବର୍ତ୍ତମାନର ନୂଆ ସରକାରରେ ବିଭୂତିଙ୍କୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ବିଭାଗର କ୍ୟାବିନେଟ ପାହ୍ୟା ମିଳିଛି। ଦକ୍ଷିଣ ଓଡ଼ିଶାର ଏକମାତ୍ର ଗୋପାଳପୁର ବନ୍ଦର ସରକାରଙ୍କ ହାତଛଡ଼ା ହୋଇଯାଇଛି। ତେଣୁ ଦୀର୍ଘଦିନରୁ ପ୍ରସ୍ତାବିତ ଚିକିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ସୁନାପୁରସ୍ଥ ବାହୁଦା ମୁହାଣକୁ ନଦୀଭିତ୍ତିକ କ୍ଷୁଦ୍ର ବନ୍ଦର ନିର୍ମାଣ ଲାଗି ବିଭୂତି ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।


ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରବିବାର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଆଜି ଶେୟାର ବଜାର ବନ୍ଦ**

ନୂଆଦିଲ୍ଲୀ: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଇଦ୍-ଉଲ୍-ଜୁହା (ବକ୍ରି ଇଦ୍) ପାଇଁ ଘରୋଇ ଶେୟାର ବଜାର କାରବାର ବନ୍ଦ ରହିବ। ଏ ନେଇ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୪ ଜୁନ ୧୭ ରେ ଇଦ୍-ଉଲ୍-ଜୁହା (ବକ୍ରି ଇଦ୍) ଯୋଗୁ ସୋମବାର ଶେୟାର ବଜାର କାରବାର ବନ୍ଦ ରହିବ ବୋଲି ଉଭୟ ଏକ୍ସଚେଞ୍ଜ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଷ୍ଟକ ଏକ୍ସଚେଞ୍ଜର ସମସ୍ତ ସେଗମେଣ୍ଟ ବନ୍ଦ ମଧ ରହିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ କୁହାଯାଇଛି।

# ଏପ୍ରିଲ୍‌ରେ କୋଇଲା ଆମଦାନୀ ବୃଦ୍ଧି

**ଭୁବନେଶ୍ୱର,୧୬।୬(ଅନୁରାଧା ମହାରଣା)**



କୋଇଲା ଆମଦାନୀ ହ୍ରାସ କରିବାକୁ ଭାରତ ସରକାର କ୍ରମାଗତ ଭାବରେ ଚେଷ୍ଟା କରୁଛନ୍ତି, ମାତ୍ର ଆମଦାନୀ ପରିମାଣ ବଢ଼ିବାରେ ଲାଗିଛି। ୨୦୨୪ ଏପ୍ରିଲରେ କୋଇଲା ଆମଦାନୀ ୧୩.୨ ପ୍ରତିଶତ ବୃଦ୍ଧି ହୋଇ ୨୬.୧ ମିଲିୟନ ଟନ୍‌ରେ ପହଞ୍ଚିଛି। କିଛି ବିଦ୍ୟୁତ୍ କମ୍ପାନୀ ପକ୍ଷରୁ ବଢୁଥିବା କୋଇଲା ଚାହିଦା ବଢ଼ାଇଥ ପୂରଣ କରିବା ପାଇଁ ଏହି ଆମଦାନୀ ପରିମାଣ ବଢୁଥିବା କୁହାଯାଇଛି। ବିଟୁବ ଇ-କମର୍ସ କମ୍ପାନୀ ଏମଜଙ୍କଶନ୍ ଲିମିଟେଡ୍ ପକ୍ଷରୁ ଏହ ମିଳିଛି। ୨୦୨୩ ଏପ୍ରିଲରେ କୋଇଲା ଆମଦାନୀ ୨.୩୦ ଏମଟି ଥିଲା। ଗୋଟିଏପଟେ କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି ଯେ ଭାରତ ଜୀବାଶ୍ମ ଇନ୍ଧନର ଘରୋଇ ଉତ୍ପାଦନ ବୃଦ୍ଧି କରିବା ଉଚିତ, ଯାହାଦ୍ୱାରା ଆମଦାନୀ ହ୍ରାସ ହୋଇପାରିବ। ୨୦୨୫-୨୬ ସୁଦ୍ଧା ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି କରି ଆମଦାନୀ ବନ୍ଦ କରିବାକୁ କେନ୍ଦ୍ର ସରକାର ଏକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅନ୍ୟପଟେ କୋଇଲା ଆମଦାନୀ ପରିମାଣରେ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ଘଟିଛି। ଏମଜଙ୍କଶନର ତଥ୍ୟ ଅନୁଯାୟୀ, ବନ୍ଦର ମାଧ୍ୟମରେ କୋଇଲା ଏବଂ କୋକ ଆମଦାନୀ ଗତ ବର୍ଷ ତୁଳନାରେ ଏପ୍ରିଲରେ ୧୩.୨ ପ୍ରତିଶତ ବୃଦ୍ଧି ପାଇଛି। ଏପ୍ରିଲରେ ମୋଟ ଆମଦାନୀ ମଧ୍ୟରୁ ଅଣ-କୋକିଂ କୋଇଲା ଆମଦାନୀ ୧.୭୪ କୋଟି ଟନ ଥିଲା। ଏହା ଏକ ବର୍ଷ ପୂର୍ବରୁ ୧.୫୧ କୋଟି ଟନ୍ ଥିଲା। ଏଥି ସହିତ କୋକିଂ କୋଇଲା ଆମଦାନୀ ୪୭.୭ ଲକ୍ଷ ଟନରୁ ୪୯.୭ ଲକ୍ଷ ଟନକୁ ବୃଦ୍ଧି ପାଇଛି।

ଏମଜଙ୍କଶନ୍‌ର ଏମଡି ଏବଂ ସିଇଓ ବିନୟ ଭର୍ମା କହିଛନ୍ତି, ଚାହିଦା ଦୃଷ୍ଟିରୁ ଆମଦାନୀ ବୃଦ୍ଧି ପାଇଛି। ମୌସୁମୀ ପୂର୍ବ ସଂରକ୍ଷଣ ହେତୁ ଉଭୟ ଶକ୍ତି ଏବଂ ଅଣ-ନିୟନ୍ତ୍ରିତ କ୍ଷେତ୍ରରୁ କୋଇଲା ପାଇଁ ପ୍ରବଳ ଚାହିଦା ଜାରି ରହିପାରେ। ମାର୍ଚ୍ଚରେ କୋଇଲା ଆମଦାନୀ ମଧ ମାର୍ଚ୍ଚ ତୁଳନାରେ ୮.୯୩ ପ୍ରତିଶତ ଅଧିକ ଥିଲା। ମାର୍ଚ୍ଚରେ ଏହା ୨.୩୯ କୋଟି ଟନରୁ ଅଧିକ ଥିଲା। ସମୁଦ୍ର ପରିବହନ ମୂଲ୍ୟ କମ୍ ରହୁଥିବା ହେତୁ ୨୦୨୩-୨୪ରେ କୋଇଲା ଆମଦାନୀ ୭.୨୩ ପ୍ରତିଶତ ବୃଦ୍ଧି ପାଇ ୨୬୮.୨ ଏମଟିରେ ପହଞ୍ଚିଛି। ୨୦୨୨-୨୩ ରେ ଏହି ପରିମାଣ ୨୪.୯୦ ଏମଟି ଥିଲା।

## ଓପୋର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୬।୬**

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'ଏଫ୨୭ ପ୍ରୋ+୫ଜି'ର ସର୍ବଭାରତୀୟ ଉନ୍ମୋଚନ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ନିର୍ଦ୍ଦେଶକ (ପ୍ରଡକ୍ଟ କମ୍ୟୁନିକେଶନ) ସାଭିଓ ଡିସୁଜା କହିଛନ୍ତି, ଓପୋ ଏଫ୨୭ପ୍ରୋ+୫ଜି ଏକମାତ୍ର ସ୍ମାର୍ଟଫୋନ, ଯାହା ଆଇପି୬୬, ଆଇପି୬୮ ଏବଂ ଆଇପି-୬୯ ରେଟିଙ୍ଗକୁ ବହନ କରୁଛି ଏବଂ ଧୂଳି ଓ ୱାଟର ଡ୍ୟାମେଜ ବିରୋଧରେ ସର୍ବୋଚ୍ଚ ମାନଦଣ୍ଡ ପୂରଣ କରୁଛି। ଏହା ବ୍ୟତୀତ ଏହାର ୩୬୦ଡିଗ୍ରୀ ଆର୍ମର ବଡି ଇନସାଇଡ-ଆଉଟ ସୁରକ୍ଷା ପ୍ରଦାନ ସହିତ ସୁଇସ ଏସଜିଏସ ପ୍ରିମିୟମ ପ୍ରଦର୍ଶନ ମାନଦଣ୍ଡ ଏବଂ ଏମଆଇଏଲ-ଏସଟିଡି-୮୧୦ଏଚ ମେଥଡ ୫୧୬.୮ ଦ୍ୱାରା ପ୍ରମାଣିତ ହୋଇଛି। ଉଲେଖଯୋଗ୍ୟ, ୨୦୨୪ ଜୁନ ୨୦ରୁ ଓପୋ ଏଫ୨୭ ପ୍ରୋ+ ୫ଜି ଘରୋଇ ବଜାରରେ ଉପଲବ୍ଧ ହେବ।

# ନିୟମ କୋହଳ କଲା ଇପିଏଫଓ

**ଭୁବନେଶ୍ୱର,୧୬।୬ (ଅନୁରାଧା ମହାରଣା)**

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫଓ) ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପାଇଁ ନିୟମରେ କିଛି ପରିବର୍ତ୍ତନ କରିଛି। ଏହି ପରିବର୍ତ୍ତିତ ନିୟମ ନିଯୁକ୍ତିଦାତା କମ୍ପାନୀଙ୍କ ପାଇଁ ଦଣ୍ଡବିଧାନକୁ କୋହଳ କରିଛି। ଇପିଏଫଓ ଦ୍ୱାରା ପରିବର୍ତ୍ତନ କରାଯାଇଥିବା ନିୟମଗୁଡ଼ିକ ପିଏଫ୍, ବୀମା, ପେନସନ୍ ସହ ଜଡିତ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଇପିଏଫଓ, କର୍ମଚାରୀ ପେନସନ ସ୍କିମ (ଇପିଏସ), କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡ ସ୍କିମ୍ (ଇପିଏଫ୍) ଏବଂ କର୍ମଚାରୀଙ୍କ ଜମା ଲିଙ୍କଡ ଇନସ୍ୟୁରାନ୍ସ ସ୍କିମ (ଇଡିଏଲ୍ଆଇ)ର ତିନୋଟି ଯୋଜନାରେ କମ୍ପାନୀଗୁଡିକ କର୍ମଚାରୀଙ୍କ ଅବଦାନରେ ଡିଫଲ୍ଟ ହୁଅନ୍ତି, ତେବେ ସେମାନଙ୍କ ଉପରେ, ମାସିକ




ଦେୟ ୧ ପ୍ରତିଶତ ଅର୍ଥାତ୍ ବାର୍ଷିକ ୧୨ ପ୍ରତିଶତ ଜରିମାନା ଲାଗୁ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ତିନୋଟି ଯୋଜନାରେ ଡିଫଲ୍ଟ ପାଇଁ କମ୍ପାନୀଗୁଡ଼ିକ ଉପରେ ବାର୍ଷିକ ୨୫ ପ୍ରତିଶତ ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯାଇଥିଲା। ଶ୍ରମ ମନ୍ତ୍ରଣାଳୟ କହିଛି ଯେ ନିୟମରେ କରାଯାଇଥିବା ଏହି ପରିବର୍ତ୍ତନ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ କାର୍ଯ୍ୟକାରୀ ହୋଇଛି। ଅର୍ଥାତ୍ ଜୁନ ୧୫ରୁ ନିୟମ କାର୍ଯ୍ୟକାରୀ ହୋଇଛି।

# ଆଜିଠାରୁ ରାଉରକେଲା ବଜାରରେ ଅମୂଲ ସମ୍ଭାର




**ଭୁବନେଶ୍ୱର,୧୬।୬**

ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦକ ତଥା ଗୁଜରାଟ କୋ-ଅପରେଟିଭ ମିଲ୍କି ମାର୍କେଟିଂ ଫେଡେରେଶନ୍ ଲିମିଟେଡ (ଜିସିଏମ୍ଏମ୍ଏଫ ଲିମିଟେଡ)ର ଅଗ୍ରଣୀ ବ୍ରାଣ୍ଡ 'ଅମୂଲ'ର ନୂତନ ଉତ୍ପାଦ ସମ୍ଭାର ସୋମବାରଠାରୁ ରାଉରକେଲା ବଜାରରେ ଉପଲବ୍ଧ ହେବ। ଏପରିକି ରାଉରକେଲା ବଜାରରେ ବ୍ରାଣ୍ଡର ଅମୂଲ ଗୋଲ୍ଡ, ଅମୂଲ ଶକ୍ତି, ଅମୂଲ ତାଜା ଏବଂ ଅମୂଲ ଗାଈ କ୍ଷୀର ସହିତ ଅମୂଲ ମସ୍ତି ଦହି ପାଉଚ୍ ଏବଂ କପ୍ ସମେତ ମିଠା ଲସି ଓ ପ୍ରୋବାୟୋଟିକ ମସଲା ତଡକା, ଘୋଳ ଦହି ଆଦି ଉପଲବ୍ଧ।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ ୧୭ରୁ ରାଉରକେଲା ବଜାରରେ ଅମୂଲର ସମସ୍ତ ପ୍ରକାରର ତାଜା କ୍ଷୀର ଏବଂ ଅନ୍ୟାନ୍ୟ ଉତ୍ପାଦ ଉପଲବ୍ଧ ହେବ ବୋଲି ଫେଡେରେଶନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଅମୂଲ ଗୋଲ୍ଡର ପ୍ରତି ୫୦୦ମିଲି ପ୍ୟାକର ମୂଲ୍ୟ ୩୨ ଟଙ୍କା ଥିଲାବେଳେ ଅମୂଲ ତାଜାର ପ୍ରତି ୫୦୦ମିଲି ପ୍ୟାକ ମୂଲ୍ୟ ୨୬ ଟଙ୍କା ରହିଛି। ଏପରିକି ଅମୂଲ ଶକ୍ତିର ପ୍ରତି ୫୦୦ ମି.ଲି. ପ୍ୟାକର ମୂଲ୍ୟ ୨୮ ଟଙ୍କା ଥିଲାବେଳେ ଅମୂଲ୍ ଗାଈ କ୍ଷୀରର ପ୍ରତି ୫୦୦ ମି.ଲି. ପ୍ୟାକର ମୂଲ୍ୟ ୨୭ ଟଙ୍କା ରହିଛି। ସେହିଭଳି ଅମୂଲ୍ ମସ୍ତି ଦହି ପାଉଚ୍ ଏବଂ କପ୍ ପ୍ୟାକରେ ଉପଲବ୍ଧ ହେଉଥିଲାବେଳେ ଏହାର ବଜାର ମୂଲ୍ୟ ପ୍ରତି ୨୦୦ଗ୍ରାମ୍‌ର ମୂଲ୍ୟ ୧୮ ଟଙ୍କା ଏବଂ ୪୦୦ ଗ୍ରାମ୍‌ର ମୂଲ୍ୟ ୩୪ ଟଙ୍କା ଥିଲାବେଳେ ୧କେଜିର ମୂଲ୍ୟ ୭୨ଟଙ୍କା ଓ ୨୦୦ ଗ୍ରାମ କପ୍‌ର ମୂଲ୍ୟ ୨୨ଟଙ୍କା ରହିଛି। ଏପରିକି ଅମୂଲ ମିଠା ଲସି ପ୍ରତି ୧୫୦ ମି.ଲି. ପାଉଚ୍‌ର ମୂଲ୍ୟ ୧୦ ଟଙ୍କା ରହିଥିଲାବେଳେ ଅମୂଲ ପ୍ରୋବାୟୋଟିକ ମସଲା ତଡକା ଘୋଳଦହି ପ୍ରତି ୨୭୦ ମି.ଲି. ପାଉଚ୍‌ର ମୂଲ୍ୟ ୧୦ ଟଙ୍କା ରହିଛି। ସେହିପରି ବଜାରର ଖୁଚୁରା ଦୋକାନ ପାଇଁ ମଧ ଅମୂଲର କ୍ଷୀର ପାଉଚ୍ (୫୦୦ ମି.ଲି.ପ୍ୟାକ) ଏବଂ ହୋଟେଲ, ରେଷ୍ଟୁରାଣ୍ଟ, ଚା ଦୋକାନ ପାଇଁ ୬ଲିଟର ଇକୋନୋମି ପ୍ୟାକ ମଧ ଉପଲବ୍ଧ।

# ନ୍ୟୁ ରାଜସ୍ଥାନ କଟନ୍‌ଫାବ-୨୦୨୪ ଉଦ୍‌ଘାଟିତ



**ଭୁବନେଶ୍ୱର,୧୬।୬ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ନ୍ୟୁ ରାଜସ୍ଥାନ କଟନ୍‌ଫାବ-୨୦୨୪ ପ୍ରଦର୍ଶନୀ' ନିକଟରେ ଉଦଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ ୧ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଚଳିତ ବର୍ଷ ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ପ୍ରଦର୍ଶନୀର କାରବାର ବେଶ୍ ଉତ୍ସାହଜନକ ରହିଥିବାରୁ ବ୍ୟବସାୟୀ ଓ ବୁଣାକାର ସମିତିଗୁଡିକ ପକ୍ଷରୁ ମଧ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡିକର ବ୍ୟାପକ ସମ୍ଭାର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି ବୋଲି ଆୟୋଜକ ଓ ବ୍ୟବସାୟୀମାନେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସନ୍ଧ୍ୟା ହେଲେ ସହରବାସୀ ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ନ୍ୟୁ ରାଜସ୍ଥାନ କଟନଫାବ-୨୦୨୪ ପ୍ରଦର୍ଶନୀ'ରେ ଭିଡ ଜମାଉଛନ୍ତି। ଉଲ୍ଲେଖଯୋଗ୍ୟ, ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଓଡ଼ିଶାର ବୟନିକା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ ଏବଂ ଜମ୍ମୁ ଆଣ୍ଡ କଶ୍ମୀର ଭଳି ରାଜ୍ୟର ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ବ୍ୟବସାୟୀମାନେ ମୋଟ ୬୦ଟି ଷ୍ଟଲ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଥିବା କାମଧେନୁ ଖଦି ଉଲ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ସେହିପରି ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଜାରି ରହିଥିବା ନ୍ୟୁ ରାଜସ୍ଥାନ କଟନଫାବ-୨୦୨୪ ପ୍ରଦର୍ଶନୀ ପ୍ରତ୍ୟହ ଦିବା ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି।

# ଏସ୍‌ବିଆଇ ଲାଇଫର ଡିଜିଟାଲ ଅଭିଯାନ

**ଭୁବନେଶ୍ୱର,୧୬।୬**




ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ 'ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ'ର ବହୁ ପ୍ରତୀକ୍ଷିତ ଡିଜିଟାଲ ଅଭିଯାନ 'ପାପା ହୈ ନା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷର ପିତୃ ଦିବସ ଅବସରରେ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ପିଲାମାନଙ୍କ ଜୀବନରେ ଲାଇଫ୍ ମିତ୍ର (ଜୀବନ ମିତ୍ର) ଭାବେ ପିତାଙ୍କ ବନ୍ଧୁ, ମାର୍ଗଦର୍ଶକ ଓ ଆର୍ଥିକ ପରାମର୍ଶଦାତାର ବିଭିନ୍ନ ଭୂମିକାକୁ ପାଳନ କରାଯାଉଛି। ଏପରିକି କମ୍ପାନୀର ପ୍ରମୁଖ ଡିଜିଟାଲ ଅଭିଯାନ 'ପାପା ହୈ ନା' ଅଧୀନରେ ଏସ୍‌ବିଆଇ ଲାଇଫ୍ ଏକ ସୁନ୍ଦର ଡିଜିଟାଲ ସିନେମା (ଚଳଚ୍ଚିତ୍ର) ମଧ ରିଲିଜ କରିଛି,ଯେଉଁଥିରେ ଜୀବନର ଆହ୍ୱାନକୁ ଅତିକ୍ରମ କରିବା ପାଇଁ ବାପା କିଭଳି ନିଜର ଅନୁଭୂତିକୁ ବ୍ୟବହାର କରୁଛନ୍ତି, ଏହି ଚଳଚ୍ଚିତ୍ର ଜରିଆରେ ତାହା ଦର୍ଶାଯାଇଛି। ସେହିଭଳି ଏହି ଡିଜିଟାଲ ସିନେମାରେ ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ ଦର୍ଶନ ମଧ ସାମିଲ ରହିଛି, ଯେଉଁଥିରେ ବାପାଙ୍କ ବୃତ୍ତିଗତ ଓ ପିଲାମାନଙ୍କ ଯତ୍ନ ନେବାର ଦ୍ୱୈତ ଭୂମିକାକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି, ଏଥିରେ ଲାଇଫ୍ ମିତ୍ର ଭାବେ ସେ ନିଜ ପୁଅକୁ ଏକ ଜଟିଳ ସମୟକୁ ଅତିକ୍ରମ କରିବାରେ ସାହାଯ୍ୟ କରୁଥିବାର ଦେଖିବାକୁ ମିଳିବ। ଏପରିକି ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନର ଆହ୍ୱାନଗୁଡିକୁ ଅତିକ୍ରମ କରିବା ପାଇଁ ପରାମର୍ଶ ଦେବା ଲାଗି ବୀମା ପରାମର୍ଶଦାତାମାନେ କିଭଳି ଉପଯୁକ୍ତ, ଏହି ଡିଜିଟାଲ ସିନେମା ମାଧ୍ୟମରେ ତାହାକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର କର୍ପୋରେଟ କମ୍ୟୁନିକେଶନ୍ ଆଣ୍ଡ ସିଏସ୍ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଏସ୍‌ବିଆଇ ଲାଇଫ୍‌ର ନୂତନ ଡିଜିଟାଲ ଅଭିଯାନ 'ପାପା ହୈ ନା' ଚଳଚ୍ଚିତ୍ରରେ ପିତାମାନେ କିଭଳି ସେମାନଙ୍କ ଦକ୍ଷତାକୁ ନିଜ ପିଲାମାନଙ୍କ ବିକାଶ ପାଇଁ ବ୍ୟବହାର କରିପାରିବେ, ତାହାକୁ ବିସ୍ତୃତ ଭାବେ ଏହି ଚଳଚ୍ଚିତ୍ର ଜରିଆରେ ଉଲ୍ଲେଖ କରାଯାଇଛି। ଏସ୍‌ବିଆଇ ଲାଇଫ୍‌ର 'ପାପା ହୈ ନା' ଡିଜିଟାଲ ସିନେମାରେ ପ୍ରତି ବାପାଙ୍କ ଭୂମିକାକୁ ବିଶେଷ ଭାବେ ମାନ୍ୟତା ଦିଆଯାଇଛି, ଯିଏ ନିଜ ପିଲାଙ୍କ ପାଇଁ ପ୍ରେରଣା ଭାବେ ଉଭା ହୋଇଛନ୍ତି।

## ରାଜ୍ୟ ଖବର




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋ ଦଇବ!**
**ୟା ଦେଖିକରି ଦିହ ସହିବ?**
**ଟୋକିଟାକୁ ବୁଢ଼ା ବିଭା ହୋଇବ?**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ବୟସ୍କ ବ୍ୟକ୍ତି ସହ କୁଆଁରୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭଙ୍ଗା ଢିଙ୍କିଶାଳ ରୁଅ**
**ହେଲା ଚାଉଳକୁ କେତେ କଣ୍ଡାଉଛୁ**
**ପାଇଛୁ କି ପୋଲା ଦିହ ?**

ସମ୍ପୂର୍ଣ୍ଣ ହୋଇଯାଇଥିବା କାମଟିକୁ ପୁନଶ୍ଚ କଷ୍ଟକରି କରିବାରେ କିଛି ଯଥାର୍ଥତା ନ ଥାଏ। ଏପରି ଲୋକଦେଖାଣିଆ କାମରେ କିଛି ମୂଲ୍ୟ ନ ଥାଏ ବା କିଛି ଲାଭ ମିଳି ନ ଥାଏ। ହୋଇସାରିଥିବା କାମରେ ହାତଦେଇ ମିଛ ବାହାଦୁରି ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ**




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଜ୍ରପାତରେ ୨୦ ଗୋରୁଙ୍କ ମୃତ୍ୟୁ



**ମାଲକାନଗିରି,୧୬।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ବଜ୍ରପାତ ଯୋଗୁ ୨୦ ଗୋରୁଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ମାଲକାନଗିରିରେ ବର୍ଷା ସହ ବିଜୁଳି ମାରିଥିଲା। ବର୍ଷା ପରିମାଣ ସ୍ୱଳ୍ପ ସତ୍ତ୍ୱେ ପ୍ରବଳ ବିଜୁଳି ମଧ୍ୟରେ ଜିଲା ସଦର ବ୍ଲକ ଅନ୍ତର୍ଗତ କୁସୁମଗୁଡ଼ା ଓ ବୁରୁଦିରେ ବଜ୍ରପାତରେ ଗୁହାଳରେ ଥିବା ୨୦ ଗୋରୁଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଗ୍ରାମର ୧୧ ଲୋକଙ୍କ ଗାଈ ବଳଦ ମରିଛନ୍ତି। ଏମାନେ ସମସ୍ତେ ଅତ୍ୟନ୍ତ ଗରିବ ଶ୍ରେଣୀର ଥିବା ଜଣାପଡିଛି। ଚାଷ ଓ ଗାଈ କ୍ଷୀର ଏମାନଙ୍କ ମୁଖ୍ୟ ଜୀବିକା ହୋଇଥିବା ବେଳେ ବର୍ତ୍ତମାନ ଗାଈ ଓ ବଳଦଙ୍କ ମୃତ୍ୟୁ ପରେ ଏହି ଲୋକମାନେ ଭାଙ୍ଗି ପଡିଛନ୍ତି। ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡିଛି।

ଏହାସହ କ୍ଷତିପୂରଣ ମଧ ଦାବି କରିଛନ୍ତି। ତେବେ ଏ ନେଇ ଖବର ପାଇବା ପରେ ରବିବାର ସକାଳୁ ସ୍ଥାନୀୟ ସରପଞ୍ଚ ବାବୁଲା ପଡ଼ିଆମୀ, ରାଜସ୍ୱ ନିରୀକ୍ଷକ ସନ୍ଦୀପ ବେହେରା, ପ୍ରାଣୀ ଚିକିତ୍ସା ବିଭାଗ ଏଲ୍ଆଇ ସୁକୁମାର ସାନା, ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୟାନିଧି ନିମାଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କିପରି ଏହି ଗାଈ ଓ ବଳଦ ମୃତ୍ୟୁର ସହାୟତା ଲୋକଙ୍କୁ ପ୍ରଦାନ କରିହେବ ସେ ନେଇ ପଦକ୍ଷେପ ନେଇଥିବା ସୂଚନା ମିଳିଛି।

# କୋଣାର୍କ ନବଗ୍ରହ ପଥରର ଅକୁହା ଆବେଗ

**ଡ. ସୁରେନ୍ଦ୍ର କୁମାର ମିଶ୍ର**



ଶାସ୍ତ୍ରୀୟ ପରମ୍ପରାରେ ନିର୍ମିତ କୋଣାର୍କରେ ପୂଜା ପାଉଥିବା ନବଗ୍ରହ ଶିଳା ବିଗ୍ରହ।
**(ଫଟୋ: ଜ୍ୟୋତିରାଜ ମହାନ୍ତି)**

- ପାଞ୍ଚ ପ୍ରକାର 'ପୋତ'ରେ ବୁହା ହେଉଥିଲା ପଥର
- ପୋତ ନିର୍ମାଣ ପାଇଁ ଜଙ୍କିଆଗଡ଼ରୁ ଆସିଥିଲା କାଠ




ଆଷାଢ଼ ମାସ ଶୁକ୍ଳ ପଞ୍ଚମୀ ବେଳକୁ ହିସାବ କଲେ ଜଣାଯାଏ, ମନ୍ଦିର ନିର୍ମାଣ ଆରମ୍ଭ ଏଗାରବର୍ଷ ଚାଲିଥାଏ। ଏଗାର ବର୍ଷରେ ବନ୍ଧାପନା ମଣ୍ଡପ ଓ ନାଟପୀଠ ଆରମ୍ଭ ହୋଇଥିଲା। ମକରଗୟଳ ନିର୍ମାଣ ସେହିବର୍ଷ ନୟାଗଡ଼ର ଶିବ ମହାରଣା ଆରମ୍ଭ କରିଥିଲେ। ସେହିବର୍ଷ ମନ୍ଦିରର ପଶ୍ଚିମପଟ ଗୁମୁଟର ସିଂହ ନିର୍ମାଣ ସମାପ୍ତ ହୋଇଥିଲା। ଗୁରୁପୂର୍ଣ୍ଣିମା ଦିନ ଏହି ସିଂହମୂର୍ତ୍ତିଙ୍କୁ ଗୁମୁଟ ଉପରେ ଖଞ୍ଜା ଯାଇଥିଲା। ସେହିବର୍ଷ ଆରମ୍ଭ ହୋଇଥିଲା ଦ୍ୱାରପାଳ ମୂର୍ତ୍ତିଙ୍କ ନିର୍ମାଣ କାର୍ଯ୍ୟ। ଶିଳ୍ପୀ ଥିଲେ ରାଧା ମହାପାତ୍ର। ଗର୍ଭ ମେଳଣରେ ତିନୋଟି ସୂର୍ଯ୍ୟମୂର୍ତ୍ତି ଖଞ୍ଜିବା କାର୍ଯ୍ୟ ସେହି ବର୍ଷ ସମାପ୍ତ ହୋଇଥିଲା। ଖଞ୍ଜିବା ଦାୟିତ୍ୱରେ ଥିଲେ ଶ୍ରୀରାମ ମହାପାତ୍ର ଓ ଯୋଗୀ ମହାପାତ୍ର। ସେଇ ମାସରେ ଦେବୀ ଛାୟା, ମାୟା, ସନ୍ଧ୍ୟା ଓ ଶ୍ରଦ୍ଧାଙ୍କ ବିଗ୍ରହ ନିର୍ମାଣ ଆରମ୍ଭ ହୋଇଥିଲା।

ଏହା ପରେ ପରେ ନବଗ୍ରହ ପଥର ଖୋଦେଇ ଆରମ୍ଭ ହୋଇଥିଲା। ଏହି ନବଗ୍ରହ ପଥରକୁ ଚକ୍ରାନ୍ତ କରି କଲିକତା ନେଇଯିବାକୁ ଉଦ୍ୟମ ହୋଇଥିଲା। ବହୁ ଚେଷ୍ଟା କରିଥିଲେ। ସାମାନ୍ୟ ଘୁଞ୍ଚେଇବାକୁ ସମର୍ଥ ହୋଇ ନ ଥିଲେ। ଶେଷରେ କିଛି ଶିଳ୍ପୀଙ୍କୁ ଯୋଗାଡ଼ କରି ଆଣିଥିଲେ। ସେମାନଙ୍କୁ କୁହାଗଲା ପ୍ରାଚୀନ କୌଶଳରେ ଉଠାଇ ଗାଡ଼ିରେ ଲଦି ନେବା ପାଇଁ ସାହାଯ୍ୟ କର। ଶିଳ୍ପୀଙ୍କୁ ଏକାଠି କରେଇଥିଲେ ଶିବ ମହାନ୍ତି। ଶିବ ମହାନ୍ତି ଶେଷକୁ ସମସ୍ତଙ୍କୁ ବାରଣ କଲେ। ନା... ଆମେ ସାହାଯ୍ୟ କରିବାନି। ସେମାନେ ସମର୍ଥ ଥିଲେ। ପୁରୁଣା କୌଶଳ ତାଙ୍କ ପୂର୍ବପୁରୁଷଙ୍କଠାରୁ ଜାଣିଥିଲେ, ମାତ୍ର ଜାଣିପାରିଲେ... ଆଶଙ୍କା ହେଲା ପଥରକୁ ଇଂରେଜ ସରକାର ତାଙ୍କ ଦେଶକୁ ନେଇଯିବେ।

କେତେ ଯେ କଳା କୌଶଳରେ ସେତେବେଳେ 'ନବଗ୍ରହ ପଥର' ସାକାର ରୂପ ନେଇଥିଲା ଭାବି ହେଉ ନାହିଁ।

ବାସୁ ଓଝାଙ୍କର 'ଉଥାଲିଫାସ'କୁ 'ବ୍ୟାସାସନ' ଆକୃତି ଦିଆଯାଇଥିଲା। ସେଥିରେ ଛୋଟ ଛୋଟ ଆଠଟି ଚକ ଲାଗିଥିଲା। ସୁନ୍ଦର ମହାପାତ୍ରଙ୍କ ଚାରୋଟି ଖିଲପଥରରେ ଦୁଇପଟର ଫାଟକ ଲାଗିଲା। ଚାରି କାଠଖମ୍ବ, ଛଅ ଲୁହା ଶଗଡ଼ି ଆସିଲା ଖିଲପଥରକୁ ଖଞ୍ଜିବା ପାଇଁ। ଛଅଟି ଦଉଡ଼ିରେ ନବଗ୍ରହ ପଥରକୁ ଚାରିପଟୁ ଗୁଡ଼େଇ ବନ୍ଧାଗଲା।

ଏହି ପ୍ରାରମ୍ଭିକ ପ୍ରସ୍ତୁତିର ସାକ୍ଷୀ ରହିଥାନ୍ତି ମହାଶ୍ରମ (ଗଜପତି)ଙ୍କ ସାବତ ଭାଇ ଗୋପୀନାଥ ଦେବ। ଏଥିରେ ଦୁଇଟି ହାତୀ ମଧ ଯୋଗଦାନ ଦେଇଥିଲେ। ବହୁ ପରିଶ୍ରମ, ଓଡ଼ିଶୀ କୌଶଳରେ ଲୁହାବେଷ୍ଟିତ କବାଟ ମଝିରେ ନବଗ୍ରହ ପଥର ଖଞ୍ଜା ଯାଇଥିଲା। ଏହା ଏପରି କଷ୍ଟକର ଥିଲା ଯେ ଶିଳ୍ପୀଙ୍କୁ ଛାଡ଼ି ୬୨ଜଣ ପଥୁରିଆ ଲଗାତାର କାମ କରିଥିଲେ। କାମରେ ବିଶୃଙ୍ଖଳା ନ ହେଉ, ଉତ୍ସାହ ଉଦ୍ଦୀପନା ଦେଇ ଶେଷ ହେଉ ସେଥିପାଇଁ ପାନ ଭାଙ୍ଗି ସମସ୍ତଙ୍କୁ ଯୋଗାଇବା ପାଇଁ ଦୁଇଜଣ ପାନ ଭଙ୍ଗାଳି ନିଯୁକ୍ତି ହୋଇଥିଲେ। ଏହାପରେ ନବଗ୍ରହ ପଥର ଖଞ୍ଜା ପ୍ରସଙ୍ଗ ସରି ନାହିଁ। ଷୋଳ ସେରେ ଖଣ୍ଡ ମିଠା ବ୍ୟବହାର ହୋଇ ଏକ ପଣା ସମର୍ପଣ ହୋଇଥିଲା। ଉଠିଲାବେଳେ ପଡ଼ିଥିଲା ହରିବୋଲ ହୁଳହୁଳି। ପଣା ସମର୍ପଣ ପରେ ପୁଣି ହରିବୋଲ ହୁଳହୁଳିରେ କମ୍ପି ଉଠିଲା କୋଣାର୍କ ବାଲିବନ୍ତ।

ବଳଶ୍ରୀ (ରକ୍ଷାମନ୍ତ୍ରୀ) କାର୍ଯ୍ୟର ସଫଳତା ପାଇଁ ପ୍ରଥମେ ଉପହାର ଦେଲେ ନିଧି ମହାପାତ୍ରଙ୍କୁ। ନବଗ୍ରହ ପଥର ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ସେ ଥିଲେ ବିଦ୍ଧାଣି। ନିଧି ମହାପାତ୍ର ହେଉଛନ୍ତି ଧର୍ମପଦଙ୍କର କକା। ସୂତ୍ରଧର (ମୁଖ୍ୟ ସ୍ଥପତି) ଥିଲେ ଏହି କାର୍ଯ୍ୟର ମାର୍ଗଦର୍ଶକ। ତାଙ୍କୁ ସମ୍ମାନିଭେଟି ଦିଆଯାଇଥିଲା। ପଥୁରିଆଙ୍କୁ ତାଙ୍କ ପାଉଣା ବାଦେ ପିଠାଖିଆ ପାଇଁ ଗୋଟିଏ ଗଙ୍ଗମାଢ଼ (ସୁନା ମୋହର) ଦିଆଯାଇଥିଲା।

ଆମେ ଏସବୁ ଆଲୋଚନା କରୁଛେ। ଏଇଥିପାଇଁ ଯେ କେତେ କଳାକୌଶଳରେ ଖୋଦେଇ ହେବା ପରେ ଓଡ଼ିଆଶିଳ୍ପୀ ତାହାକୁ ଖଞ୍ଜିବା ପାଇଁ ନିଜକୁ ସମର୍ପିତ କରି ଦେଉଥିଲେ। ଅନେକଙ୍କ ମନରେ ଏହା କେମିତି ହେଇଥିବ... କେମିତି ସେ କାଳରେ ଖଞ୍ଜା ହୋଇଥିବ... ଆଶ୍ଚର୍ଯ୍ୟ ହୁଅନ୍ତି। ପାଠକଙ୍କ ମନରେ ଶଙ୍କା ଆସୁଛି ଏଡ଼େ ବଡ଼ ବଡ଼ ପଥର କେଉଁ ପୋତରେ ନଦୀପଥରେ ସେମାନେ ଆଣୁଥିଲେ। ଏହା ସ୍ୱାଭାବିକ। ବାସ୍ତବରେ ନଦୀପଥରେ ପଥର ଆଣିବା ପାଇଁ ଓଡ଼ିଶା ଜଳବାହିନୀ ୫ ପ୍ରକାର ସ୍ୱତନ୍ତ୍ର ପୋତ ନିର୍ମାଣ କରିଥିଲେ। ଚାପ, ଢୋଲ, ଡଙ୍ଗା, ଭୋଟ ଓ କୋଶଳୀ, ଏହିପରି ପାଞ୍ଚପ୍ରକାର ପୋତ ବ୍ୟବହାର ହେଉଥିଲା। ସେତେବେଳେ ସବୁଥିରୁ ଗୋଟିଏ ଗୋଟିଏ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିଲା ୩୦୦ ମାଢ଼ ସୁନା। ଏଥିରେ ବ୍ୟବହୃତ ସମସ୍ତ କାଠ, ଗଜପତିଙ୍କ ନିର୍ଦ୍ଦେଶରେ ଜଙ୍କିଆଗଡ଼ରୁ ଆସିଥିଲା। କେଉଁ ପୋତ କେଉଁ ନଦୀ ଦେଇ କେଉଁ ପାହାଡ଼ରୁ ପଥର ଆଣିବ, ତାହା ବି ନିର୍ଦ୍ଦିଷ୍ଟ ଥିଲା।

ସେତେବେଳେ ଓଡ଼ିଶାର ନଦୀଗୁଡ଼ିକରେ ପଇଁତରା ମାରୁଥିଲା ଏହି ପୋତଗୁଡ଼ିକ। ଘାଟ ପରେ ଘାଟ ଦେଇ ସୂରୁଯ ଦେବତାଙ୍କ ମନ୍ଦିର ପାଇଁ ଆସୁଥିବା ପଥର ପୋତ କଥା ଶୁଣିଲେ ମାଇପି ମରଦ ଏକାଠି ହେଉଥିଲେ। ହରିବୋଲ ହୁଳହୁଳିରେ କମ୍ପିଉଠୁଥିଲା ନଦୀଗୁଡ଼ିକର ଘାଟ...।

# ବିଶାଳ ସୌର ଶିଖା ଓ ଚମତ୍କାର ମେରୁ ଆଲୋକ


ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ମେ ମାସ ୧୧ ତାରିଖରେ ସୂର୍ଯ୍ୟପୃଷ୍ଠରେ ଦୁଇ ଲକ୍ଷ କିମି ବ୍ୟାପୀ ସୌର କଳଙ୍କ ଦେଖାଯାଇଥିଲା। ଏହାର ଆକାର ପୃଥିବୀର ୧୫ ଗୁଣ ଥିଲା। ଏହା ଏତେ ବଡ଼ ଥିଲା ଯେ ଏହା ସାଧାରଣ ଦୂରବୀକ୍ଷଣ ଯନ୍ତ୍ରରେ ପୃଥିବୀକୁ ଦେଖାଯାଇଥିଲା। ଜ୍ୟୋତିର୍ବିଜ୍ଞାନୀମାନେ ଏହାର ନାମ 'AR3664' ଦେଇଛନ୍ତି। ପ୍ରଥମେ ମେ ୧୧ ତାରିଖରେ X ୧.୫ ଏବଂ X ୫.୮ର ସୌର ଶିଖା ଦେଖାଦେଲା। ୨୦୧୭ ମସିହା ପରଠାରୁ ଏତେ ବଡ଼ ସୌର ଶିଖା ଦେଖାଯାଇ ନ ଥିଲା। ସୌର ଶିଖାଗୁଡ଼ିକର ଆକାର ଅନୁଯାୟୀ ସେଗୁଡ଼ିକର ବର୍ଗୀକରଣ କରାଯାଇଛି। 'X ଶ୍ରେଣୀ' ହେଉଛି ସବୁଠାରୁ ଶକ୍ତିଶାଳୀ। ଏହାପଛକୁ ଅଛି ୩ ଶ୍ରେଣୀ ଯାହା 'X ଶ୍ରେଣୀ' ଠାରୁ ଦଶ ଗୁଣ କମ୍ ଶକ୍ତିଶାଳୀ। ଏହାପରେ C-ଶ୍ରେଣୀ, B-ଶ୍ରେଣୀ ଏବଂ A-ଶ୍ରେଣୀ ସୌର ଶିଖା ରହିଛି। ପ୍ରତ୍ୟେକ ଶ୍ରେଣୀର ଶକ୍ତି ତାହାର ପୂର୍ବ ଶ୍ରେଣୀ ଅପେକ୍ଷା ହେଉଛି ଦଶ ଗୁଣ କମ୍। ପୁନଶ୍ଚ ପ୍ରତ୍ୟେକ ଶ୍ରେଣୀକୁ ଶିଖାର ଆପେକ୍ଷିକ ସାମର୍ଥ୍ୟ ଅନୁଯାୟୀ ୧ରୁ ୧୦ ସଂଖ୍ୟା ମଧରେ ଭାଗ କରାଯାଇଛି।''



ଏହି ବର୍ଷ ମେ ମାସ ଦ୍ୱିତୀୟ ସପ୍ତାହରେ ମହାକାଶରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା। ଏହା ଥିଲା ବିଶାଳ ସୌର ଶିଖା ଏବଂ ଚମତ୍କାର ମେରୁ ଆଲୋକ। ସୌର ଶିଖା ହେଉଛି ସୂର୍ଯ୍ୟ ପୃଷ୍ଠରୁ ନିର୍ଗତ ଶକ୍ତିଶାଳୀ ବିଦ୍ୟୁତ୍ ଚୁମ୍ବକୀୟ ବିସ୍ଫୋରଣର ବିସ୍ଫୋଟ। ସୂର୍ଯ୍ୟ ଦେହରେ ଚୁମ୍ବକୀୟ ଝଡ଼ ସୃଷ୍ଟି ହେଲେ ଏହା ଘଟିଥାଏ। ସାଧାରଣତଃ ସୌର କାର୍ଯ୍ୟକଳାପର ସର୍ବୋଚ୍ଚ ସମୟରେ ଚୁମ୍ବକୀୟ ଝଡ଼ ସୃଷ୍ଟି ହୋଇ ସୌର ଶିଖା ଉତ୍ପନ୍ନ ହୋଇଥାଏ। ସୂଚନାଯୋଗ୍ୟ ଯେ, ପ୍ରତି ୧୧ ବର୍ଷରେ ସୂର୍ଯ୍ୟ ଦେହରେ ଏହା ସର୍ବନିମ୍ନ ଏବଂ ସର୍ବୋଚ୍ଚ ସ୍ତର ମଧ୍ୟରେ ପରିବର୍ତ୍ତିତ ହେଉଥାଏ। ବର୍ତ୍ତମାନ ଆମେ ୨୫ତମ ସୌର ଚକ୍ର ଦେଇ ଗତି କରୁଛେ। ଏହା ୨୦୧୯ ମସିହାରେ ଆରମ୍ଭ ହୋଇଛି ଏବଂ ୨୦୨୫ରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ। ଏହା ସହିତ ମଧ ସୌର କଳଙ୍କର ସମ୍ପର୍କ ରହିଛି। ସୂର୍ଯ୍ୟର ଆଲୋକ ମଣ୍ଡଳରେ ଦେଖାଯାଉଥିବା କଳା କଳା ଦାଗ ହେଉଛି ସୌର କଳଙ୍କ। ଏହା ଆଖିକୁ ଖୁବ୍ ଛୋଟ ଦେଖାଗଲେ ମଧ ବାସ୍ତବରେ ଏହା ହେଉଛି ବହୁତ ବଡ଼। ଏଗୁଡ଼ିକର ସଂଖ୍ୟା ସୂର୍ଯ୍ୟପୃଷ୍ଠରେ ବଢୁଥାଏ। ପ୍ରତି ୧୧ ବର୍ଷ ଅନ୍ତରରେ ଏହାର ହ୍ରାସ ବୃଦ୍ଧି ହୁଏ। ଯେତେବେଳେ ସର୍ବାଧିକ ସୌରକଳଙ୍କ ଦେଖାଯାଏ, ସେତେବେଳେ ସୂର୍ଯ୍ୟରେ ଅଧିକ ଚୁମ୍ବକୀୟ ଝଡ଼ ହୋଇଥାଏ ଏବଂ ବଡ଼ ବଡ଼ ସୌର ଶିଖା ବାହାରିଥାଏ।

ଚଳିତ ବର୍ଷ ମେ ୧୧ ତାରିଖରେ ସୂର୍ଯ୍ୟପୃଷ୍ଠରେ ଦୁଇ ଲକ୍ଷ କିମି ବ୍ୟାପୀ ସୌର କଳଙ୍କ ଦେଖାଯାଇଥିଲା। ଏହାର ଆକାର ପୃଥିବୀର ୧୫ ଗୁଣ ଥିଲା। ଏହା ଏତେ ବଡ଼ ଥିଲା ଯେ ଏହା ସାଧାରଣ ଦୂରବୀକ୍ଷଣ ଯନ୍ତ୍ରରେ ପୃଥିବୀକୁ ଦେଖାଯାଇଥିଲା। ଜ୍ୟୋତିର୍ବିଜ୍ଞାନୀମାନେ ଏହାର ନାମ 'AR3664' ଦେଇଛନ୍ତି। ପ୍ରଥମେ ମେ ୧୧ ତାରିଖରେ X ୧.୫ ଏବଂ X ୫.୮ର ସୌର ଶିଖା ଦେଖାଦେଲା। ୨୦୧୭ ମସିହା ପରଠାରୁ ଏତେ ବଡ଼ ସୌରଶିଖା ଦେଖାଯାଇ ନ ଥିଲା। ସୌର ଶିଖାଗୁଡ଼ିକର ଆକାର ଅନୁଯାୟୀ ସେଗୁଡ଼ିକର ବର୍ଗୀକରଣ କରାଯାଇଛି। 'X ଶ୍ରେଣୀ' ହେଉଛି ସବୁଠାରୁ ଶକ୍ତିଶାଳୀ। ଏହାପଛକୁ ଅଛି ୩ ଶ୍ରେଣୀ ଯାହା 'X ଶ୍ରେଣୀ' ଠାରୁ ଦଶ ଗୁଣ କମ୍ ଶକ୍ତିଶାଳୀ। ଏହାପରେ C-ଶ୍ରେଣୀ, B-ଶ୍ରେଣୀ ଏବଂ A-ଶ୍ରେଣୀ ସୌର ଶିଖା ରହିଛି। ପ୍ରତ୍ୟେକ ଶ୍ରେଣୀର ଶକ୍ତି ତାହାର ପୂର୍ବ ଶ୍ରେଣୀ ଅପେକ୍ଷା ହେଉଛି ଦଶ ଗୁଣ କମ୍। ପୁନଶ୍ଚ ପ୍ରତ୍ୟେକ ଶ୍ରେଣୀକୁ ଶିଖାର ଆପେକ୍ଷିକ ସାମର୍ଥ୍ୟ ଅନୁଯାୟୀ ୧ରୁ ୧୦ ସଂଖ୍ୟା ମଧରେ ଭାଗ କରାଯାଇଛି। ଯେଉଁ ଶିଖା ଯେତେ ଶକ୍ତିଶାଳୀ, ପୃଥିବୀ ଉପରେ ତାହାର କ୍ଷତିକାରକ ପ୍ରଭାବ ହେଉଛି ସେତେ ଅଧିକ। A-ଶ୍ରେଣୀ ଶିଖାର ପୃଥିବୀ ଉପରେ ପ୍ରାୟ କୌଣସି ପ୍ରଭାବ ପକାଏ ନାହିଁ।

ସୂର୍ଯ୍ୟଠାରୁ ଆମେ ଆଲୋକ ଓ ତାପ ପାଇଥାଉ। କିନ୍ତୁ ଏହା ସହିତ କେତେକ ଅଦୃଶ୍ୟ ଚାର୍ଜ କଣିକା ମଧ ସୂର୍ଯ୍ୟଠାରୁ ଆସିଥାଏ। ଏଥିରେ ମୁଖ୍ୟତଃ ଇଲେକ୍‌ଟ୍ରନ୍ ଓ ପ୍ରୋଟନ୍ ଥାଏ। ଏହା ସେକେଣ୍ଡ ପ୍ରତି ୪୦୦ରୁ ୮୦୦ କିମି ବେଗରେ ଆସିଥାଏ। ଏହାକୁ 'ସୌର ପବନ' କୁହାଯାଏ। କିନ୍ତୁ ବେଳେବେଳେ ଏହା ଅଧିକ ପରିମାଣରେ ଏବଂ ଅଧିକ ବେଗରେ ଆସିଥାଏ। ବିଶେଷତଃ ସୂର୍ଯ୍ୟର ସର୍ବାଧିକ କାର୍ଯ୍ୟକାରିତା ସମୟରେ ଏହା ଘଟିଥାଏ। ଏହାକୁ 'ସୌର ଝଡ଼' କୁହାଯାଏ। ପୃଥିବୀ ଚାରିପେଟ ଥିବା ଚୁମ୍ବକୀୟ ମଣ୍ଡଳ ସୌର ବାୟୁକୁ ପୃଥିବୀକୁ ଆସିବାକୁ ଦେଇ ନ ଥାଏ ଏବଂ ଫଳରେ ଏହା ପୃଥିବୀର କୌଣସି କ୍ଷତି କରି ନ ଥାଏ। କିନ୍ତୁ ସୌର ଝଡ଼ ହେଲେ ଏହାର କିଛି ଉପାଦାନ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଏହା ବାୟୁମଣ୍ଡଳରେ ଆୟନମଣ୍ଡଳକୁ ଉତ୍ତପ୍ତ କରିଥାଏ, ଯାହାଫଳରେ ରେଡିଓ ଯୋଗାଯୋଗରେ ବ୍ୟାଘାତ ଘଟିଥାଏ। ଏହା ମଧ ମହାକାଶରେ ଅବସ୍ଥାପିତ କୃତ୍ରିମ ଉପଗ୍ରହର ଯୋଗାଯୋଗ ଓ ଅନ୍ୟ ଇଲେକ୍‌ଟ୍ରୋନିକ ଯନ୍ତ୍ରପାତିରେ ତ୍ରୁଟି ଆଣିଥାଏ ଏବଂ ଉପଗ୍ରହ କକ୍ଷର ସ୍ଥିରତା ବଜାୟ ରଖିବାରେ କଷ୍ଟକର ହୋଇଥାଏ। ଏହା ପୃଥିବୀର ବିଦ୍ୟୁତ୍ ଗ୍ରୀଡ୍‌ର କ୍ଷତି କରିଥାଏ ଏବଂ ବ୍ୟୋମ ସଞ୍ଚାଳନରେ ମଧ ବ୍ୟାଘାତ ସୃଷ୍ଟି କରିଥାଏ। ଆମ ଆଲୋଚିତ ସୌରଶିଖା ଯୋଗୁ ପୃଥିବୀ ଅନେକ ଦେଶରେ ରେଡିଓ ପ୍ରସାରଣରେ ବାଧା ପହଞ୍ଚିଥିବା ଜଣାପଡ଼ିଛି।

ସୌର ବାୟୁର ଅନ୍ୟ ଏକ ପ୍ରଭାବ ହେଉଛି ମେରୁ ଆଲୋକ ବା ଅରୋରା। ଏଥିରେ ଆସୁଥିବା ଚାର୍ଜ କଣିକାଗୁଡ଼ିକୁ ପୃଥିବୀର ଚୁମ୍ବକୀୟ ମଣ୍ଡଳ ଉତ୍ତର ମେରୁ ଓ ଦକ୍ଷିଣ ମେରୁ ଆଡ଼କୁ ପଠାଇଦିଏ। ସେଠାରେ ଏହା ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ବିଭିନ୍ନ ରଙ୍ଗର ଆଲୋକ ଦେଉଥିବା ବେଳେ ଯବକ୍ଷାରଜାନ ନୀଳ ଓ ବାଇଗଣୀ ଆଲୋକ ଦିଏ। ଏହି ଆଲୋକ ଅନେକ ସମୟରେ ନୃତ୍ୟ କରୁଥିବା ଭଳି ଅପୂର୍ବ ଦୃଶ୍ୟ ଦେଖାଯାଏ। ଉତ୍ତର ମେରୁରେ ଏହାକୁ ଉତ୍ତର ଆଲୋକ ବା ସୁମେରୁ ପ୍ରଭା ଏବଂ ଦକ୍ଷିଣ ମେରୁରେ ଏହାକୁ ଦକ୍ଷିଣ ଆଲୋକ ବା କୁମେରୁ ପ୍ରଭା କୁହାଯାଏ।

ସାଧାରଣତଃ ମେରୁ ଆଲୋକ ମେରୁ ନିକଟରେ ଦେଖାଦେଇଥାଏ। କିନ୍ତୁ ଚଳିତ ବର୍ଷ ମେ' ମାସରେ ଘଟିଥିବା ବିଶାଳ ସୌରଶିଖା ପ୍ରଭାବରେ ସୃଷ୍ଟି ହୋଇଥିବା ସୌର ଝଡ଼ ଯୋଗୁ ମେରୁ ଆଲୋକ ପୃଥିବୀର ଅନେକ ଅଞ୍ଚଳକୁ ଦେଖାଯାଇଥିଲା। ଏହି ଚମତ୍କାର ରଙ୍ଗୀନ ଆଲୋକର ଝଲକକୁ ବିଭିନ୍ନ ଦେଶର ଲୋକମାନେ ଖାଲି ଆଖିରେ ମଧ ଦେଖିଛନ୍ତି। ଆମ ଦେଶରେ ପୂର୍ବରୁ କେବେ ଏହା ଦେଖାଯାଇ ନ ଥିଲା। କିନ୍ତୁ ଏଥର ମେ' ମାସର ବିରଳ ମେରୁ ପ୍ରଭାକୁ ଲଦାଖର ମାଉଣ୍ଟ ସରସ୍ୱତୀ ଉପରେ ସ୍ଥାପନ କରାଯାଇଥିବା ଭାରତୀୟ ଜ୍ୟୋତିର୍ବିଦ୍ୟାୟ ପର୍ଯ୍ୟବେକ୍ଷଣାଗାରର କ୍ୟାମେରାରେ ଏହା ଧରାପଡ଼ିଥିଲା।

ସୂର୍ଯ୍ୟକୁ ଅଧ୍ୟୟନ କରିବା ପାଇଁ ମହାକାଶରେ ଅବସ୍ଥାପିତ ଭାରତର 'ଆଦିତ୍ୟ ଏଲ୍-୧' ଯାନ ସୌରଶିଖାର ଚିତ୍ର ନେଇ ଆମ ପାଖକୁ ପଠାଇଛି। ଏଥିରେ ଥିବା ଗୋଟିଏ ଯନ୍ତ୍ର ତୀବ୍ର ବେଗରେ ଆସୁଥିବା ସୌର ପବନ, ପ୍ଲାଜମା ଓ ଆୟନକୁ ଚିହ୍ନଟ କରିଥିଲା। ଏଥିରେ ଥିବା ଅନ୍ୟ ଦୁଇଟି ଯନ୍ତ୍ର ଅଳ୍ପ ଦିନ ପୂର୍ବରୁ ସୂର୍ଯ୍ୟ ପୃଷ୍ଠରେ ୩-ଶ୍ରେଣୀ ଓ X-ଶ୍ରେଣୀ ସୌର ଶିଖାକୁ ଚିହ୍ନଟ କରିଥିଲା। ଠିକ୍ ସେହିସ୍ଥାନରୁ ପରେ ବିଶାଳ ସୌର ଶିଖା ବାହାରିଥିଲା।

ଅନ୍ୟପକ୍ଷରେ ଚନ୍ଦ୍ରକୁ ପରିକ୍ରମଣ କରୁଥିବା 'ଚନ୍ଦ୍ରଯାନ-୨'ର ଅର୍‌ବିଟ୍‌ରେ ଥିବା ଏକ ଯନ୍ତ୍ର ମଧ ଏହି ସୌର ଶିଖାକୁ ଚିହ୍ନଟ କରିଛି। ଏଥିରେ ଥିବା ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ବିଶାଳ ସୌରଶିଖାର ପ୍ରଭାବରୁ ରକ୍ଷାପାଇବା ପାଇଁ ଏହା ସମ୍ମୁଖକୁ ଏକ ଫିଲ୍‌ଟର ଆସିଯାଇଥିଲା।

ସୌର ଶିଖା ଓ ସୌର ଝଡ଼ ହେଉଛି ପ୍ରାକୃତିକ ଘଟଣା ଏବଂ ଏହାର ପ୍ରଭାବରୁ ରକ୍ଷା କରିବା ପାଇଁ ପ୍ରକୃତି ମଧ ବ୍ୟବସ୍ଥା କରିଛି। ଏହା ସହିତ ଏହା ମେରୁ ଆଲୋକ ଭଳି ଚମତ୍କାର ଦୃଶ୍ୟ ମଧ ପ୍ରଦର୍ଶନ କରୁଛି।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ନ ରହିଲେ...



ଆମ ଶରୀର ପାଇଁ ଆବଶ୍ୟକ ପଡୁଥିବା ପ୍ରମୁଖ ଦ୍ରବ୍ୟଗୁଡ଼ିକ ମଧରୁ ଜଳ ଅନ୍ୟତମ। କାରଣ ଶରୀରରେ ଏହାର ପରିମାଣ ସବୁଠାରୁ ବେଶି। ଯଦି ଏଥିରେ ଜଳୀୟ ଅଂଶ ସନ୍ତୁଳିତ ନ ରହିଲା ତେବେ ତାହା ଗୁରୁତର ସମସ୍ୟା ଧାରଣ କରିଥାଏ। ଏପରି କି ସଂପୃକ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଆଡ୍‌ମିଶନ କରି ସାଲାଇନ୍ ମାଧ୍ୟମରେ ଜଳୀୟ ଅଂଶକୁ ଠିକ୍ ସ୍ତରକୁ ଅଣାଯାଏ। ତେଣୁ ଆମେ ଖାଦ୍ୟ ଖାଇବା ସହ ସେହି ମୁତାବକ ପାଣି ପିଇବା ନିହାତି ଦରକାର। କାରଣ ଥରେ ଜଳୀୟ ଶୁଷ୍କତା ଦେଖାଦେଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଆମ ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଏ। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ବି ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ।

## ସ୍ୱାସ୍ଥ୍ୟୋପକାରୀ ବ୍ରେକ୍‌ଫାଷ୍ଟ



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ଶରୀର ପାଇଁ ବେଶ୍ ଉପକାରୀ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସବୁବେଳେ ଯେମିତି ସେହି ସମୟରେ ହିଁ ବ୍ରେକ୍‌ଫାଷ୍ଟ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରୀ ଭରି ରହିଛି । ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରାକ୍ରାନ୍ତ ଲାଗିବ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ, ସାଲାଡ୍ ସାମିଲ କରନ୍ତୁ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଆଦୌ ଖାଅନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ। ଭଲ ବ୍ରେକ୍‌ଫାଷ୍ଟ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବାରେ ଅନେକାଂଶରେ ସହାୟକ ହୋଇଥାଏ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ମଧ ଖାଇପାରିବେ।

## ଜାଣି ରଖନ୍ତୁ



● ବେଳେବେଳେ ଅଧିକ ପଢ଼ାପଢ଼ି ଯୋଗୁ ତାହାର ପ୍ରଭାବ ମସ୍ତିଷ୍କ ବା ଆମ ବ୍ରେନ୍ ଉପରେ ପଡ଼ିଥାଏ। ତେଣୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଠ ପଢୁଥିଲେ ମଝିରେ ମଝିରେ କିଛି ସମୟ ବିରତି ନିଅନ୍ତୁ ।

● ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଏହାର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ତାକୁ ମଧ ଜଣାନ୍ତୁ।

● ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ, ରାତିରେ ଖାଇବା ଓ ଶୋଇବା ମଧରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିଲେ ଭଲ।

● ବୟସ ବଢ଼ିବା ସହ ଧୀରେ ଧୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ମଧ ଦେଖାଯାଏ। ତେଣୁ, ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

● ଅଧିକ ଫୋନ୍, ଲାପ୍‌ଟପ୍, ଟାବ୍‌ଲଏଡ୍ କିମ୍ବା ଡେକ୍ସଟପ୍ ସାମ୍ନାରେ ବସିଲେ ଏହାର ପ୍ରଭାବ ଆଖି ଉପରେ ଅଧିକ ଖରାପ ପ୍ରଭାବ ପଡ଼ିଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ଲାଗିଥାଏ।

● ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ, ନିକଟସ୍ଥ ଡାକ୍ତର ଏବଂ ପାଖ ହସ୍ପିଟାଲ୍‌ର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ଏହା ନିହାତି ଆପଣଙ୍କର କାମରେ ଆସିବ।

## ମେଦ କମାଏ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ବେଶି ରହିଛି। ଏଥିରେ କ୍ୟାଲୋରୀ କମ୍ ଥିବାରୁ ଏହା ମୋଟାପଣ କମାଇବାରେ ସାହାଯ୍ୟ କରେ। କେବଳ ପ୍ରୋଟିନ୍ ନୁହେଁ, ବରଂ ଏଥିରେ ଆଇରନ୍, ଫସ୍‌ଫରସ୍, ଭିଟାମିନ୍-ଏ, ଭିଟାମିନ୍-କେ, ଭିଟାମିନ୍-ସି ମଧ ରହିଛି, ଯାହା ଶରୀରର ମାଂସପେଶୀକୁ ଶକ୍ତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଶରୀରରେ ରକ୍ତଚାପକୁ ମଧ ଏହା ସନ୍ତୁଳିତ ରଖେ। ଗ୍ରୀନ୍ ମଟରରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ଥିବାରୁ ଖାଦ୍ୟ ଠିକ୍ ଭାବେ ହଜମ ହୋଇଥାଏ। ଆବଶ୍ୟକ ପରିମାଣର ମ୍ୟାଗ୍ନେସିୟମ୍ ଓ ପଟାସିୟମ୍ ଶରୀର ପାଇଁ ବେଶ୍ ଉପକାରୀ, ଯାହା ଗ୍ରୀନ୍ ମଟରରୁ ଆମେ ପାଇଥାଉ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ଏଥିରେ ଲୁଟେଇନ୍ ନାମକ ଏକ ତତ୍ତ୍ୱ ରହିଛି ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ବ୍ଲଡ୍‌ପ୍ରେସର ସମସ୍ୟା ରହିଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର ପରିମାଣ କେତେ ରହୁଛି ମାପି ନିଅନ୍ତୁ। ଏଥିପାଇଁ ବ୍ଲଡ୍‌ପ୍ରେସର ମାପିବା ମେସିନ୍ ଘରେ ରଖିପାରନ୍ତି। ଯଦି କିଛି ସମସ୍ୟା ରହୁଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



➤ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

➤ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇଥାଏ।

➤ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏ ଭଲଭାବେ ଘଷନ୍ତୁ। ପ୍ରତିଦିନ ସକାଳେ ଏବଂ ରାତ୍ରଭୋଜନ ପରେ ଦାନ୍ତ ଘଷନ୍ତୁ।

➤ସବୁବେଳେ ଯଦି ମସଲାଜାତୀୟ ଖାଦ୍ୟ ଖାଉଛନ୍ତି ତେବେ ଏହା ଏସିଡିଟି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।

## ଡିପ୍‌ଥେରିଆ: କାରଣ, ପ୍ରତିକାର


ଡା. ରାମଚନ୍ଦ୍ର ରାଉତ

ଏବେ ଶିଶୁମାନଙ୍କର ଏକ ବିରଳ ରୋଗ ହେଲା 'ଡିପ୍‌ଥେରିଆ' ବା କଣ୍ଠ ଆଳତି। ସାର୍ବଜନୀନ ଟିକା ପ୍ରଦାନ ଦ୍ୱାରା ଏହା ବହୁମାତ୍ରାରେ କମିଯାଇଛି। ସମଗ୍ର ଦେଶରେ ଏ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ମାତ୍ର ଏବେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ହେବାର କୌଣସି ଆଶଙ୍କା ନ ଥିଲେ ମଧ ଆମ୍ଭମାନଙ୍କୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ।

ଆଗରୁ ଡିପ୍‌ଥେରିଆରେ ଆକ୍ରାନ୍ତ ହୋଇ ବହୁ ସଂଖ୍ୟାରେ ଶିଶୁ ମୃତ୍ୟୁମୁଖରେ ପଡୁଥିଲେ। ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କଠାରେ ଏଭଳି ରୋଗ ଦେଖାଯାଉଥିଲେ ହେଁ ସାଧାରଣତଃ ଶିଶୁମାନଙ୍କୁ ଛ' ମାସ ପୂର୍ବରୁ ମା' କ୍ଷୀରରେ ଥିବା ଆଣ୍ଟିବଡି ଯୋଗୁ ଏହା ହୋଇ ନ ଥାଏ।

ଡିପ୍‌ଥେରିଆ 'କରିନୋବ୍ୟାକ୍ଟେରିଅମ ଡିପ୍‌ଥେରି' (ପୂର୍ବରୁ କେ.ଏଲ୍. ବାସିଲସ୍ କୁହାଯାଉଥିଲା) ନାମକ ଜୀବାଣୁ ଦ୍ୱାରା ହୋଇଥାଏ। କେବଳ ଶିଶୁମାନେ ହିଁ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଆକ୍ରାନ୍ତ ଶିଶୁମାନଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମିତ ଲାଳ, କଫ, ନାକରୁ ନିର୍ଗତ ପଦାର୍ଥ, ଡ୍ରପ୍‌ଲେଟ୍ ମାଧ୍ୟମରେ ଏହା ବ୍ୟାପିଥାଏ। ଥର୍ମୋମିଟର, ଜିଭ ଚାପିବା ଚାମୁଚ, ରୁମାଲ, କଲମ, ପେନ୍‌ସିଲ, ଟୁଥ୍ ବ୍ରଶ, କପ୍ ପ୍ଲେଟ୍, ଖେଳନା ଇତ୍ୟାଦି ମାଧ୍ୟମରେ ମଧ ଡିପ୍‌ଥେରିଆ ବ୍ୟାପିଥାଏ। ଶିଶୁଟି ଏଥିରେ ଆକ୍ରାନ୍ତ ହେବାର ଦୁଇ ଦିନଠାରୁ ୬ ସପ୍ତାହ ପର୍ଯ୍ୟନ୍ତ ସଂକ୍ରମିତ ବ୍ୟବସ୍ଥାରେ ରହିଥାଏ। ଉଭୟ ପୁଅ ଓ ଝିଅମାନଙ୍କ ମଧରେ ଏହା ସମାନ ମାତ୍ରାରେ ଦେଖାଯାଏ। ବିଶେଷଭାବରେ ଏହା ଶୀତଦିନେ ଅଧିକ ବ୍ୟାପିଥାଏ।

ଡିପ୍‌ଥେରିଆ ଜୀବାଣୁ ଶରୀରରେ ପ୍ରବେଶ କରିବାର ୨ରୁ ୬ଦିନ ମଧରେ ଲକ୍ଷଣ ପ୍ରକାଶ ପାଇଥାଏ। ଡିପ୍‌ଥେରିଆ ଦ୍ୱାରା ଆକ୍ରାନ୍ତ ହେଲେ ଜ୍ୱର କ୍ରମଶଃ ବୃଦ୍ଧି ପାଇଥାଏ। ଏହାସହ ତଣ୍ଟି ଦରଜ ହୋଇ ରକ୍ତମିଶ୍ରିତ ନାକକ୍ଷରଣ ବାହାରିଥାଏ। ଏହା ନାକ ଆକ୍ରାନ୍ତ ଡିପ୍‌ଥେରିଆ, ଟନ୍‌ସିଲ୍ ଆକ୍ରାନ୍ତ, ଗଳା ଆକ୍ରାନ୍ତ, ସ୍ୱରଯନ୍ତ୍ର ଆକ୍ରାନ୍ତ, କେତେକ କ୍ଷେତ୍ରରେ ଚର୍ମ, ଚକ୍ଷୁ, ଖାଦ୍ୟ ଓ ପାଚକ ଯନ୍ତ୍ରକୁ ମଧ ଆକ୍ରାନ୍ତ କରିଥାଏ।

ଡିପ୍‌ଥେରିଆ ସାଧାରଣତଃ ଗଳା, ସ୍ନାୟୁ, ହୃଦ୍‌ଯନ୍ତ୍ର (ହାର୍ଟ) ଇତ୍ୟାଦିରେ ଜଟିଳତା ସୃଷ୍ଟି କରିଥାଏ। 'ସିକ୍ ପରୀକ୍ଷା' ନାମକ ଏକ ପରୀକ୍ଷା ଦ୍ୱାରା ଶିଶୁଟିକୁ ଡିପ୍‌ଥେରିଆ ହୋଇଛି ବୋଲି ଜଣାପଡ଼ିଥାଏ।

ସାଧାରଣତଃ ବିଶ୍ରାମ, ପୃଥକୀକରଣ, ସଙ୍ଗରୋଧ ଦ୍ୱାରା ଗଳା ସଂକ୍ରମଣ ଭଲ ହେବା ପର୍ଯ୍ୟନ୍ତ ଅନୁସରଣ କରାଯାଇଥାଏ। ସ୍ଥଳବିଶେଷରେ 'ଏଡିଏସ୍' (ଆଣ୍ଟି ଡିପ୍‌ଥେରିକ୍ ସିରସ୍) ୨୦ ହଜାରରୁ ୧ ଲକ୍ଷ ୟୁନିଟ ପର୍ଯ୍ୟନ୍ତ ଦିଆଯାଇଥାଏ। ଏଥିପାଇଁ ପେନସିଲିନ୍ ହେଉଛି ଠିକ୍ ଚିକିତ୍ସା। ଏହା ବଦଳରେ ଇରିଥ୍ରୋମାଇସିନ୍ ମଧ ଦିଆଯାଇପାରେ। ଜ୍ୱର କମିବା ଔଷଧ ଓ କେତେକ କ୍ଷେତ୍ରରେ ସାଲାଇନ୍ ଓ ଭିଟାମିନ୍ ମଧ ଦିଆଯାଏ। ଏହି ସମୟରେ 'ଓଆର୍‌ଏସ୍' ମଧ ବହୁତ ଉପଯୋଗୀ।



ତେଣୁ ତଣ୍ଟି ଦରଜ ହୋଇ ଜ୍ୱର, ଶରୀର ବ୍ୟଥା ହେଲେ ଶିଶୁମାନଙ୍କୁ ଡେରି ନ କରି ଶିଶୁ ବିଶେଷଜ୍ଞଙ୍କ ନିକଟକୁ ନେଇ ଚିକିତ୍ସା କରାନ୍ତୁ। ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କାର୍ଯ୍ୟକ୍ରମରେ ତିନି ମାସରୁ ଅନ୍ୟ ଟିକାମାନଙ୍କ ସହିତ ମିଶି ରହିଥିବା ଡିପ୍‌ଥେରିଆ ଟିକା ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନାଗୁଡ଼ିକରେ ମାଗଣାରେ ଦିଆଯାଉଛି।

- ଅବସରପ୍ରାପ୍ତ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ: ୮୨୪୯୦୮୭୯୯୫




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍କଟ୍‌ଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

## ସୁପର-୮ରେ ଇଂଲଣ୍ଡ

**ଗ୍ରସ୍ ଆଇଲେଟ୍, ୧୬।୬(ପି.ଟି.)**

ଟି୨୦ ବିଶ୍ୱକପ୍‌ରେ ରବିବାର ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଏହି ପରାଜୟ ସହିତ ସ୍କଟ୍‌ଲାଣ୍ଡ ଟୁର୍ନାମେଣ୍ଟରୁ ବିଦାୟ ନେଇଥିବା ବେଳେ ଇଂଲଣ୍ଡ ସୁପର୍-୮ରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ସ୍କଟ୍‌ଲାଣ୍ଡ ୫ ଉଇକେଟରେ ୧୮୦ ରନ୍ କରିଥିଲା। ଜବାବରେ ୧୯.୪ ଓଭରରେ ଅଷ୍ଟ୍ରେଲିଆ ୫ ଉଇକେଟରେ ୧୮୬ ରନ୍ କରିଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓପନର ଜର୍ଜ ମୁନ୍‌ସୀ (୩୫) ରନ୍ କରିଥିବା ବେଳେ ଦଳୀୟ ସ୍କୋର ୩ ରନ୍‌ରେ ଅନ୍ୟତମ ଓପନର ମାଇକେଲ୍ ଜୋନ୍ସ ମାତ୍ର ୨ ରନ୍ କରି ଆଉଟ ହୋଇଥିଲେ। ତେବେ ମୁନ୍‌ସୀ ଓ ବ୍ରେଣ୍ଡନ ମ୍ୟାକମୁଲେନ୍(୬୦) ଦ୍ୱିତୀୟ ଉଇକେଟରେ ୮୯ ରନ୍ ଯୋଡିଥିଲେ। ୯ମ ଓଭରରେ ପାର୍ଟ ଟାଇମର ଗ୍ଲେନ୍ ମ୍ୟାକ୍ସୱେଲ ଏହି ଯୋଡି ଭାଙ୍ଗିଥିଲେ। ମୁନ୍‌ସୀ ୨୩ ବଲ୍ ଖେଳି ୨ ଚୌକା ଓ ୩ ଛକା ସହ ୩୫ ରନ୍ କରିଥିଲେ। ଅନ୍ୟପକ୍ଷରେ ମ୍ୟାକ୍‌ମୁଲେନ୍ ୩୪ ବଲ୍ ଖେଳି ୨ ଚୌକା ଓ ୬ ଛକା ମାରିଥିଲେ। ଶେଷ ଆଡକୁ ଅଧିନାୟକ ରିଚି ବାରିଙ୍ଗଟନ୍ ୩୧ ବଲ୍ ଖେଳି ଅପରାଜିତ ୪୨ ରନ୍ କରିବାରୁ ସ୍କଟ୍‌ଲାଣ୍ଡ ଲଢୁଆ ୧୮୦ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ ୨, ଆଷ୍ଟନ ଆଗର, ନାଥନ ଏଲିସ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୧ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ ୬୦ ରନ୍‌ରେ ୩ ଉଇକେଟ ହରାଇଥିଲା। ଓପନର ଡେଭିଡ୍ ୱାର୍ନର ୧, ଅଧିନାୟକ ମିଚେଲ୍ ମାର୍ଶ ୮ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୧ ରନ୍ କରି ଆଉଟ ହୋଇଥିଲେ। ତେବେ ଟପ୍ ସ୍କୋରର ରହିଥିବା ଟ୍ରାଭିସ୍ ହେଡ୍(୬୮) ଓ ମାର୍କୁସ୍ ଷ୍ଟୋଇନିସ୍(୫୯) ଚତୁର୍ଥ ଉଇକେଟରେ ୮୦ ରନ୍ ଯୋଡିଥିଲେ। ହେଡ୍ ୪୯ ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ ଷ୍ଟୋଇନିସ ୨୯ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। ଅନ୍ତିମ ୩ ଓଭରରୁ ୨୫ ରନ୍ ଆବଶ୍ୟକ ଥିବା ବେଳେ ଟିମ୍ ଡେଭିଡ୍ ୧୪ ବଲ୍‌ରୁ ୨୪ ରନ୍ କରି ଦଳକୁ ବିଜୟୀ କରିଥିଲେ। ସ୍କଟ୍‌ଲାଣ୍ଡ ପକ୍ଷରୁ ସଫ୍ୟାନ ଶରିଫ୍ ଓ ମାର୍କ ୱାଟ୍ ୨ଟି ଲେଖାଏ, ବ୍ରାଡ୍ ହ୍ୱିଲ ଗୋଟିଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରି ଦଳକୁ କଡା ଟକ୍କର ଦେଇଥିବା ସ୍କଟ୍‌ଲାଣ୍ଡ ଏହି ପରାଜୟ ସହ ବିଦାୟ ନେଇଛି। ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ସମାନ ୫ ପଏଣ୍ଟ ଲେଖାଏ ପାଇଥିବା ବେଳେ ରନ୍ ରେଟ୍ ବ୍ୟବଧାନରେ ଆଗୁଆ ରହି ଇଂଲଣ୍ଡ ସୁପର-୮କୁ ଉନ୍ନୀତ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ସ୍କଟ୍‌ଲାଣ୍ଡ ୨୦ ଓଭରରେ ୧୮୦/୫ (ବ୍ରେଣ୍ଡନ ମ୍ୟାକମୁଲେନ୍-୬୦, ରିଚି ବାରିଙ୍ଗଟନ୍-୪୨*, ଜର୍ଜ ମୁନ୍‌ସୀ-୩୫, ଗ୍ଲେନ୍ ମ୍ୟାକ୍ସୱେଲ-୨/୪୪, ଆଡାମ ଜାମ୍ପା-୧/୩୦, ନାଥାନ ଏଲିସ୍-୧/୩୪)। ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୮୬/୫ (ଟ୍ରାଭିସ୍ ହେଡ୍-୬୮, ମାର୍କୁସ୍ ଷ୍ଟୋଇନିସ-୫୯, ଟିମ୍ ଡେଭିଡ୍-୨୪*, ଫ୍ୟାନ ଶରିଫ-୨/୪୨, ମାର୍କ ୱାଟ୍- ୨/୩୨, ବ୍ରାଡ ହ୍ୱିଲ୍-୧/୨୮)।



ମାର୍କୁସ୍ ଷ୍ଟୋଇନିସ

**ଟି୨୦ ବିଶ୍ୱକପ**
**(ଆଜିର ମ୍ୟାଚ)**

**ବାଂଲାଦେଶ ବନାମ ନେପାଳ**
ସ୍ଥାନ: କିଙ୍ଗ୍ସ ଟାଉନ୍
ସମୟ: ପ୍ରାତଃ ୫ଟା

**ଶ୍ରୀଲଙ୍କା ବନାମ ନେଦରଲାଣ୍ଡ୍ସ**
ସ୍ଥାନ: ସେଣ୍ଟ ଭିନ୍‌ସେଣ୍ଟ
ସମୟ: ସକାଳ ୬ଟା

**ନ୍ୟୁଜିଲାଣ୍ଡ ବନାମ ପପୁଆ ନ୍ୟୁ ଗିନି**
ସ୍ଥାନ: ତ୍ରିନିଦାଦ
ସମୟ: ରାତି ୮ଟା

# ପାକିସ୍ତାନର ସଫଳ ବୋଲିଂ

**ଫ୍ଲୋରିଡା, ୧୬।୬ (ପି.ଟି.):** ଟି୨୦ ବିଶ୍ୱକପରୁ ବିଦାୟ ନେଇ ସାରିଥିବା ପାକିସ୍ତାନ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ଘାତକ ବୋଲିଂ କରିଛି। ଶାହିନ୍ ଆଫ୍ରିଦି ଓ ଇମାଦ ୱାସିମ ଘାତକ ବୋଲିଂ କରି ୩ଟି ଲେଖାଏ ଉଇକେଟ ନେଇଥିଲେ। ଆୟର୍ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୦୬ ରନ୍ କରିଥିଲା। ଜବାବରେ ଖବର ପ୍ରସ୍ତୁତ ହେବା ସୁଦ୍ଧା ପାକିସ୍ତାନ ୨ ଓଭରରେ କୌଣସି ଉଇକେଟ ନ ହରାଇ ୬ ରନ୍ କରିଛି।

ଫ୍ଲୋରିଡାର ଲାଉଡରହିଲରେ ଖେଳା ଯାଇଥିବା ମ୍ୟାଚ୍ ଉଭୟ ଦଳ ସମ୍ମାନ ପାଇଁ ଖେଳିଥିଲେ। ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଶାହିନ୍ ଶାହ ଆଫ୍ରିଦି ଓ ମହମ୍ମଦ ଆମିର ଚମତ୍କାର ବୋଲିଂ କରିଥିଲେ। ପ୍ରଥମ ଓଭରରେ ଶାହିନ୍ ଆଫ୍ରିଦି ୨ ଉଇକେଟ ନେଇଥିଲେ। ଆୟର୍ଲାଣ୍ଡ ୩୨ ରନ୍‌ରେ ୬ ଉଇକେଟ ହରାଇଥିଲା। ଦଳର ଟପ୍-୫ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଆଣ୍ଡ୍ର୍ୟୁ ବାଲବିରିନ ୦, ପଲ୍ ଷ୍ଟର୍ଲିଂ ୧, ଲୋର୍କାନ ଟକର ୨, ହ୍ୟାରୀ ଟେକ୍ଟର ୦ ଓ କର୍ଟିସ୍ କାମ୍ଫର ମାତ୍ର ୭ ରନ୍ କରିଥିଲେ। ତେବେ ଜର୍ଜ ଡକ୍‌ରେଲ ୧୧, ଗେରାଥ୍ ଡେଲାନୀ ୩୧ ଓ ମାର୍କ ଆଡେର ୧୫ ରନ୍‌ର ଇନିଂସ ଖେଳିଥିଲେ। ଡେଲାନୀ ଓ ଆଡେର ସପ୍ତମ ଉଇକେଟରେ ୪୪ ରନ୍ ଯୋଡିଥିଲେ। ପାକିସ୍ତାନ ପକ୍ଷରୁ ଇମାଦ ୱାସିମ ଓ ଶାହିନ୍ ଆଫ୍ରିଦି ୩ଟି ଲେଖାଏ ଉଇକେଟ ନେଇଥିଲେ। ମହମ୍ମଦ ଆମିର ୨ ଓ ହରିସ ରୌଫ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଆୟର୍ଲାଣ୍ଡ ୨୦ ଓଭରରେ ୧୦୬/୯ (ଗେରାଥ୍ ଡେଲାନୀ-୩୧, ମାର୍କ ଆଡେର-୧୫, ଜୋଶୁଆ ଲିଟିଲ-୨୨*, ଇମାଦ ୱାସିମ-୩/୮, ଶାହିନ ଆଫ୍ରିଦି-୩/୨୨, ମହମ୍ମଦ ଆମିର-୨/୧୧।

# ଓଡ଼ିଶା ଖେଳାଳିଙ୍କୁ ୩ ପଦକ



ପଦକ ସହ ଟ୍ରାଇ ଆଥଲେଟ୍ ପ୍ରଣବ ଦାସ।

## ଜାତୀୟ ଓପନ ଟ୍ରାଇଥଲନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା

**ଭୁବନେଶ୍ୱର, ୧୬।୬(ସରୋଜ ଜେନା)**

ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟ ଓପନ ଟ୍ରାଇଥଲନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତାରେ ଓଡ଼ିଆ ଟ୍ରାଇ ଆଥ୍‌ଲେଟ ପ୍ରଣବ ଦାସ ଦୁଇଟି ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସୁପର ସ୍ପ୍ରିଣ୍ଟ ଟ୍ରାଇଥଲନ ପ୍ରତିଯୋଗିତାରେ ରୌପ୍ୟ ଓ ଆକ୍ୱାଥଲନରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଜୁନ ୧୫-୧୬ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ସୁପର ସ୍ପ୍ରିଣ୍ଟ ଟ୍ରାଇଥଲନକୁ ୨୭ମି. ୨୯ ସେକେଣ୍ଡରେ ଶେଷ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ସର୍ଭିସେସର ସୈଖୋମ ବିଶ୍ୱଜିତ ସିଂ ସ୍ୱର୍ଣ୍ଣ ଏବଂ ମଣିପୁରର ମୟଙ୍ଗଲମ୍ବମ ନିବାସ ସିଂହ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ୧୬ ତାରିଖରେ ଅନୁଷ୍ଠିତ ଆକ୍ୱାଥଲନରେ ପ୍ରଣବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ରୋଶନ ଗୋଣ୍ଡ, ଅଙ୍କୁର ଚହର ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଜୁନିୟର ବର୍ଗରେ ଓଡ଼ିଶାର ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ବିଶ୍ୱ ବଧିର ଭଲିବଲ ଚାମ୍ପିୟନଶିପ୍ ପାଇଁ ବିଦ୍ୟାଧର ମନୋନୀତ

**ଭୁବନେଶ୍ୱର, ୧୬।୬(ବିଜୟ ରଣା)**

ଜାପାନର ତୋମିଗୁସୁକୁଠାରେ ଜୁନ୍ ୨୧ରୁ ୩୦ ପର୍ଯ୍ୟନ୍ତ ୫ମ ବିଶ୍ୱ ବଧିର ଭଲିବଲ ଚାମ୍ପିୟନଶିପ୍ ଆୟୋଜନ ହେଉଛି। ଏଥିପାଇଁ ଭାରତରୁ ପ୍ରତିନିଧିତ୍ୱ ଲାଗି ଓଡ଼ିଶା ବଧିର କ୍ରୀଡ଼ା ପରିଷଦର ସଦସ୍ୟ ବିଦ୍ୟାଧର ଛୋଟରାୟ ମନୋନୀତ ହୋଇଛନ୍ତି। ବିଦ୍ୟାଧର ବର୍ତ୍ତମାନ ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ରହିଥିବା ଅଟଳବିହାରୀ ବାଜପେୟୀ ବଧିର କ୍ରୀଡ଼ା ଟ୍ରେନିଂ ସେଣ୍ଟରଠାରେ ଗତ ୨ତାରିଖଠାରୁ ଟ୍ରେନିଂ ନେଇଆସୁଛନ୍ତି। ୧୮ତାରିଖରେ ଟ୍ରେନିଂ ଶେଷ ହେବା ପରେ ସେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ଯୋଗ ଦେବେ। ବିଦ୍ୟାଧର ବର୍ତ୍ତମାନ ଖୋର୍ଦ୍ଧାସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଡିଆରଏମ୍ କାର୍ଯ୍ୟାଳୟର ମେକାନିକାଲ ଡିପାର୍ଟମେଣ୍ଟରେ ଜଣେ ସିନିୟର ଖଲାସି ଭାବେ କାର୍ଯ୍ୟରତ।

# ହର୍ଷିତ ରଞ୍ଜନ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୬।୬ (ବିଜୟ ରଣା)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ନୃସିଂହ ଚରଣ ମିଶ୍ର ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କଟକର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। କଟକର ଅନ୍ୟ ଜଣେ ଲଳିତ ରଞ୍ଜନ ସାହୁ (୪.୫) ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛନ୍ତି। ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ(୪.୦) ତୃତୀୟ ହୋଇଥିଲେ। ଚତୁର୍ଥରୁ ୭ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଯଥାକ୍ରମେ ହେଲେ ମହେଶ ପ୍ରସାଦ ସେଠୀ (ପୁରୀ), ରବୀନ୍ଦ୍ର କୁମାର ଓଝା (କଟକ), ଶ୍ରୁଜନ ପ୍ରଣୟୀ ରାୟ(ଯାଜପୁର) ଓ ଅବିନାଶ ବଳିୟାର ସିଂ(ଜଟଣୀ)। ଅନ୍ୟପକ୍ଷରେ ବାଳିକା ବିଭାଗରେ ସାଇ ବିଦ୍ୟାଶ୍ରୀ ପ୍ରଥମ ଏବଂ ଦୀୟା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୧୪ ବର୍ଷରୁ କମ୍ ବିଭାଗରେ ଅନୁଭବ ଦାଶ ପ୍ରଥମ ଏବଂ ଆଦିତ୍ୟ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୨ ବର୍ଷରୁ କମ୍ ବିଭାଗରେ ସାରାଂଶ ମିଶ୍ର ପ୍ରଥମ ଓ ସାଇ ରଞ୍ଜନ ମିଶ୍ର ଦ୍ୱିତୀୟ ହୋଇଥିବା ବେଳେ ୧୦ ବର୍ଷରୁ କମ୍ ବିଭାଗରେ ମନୀଷ ରଞ୍ଜନ ଦାସ ପ୍ରଥମ ଏବଂ ସୌମ୍ୟଜିତ୍ ପଟ୍ଟନାୟକ ଦ୍ୱିତୀୟ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଦେବଙ୍ଗ ଯାଦବ ପ୍ରଥମ ଏବଂ ଆପିୟା ମହାନ୍ତି ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କେନ୍ଦୁଝର ସେଣ୍ଟ ଜାଭିୟର ହାୟର ସେକେଣ୍ଡାରୀ ସ୍କୁଲର ପ୍ରିନ୍ସିପାଲ ତଥା ଏକାଡେମିକ ଆଡ୍‌ଭାଇଜର ପ୍ରବୋଧ କୁମାର ମିଶ୍ର, ବିଶିଷ୍ଟ ଚେସ୍ କୋଚ୍ ଅଶୋକ କୁମାର ମହାନ୍ତି, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ପୂର୍ବତନ ଜାତୀୟ ଚେସ୍ ଖେଳାଳି ହୃଦାନନ୍ଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବେନାଭିଡେଜଙ୍କୁ ଲାଇଟ୍ ହେଭିୱେଟ୍ ଟାଇଟଲ

**ଲାସ ଭେଗାସ, ୧୬।୬ (ଏପି)**

ଓଲେକ୍‌ସାଣ୍ଡର ଜିଭୋଜିକ୍‌ଙ୍କୁ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରି ଡେଭିଡ ବେନାଭିଡେଜ୍ ଅନ୍ତରୀଣ ଡବ୍ଲ୍ୟୁବିସି ଲାଇଟ୍ ହେଭିୱେଟ୍ ବେଲ୍ଟ ହାସଲ କରିଛନ୍ତି। ଫାଇଟ୍‌ରେ ଡନ୍ ଟ୍ରେଲା ୧୧୯-୧୦୯ ସ୍କୋର କରିଥିବା ବେଳେ ଡେଭ୍ ମୋରେଟି ୧୧୭-୧୧୧ ଏବଂ ଜାଚାରୀ ୟଙ୍ଗ ୧୧୬-୧୧୨ ସ୍କୋର କରିଥିଲେ। ବେନାଭିଡେଜ୍ ଏପର୍ଯ୍ୟନ୍ତ ତାଙ୍କର ସମସ୍ତ ୨୯ଟି ମୁକାବିଲାରେ ବିଜୟ ଲାଭ କରିଛନ୍ତି। ତନ୍ମଧ୍ୟରୁ ତାଙ୍କର ୨୪ଟି ନକ୍‌ଆଉଟ ରହିଛି। ଟ୍ରେନିଂ କ୍ୟାମ୍ପ ବେଳେ ତାଙ୍କ ବାମ ଆଖି ଉପରି ଭାଗରେ ଆଘାତ ଲାଗିଥିଲା। ଏହା ସତ୍ତ୍ୱେ ସେ ଲାଇଟ୍‌ହେଭିୱେଟରେ ତାଙ୍କର ପ୍ରଥମ ପଦାର୍ପଣ କରିଥିଲେ। ବେନାଭିଡେଜ ଆକ୍ରମଣାତ୍ମକ ରଣନୀତି ଆପଣେଇବା ସହ ଫାଇଟ୍‌କୁ ସମ୍ପୂର୍ଣ୍ଣ ରୂପେ ନିଜ ନିୟନ୍ତ୍ରଣରେ ରଖିଥିଲେ। ଜିଭୋଜିକ୍ ରକ୍ଷଣାତ୍ମକ ଖେଳିବା ଲାଗି ବାଧ୍ୟ ହୋଇଥିଲେ।

**Classified Everyday**
**0674-2580101, 2549949**



REAL ESTATE

**SALE**

**Plot for sale near Trisulia, CISF Campus, CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309.** D-517

**ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542.** D-503

**Developed Gharabari, Electric, Boundary ପ୍ଲଟ୍ ବାଲକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511.** D-484

**3BHK flat for sale at Jharpada 80 feet road side. Contact- 9437307086, 7008789347.** D-504

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347.** D-505

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3 Rooms, 1 Big hall, kitchen, Balcony- available in 2nd Floor for rent at Saptasati Vihar (Palasuni, Bhubaneswar) 100 mtrs. away from NH16 (Rent- 25000). Contact- 8217625744/ 9437214049. D-510

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa special offer @999, Bapujinagar. 8018429809. D-76128

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Relax, refresh your body, mind by expert therapist. Contact- 9938843929. D-76127

Fully relaxed body massage trained therapist. Central SPA. 9556483961. D-75752

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Monalisa massage Club:All types Body massage with hiprofile smart lady rooms service available. 9708545108. D-518

**AFFIDAVIT**

By virtue of an affidavit before the Executive Magistrate, Balasore on dated 13.06.24, I, Pranati Das, W/o- Subrata Kumar Das, At- Akatpur Mandalbagicha, P.O.- Sunhat, Dist.- Balasore, P.S.- Town declare that in my Passport my husband's name has been mentioned as Subrata Das instead of Subrata Kumar Das. But both the names of my husband is one and same person. D-516

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୨୪ Bhubaneswar, Monday, June 17/ 2024

# ଭାରତର ସହଜ ବିଜୟ

## ସ୍ମୃତି ମନ୍ଧାନାଙ୍କ ଶତକ



**ବେଙ୍ଗାଲୁରୁ, ୧୬।୬ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୧୪୩ ରନରେ ବିଜୟ ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଶତକ ସହାୟତାରେ ୮ ଉଇକେଟ ବିନିମୟରେ ୨୬୫ ରନ କରିଥିଲା। ଜବାବରେ ଭ୍ରମଣକାରୀ ଦଳ ନିର୍ଦ୍ଧାରିତ ଓଭରରେ ୩୭.୪ ଓଭରରେ ୧୨୨ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ସୁନେ ଲୁସ୍ ୩୩ ରନ କରିଥିବା ବେଳେ ଉଇକେଟକିପର ସିନାଲୋ ଜାଫ୍‌ଟା ୨୭ରନ କରି ଅପରାଜିତ ରହିଥିଲେ। ମାରିଜେନ କାପ୍ ୨୪ ରନ କରିଥିଲେ। ଭାରତୀୟ ଦଳର ସବୁଠାରୁ ସଫଳ ବୋଲର ଆଶା ଶୋଭାନା ତାଙ୍କ ପଦାର୍ପଣ ମ୍ୟାଚରେ ୨୧ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମା ୧୦ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ରେଣୁକା ଠାକୁର, ପୂଜା ବସ୍ତ୍ରାକାର ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ଉତ୍ସାହଜନକ ନ ଥିଲା। ଦଳ ଏକଦା ୯୯ ସ୍କୋରରେ ଏହାର ୫ ଉଇକେଟ ହରାଇ ସାରିଥିଲା। ଶେଫାଳୀ ବର୍ମା (୭), ଅଧିନାୟିକା ହରମନପ୍ରୀତ କୌର (୧୦) ଓ ଜେମିମା ରୋଡ୍ରିଗ୍ସ (୧୭)ଙ୍କ ଭଳି ଟପ୍ ଅର୍ଡର ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଭାରତର ୫ ଉଇକେଟ ପତନ ବେଳକୁ ମନ୍ଧାନା ୩୩ ରନ କରି ବ୍ୟାଟିଂ କରୁଥିଲେ। ଶତକ ହାସଲ କରିଥିବା ମନ୍ଧାନା ୧୨୭ ବଲ୍ ସାମ୍ନା କରି ୧୨ ଚୌକା ଓ ୧ ଛକା ସହ ୧୧୭ ରନ କରିଥିଲେ। ଏହାଥିଲା ତାଙ୍କର ୬ଷ୍ଠ ଅନ୍ତର୍ଜାତୀୟ ଦିନିକିଆ। ସେ ଓ ଦୀପ୍ତି ଶର୍ମା (୩୭ରନ, ୪୮ବଲ୍, ୩ ଚୌକା) ୬ଷ୍ଠ ଉଇକେଟରେ ୮୧ରନ (୯୨ ବଲ୍) ଯୋଗ କରିଥିଲେ। ପରେ ପୂଜା ବସ୍ତ୍ରାକାର (୩୧*) ଓ ମନ୍ଧାନା ୭ମ ଉଇକେଟରେ ୫୮ରନ (୫୪ବଲ୍) ଯୋଗ କରି ଦଳର ବିଜୟ ପଥକୁ ସହଜ କରିଦେଇଥିଲେ। ମାସାବାଟା କ୍ଲାସ ମନ୍ଧାନାଙ୍କୁ ସୁନ୍ ଲୁସ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରି ଏହି ପାର୍ଟନରଶିପ୍‌କୁ ଭାଙ୍ଗି ଦେଇଥିଲେ। ଏହି ମ୍ୟାଚରେ ଭାରତ ତରଫରୁ ଲେଗ୍ ସ୍ପିନର ଆଶା ସୋଭାନା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ତରଫରୁ ଆନେରି ଡେର୍କସେନ ୫୦ ଓଭର ଫର୍ମାଟରେ ପଦାର୍ପଣ କରିଛନ୍ତି। ରବିବାର ଏହି ବିଜୟ ଦ୍ୱାରା ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଜୁନ୍ ୧୯ରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଇନିଂସ: ୫୦ ଓଭରରେ ୨୬୫/୮ (ସ୍ମୃତି ମନ୍ଧାନା-୧୧୭, ଦୀପ୍ତି ଶର୍ମା-୩୭, ପୂଜା ବସ୍ତ୍ରାକାର-୩୧; ଆୟାବୋଙ୍ଗା ଖାକା-୩/୪୭, ମାସାବାଟା କ୍ଲାସା-୨/୫୧)। ଦକ୍ଷିଣ ଆଫ୍ରିକା ଇନିଂସ: ୩୭.୪ ଓଭରରେ ୧୨୨/ଅଲଆଉଟ (ସୁନେ ଲୁସ୍-୩୩, ସିନାଲୋ ଜାଫ୍‌ଟା-୨୭*, ମାରିଜେନ୍ କାପ୍-୨୪; ଆଶା ଶୋଭାନା-୪/୨୧, ଦୀପ୍ତି ଶର୍ମା -୨/୧୦)।

## ଜାତୀୟ ମିନି ଓ ଶିଶୁ ଫେନ୍‌ସିଂ ପ୍ରତିଯୋଗିତା

# ଓମ୍ ଶଙ୍କରଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୬।୬ (ସରୋଜ ଜେନା)**

ଓଡ଼ିଶା ଫେନସିଂ ଆସୋସିଏଶନ ପକ୍ଷରୁ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୧୨ତମ ଜାତୀୟ ମିନି ଓ ଶିଶୁ ଫେନ୍‌ସିଂ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ପାଞ୍ଚଟି ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି। ଦିଲ୍ଲୀ ଦୁଇଟି ସ୍ୱର୍ଣ୍ଣ ପଦକ ହାତେଇଥିବା ବେଳେ ପଞ୍ଜାବ ଚାରିଟି ବ୍ରୋଞ୍ଜ, ଗୋଟିଏ ରୌପ୍ୟ, ତାମିଲନାଡୁ ଗୋଟିଏ ରୌପ୍ୟ, ୪ ବ୍ରୋଞ୍ଜ ପଦକ ପାଇଛି। ଓଡ଼ିଶା ପ୍ରତିଯୋଗୀ ଓମ୍ ଶଙ୍କର ପଟେଲ ରୌପ୍ୟ ଓ ପ୍ରିୟଲୋଚନ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିତରଣ ଉତ୍ସବରେ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ଉପ ସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ଫେନ୍‌ସିଂ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ପୁଲିନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ପଦକ ବିତରଣ କରିଥିଲେ।

# ଭାରତୀୟ ସଫ୍ଟଟେନିସ୍ ଦଳରେ ଅଂଶୁମାନ



ଅଂଶୁମାନ ବାବୁଙ୍କୁ ସମ୍ମାନିତ କରାଯାଉଛି।

**ଭୁବନେଶ୍ୱର, ୧୬।୬ (ବିଜୟ ରଣା)**

ଭାରତୀୟ ସଫ୍ଟଟେନିସ ଦଳରେ ଓଡ଼ିଶାର ଅଂଶୁମାନ ବାବୁ ସ୍ଥାନ ପାଇଛନ୍ତି। ସେ ଚଳିତ ମାସ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ କୋରିଆରେ ହେବାକୁଥିବା ୨୦୨୪ ନିୟୋଂ ବ୍ୟାଙ୍କ ଇଚିଂ କୋରିଆ କପ୍ ଇଣ୍ଟରନ୍ୟାଶନାଲ ସଫ୍ଟ ଟେନିସ୍ ଟୁର୍ନାମେଣ୍ଟରେ ଭାଗ ନେବେ। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନର ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ୍ ଅଂଶୁମାନ ବାବୁଙ୍କୁ ସମ୍ମାନିତ କରିଛନ୍ତି। ଅନ୍ୟପକ୍ଷରେ ଉପସଭାପତି ଦିଲୀପ କୁମାର ମହାନ୍ତି, ଟିଟନ ସାହୁ, ରୁଦ୍ର ନାରାୟଣ ବେହେରା, ଶକ୍ତି ରଞ୍ଜନ ମହାନ୍ତି, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ନବରଞ୍ଜନ ପଟ୍ଟନାୟକ, ଡ. ଗଗନେନ୍ଦୁ ଦାସ, ସୌର୍ଯ୍ୟରଞ୍ଜନ ପରିଜା, ପଙ୍କଜ ମିତଲ୍ ଓ କୃଷ୍ଣଚରଣ ପଣ୍ଡା ପ୍ରମୁଖ ତାଙ୍କର ସଫଳତା କାମନା କରିଛନ୍ତି।

# ରାଜ୍ୟ ୧୭ ବର୍ଷରୁ କମ ଚେସ୍ ଉଦ୍‌ଘାଟିତ



ପ୍ରଥମ ଦିନରେ ଭାଗନେଇଥିବା ଖେଳାଳି। (ଫଟୋ: ରାଜକିଶୋର ମହାନ୍ତି)

**କଟକ ୧୬।୬ (କାର୍ତ୍ତିକ ସାହୁ)**

ନିଖିଳ ଓଡିଶା ଚେସ ସଂଘ ଓ ଆଇ ଏସ ଚେସ ସେଣ୍ଟର ପକ୍ଷରୁ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ରିଦ୍ଧି ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ ଚେସ ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଛି। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୧୭ ଗୋଟି ଜିଲ୍ଲାରୁ ୧୭୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏପରିକି ୬୩ ଜଣ ଅନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ ଖେଳାଳି ଏହି ଟୁର୍ନାମେଣ୍ଟର ଅଂଶ ଗ୍ରହଣ କରୁଛନ୍ତି। ଓପନ ବର୍ଗରେ କୌସ୍ତୁଭ ଦାସଙ୍କୁ ଶୀର୍ଷ ମାନ୍ୟତା ମିଳିଥିବା ବେଳେ ୟାଶିତା ରାଉତଙ୍କୁ ବାଳିକା ବର୍ଗର ଶୀର୍ଷ ମାନ୍ୟତା ମିଳିଛି। ଆଇ ଏସ ଚେସ ସେଣ୍ଟର ନିର୍ଦ୍ଦେଶକ ଆଡଭୋକେଟ ମାନସ ପାଣିଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ଚେସ ପ୍ରଶାସକ ଅଧ୍ୟାପକ ଅସିତ୍ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ବିଶୋଇ, ସଞ୍ଜୟ ଜେନା ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ଭବେସ ମହାନ୍ତି, ସନ୍ତୋଷ ମହାପାତ୍ର, ଶଙ୍କର ରାଓ, ସୋନାଲି ଦାସ, ଏ ପଓନୀ, ଭେଙ୍କଟ ରାଓ, ବିରାଜ ଦାସ ଓ ପ୍ରଶାନ୍ତ ବିହାରୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ଲଭଲିନା ବୋର୍ଗୋହେନଙ୍କୁ ରୌପ୍ୟ

## ଉସ୍ତି ନାଦ ଲାବେମ୍ ଗ୍ରାଁ ପ୍ରି



ପୁରସ୍କାର ଗ୍ରହଣ କରୁଛନ୍ତି ଲଭଲିନା ବୋର୍ଗୋହେନ।

**ନୂଆଦିଲ୍ଲୀ, ୧୬।୬ (ପି.ଟି.)**

ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଭାରତର ଲଭଲିନା ବୋର୍ଗୋହେନ୍ ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଉସ୍ତି ନାଦ ଲାବେମ୍ ଗ୍ରାଁ ପ୍ରିରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୭୫ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଲଭଲିନା ୨-୩ରେ ପରାଜିତ ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଏସିଆନ ଚାମ୍ପିୟନ ଚାଇନାର ଲି କ୍ୱିଆନଙ୍କଠାରୁ ହାରି ଯାଇଥିଲେ। ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ଲଭଲିନା ପରାଜିତ ହୋଇଥିଲେ ମଧ୍ୟ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଠିକ୍ ଦିଗରେ ଥିବା କହିଛନ୍ତି। ଲି କ୍ୱିଆନଙ୍କ ବିପକ୍ଷରେ ଏହା ତାଙ୍କର ଦ୍ୱିତୀୟ ପରାଜୟ। ୨ ଥର ଅଲିମ୍ପିକ୍ସ ଓ ୩ ଥର ବିଶ୍ୱ ଚାମ୍ପିୟନଶିପ ପଦକ ବିଜେତା ଲି କ୍ୱିଆନ ପୂର୍ବରୁ ଏସିଆନ ଗେମ୍ସ ଫାଇନାଲରେ ମଧ୍ୟ ଲଭଲିନାଙ୍କୁ ପରାସ୍ତ କରିଥିଲେ। ଏହି ଟୁର୍ନାମେଣ୍ଟରେ ପୂର୍ବରୁ ଲଭଲିନା ରୌପ୍ୟ ପଦକ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ତାଙ୍କ ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିଛନ୍ତି। ଲଭଲିନା ନିଜର ସଫଳତା ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇ ଏକ ଭିଡିଓ ଶେୟାର କରିଥିଲେ। ନୂତନ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ଭିଡିଓକୁ 'ଏକ୍ସ'ରେ ପୋଷ୍ଟ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଲଭଲିନା ବକ୍ସିଂ ରିଙ୍ଗ୍‌ରେ ଅନେକ ଯୁବ ଆଥ୍‌ଲେଟଙ୍କ ଲାଗି ପ୍ରେରଣାର ଉତ୍ସ ବୋଲି କହିବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଉସ୍ତି ନାଦ ଲାବେମ୍ ଗ୍ରାଁ ପ୍ରି ଏକ ଆମନ୍ତ୍ରଣୀୟ ବକ୍ସିଂ ଟୁର୍ନାମେଣ୍ଟ। ଲଭଲିନାଙ୍କ ବ୍ୟତୀତ ରିଫ୍ୟୁଜି ବକ୍ସିଂ ଟିମ୍‌ର ସିଣ୍ଡି ଏନ୍‌ଗାମ୍ବା, ଚାଇନାର ଲି କ୍ୱିଆନ ଓ ଇଂଲଣ୍ଡର ଚାଣ୍ଟାଲ ରେଡ୍ ଅଂଶଗ୍ରହଣ କରିଥିଲେ।




# ଗ୍ରିଚେନ ୱାଲ୍ସଙ୍କ ବିଶ୍ୱ ରେକର୍ଡ

**ଇଣ୍ଡିଆନାପଲିସ, ୧୬।୬ (ଏପି):** ଗ୍ରିଚେନ ୱାଲ୍ସ ମହିଳା ୧୦୦ ମିଟର ବଟରଫ୍ଲାଏରେ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ୟୁ.ଏସ୍. ଅଲିମ୍ପିକ ସୁଇମିଂ ଟ୍ରାଏଲ୍ସର ଏକ ସେମିଫାଇନାଲରେ ସେ ୫୫.୧୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିଲେ ସୁଇଡେନର ସାରା ସୋଷ୍ଟ୍ରମ୍। ସେ ୨୦୧୬ ରିଓ ଡି ଜେନିରୋଠାରେ ୫୫.୪୮ ସେକେଣ୍ଡ ଟାଇମିଂରେ ବିଶ୍ୱରେକର୍ଡ କରିଥିଲେ। ୱାଲ୍ସ ଅଧା ସେକେଣ୍ଡ କମ୍ ସମୟରେ ରେସ୍ ଶେଷ କରି ଏହି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ୨୧ ବର୍ଷୀୟା ୱାଲ୍ସଙ୍କ ଜନ୍ମସ୍ଥାନ ହେଉଛି ନାଶଭିଲେ ଟେନେସିଠାରେ। ସେ ଏପର୍ଯ୍ୟନ୍ତ ୟୁନିଭର୍ସିଟି ଅଫ୍ ଭର୍ଜିନିଆ ତରଫରୁ ପ୍ରତିଯୋଗିତାରେ ଭାଗ ନେଇ ଆସୁଛନ୍ତି। ପ୍ରଥମ ଥର ଅଲିମ୍ପିକ ଟିମ୍‌ରେ ସ୍ଥାନ ପାଇବାକୁ ହେଲେ ତାଙ୍କୁ ଆହୁରି କିଛି କାର୍ଯ୍ୟ କରିବାକୁ ହେବ। ଫାଇନାଲରେ ତାଙ୍କୁ ଟୋରି ହସ୍କ, ରିଗାନ ସ୍ମିଥ୍ ଓ କ୍ଲେୟାର କର୍ଜାନଙ୍କ ଭଳି ଦକ୍ଷ ସନ୍ତରଣକାରୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଏମାନେ ସମସ୍ତେ ହେଉଛନ୍ତି ଟୋକିଓ ଗେମ୍ସ ପଦକ ବିଜେତା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ